# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ମେ ୧୬/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, May 16/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 171 | ମୂଲ୍ୟ ₹୭/-



## KRISHNA VIKASH GROUP
## AISSE X, AISSCE XII & JEE Main Results

Appreciable Efforts, Superlative Success .... 2024

Krishna Vikash Group of CBSE Schools
Krishna Vikash Edu. Network
Bargarh | Rourkela | Brahmapur | Sundargarh | Rajgangpur | Angul | Raipur | Jagdalpur | Bhilai



## AISSCE XII 2024 RESULTS

Science Topper
97.2%
486 MARKS
ARIN

| Stream | % | Marks | Name |
|---|---|---|---|
| Science | 96.8% | 484 MARKS | KHUSHI |
| Science | 96.8% | 484 MARKS | SIDRATUL |
| Science | 96.6% | 483 MARKS | PUSHPITA |
| Science | 95.6% | 478 MARKS | RUPA RANJITHA |
| Science | 95.0% | 475 MARKS | CHARULATA |
| Humanities Topper | 95.8% | 479 MARKS | P. AKSHAYA |
| Humanities | 95.6% | 478 MARKS | KRISHNA |

| | > 95% | > 90% | > 80% | > 60% |
|---|---|---|---|---|
| Vikash Residential School, Bargarh | 08 | 72 | 276 | 100% |

## JEE Mains 2024

99.646 Percentile Total — RITESH

99.640 Percentile Total — PRIYANK

Top Percentiles in PCM

| Percentile | Subject | Name |
|---|---|---|
| 100 Percentile | Physics | ARIN |
| 100 Percentile | Physics | PRATIK |
| 100 Percentile | Chem. | SATYAM SAI |

| School | 99 Percentile & Above in Total | 98 Percentile & Above in Total | 97 Percentile & Above in Total | 95 Percentile & Above in Total |
|---|---|---|---|---|
| Vikash Residential School, Bargarh (CBSE) | 02 | 06 | 17 | 27 |

| School | 98 Percentile & Above in Total | 97 Percentile & Above in Total | 95 Percentile & Above in Total | 90 Percentile & Above in Total |
|---|---|---|---|---|
| Vikash Higher Sec. School, Bargarh (CHSE) | 02 | 04 | 06 | 09 |

## AISSE X 2024 RESULTS

School Topper
98.0%
490 MARKS
AKSHITA
Cement Nagar English Medium School, Bargarh

## AISSE X 2024 RESULT ANALYSIS

| | > 95% | > 90% | > 80% | > 60% | Success Rate |
|---|---|---|---|---|---|
| Vikash Residential School, Bargarh | 24 | 73 | 149 | 262 | 100% |
| Cement Nagar English Medium School, Bargarh | 03 | 05 | 07 | 20 | 100% |
| Vikash IND Global School, Rourkela | 01 | 05 | 14 | 46 | 100% |

| % | Marks | Name | School |
|---|---|---|---|
| 97.6% | 488 MARKS | SOHAN | Vikash Residential School, Barahaguda, Bargarh |
| 97.0% | 485 MARKS | SAMEEKSHA | Vikash Residential School, Barahaguda, Bargarh |
| 96.8% | 484 MARKS | PAYAL | Vikash Residential School, Barahaguda, Bargarh |
| 96.8% | 484 MARKS | AASHYA | Vikash Residential School, Barahaguda, Bargarh |
| 96.6% | 483 MARKS | RIYA | Vikash Residential School, Barahaguda, Bargarh |
| 96.6% | 483 MARKS | ABHINAV | Vikash Residential School, Barahaguda, Bargarh |
| 96.6% | 483 MARKS | VIVEK | Vikash Residential School, Barahaguda, Bargarh |
| 96.4% | 482 MARKS | ASHIRWAD | Vikash Residential School, Barahaguda, Bargarh |
| 96.4% | 482 MARKS | SHREEPARNA | Vikash Residential School, Barahaguda, Bargarh |
| 96.4% | 482 MARKS | LAVANNYAN | Cement Nagar English Medium School, Bargarh |
| 96.2% | 481 MARKS | SAI SIDDHI | Vikash Residential School, Barahaguda, Bargarh |
| 95.8% | 479 MARKS | PRIYANSHU | Cement Nagar English Medium School, Bargarh |
| 95.8% | 479 MARKS | JIJNASA | Vikash Residential School, Barahaguda, Bargarh |
| 95.6% | 478 MARKS | ANISH | Vikash Residential School, Barahaguda, Bargarh |
| 95.6% | 478 MARKS | KRISHNA | Vikash Residential School, Barahaguda, Bargarh |
| 95.6% | 478 MARKS | KRITI | Vikash Residential School, Barahaguda, Bargarh |
| 95.6% | 478 MARKS | PRATIK | Vikash Residential School, Barahaguda, Bargarh |
| 95.6% | 478 MARKS | UTKARSH | Vikash Residential School, Barahaguda, Bargarh |
| 95.4% | 477 MARKS | TANMAYEE | Vikash Residential School, Barahaguda, Bargarh |
| 95.4% | 477 MARKS | NAITIK | Vikash Residential School, Barahaguda, Bargarh |
| 95.2% | 476 MARKS | RAUSHAN | Vikash IND Global School, Rourkela |
| 95.2% | 476 MARKS | TANISHA | Vikash Residential School, Barahaguda, Bargarh |
| 95.2% | 476 MARKS | PRINCE | Vikash Residential School, Barahaguda, Bargarh |
| 95.2% | 476 MARKS | ANIRUDH | Vikash Residential School, Barahaguda, Bargarh |
| 95.2% | 476 MARKS | ADHYASMITA | Vikash Residential School, Barahaguda, Bargarh |
| 95.0% | 475 MARKS | SHRISTI | Vikash Residential School, Barahaguda, Bargarh |
| 95.0% | 475 MARKS | SHRESTHA | Vikash Residential School, Barahaguda, Bargarh |

## ADMISSIONS OPEN (Day cum Boarding) Nursery to Grade IX & XI

## CBSE XI
Science/Commerce/Humanities

More than 2 DECADES of EXCELLENCE

- Integrated Foundation Programme from Class VI onwards.
- Integrated Coaching for IIT-JEE/NEET/CUET/CA/CLAT/IPMAT/Civil Services Exam. for CBSE XI & XII.
- E-Classrooms
- Experienced In-house Entrance Faculty.
- Regular Evening Guided Tuition & Doubt Clearing Sessions.
- Separate AC / Non-AC hostels for Boys & Girls inside the Campus.

Class X Board appearing Students of CBSE/ICSE/Other Boards (Regular Classes from 18th June 2024)

**BARGARH :** 99376 18855 / 86583 61100 / 63707 04779 / 63707 04781. **ROURKELA :** 70778 53111.
**CEMENT NAGAR :** 94396 65394 / 06646 246405. **BRAHMAPUR :** 91246 09687 / 88. **ANGUL :** 91246 09681 / 82.
**RAIPUR :** 77519 93222 / 98494 49985. **JAGDALPUR :** 91240 87305 / 06 / 07. **BHILAI :** 91245 71067 / 68 / 69.

## ସଂକ୍ଷେପରେ

### ଇରାନରେ ୪୦ ଭାରତୀୟ ନାବିକଙ୍କୁ ମୁକ୍ତ କରିବାକୁ ଭାରତର ଅନୁରୋଧ

**ତେହରାନ, ୧୫।୫ (ପି.ଟି.):** ତେହରାନର ଜେଲରେ ବନ୍ଦୀ ଥିବା ୪୦ ଭାରତୀୟ ନାବିକଙ୍କୁ ମୁକୁଳାଇବା ପାଇଁ ଇରାନକୁ ଭାରତ ଅନୁରୋଧ କରିଛି। ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ନିଜ ତେହରାନ ଗସ୍ତରେ ଇରାନର ବହିର୍ବ୍ୟାପାର ମନ୍ତ୍ରୀ ଅମିର ଅବଦୁଲ୍ଲାହିୟନଙ୍କୁ ଏନେଇ ଅନୁରୋଧ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଭାରତୀୟ ନାବିକଙ୍କୁ ମୁକୁଳାଇବାକୁ ଇରାନର ଆଭିମୁଖ୍ୟ ସକାରାତ୍ମକ ରହିଥିବା ଏହି ଅବସରରେ ଅବଦୁଲ୍ଲାହିୟନ କହିଛନ୍ତି। ତେବେ ବିଭିନ୍ନ ଆଇନଗତ ପ୍ରକ୍ରିୟା ଯୋଗୁ ଏଥିରେ ବିଳମ୍ବ ଘଟୁଛି। ସୂଚନାଯୋଗ୍ୟ, ତେହରାନ ଜେଲରେ ବନ୍ଦୀ ଥିବା ଏହି ସମସ୍ତ ନାବିକ ୪ଟି ଜାହାଜ ଷ୍ଟିଭେନ, ଗ୍ଲୋବାଲ ଚେରିଲିନ, ମାର୍ଗୋଲ ଏବଂ ଏମ୍ଏସ୍ସି ଏରିଜରେ କାର୍ଯ୍ୟ କରୁଥିଲେ। ୮ ମାସ ତଳେ ଏହି ୪ଟି ଜାହାଜକୁ ବିଭିନ୍ନ ଅଭିଯୋଗରେ ଇରାନ ଜବତ କରି ସମସ୍ତ ଭାରତୀୟ ନାବିକଙ୍କୁ ଗିରଫ କରିଥିଲା।

### ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ମା' ମାଧବୀ ରାଜେଙ୍କ ପରଲୋକ

**ନୂଆଦିଲ୍ଲୀ, ୧୫।୫:** କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ମା' ତଥା ଗ୍ୱାଲିଅର ରାଜମାତା ମାଧବୀ ରାଜେଙ୍କର ବୁଧବାର ଦିଲ୍ଲୀ ସ୍ଥିତ ଏମ୍ସରେ ପରଲୋକ ହୋଇଯାଇଛି। ସେ ନିମୋନିଆ



ରୋଗରେ ପୀଡ଼ିତ ହୋଇ ଗତ ୨ ମାସ ଧରି ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିଲେ। ମଧ୍ୟପ୍ରଦେଶର ଗ୍ୱାଲିଅରରେ ତାଙ୍କର ଅନ୍ତିମ ସଂସ୍କାର ହେବ। ୧୯୬୬ରେ ସେ ଗ୍ୱାଲିଅର ମହାରାଜା ତଥା ପୂର୍ବତନ ଏମ୍ପି ମାଧବରାଓ ସିନ୍ଧିଆଙ୍କୁ ବିବାହ କରିଥିଲେ। ୨୦୦୧ରେ ଗୋଟିଏ ବିମାନ ଦୁର୍ଘଟଣାରେ ମାଧବ ରାଓଙ୍କ ମୃତ୍ୟୁ ହୋଇଥିଲା।

# ସ୍ଲୋଭାକିଆ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ



ରବର୍ଟ ଫିକୋ

ହାଣ୍ଡ୍ଲୋଭା/ପ୍ରାଗ୍, ୧୫।୫

ୟୁରୋପୀୟ ପାର୍ଲାମେଣ୍ଟ ନିର୍ବାଚନକୁ ୩ ସପ୍ତାହ ବାକି ଥିବାବେଳେ ବୁଧବାର ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କୁ ହତ୍ୟା ଉଦ୍ୟମ ହୋଇଛି। ଅପରାହ୍ନରେ ୫୯ ବର୍ଷୀୟ ଫିକୋ ଏକ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ତାଙ୍କ ଉପରକୁ ଗୁଳି ଚଳାଯାଇଥିଲା। ଗୁଳିମାଡ଼ରେ ଫିକୋଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ରୁଷିଆ ସପକ୍ଷବାଦୀ ତଥା ଲୋକପ୍ରିୟ ସ୍ଲୋଭାକ୍ ପ୍ରଧାନମନ୍ତ୍ରୀ ଫିକୋ ରାଜଧାନୀ ବ୍ରାଟିସ୍ଲାଭାଠାରୁ ୧୫୦ କି.ମି. ଦୂର ହାଣ୍ଡ୍ଲୋଭା ସହରକୁ ଯାଇଥିଲେ। ସ୍ଥାନୀୟ ସମୟ ଅପରାହ୍ନ ୨ଟା ୩୦ରେ ହାଉସ୍ ଅଫ୍ କଲ୍ଚରରେ ନିଜ ସମର୍ଥକମାନଙ୍କୁ ଭେଟିବା ପରେ ସେ ବାହାରିଥିଲେ। ଏତିକିବେଳେ ଆତାତୀୟମାନେ ତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଫିକୋଙ୍କ ପେଟରେ ୪ଟି ଗୁଳି ବାଜିବା ପରେ ସେ ସଂଜ୍ଞାହୀନ ହୋଇଯାଇଥିଲେ। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ତାଙ୍କୁ ଏୟାରଲିଫ୍ଟ କରି ବାନ୍ସ୍କା ବିଷ୍ଟ୍ରିକାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଇତିମଧ୍ୟରେ ଗୁଳିମାଡ଼ କରିଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ତଥା ବିଦାୟୀ ରାଷ୍ଟ୍ରପତି ଜୁଜାନା କାପୁଟୋଭା ଏନେଇ ଏକ ଟେଲିଭିଜନ୍ ବିବୃତିରେ ସୂଚନା ଦେଇଛନ୍ତି। ଏହାକୁ ସେ ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ନବ ନିର୍ବାଚିତ ରାଷ୍ଟ୍ରପତି ପିଟର ପେଲ୍ଲେଗ୍ରିନି ମଧ୍ୟ ଫିକୋଙ୍କ ଉପରେ ମରଣାନ୍ତକ ଆକ୍ରମଣକୁ ନିନ୍ଦା କରିଛନ୍ତି। ହତ୍ୟା ଉଦ୍ୟମର କାରଣ ତତ୍କାଳ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏହାକୁ ନେଇ ୟୁରୋପ ସାରା ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟ ରାଷ୍ଟ୍ର ସ୍ଲୋଭାକିଆ ନେତାଙ୍କୁ ହତ୍ୟା ଉଦ୍ୟମ ନିନ୍ଦନୀୟ ବୋଲି କୁହାଯାଇଛି। ନାଟୋ ସେକ୍ରେଟାରୀ ଜେନେରାଲ ଜେନ୍ସ ଷ୍ଟୋଲଟେନ୍‌ବର୍ଗ ଏକ୍ସ'ରେ ଲେଖିଛନ୍ତି, ଗୁଳିମାଡ଼କୁ ନେଇ ଚକିତ ଓ ଚିନ୍ତିତ। ୟୁରୋପୀୟ କମିଶନ ପ୍ରେସିଡେଣ୍ଟ ଉର୍ସୁଲା ଭୋନ୍ ଡେର୍ ଲେୟେନ୍ ମଧ୍ୟ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଗଣତନ୍ତ୍ରକୁ ନ୍ୟୁନ କରିଦେଉଥିବା ଏଭଳି ହିଂସାତ୍ମକ କାର୍ଯ୍ୟର ଆମ ସମାଜରେ କୌଣସି ସ୍ଥାନ ନାହିଁ ବୋଲି ସେ କହିଛନ୍ତି।




ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କୁ ଆତତାୟୀଙ୍କ ଗୁଳିମାଡ଼ ପରେ ସୁରକ୍ଷା ଅଧିକାରୀମାନେ ତାଙ୍କ କାର୍‌କୁ କର୍ଡନ କରି ନେଉଛନ୍ତି।

## ମେକ୍ସିକୋରେ ଗୁଳି: ୧୧ ମୃତ

ମେକ୍ସିକୋ ସିଟି, ୧୫।୫

ଦକ୍ଷିଣ ମେକ୍ସିକୋର ଚିଆପାସ ରାଜ୍ୟର ଚିକୋମୁସେଲୋ ସହରର ମୋରେଲିଆ ଠାରେ ୨ ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ଘଟି ୧୧ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କିଛି ସ୍ଥାନୀୟ ବାସିନ୍ଦା ରହିଥିବା ଚିଆପାସ ରାଜ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଚିକୋମୁସେଲୋ ସହର ପ୍ରବାସୀ ଏବଂ ଡ୍ରଗ୍ସ କାରବାର ପାଇଁ ବେଶ ଜଣାଶୁଣା। ଗୁଳିକାଣ୍ଡ ସ୍ଥଳ ମେକ୍ସିକୋ ଓ ଗ୍ୱାଟେମାଲାର ସୀମା ନିକଟବର୍ତ୍ତୀ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସୋମବାର ଚିକୋମୁସେଲୋରେ ଡ୍ରଗ୍ସ କାରବାରକୁ ନେଇ ୨ ପକ୍ଷଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ମାମଲା ତୀବ୍ରତର ହୋଇ ବୁଧବାର ଏହି ଗୁଳି ବିନିମୟ ହୋଇଥିବା ଅନୁମାନ କରାଯାଉଛି।

## ଆନ୍ଧ୍ର ମୁଖ୍ୟ ଶାସନ ସଚିବଙ୍କୁ ଇସିଙ୍କ ସମନ

ନୂଆଦିଲ୍ଲୀ, ୧୫।୫

ଗତ ୧୩ରେ ଆନ୍ଧ୍ରପ୍ରଦେଶର ସମସ୍ତ ଆସନରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଏହାପରେ ରାଜ୍ୟର କିଛି ସ୍ଥାନରେ ହିଂସାକାଣ୍ଡ ଦେଖାଯାଇଥିଲା। ଏହି ହିଂସାକାଣ୍ଡକୁ ନେଇ ଭାରତୀୟ ନିର୍ବାଚନ ଆୟୋଗ (ଇସି) କଡ଼ା ଆଭିମୁଖ୍ୟ ଆପଣାଇଛନ୍ତି। ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବ କେ. ଏସ୍. ଜୱାହର ରେଡ୍ଡୀ ଏବଂ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ହରିଶ୍ କୁମାର ଗୁପ୍ତାଙ୍କୁ ଗୁରୁବାର ନୂଆଦିଲ୍ଲୀ ଆସି ମାମଲାରେ ସ୍ପଷ୍ଟୀକରଣ ରଖିବାକୁ ଇସି ସମନ ଜାରି କରିଛନ୍ତି। ଆଦର୍ଶ ଆଚରଣବିଧି(ଏମ୍‌ସିସି) ବଳବତ୍ତର ଥିବା ହେତୁ ରାଜ୍ୟରେ ଆଗକୁ ଯେପରି ହିଂସା ନ ହୁଏ, ସେଥିପ୍ରତି ସତର୍କ ରହିବାକୁ ଉଭୟ ଅଧିକାରୀଙ୍କୁ ଇସି ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରେମ ନିବେଦନକୁ ମନା କରିବାରୁ ଯୁବତୀଙ୍କୁ ହତ୍ୟା

### ଶୋଇଥିବାବେଳେ ଛୁରାମାଡ଼ କଲେ ପଡ଼ୋଶୀ

ବେଙ୍ଗାଲୁରୁ, ୧୫।୫

କର୍ଣ୍ଣାଟକ ହୁବଳି ସ୍ଥିତ ବୀରପୁରା ଗ୍ରାମରେ ଅଞ୍ଜଳି ଆମ୍ବିଗେରା(୨୦) ନାମ୍ନୀ ଜଣେ ଯୁବତୀ ଶୋଇଥିବା ସମୟରେ ତାଙ୍କୁ ଛୁରି ମାରି ହତ୍ୟା କରାଯାଇଛି। କିଛି ଦିନ ପୂର୍ବେ ସେ ଗିରୀଶ ସାୱନ୍ତ(୨୩) ନାମକ ଜଣେ ପଡ଼ୋଶୀଙ୍କ ପ୍ରେମ ନିବେଦନକୁ ମନା କରିଦେଇଥିଲେ। ବୁଧବାର ଅଞ୍ଜଳି ଶୋଇଥିବା ସମୟରେ ଗିରିଶ



ଅଞ୍ଜଳି ଆମ୍ବିଗେରା



ଗିରୀଶ ସାୱନ୍ତ

ତାଙ୍କ ଘରେ ପଶି ଅଞ୍ଜଳୀଙ୍କୁ କ୍ରମାଗତ ଛୁରାମାଡ଼ କରି ହତ୍ୟା କରିଛନ୍ତି। ପରେ ଗିରିଶ ଫେରାର ହୋଇଯାଇଥିବା ବେଳେ ପୋଲିସ ତାଙ୍କୁ ଖୋଜିବାରେ ଲାଗିଛି। ଅଞ୍ଜଳୀଙ୍କ ପରିବାର ବର୍ଗ ଅନୁଯାୟୀ, ପ୍ରେମ ସମ୍ପର୍କ ରଖିବାକୁ ଗିରିଶ ଗତ କିଛି ଦିନ ଧରି ଅଞ୍ଜଳୀଙ୍କ ଉପରେ ଚାପ ପକାଉଥିଲା। ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ହୁବଳି ଏସ୍‌ପି ଗୋପାଳ ବାୟକୋଡ଼ କହିଛନ୍ତି।

## 'ଇଣ୍ଡିଆ' କ୍ଷମତାସୀନ ହେଲେ ବାହାରୁ ସମର୍ଥନ ଦେବେ ମମତା

କୋଲ୍‌କାତା, ୧୫।୫

ବିରୋଧୀଙ୍କ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ଲୋକ ସଭା ନିର୍ବାଚନ ପରେ ସରକାର ଗଢ଼ିଲେ ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏଥିରେ ସାମିଲ ହେବ ନାହିଁ। ଇଣ୍ଡିଆ ବ୍ଲକ୍‌କୁ ଟିଏମ୍‌ସି ବାହାରୁ ସମର୍ଥନ ଦେବ ବୋଲି ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ପଷ୍ଟ କରିଛନ୍ତି।

ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି, ଆମେ ଇଣ୍ଡିଆ ମେଣ୍ଟକୁ ନେତୃତ୍ୱ ପ୍ରଦାନ କରି ପ୍ରସଙ୍ଗଭିତ୍ତିକ ବାହ୍ୟ ସମର୍ଥନ କରିବୁ। ପଶ୍ଚିମବଙ୍ଗର ମା' ଓ ଭଉଣୀମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ହେବେ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏରେ ଶ୍ରମିକ ୧୦୦ ଦିନ କାର୍ଯ୍ୟ ପାଇବେ ତାହା ନିଶ୍ଚିତ କରିବୁ। କିନ୍ତୁ ଇଣ୍ଡିଆରେ ସିପିଆଇଏମ୍ କିମ୍ବା କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସାମିଲ ନ ହେବା କଥା ବୋଲି ମମତା ସର୍ତ୍ତ ବାଢ଼ିଛନ୍ତି।

## ଝାଡ଼ଖଣ୍ଡ ମନ୍ତ୍ରୀଙ୍କୁ ଗିରଫ କଲା ଇଡି

ରାଞ୍ଚି, ୧୫।୫

### ୩୭ କୋଟି ମିଳିଥିଲା

ଝାଡ଼ଖଣ୍ଡର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଆଲମଗିର ଆଲମଙ୍କୁ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ମନି ଲଣ୍ଡରିଂ ମାମଲାରେ ଗିରଫ କରିଛି। ଗତ ସପ୍ତାହରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଓ ତାଙ୍କ ଚାକରଙ୍କ ଘରୁ ଇଡି ୩୫ କୋଟି ଟଙ୍କା ଜବତ କରିଥିଲା। ଇଡି ଅଧିକାରୀମାନେ ଆଲମଗିରଙ୍କୁ ମଙ୍ଗଳବାର ଓ ବୁଧବାର ୨ ଦିନ ଧରି ଜେରା କରିଥିଲେ। ତଦନ୍ତରେ ସହଯୋଗ ନ କରିବାକୁ ତାଙ୍କୁ ଗିରଫ କରାଯାଇଥିବା ଇଡି ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସଞ୍ଜୀବ ଲାଲଙ୍କ ଚାକର ଜେହାଙ୍ଗିର ଆଲମ୍‌ଙ୍କ ଘରେ ଇଡି ପକ୍ଷରୁ ଚଢ଼ାଉ ବେଳେ ୩୫.୨୩ କୋଟି ଟଙ୍କା ଠାବ ହୋଇଥିଲା। ପରେ ଆହୁରି ୧.୫ କୋଟି ମିଳିଥିଲା। ଇଡି ମୋଟ ୩୭ କୋଟି ଟଙ୍କା



ଆଲମଗିର ଆଲମ

ଜବତ କରିଥିଲା। ଏହାର ପର ଦିନ ଦୁହିଁଙ୍କୁ ଗିରଫ କରାଯାଇଥିଲା। ୭୦ ବର୍ଷୀୟ ଆଲମ୍‌ଗିର ପ୍ରଥମେ ୨୦୦୦ରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

# ଗ୍ରୀଷ୍ମପ୍ରବାହ: ଭାରତରେ ସର୍ବାଧିକ ମୃତ୍ୟୁ

### ବିଶ୍ୱରେ ପ୍ରତି ବର୍ଷ ପ୍ରାଣ ହରାଉଛନ୍ତି ୧.୫୩ ଲକ୍ଷ

କାନ୍‌ବେରା, ୧୫।୫

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଶ୍ୱରେ ପ୍ରତି ବର୍ଷ ୧.୫୩ ଲକ୍ଷରୁ ଅଧିକ ବ୍ୟକ୍ତି ପ୍ରାଣ ହରାଉଛନ୍ତି। ସେଥିମଧ୍ୟରୁ ସର୍ବାଧିକ ମୃତ୍ୟୁ ଭାରତରେ ହେଉଥିବା ନେଇ ଅଷ୍ଟ୍ରେଲିଆର ମୋନାଶ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣା ପଡ଼ିଛି। ଗତ ୩୦ ବର୍ଷ ମଧ୍ୟରେ ହିଟ୍‌ୱେଭ ଯୋଗୁ ବିଶ୍ୱରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଏକ ବଡ଼ ଭାଗ ଅର୍ଥାତ୍ ଏକ ପଞ୍ଚମାଂଶ ମୃତ୍ୟୁ ଭାରତରେ ଘଟୁଛି। ଏହି ତାଲିକାରେ ଭାରତ ପଛକୁ ଚାଇନା ଓ ରୁଷିଆ ରହିଛନ୍ତି। ସମୁଦାୟ ଗ୍ରୀଷ୍ମ ପ୍ରବାହ ଜନିତ ମୃତ୍ୟୁ ମଧ୍ୟରୁ ଚାଇନା ଓ ରୁଷିଆର ଭାଗ ଯଥାକ୍ରମେ ୧୪% ଓ ୮% ରହିଛି। ସେହିପରି ବିଶ୍ୱର ସମୁଦାୟ




ମୃତ୍ୟୁର ୧% ମୃତ୍ୟୁ ହିଟ୍‌ୱେଭ ପ୍ରଭାବରେ ହେଉଥିବା ଏହି ଅଧ୍ୟୟନ କହିଛି। ପ୍ରତିବର୍ଷ ଗ୍ରୀଷ୍ମଋତୁରେ ହିଟ୍‌ୱେଭ କାରଣରୁ ୧.୫୩ ଲକ୍ଷରୁ ଅଧିକ ବ୍ୟକ୍ତି ପ୍ରାଣ ହରାଉଥିବାବେଳେ ସମୁଦାୟ ମୃତ୍ୟୁର ପ୍ରାୟ ଅଧା ଏସିଆ ମହାଦେଶରେ ଘଟୁଛି। ସେହିପରି ହିଟ୍‌ୱେଭଜନିତ ସମୁଦାୟ ମୃତ୍ୟୁର ହାରାହାରି ୩୦% ମାମଲା ୟୁରୋପରୁ ଆସୁଛି। ଖାସକରି ଶୁଷ୍କିଲା ଜଳବାୟୁ ଓ ସ୍ୱଳ୍ପ-ମଧ୍ୟମ ଆୟ ଅଞ୍ଚଳ ଗୁଡ଼ିକରେ ମୃତ୍ୟୁହାର ସର୍ବାଧିକ ରହିଥିବା ଏହି ଅଧ୍ୟୟନରେ ଗବେଷକମାନେ ପ୍ରକାଶ କରିଛନ୍ତି। ଗତ ୩୦ ବର୍ଷର ଅବଧି ମଧ୍ୟରେ ପ୍ରତି ୧୦ ନିୟୁତ ଜନସାଧାରଣଙ୍କ ମଧ୍ୟରେ ହାରାହାରି ୨୩୬ ବ୍ୟକ୍ତିଙ୍କ ଗ୍ରୀଷ୍ମ ପ୍ରବାହ ଜନିତ ମୃତ୍ୟୁ ହେଉଥିବା ପିଏସ୍‌ଓଏସ୍ ମେଡିସିନ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିବା ଏହି ଅଧ୍ୟୟନରେ କୁହାଯାଇଛି।

### ୨୦୫୦ ସୁଦ୍ଧା ଆଉ ୨୪.୫ କୋଟି ବୟସ୍କଙ୍କ ପ୍ରତି ବିପଦ

**ରୋମ:** ୨୦୫୦ ମସିହା ସୁଦ୍ଧା ବିଶ୍ୱରେ ଅତିରିକ୍ତ ୨୪.୫ କୋଟିରୁ ଅଧିକ ବୟସ୍କ ବ୍ୟକ୍ତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ଆସିବେ। ଖାସ୍‌କରି ଏସିଆ ଏବଂ ଆଫ୍ରିକାରେ ବସବାସ କରୁଥିବା ବୟସ୍କ ବ୍ୟକ୍ତିମାନେ ପ୍ରଚଣ୍ଡ ତାତିର ବିପଜ୍ଜନକ ପ୍ରଭାବକୁ ଅନୁଭବ କରିବେ। ବିଶ୍ୱର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ୨୦୫୦ ସୁଦ୍ଧା ୬୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇ ପ୍ରାୟ ୨୧୦ କୋଟିରେ ପହଞ୍ଚିବ। ସେମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶରୁ ଅଧିକ ଜନସାଧାରଣ ନିମ୍ନ ଏବଂ ମଧ୍ୟମ ଆୟ ଭିତ୍ତିକ ଦେଶରେ ବସବାସ କରୁଥିବା, ଇଟାଲୀର ୟୁରୋ-ମେଡିଟେରିଆନ ସେଣ୍ଟର ଅନ୍ କ୍ଲାଇମେଟ୍ ଚେଞ୍ଜ ପକ୍ଷରୁ କରାଯାଇଥିବା ଗବେଷଣାରୁ ପ୍ରକାଶ ପାଇଛି। ଅତ୍ୟଧିକ ତାପମାତ୍ରା ସମ୍ପର୍କରେ ଆସିବା ଦ୍ୱାରା ବିଶ୍ୱର ବିଭିନ୍ନ ବୟସର ଲୋକଙ୍କ ଜୀବନରେ ପଡୁଥିବା ପ୍ରଭାବ ସମ୍ପର୍କରେ ଏହି ଅଧ୍ୟୟନରେ ବିଶ୍ଳେଷଣ କରାଯାଇଛି, ଯାହା ନେଚର୍ କମ୍ୟୁନିକେଶନ ପତ୍ରିକାରେ ପ୍ରକାଶିତ ହୋଇଛି।

ଚଳିତ ଶତାବ୍ଦୀର ମଧ୍ୟଭାଗରେ ଅତ୍ୟଧିକ ଉତ୍ତାପର ସମ୍ମୁଖୀନ ହେବା ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ ହୋଇପାରେ ବୋଲି ଏହି ଅଧ୍ୟୟନରେ ପ୍ରକାଶ ପାଇଛି। ୨୦୫୦ ସୁଦ୍ଧା ୬୯ ବର୍ଷରୁ ଉର୍ଦ୍ଧ୍ୱ ଅତିରିକ୍ତ ପ୍ରାୟ ୨୪.୫ କୋଟି ବୟସ୍କମାନଙ୍କ ପାଇଁ ୩୭.୫ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ତାପମାତ୍ରା କ୍ଷତିକାରକ ହୋଇଥିବା ଏହି ଅଧ୍ୟୟନରେ କୁହାଯାଇଛି।

## ଫୁର୍‌ସତ୍

## ସଚେତନ ହେଲେ ଡେଙ୍ଗୁ ନିୟନ୍ତ୍ରଣ ସମ୍ଭବ

### ଆଜି ଜାତୀୟ ଡେଙ୍ଗୁ ଦିବସ

**ଆମେ** ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ଡେଙ୍ଗୁ ଅନ୍ୟତମ। ଏଡିସ୍ ମଶା ହେଉଛି ଏହାର ବାହକ। ପ୍ରାରମ୍ଭରୁ ଡେଙ୍ଗୁର ଚିକିତ୍ସା କରା ନ ଗଲେ ପରବର୍ତ୍ତୀ ସମୟରେ ତାହା ଗୁରୁତର ଆକାର ଧାରଣ କରିବା ସହ ଅକାଳ ମୃତ୍ୟୁକୁ ଡାକିଆଣିଥାଏ। ଜନସାଧାରଣଙ୍କୁ ଏ ବିଷୟରେ ସଚେତନ କରିବା ଲାଗି ପ୍ରତିବର୍ଷ ମେ' ୧୬ରେ ଆମ ଦେଶରେ ପାଳିତ ହୋଇଥାଏ 'ଜାତୀୟ ଡେଙ୍ଗୁ ଦିବସ'। ଭାରତରେ ଅନେକ ଲୋକ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସଚେତନ ରହିଥିଲେ ମଧ୍ୟ କେତେଜଣ ଏହାକୁ ଗମ୍ଭୀରତା ସହ ନିଅନ୍ତି ନାହିଁ। ଡେଙ୍ଗୁକୁ ଯଦି ଅବହେଳା କରାଯାଏ ତେବେ ତାହା କି ଆକାର ଧାରଣକରେ ସେନେଇ ଅନେକ ନଜିର ରହିଛି। ତେଣୁ ଏହାର ଲକ୍ଷଣ ଏବଂ ଚିକିତ୍ସା ସମ୍ପର୍କରେ ଆମେ ଠିକ୍‌ଭାବେ



ଅବଗତ ହେବା ନିହାତି ଦରକାର। ତେଣୁ ଜାତୀୟ ଡେଙ୍ଗୁ ଦିବସ ଅବସରରେ ଏହାର ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଚଳିତ ବର୍ଷ ଉକ୍ତ ଦିବସର ଥିମ୍ ରହିଛି-''ସମାଜ ସହ ଜଡ଼ିତ ରହିବା; ଡେଙ୍ଗୁକୁ ନିୟନ୍ତ୍ରଣ କରିବା।'' ଜଣେ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହେଲେ ଜ୍ୱରର ମାତ୍ରା ପ୍ରବଳ ରହେ। ବେଳେବେଳେ ଏହା ୧୦୪ ଡିଗ୍ରୀ ଫାରେନ୍‌ହାଇଟ୍ ପର୍ଯ୍ୟନ୍ତ ପହଞ୍ଚିଯାଏ। ଏହାର ପ୍ରମୁଖ ଲକ୍ଷଣ ହେଲା-ପ୍ରବଳ ମୁଣ୍ଡ ବିନ୍ଧିବା, ମାଂସପେଶୀ ଏବଂ ଅସ୍ଥିର ଯୋଡ଼ାସ୍ଥଳରେ ଯନ୍ତ୍ରଣା ଅନୁଭବ କରିବା, ବାନ୍ତି ଲାଗିବା ଏବଂ ବାନ୍ତି ହେବା। ଏସବୁ ଲକ୍ଷଣ ଦେଖିବା ମାତ୍ରେ ବିଳମ୍ବ ନ କରି ଆକ୍ରାନ୍ତ ବ୍ୟକ୍ତିଙ୍କୁ ତୁରନ୍ତ ନିକଟସ୍ଥ ହସ୍‌ପିଟାଲକୁ ନେଇଯିବା ଦରକାର। ଚିକିତ୍ସାରେ ଯଦି ବିଳମ୍ବ ହୁଏ ତେବେ ତାହା ଜୀବନନାଶକ ସାଜିପାରେ। ଏବେ ମଧ୍ୟ ଅନେକ ଦେଶରେ ଡେଙ୍ଗୁ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ରୂପେ ଦେଖାଯାଇଥାଏ। ତେଣୁ ଏ ବିଷୟରେ ସଚେତନ ରହିବା ନିହାତି ଜରୁରୀ।

### ଅନ୍ତର୍ଜାତୀୟ ଆଲୋକ ଦିବସ

ଯଦି ୨ ଦିନ ପର୍ଯ୍ୟନ୍ତ ଲଗାଣ ବର୍ଷା ହୁଏ, ତେବେ ଆମେ ସୂର୍ଯ୍ୟକିରଣ ପାଇଁ ଇଚ୍ଛା ପ୍ରକାଶ କରିଥାଉ, ଘନ ଅନ୍ଧାରରେ ଲାଇଟ୍ ବିଷୟରେ ଚିନ୍ତା କରିଥାଉ, ଫିଲ୍ମ ଶୁଟିଂ ସମୟରେ କିମ୍ବା ଫଟୋ ଉଠାଇବା ସମୟରେ ମଧ୍ୟ ଆମକୁ ଲାଇଟ୍‌ର ଆବଶ୍ୟକତା ଥାଏ। ଆଲୋକର ଏହି ମହତ୍ତ୍ୱକୁ ବୁଝି ୟୁନେସ୍କୋ ପ୍ରତିବର୍ଷ ମେ' ୧୬ରେ ଅନ୍ତର୍ଜାତୀୟ ଲାଇଟ୍(ଆଲୋକ) ଦିବସ ପାଳନ କରିଥାଏ। ୧୬ ମେ' ୧୯୬୦ରେ ଇଞ୍ଜିନିୟର ତଥା ପଦାର୍ଥ ବିଜ୍ଞାନୀ ଥିଓଡୋର ମାଇମାନ ପ୍ରଥମ ସଫଳ ଲେଜର ଅପରେଶନ କରିଥିଲେ। ବିଜ୍ଞାନ ଏବଂ ନିରନ୍ତର ବିକାଶର ଗୁରୁତ୍ୱକୁ ପ୍ରୋତ୍ସାହନ ଲାଗି ଏହି ଦିବସ ପାଳିତ ହେଉଛି।

## ହଲିଉଡ଼୍‌କୁ ଫେରିଲେ ତବୁ

**ଲସ ଏଞ୍ଜେଲ୍ସ:** ଅଭିନେତ୍ରୀ ତବୁ ତାଙ୍କ କ୍ୟାରିୟରରେ ବହୁ ହିଟ୍ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତେବେ ସେ କେବଳ ବଲିଉଡ୍‌ରେ ନୁହେଁ, ହଲିଉଡ୍‌ରେ ମଧ୍ୟ ନିଜର ଅଭିନୟର ଦକ୍ଷତା ଦେଖାଇଛନ୍ତି। ପୂର୍ବରୁ ୨୦୧୨ରେ ସେ ହଲିଉଡ୍ ଫିଲ୍ମ 'ଲାଇଫ୍ ଅଫ୍ ପି' ରେ ଅଭିନୟ କରିଥିଲେ। ଏହି ଫିଲ୍ମରେ ତାଙ୍କ ସହ ଅଭିନେତା ଇରଫାନ ଖାନ୍, ଆଦିଲ ହୁସେନ ଏବଂ ସୁରଜ୍ ଶର୍ମା ମଧ୍ୟ କାର୍ଯ୍ୟ କରିଥିଲେ। ତେବେ ହଲିଉଡ୍ ଫିଲ୍ମ 'ଡ୍ୟୁନ: ପ୍ରୋଫେସି'ର ଷ୍ଟାରକାଷ୍ଟରେ ତବୁ ସାମିଲ ହୋଇଛନ୍ତି। ନିର୍ଦ୍ଦେଶକ ଡେନିସ ଭିଲେନ୍ୟୁଭେଙ୍କ ବ୍ଲକବଷ୍ଟର ଫିଲ୍ମ 'ଡ୍ୟୁନ' ର ଏହା ହେଉଛି ଅନ୍ୟତମ ପ୍ରିକ୍ୱେଲ ସିରିଜ୍। ମିଡିଆ ରିପୋର୍ଟ ଅନୁଯାୟୀ, ଖୁବ୍‌ଶୀଘ୍ର ଓସ୍କାର ବିଜେତା ହଲିଉଡ୍ ଚଳଚ୍ଚିତ୍ର ଫ୍ରାଞ୍ଚାଇଜ୍ 'ଡ୍ୟୁନ'ର ଆଉ ଏକ ପ୍ରିକ୍ୱେଲ ସିରିଜ ପ୍ରସ୍ତୁତ ହେବାକୁ ଯାଉଛି। ଏହି ଚଳଚ୍ଚିତ୍ରରେ ତବୁଙ୍କୁ କାଷ୍ଟ କରାଯାଇଛି। ଏହାପୂର୍ବରୁ ସେ ୨ଟି ବଡ ହଲିଉଡ୍ ପ୍ରୋଜେକ୍ଟ 'ଦି ନେମେସେକ୍' ଏବଂ 'ଲାଇଫ୍ ଅଫ୍ ପି'ରେ କାମ କରିଛନ୍ତି। ରିପୋର୍ଟ ଅନୁଯାୟୀ ତବୁଙ୍କୁ 'ଡ୍ୟୁନ: ପ୍ରୋଫେସି' ଫିଲ୍ମରେ ସିଷ୍ଟର ଫ୍ରାନ୍ସିସ୍କା ଭୂମିକାରେ ଦେଖିବାକୁ ମିଳିବ। ଏହି ଚରିତ୍ରରେ ଜଣେ ଅତି ବୁଦ୍ଧିମାନ, ସୁନ୍ଦର ଏବଂ ସାହସୀ ସିଷ୍ଟରଙ୍କ ଭୂମିକାରେ ତବୁ ଅଭିନୟ କରିବେ। 'ଡ୍ୟୁନ୍' ସିରିଜ୍ ୨୦୧୯ରେ ଆରମ୍ଭ ହୋଇଥିଲା। ପୂର୍ବରୁ ଏହାର ଅନ୍ୟତମ ପ୍ରିକ୍ୱେଲ 'ଡ୍ୟୁନ: ସିଷ୍ଟରହୁଡ' ରିଲିଜ୍ ହୋଇଥିଲା। ବ୍ରାୟନ୍ ହର୍ବର୍ଟ ଏବଂ କେଭିନ ଜେ. ଆଣ୍ଡରସନଙ୍କ ଦ୍ୱାରା ଲିଖିତ 'ସିଷ୍ଟରହୁଡ ଡ୍ୟୁନ୍' ପୁସ୍ତକ ଉପରେ ଏହି ଚଳଚ୍ଚିତ୍ର ଆଧାରିତ ଥିଲା। ତେବେ 'ଡ୍ୟୁନ: ପ୍ରୋଫେସି' ରେ ୨ ଭଉଣୀଙ୍କ କାହାଣୀ ରହିଛି, ଯେଉଁମାନେ ମାନବଜାତିର ଭବିଷ୍ୟତ ପାଇଁ ବିପଦ ସୃଷ୍ଟିକାରୀ ଶକ୍ତି ସହ ଲଢ଼େଇ କରନ୍ତି।



ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ମେ ୧୬/୨୦୨୪
Bhubaneswar, Thursday, May 16/2024

# କାରଣ ନ ଦର୍ଶାଇ ଗିରଫଦାରି ଅବୈଧ

## ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥଙ୍କୁ ମୁକ୍ତକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୫।୫**

ଆତଙ୍କବାଦ ନିରୋଧୀ ଆଇନ ବଳରେ ୭ ମାସ ପୂର୍ବେ ଗିରଫ ହୋଇଥିବା ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ଦିଲ୍ଲୀ ପୋଲିସ ପ୍ରବୀରଙ୍କୁ ଗିରଫ କରି ରିମାଣ୍ଡରେ ନେବା ଆଇନ ଆଖିରେ ଅବୈଧ କହି ତାଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଗତବର୍ଷ ଅକ୍ଟୋବର ୩ରେ ଚାଇନାର ପ୍ରୋପାଗଣ୍ଡା ବିସ୍ତାର ଅଭିଯୋଗରେ ନ୍ୟୁଜ୍ ପୋର୍ଟାଲ ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପ୍ରବୀରଙ୍କୁ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଏହି ଗିରଫଦାରିକୁ ସେ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଗତ ଅକ୍ଟୋବର ୧୩ରେ ଖାରଜ କରିବା ସହ ତାଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସକୁ ଅନୁମତି ଦେଇଥିଲେ। ହାଇକୋର୍ଟ ରାୟ ବିରୋଧରେ ପ୍ରବୀର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ବି. ଆର୍. ଗଭାଇ ଏବଂ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ଆବେଦନର ବିଚାର କରି ବୁଧବାର ରାୟ ଶୁଣାଇଛନ୍ତି। ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୨୦, ୨୧ ଓ ୨୨ରେ ପ୍ରଦତ୍ତ ମୌଳିକ ଅଧିକାର ଅଧୀନ ଜୀବନ ଧାରଣ ଓ ବ୍ୟକ୍ତିଗତ ସ୍ୱାଧୀନତା ଅଧିକାର ହେଉଛି ସବୁଠୁ ପବିତ୍ର। ୟୁଏପିଏ ଅଧୀନ କିମ୍ବା ଅନ୍ୟ କୌଣସି ଅପରାଧ ଅଭିଯୋଗରେ ଗିରଫ ହୋଇଥିବା କୌଣସି ବ୍ୟକ୍ତିଙ୍କୁ ତାଙ୍କ ଗିରଫଦାରିର କାରଣ ଲିଖିତ ଭାବେ ଅବଗତ କରାଯିବା ଉଚିତ। ଏହା ହେଉଛି ତାଙ୍କର ମୌଳିକ ଓ ବୈଧାନିକ ଅଧିକାର। କିନ୍ତୁ ଆଲୋଚ୍ୟ ମାମଲାରେ ଅଭିଯୁକ୍ତ ପ୍ରବୀର କିମ୍ବା ତାଙ୍କ ଓକିଲଙ୍କୁ ୨୦୨୩ ଅକ୍ଟୋବର ୪ରେ ଦିଲ୍ଲୀ ପୋଲିସ ରିମାଣ୍ଡରେ ନେବା ପୂର୍ବରୁ ଏପରି କୌଣସି ଲିଖିତ ଦସ୍ତାବିଜ ପ୍ରଦାନ କରିନାହିଁ। ଏପରି କି ପରବର୍ତ୍ତୀ ସମୟରେ ରିମାଣ୍ଡରେ ନେବାବେଳେ ମଧ୍ୟ କାରଣ ସମ୍ପର୍କରେ ତାଙ୍କୁ ଅବଗତ କରାଯାଇ ନାହିଁ। ତେଣୁ ଦିଲ୍ଲୀ ହାଇକୋର୍ଟଙ୍କ ୨୦୨୩ ଅକ୍ଟୋବର ☞ପୃଷ୍ଠା-୪


ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥ



## କଳିଙ୍ଗ ଷ୍ଟାଡିୟମରେ ନୀରଜଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୫।୫ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ବୁଧବାର ଶେଷ ହୋଇଥିବା ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ତାରକା ଆଥଲେଟ୍ ନୀରଜ ଚୋପ୍ରା। ପାଖାପାଖି ୩ ବର୍ଷ ବ୍ୟବଧାନରେ ଭାରତ ମାଟିରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅଲିମ୍ପିକ୍ ଚାମ୍ପିୟନ ନୀରଜ ସ୍ଲୋ ଆରମ୍ଭ କରିଥିଲେ ହେଁ ୪ର୍ଥ ରାଉଣ୍ଡରେ ୮୨.୨୭ ମିଟର ଥ୍ରୋ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। କର୍ଣ୍ଣାଟକର ଡି.ପି. ମନୁ (୮୨.୦୬ମି.) ରୌପ୍ୟ ଓ ମହାରାଷ୍ଟ୍ରର ଉତ୍ତମ ବାଲାସାହେବ ପାଟିଲ(୭୮.୩୯) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶାର ତାରକା ଆଥଲେଟ୍ ତଥା ଏସିଆନ ଗେମ୍ସ ସିଲଭର ମେଡାଲିଷ୍ଟ କିଶୋର ଜେନା ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ହେଁ ଶ୍ରେଷ୍ଠ ପ୍ରଦର୍ଶନ କରି ନ ପାରି ନିରାଶ କରିଛନ୍ତି। ସେ ୭୫.୪୯ ମିଟର ଥ୍ରୋ କରି ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

୨୬ ବର୍ଷୀୟ ଏହି କ୍ରୀଡ଼ା ଜଗତର ସୁପରଷ୍ଟାର ଶେଷଥରପାଇଁ ☞ପୃଷ୍ଠା-୪




# କ୍ଷମତାକୁ ଆସିଲେ ପ୍ରଥମେ ଜାତି ଜନଗଣନା: ରାହୁଲ

## ବଲାଙ୍ଗୀରରେ କଂଗ୍ରେସର ଜନ ଆଶୀର୍ବାଦ ସଭା

**ବଲାଙ୍ଗୀର,୧୫।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ଦେଶରେ ଗରିବ, ଖଟିଖିଆ, ଦଳିତ, ଆଦିବାସୀ, ସଂଖ୍ୟାଲଘୁ, ଚାଷୀ ମୂଲିଆଙ୍କୁ ଉଚିତ ଭାଗୀଦାରି ମିଳୁନାହିଁ। ସେମାନେ କେବଳ ଜିଏସ୍‌ଟି ଦେଉଛନ୍ତି। ତେବେ ଏହି ପରମ୍ପରାକୁ ବଦଳାଇବାକୁ ହେବ। ୨୦୨୪ ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ସରକାର କ୍ଷମତାକୁ ଆସିଲେ ପ୍ରଥମେ ଜାତି ଜନଗଣନା ହେବ। କଂଗ୍ରେସ ତା'ର ଇସ୍ତାହାରରେ ପ୍ରଥମେ ଏହାକୁ ଉଲ୍ଲେଖ କରିଛି। ଏହାଦ୍ୱାରା ଦେଶରେ କେଉଁ ବର୍ଗର କେତେ ଲୋକ ଅଛନ୍ତି ଏବଂ କାହାର କେତେ ଭାଗୀଦାରି ରହିବ ତାହା ଜଣାପଡ଼ିଯିବ। ଏହାପରେ ଜନତାଙ୍କ ରାଜନୀତି ଆରମ୍ଭ ହୋଇଯିବ ବୋଲି କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ବୁଧବାର ବଲାଙ୍ଗୀର ଗସ୍ତରେ ଆସି ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରେ ଆୟୋଜିତ ଜନ ଆଶୀର୍ବାଦ ସଭାରେ କହିଛନ୍ତି। କିନ୍ତୁ ରାହୁଲ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ବିରୋଧରେ ଆଦୌ କିଛି କହିନାହାନ୍ତି। ରାହୁଲ କହିଛନ୍ତି, ଦେଶରେ ପ୍ରଥମ ଥର ପାଇଁ କୌଣସି ରାଜନୈତିକ ଦଳ ସେମାନେ ନିର୍ବାଚନ ଜିତିଲେ ଦେଶର ସମ୍ବିଧାନକୁ ବଦଳାଇଦେବେ

### କୌଣସି ପରିସ୍ଥିତିରେ ଦେଶର ସମ୍ବିଧାନ ବଦଳାଇବାକୁ ଦିଆଯିବ ନାହିଁ

ବୋଲି କହିଛନ୍ତି। ଭାଜପାର ବଡ଼ ନେତାମାନେ ଏହି କଥା କହୁଛନ୍ତି। ତେବେ ଭାଜପା କଥା ଛାଡ଼ନ୍ତୁ, ଦୁନିଆର କୌଣସି ଶକ୍ତି ଆମର ଏଇ ସମ୍ବିଧାନକୁ ଛୁଇଁପାରିବେ ନାହିଁ। ଯଦି କେହି ସମ୍ବିଧାନକୁ ବଦଳାଇବାକୁ ଚେଷ୍ଟା କରନ୍ତି, ତେବେ କଂଗ୍ରେସ ଏବଂ ଦେଶବାସୀ ସେମାନଙ୍କୁ ଉଚିତ ଜବାବ ଦେବେ। ☞ପୃଷ୍ଠା-୪


ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

# ଭାଜପାର ଅଚ୍ଛେଦିନ୍ କୁଆଡ଼େ ଗଲା: ନବୀନ

### ସମ୍ବଲପୁର, ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

### 'ଓଡ଼ିଶାରେ ଜୁଲାଇରୁ ବିଜୁଳି ମାଗଣା ଗ୍ୟାରେଣ୍ଟି, ଆପଣମାନେ ଖୁସି ତ'

**ଭୁବନେଶ୍ୱର,୧୫।୫ (ଅନିଲ ଦାସ)**

ଭାଜପା କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି, ଅଚ୍ଛେଦିନ କୁଆଡ଼େ ଗଲା। ଉତ୍ତର ଦେଉନାହାନ୍ତି କାହିଁକି ବୋଲି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭାଜପା ନେତାମାନଙ୍କୁ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବୁଧବାର ସମ୍ବଲପୁର ଲୋକ ସଭା କ୍ଷେତ୍ରର ଦେବଗଡ଼, ଛେଣ୍ଡିପଦା ଓ ଆଠମଲ୍ଲିକ ଏବଂ ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରର ରାଉରକେଲାରେ ନିର୍ବାଚନ ପ୍ରଚାର କରି କହିଛନ୍ତି ଯେ ଓଡ଼ିଶାରେ ଜୁଲାଇରୁ ମାଗଣା ବିଜୁଳି ମିଳିବ, ଆପଣମାନେ ଖୁସି ତ। ନବୀନ ପଟ୍ଟନାୟକ ଭଲ କି ପ୍ରଶ୍ନରେ 'ହଁ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସଭାସ୍ଥଳ। ସେ ତାଙ୍କ ସରକାରର ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ସମ୍ପର୍କରେ ଲୋକଙ୍କୁ ପଚାରିଛନ୍ତି। ବିଏସ୍‌କେୱାଇ, ମିଶନ ଶକ୍ତି, ମମତା, କାଳିଆ, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରଶିପ୍ ଭଳି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସେ ପଚାରିଛନ୍ତି ଏବଂ ଜନତା ବିପୁଳ ସମ୍ମତି ଦେଇଛନ୍ତି। ଦେବଗଡ଼, ଛେଣ୍ଡିପଦା ଓ ଆଠମଲ୍ଲିକରେ ଆୟୋଜିତ ନିର୍ବାଚନୀ ସଭାରେ ବିପୁଳ ଜନସମାଗମ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କୁ ଦେଖି ଉପସ୍ଥିତ ଜନତା ଭାବବିହ୍ୱଳ ହୋଇଯାଇ ଉଚ୍ଛ୍ୱସିତ ସ୍ୱରରେ ଜିନ୍ଦାବାଦ ଧ୍ୱନି କରି ନବୀନଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି । ମା' ସମଲେଇ ଏବଂ ପରିକ୍ରମା ପ୍ରକଳ୍ପ ବିଷୟରେ ମତାମତ ନେବାବେଳେ ଉପସ୍ଥିତ ଲୋକ କରତାଳି ଦେଇ ନିଜର ଖୁସି ପ୍ରକାଶ କରିଛନ୍ତି। ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି ।



ରାଉରକେଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍।

**ଭାଜପା ନେଲାବେଳେ ଚତୁର୍ଭୁଜ, ଦେଲା ବେଳେ ଖାଲି ହାତ : ପାଣ୍ଡିଆନ୍**
(ନୀତି ରାଜନୀତି ପୃଷ୍ଠା)

# ସରକାର ଗଢ଼ିବାର ୬ଘଣ୍ଟାରେ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବୁ


କଟକରେ ଭାଜପାର ରୋଡ୍ ଶୋ'ରେ ଦଳୀୟ ପ୍ରାର୍ଥୀଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା।

## କଟକରେ ଅମିତ୍ ଶାହାଙ୍କ ରୋଡ୍ ଶୋ'

**କଟକ,୧୫।୫(ଶିଳ୍ପା ପ୍ରିୟଦର୍ଶିନୀ)**

ଓଡ଼ିଶାରେ ଏଥର ଭାଜପା ନିଶ୍ଚିତ ସରକାର ଗଠନ କରିବ ବୋଲି ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ବୁଧବାର କଟକରେ ରୋଡ୍ ଶୋ' କରିବା ଅବସରରେ ଶାହା କହିଛନ୍ତି, ଭାଜପା ମୁଖ୍ୟମନ୍ତ୍ରୀ ଶପଥ ନେବାର ୬ଘଣ୍ଟା ମଧ୍ୟରେ ପୁରୀ ଶ୍ରୀମନ୍ଦିର ୪ଦ୍ୱାର ଖୋଲିବ। ଏପରି କି ୧ମାସ ମଧ୍ୟରେ ରତ୍ନଭଣ୍ଡାର ଯାଞ୍ଚ ରିପୋର୍ଟ ସାର୍ବଜନୀନ ହେବ। ଏଥିସହିତ ଚିଟ୍‌ଫଣ୍ଡ ଲୁଟେରା ଜେଲ ଯିବେ। ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତରେ ରାଜ୍ୟ ସରକାର ସହଯୋଗ କରୁ ନାହାନ୍ତି। ୧୮ମାସ ମଧ୍ୟରେ ଜମାକାରୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରାଯିବ। ଏଠାରେ ଗତ ୨୪ବର୍ଷ ଧରି ବିଜେଡିର ସ୍ଥିର ସରକାର ଥାଇ ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ବିକାଶ ହୋଇପାରି ନାହିଁ। ତେଣୁ ଏଥର ଓଡ଼ିଶାରେ ଭାଜପା ସରକାର ହେବ ବୋଲି ଶାହା ଦୃଢ଼ୋକ୍ତି ପ୍ରକାଶ କରିବା ସହ ଭାଜପା ଲୋକ ସଭା ଏବଂ ସମସ୍ତ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଲୋକମାନଙ୍କୁ ନିବେଦନ କରିଥିଲେ। ଅପରାହ୍ନ ସାଢ଼େ ୫ଟାରେ ଶାହାଙ୍କ ରୋଡ ଶୋ' ଗୋପବନ୍ଧୁ ଛକନିକଟରୁ ବାହାରି ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର, ଗୌରୀ ଶଙ୍କର ପାର୍କ, ନୟାସଡ଼କ ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ ଶାହାଙ୍କ ସହିତ କଟକ ଲୋକ ସଭା ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଏବଂ କଟକ ବାରବାଟୀ ବିଧାନସଭା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଚୌଦ୍ୱାର-କଟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି, କଟକ-ସଦର ପ୍ରାର୍ଥୀ ପ୍ରକାଶ ସେଠୀ, ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ରୋଡ ଶୋ' ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା ବାସୁଦେବ ସୁଢଳଦେବଙ୍କ ୧୭୪ତମ ଜୟନ୍ତୀ, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ)ଙ୍କ ୮୦ତମ ପୁଣ୍ୟତିଥି ପାଳନ, ସ୍ଥାନ: ଜୟଦେବବିହାର ନିକଟ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ଏବଂ ଓଡ଼ିଶା ବିଧାନସଭା ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୭୯ତମ ପୁଣ୍ୟତିଥି, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୪୫।
- ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ, ସ୍ଥାନ: ବକୁଳ ଲାଇବ୍ରେରୀ, ୧୬, ସତ୍ୟନଗର, ସମୟ: ଅପରାହ୍ନ ୫ଟା।

## କଟକ

- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ କାଠଯୋଡ଼ି ନଦୀ ବାଲି ସଭାର ୯୦ତମ ବାର୍ଷିକୀ ପାଳନ, ସ୍ଥାନ: ମୁକାମେଶ୍ୱର ଗାନ୍ଧୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ତୃତୀୟ ବାର୍ଷିକ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା କଲେଜ ରୋଡ଼, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ, ସ୍ଥାନ: ମା' ଭୁବନେଶ୍ୱରୀ ମନ୍ଦିର ପରିସର, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା

- ବାର୍ଷିକୋତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶନିଶ୍ଚର ଦେବଙ୍କ ପୀଠ କୋଦୁଅବେରେଣୀ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।
- ମଦନମୋହନ ନାଟ୍ୟକଳା ସଂସଦ ପକ୍ଷରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଭାଜପା କର୍ମୀ ବୈଠକ, ସ୍ଥାନ: ବିଧାନସଭା କାର୍ଯ୍ୟାଳୟ, କୁଆଁସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମହାମିଶ୍ରଣ ପର୍ବ, ସ୍ଥାନ: ପିରହାଟ ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ବିଜେଡିର ମହାମିଶ୍ରଣ ପର୍ବ, ସ୍ଥାନ: ଚାନ୍ଦବାଲି ହୋଟେଲ କଇରଭ, ସମୟ: ସନ୍ଧ୍ୟା ୭ଟା।
- ଭାଜପାର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ, ସ୍ଥାନ: ଭାଟପଡ଼ା, ଚାନ୍ଦବାଲି, ସମୟ: ରାତି ୮ଟା।

## କେନ୍ଦୁଝର

- କଂଗ୍ରେସର ଜୋନସ୍ତରୀୟ ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡିହୀ, ସମୟ: ସକାଳ ୯ ଟା।
- ୧ ନଂ. ଜୋନ୍‌ରେ ବିଜେଡିର ବାଇକ ରାଲି ଏବଂ ନିର୍ବାଚନୀ ପ୍ରଚାର, ସ୍ଥାନ: ଆନନ୍ଦପୁର, ସମୟ: ସକାଳ ୯ ଟା।
- ଭାଜପାର ମାରାଥନ ପ୍ରଚାର, ସ୍ଥାନ: ଚମ୍ପୁଆ, ସମୟ: ସକାଳ ୯ ଟା।
- ବିଜେଡିର ନିର୍ବାଚନ ପ୍ରଚାର, ସ୍ଥାନ: ହାଟଡିହୀ, ଜୋନ ନଂ. ୩୬, ସମୟ : ପୂର୍ବାହ୍ନ ୧୦ ଟା।
- ବିଜେଡିର ବାଇକ ଶୋଭାଯାତ୍ରା, ସ୍ଥାନ: ପଦନା, ଘସିପୁରା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ବାଇକ ରାଲି, ସ୍ଥାନ: ଜଜପଶିରୁ ପାଟଣା, ସମୟ: ପୂର୍ବାହ୍ନ ୧୧ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ପଣ୍ଡୁଆ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ଭାଜପା ପବ୍ଲିକ ମିଟିଂ, ସ୍ଥାନ: ଚମ୍ପୁଆ, ସମୟ: ଅପରାହ୍ନ ୪ ଟା।
- ବିଭିନ୍ନ ପଞ୍ଚାୟତରେ ଭାଜପାର ଗୃହ ସମ୍ପର୍କ ଅଭିଯାନ, ସ୍ଥାନ: ହାଟଡିହୀ, ସମୟ: ଅପରାହ୍ନ ୫ ଟା।
- ଭାଜପା ପକ୍ଷରୁ ପଦଯାତ୍ରା, ସ୍ଥାନ: ବଲାଣୀ, ସମୟ: ଅପରାହ୍ନ ୫ ଟା।
- ବିଭିନ୍ନ ପଞ୍ଚାୟତରେ ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡ଼ିହୀ, ସମୟ: ସନ୍ଧ୍ୟା ୫ ଟା।
- ନୂଆରଗୁଡ଼ିରେ ବାଦୀପାଲା, ସ୍ଥାନ : ନୂଆରଗୁଡ଼ି, ଧନୁର୍ଜୟ ପୁର, ହାଟଡିହୀ, ସମୟ : ସନ୍ଧ୍ୟା ୭ ଟା।
- ପାଲା ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ଖଣ୍ଡିଦୋଳି, ମଦନପୁର, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଓଆର୍‌ଏସ୍ କର୍ନର, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମାରୁତି ସୁଜୁକିର ଅଫର ମେଳା, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଶୀର୍ଷାପାଳ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଗ୍ରୀଷ୍ମ କାଳୀନ ଟେନିସ ପ୍ରଶିକ୍ଷଣ ଶିବିର, ସ୍ଥାନ: ୟୁନିୟନ କ୍ଲବ ଟେନିସ ଏରିନା, ସମୟ: ସକାଳ ୬ଟା ୩୦ ଓ ସନ୍ଧ୍ୟା ୪ଟା ୩୦ମି।

## ଗଞ୍ଜାମ

- ପୋଲିଂ ଅଧିକାରୀଙ୍କୁ ତାଲିମ, ସ୍ଥାନ: ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ସମୟ: ସକାଳ ୭ଟା।
- ଭାଜପାର ପ୍ରଚାର, ସ୍ଥାନ: ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ, ସମୟ: ସକାଳ ୯ଟା।
- ବିଜେଡ଼ିର ଭୋଟ ପ୍ରଚାର, ସ୍ଥାନ: ଭଞ୍ଜନଗର ବ୍ଲକର ବିଭିନ୍ନ ଗ୍ରାମ,ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ଫୁଲବାଣୀ କରୋନେସନ ପଡିଆ, ସମୟ: ଅପରାହ୍ନ ୨ଟା ୩୦।

## କୋରାପୁଟ

- ରବି ଋତୁରେ ଡାଲିଜାତୀୟ ଫସଲ ଅମଳ ନେଇ କ୍ଷେତ୍ର ଦିବସ ପାଳନ, ସ୍ଥାନ: ସପରିଆଗୁଡା, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।

- ବନ ସୁରକ୍ଷା କମିଟି ଗଠନ ନେଇ ବୈଠକ, ସ୍ଥାନ: ପାକନଖୋଲା ପଞ୍ଚାୟତ ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହାଲ୍ ସହରାଞ୍ଚଳ ଶିରିଡି ସାଇ ମନ୍ଦିରରେ ସ୍ୱତନ୍ତ୍ର ଆଳତି କାର୍ଯ୍ୟକ୍ରମ, ସ୍ଥାନ: ବି-ଜୋନ, ସୁନାବେଡା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ଛତିଶଗଡ଼ ଉପମୁଖ୍ୟ ମନ୍ତ୍ରୀ ଅରଣ ସାଓଙ୍କ ନିର୍ବାଚନୀ ସଭା, ସ୍ଥାନ : ମାନେଶ୍ୱର ବ୍ଲକ ଅର୍ନ୍ତଗତ ସୁବନପୁର ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ତେଲି ସମାଜର ବୈଠକ, ସ୍ଥାନ : ବୁଢ଼ାରଜା, ସମୟ : ସନ୍ଧ୍ୟା ୫ଟା।
- ସାଓଲିନ କୁଙ୍ଗ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ,ବଲାଙ୍ଗୀର,ସମୟ: ସକାଳ ୬ଟା।
- ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ ଶୋ, ସ୍ଥାନ: ବଲାଙ୍ଗୀର ସହର, ସମୟ: ଅପରାହ୍ନ: ୫ଟା।

## ସୁବର୍ଣ୍ଣପୁର

- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ- ୧ ସମୟ : ସକାଳ ୮ଟା୩୦।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ -୨, ସମୟ : ସକାଳ ୮ଟା୩୦।
- ମା'ମଙ୍ଗଳା ଫ୍ଲଡ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ସନ୍ଧ୍ୟା, ସ୍ଥାନ: ତରଭା ବ୍ଲକର କମସରା ସ୍ଥିତ ମହୁଲପାଲି ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ଭାଜପାର ନିର୍ବାଚନୀ ସଭା, ସ୍ଥାନ: ଛେଣ୍ଡ ହକି ଭିଲେଜ, ସମୟ: ସକାଳ ୮ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଂଗ୍ରେସର ପ୍ରଚାର, ସ୍ଥାନ: ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା।
- ଆଦର୍ଶ ପାଠାଗାର ପକ୍ଷରୁ ଭୀମଭୋଇ କୃତୀରେ ଜୀବନ ଦର୍ଶନ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଭାଜପା ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ନିର୍ବାଚନୀ ସଭା, ସ୍ଥାନ: ଶଙ୍କରା ରିଜର୍ଭ ପୋଲିସ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।

## ବରଗଡ଼

- ନବଦିନାତ୍ମକ ରାମାୟଣ ପାରାୟଣ, ସ୍ଥାନ: ସରଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପ୍ରାର୍ଥୀଙ୍କ ପାଇଁ ଆସାମ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ସ୍ଥାନ: ବାନିପାଲି ଖେଳ ପଡ଼ିଆ, ଭେଡ଼େନ, ସମୟ: ଅପରାହ୍ନ ୧ଟା।
- ଭାଜପାର ବିଜୟ ସଂକଳ୍ପ ସମାବେଶ, ସ୍ଥାନ: ଅଶୋକ ପଡ଼ିଆ, ପଦ୍ମପୁର, ସମୟ: ଅପରାହ୍ନ ୧ଟା ୧୫ମିନିଟ୍।
- ସଂଯୁକ୍ତ କୃଷକ ସଙ୍ଗଠନର ଗାଁକୁ ଚାଲ ଅଭିଯାନ, ସ୍ଥାନ: ଭେଡ଼େନ ଶିବ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି

- ତ୍ରିନାଥ ଠାକୁରଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବର ଅଧିବାସ, ସ୍ଥାନ: ବିଶ୍ୱନାଥପୁର ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ସାଢେ ୩ଟା।
- ମହାଭାରତ ମହାଯଜ୍ଞ ଉପଲକ୍ଷେ ଆଶୀର୍ବାଦ ମହାରାଜଙ୍କ ପ୍ରବଚନ, ସ୍ଥାନ: କେଳିଆ ଜଙ୍ଗଲ ବାବା ଆଶ୍ରମ, ଜୁନାଗଡ଼ ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଗାୟକ ସୁନୀଲ ମିଶ୍ରଙ୍କ ପ୍ରବଚନ, ସ୍ଥାନ: ବୃନ୍ଦାବାହାଲ, ଗୋଲାମୁଣ୍ଡା ବ୍ଲକ, ସମୟ: ସକାଳ ୮ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଚବିଶପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ଜେଠୁପାଲି ଗାଁ, ସମୟ: ସକାଳ ୯ଟା ୧୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ କଳସ ଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ବେନ୍ଦ୍ରା ବାହାଲ ଗାଁ, ସମୟ: ଅପରାହ୍ନ ୩ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ଘୋଟସର ଗାଁ, ସମୟ: ସକାଳ ୮ଟା ୧୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ଅପରାହ୍ନ ୫ଟା ୩୦।

## ବୌଦ୍ଧ

- ବାଉଁଶୁଣୀ ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ସପ୍ତମ ସନ୍ଧ୍ୟା,ସ୍ଥାନ: ଟିକରାପଡା,ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼

- ଭାଜପାର ଘରକୁ ଘର କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ ଗୁଲାବନ୍ଧ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- କଳା ଚନ୍ଦନି ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ କଲାଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ବିଜେଡିର ନିର୍ବାଚନ ପ୍ରଚାର, ସ୍ଥାନ: ଝାରସୁଗୁଡାସ୍ଥିତ ସିର୍ପୁରା ପଞ୍ଚାୟତ, ସମୟ: ସକାଳ ୯ଟା ୩୦।
- ଅଷ୍ଟପ୍ରହର ନାମଯଜ୍ଞ ପ୍ରାରମ୍ଭ, ସ୍ଥାନ: ଝାରସୁଗୁଡା ବ୍ଲକସ୍ଥିତ ଡିଲାଇମାଲ ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ଝାରସୁଗୁଡା ସହର ୱାର୍ଡ ନମ୍ବର ୧୬ ଓ ୧୭, ସମୟ: ଅପରାହ୍ନ ୫ଟା।

## ଅନୁଗୋଳ

- ନିର୍ବାଚନ ପାଇଁ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାର ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ରୋଡ ସୋ, ସ୍ଥାନ: କୁକୁଡ଼ାଙ୍ଗ ପଞ୍ଚାୟତ, ସମୟ: ସକାଳ ୭ଟା।
- ଭାଜପାର ନିର୍ବାଚନ ସଭା, ସ୍ଥାନ: କରଡାଗାଡିଆ, ସମୟ: ଅପରାହ୍ନ ୨ଟା।
- ଭାଜପା ପକ୍ଷରୁ ରୋଡ ସୋ, ସ୍ଥାନ: ତୁରଙ୍ଗ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ମଣ୍ଡାସାହି ପଞ୍ଚାୟତ, ସମୟ: ଅପରାହ୍ନ ୫ଟା।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଜାହାନପୁର ପଞ୍ଚାୟତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାରମାଣିଆ ବଟମହାପୁରୁଷ ପୀଠ, ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଯାଜପୁର ଜିଲାର ସାଧାରଣ ନିର୍ବାଚନରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ପ୍ରଥମ ଦିନ,ସ୍ଥାନ : ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ : ପୂର୍ବାହ୍ନ ୧୦ଟା।
- ଯାଜପୁର ରୋଡସ୍ଥିତ ଭିକିପୁର ମା'ମଙ୍ଗଳା ମନ୍ଦିରର ୧୨ତମ ବାର୍ଷିକ ଯଜ୍ଞ ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।
- ଯାଜପୁର ରୋଡ଼ ଅଭିମନ୍ୟୁ ଜୟନ୍ତୀ କମିଟି ତରଫରୁ ବାଦିପାଲା କାର୍ଯ୍ୟକ୍ରମ,ସ୍ଥାନ : ଝାଟିଆସାହି ପାଲା ମଣ୍ଡପ, ସମୟ : ରାତି ୮ଟା।

## ନୟାଗଡ଼

- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ସପ୍ତମ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ସପ୍ତମ ଦିବସ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ଓଡ଼ଗାଁ, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ସପ୍ତମ ଦିବସ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ସପ୍ତମ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତାଜନିତ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ସାମାଜିକସ୍ତରରେ ନିଜକୁ ଠିକ୍ ଭାବେ ଚଳାଇନେଇ ପାରିବେନାହିଁ। ଶନିଦୃଷ୍ଟ ଚନ୍ଦ୍ର ହେତୁ ଅଟକିଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। କୃଷି, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ଶୁକ୍ର ସହ ବୁଧଙ୍କ ସଂଯୋଗ କାରଣରୁ ବନ୍ଧୁଙ୍କ ନିକଟରୁ ଆର୍ଥିକ ଓ ବାଚନିକ ସାହାଯ୍ୟ ପାଇବେ। ପାରିବାରିକ ସମସ୍ୟା ସୁଧାରିନେବା ପାଇଁ ପ୍ରଯତ୍ନ କରି ଉପକୃତ ହେବେ। ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି। ଆଲୋଚନା ସମୟରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟିହେତୁ ତାହା ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ଏକାଦଶସ୍ଥ ବୃହସ୍ପତି ପାପଗ୍ରହଯୁକ୍ତ ହେତୁ ଆଜିର ପ୍ରତ୍ୟୁଷ ଯାତ୍ରା କଷ୍ଟପ୍ରଦ ରହିପାରେ। ଆଜିଯାଏ ଯାହା କରିପାରୁ ନ ଥିଲେ ଆଜି ମଧ୍ୟାହ୍ନ ପରେ ତାହା ସୁବିଧାରେ କରିପାରିବେ। ହାତକୁ ନେଇଥିବା କାମ ଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିଯିବ। କ୍ରନିକ୍ ରୋଗପୀଡ଼ା ଲାଗିରହିଥିବାରୁ ସ୍ନାୟବିକ ଦୁର୍ବଳତା ବୋଧ କରିବେ।

**କର୍କଟ** ଆଜିର ଚନ୍ଦ୍ର ଧନସ୍ଥାନରେ ଥିବାରୁ ଅର୍ଥଲାଭ ସହ କଳ୍ପନାକୁ ବାସ୍ତବତାରେ ପରିଣତ କରିପାରିବେ। ସାମାଜିକ ସ୍ତରରେ ବିବାଦୀୟ ପରିସ୍ଥିତିରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରିନେବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଘରକଥା ବୁଝିବାକୁ ସମୟ ପାଇବେନାହିଁ। କଚେରି ମାମଲା ମନ୍ଥର ହେବା ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ଶୁକ୍ରକ୍ଷେତ୍ରସ୍ଥ ରବି ପ୍ରଭାବରୁ ଶାନ୍ତ ଓ ସରଳ ମନରେ ପ୍ରତ୍ୟେକ କାମକୁ ସାକାର କରିବାରେ ସମର୍ଥ ହେବେ। ପରିବାରର ଅଭାବ ଓ ଅସୁବିଧାକୁ ନେଇ ଘରେ ସରଗରମ ଆଲୋଚନା ହୋଇପାରେ। ସହକର୍ମୀଙ୍କ ସହିତ ଟଙ୍କାପଇସାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ଜମିଜମା କାରବାରରେ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ।

**କନ୍ୟା** କର୍ମାଧିପ ଅଷ୍ଟମସ୍ଥ ହେତୁ ସମସ୍ୟାଗୁଡ଼ିକ କମିବା ବଦଳରେ ବୃଦ୍ଧିପାଇବ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପାରେ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ସାଙ୍ଗକୁ ସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଲାଭ ଭାବରେ କର୍ମାଧିପ ଥିବାରୁ ଆଜି ଅର୍ଥଲାଭ ସହ ସମ୍ମାନ ପାଇପାରନ୍ତି। କିନ୍ତୁ ବ୍ୟୟାଧିପ ପ୍ରଭାବରୁ ଯେତିକି ପାଇବେ ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧହେବେ। ଘରୋଇ ଅଶାନ୍ତି ଲାଗିରହିବା ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ ପ୍ରଭୃତିରେ ଚେଷ୍ଟା ସଫଳ ହେବ।

**ବିଛା** ଭାଗ୍ୟାଧିପ କର୍ମଭାବସ୍ଥ ହେତୁ ଆଜି ଉଦ୍ୟମ ନିଷ୍ଫଳ ହେବନାହିଁ। ବାଧ୍ୟବାଧକତାବଶତଃ ଇଚ୍ଛା ନ ଥିଲେ ମଧ୍ୟ ଯାତ୍ରା ପାଇଁ ଅନୁପ୍ରେରିତ ହେବେ। ସକାଳୁ ସକାଳୁ ପ୍ରିୟଜନଟିର ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିବ। ପ୍ରତିଯୋଗିତା ଏବଂ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ଦେବଗୁରୁଙ୍କ ଦୃଷ୍ଟିରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ଆରୋଗ୍ୟଲାଭ, ପାରିବାରିକ ଶାନ୍ତି ସହ ବ୍ୟବସାୟ ସନ୍ତୋଷଜନକ ରହିବ। ସହକର୍ମୀ କିମ୍ବା ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଅଫିସରଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇଯିବେ। ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ।

**ମକର** କେତେକ ବ୍ୟତିକ୍ରମ ବ୍ୟତୀତ ଜୀବନଚର୍ଯ୍ୟା ଶୃଙ୍ଖଳିତ ରହିବ। ଘରେ ସମସ୍ତ ସୁବିଧା ଥିଲେ ମଧ୍ୟ ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ଆଦୌ ପଡ଼ୁ ନ ଥିବା ଲୋକମାନେ ଗୁଣଗାନ ବଦଳରେ ନିନ୍ଦା କରିପାରନ୍ତି। ଆନୁଷ୍ଠାନିକ କାମ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସା ମିଳିବ।

**କୁମ୍ଭ** ଶନି ଓ ଚନ୍ଦ୍ରଙ୍କ ପରସ୍ପର ବିଷମଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିବ। ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। କୌଣସି ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦେବେ।

**ମୀନ** ଆଜି ସଭାସମିତି, କଳା, ସାହିତ୍ୟ କ୍ଷେତ୍ର ସହ ଦିନଟି ଆର୍ଥିକ ଦୃଷ୍ଟିକୋଣର ମନ୍ଦ ନୁହେଁ। ଶନି ପ୍ରଭାବରୁ କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗିରହିବ। କୌଣସି ନୀଚଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

ଆଜି ମେ' ୧୬ ତାରିଖ, ଜାତୀୟ ଡେଙ୍ଗୁ ଦିବସ, ବୈଶାଖ ଶୁକ୍ଳପକ୍ଷର ସୀତାନବମୀ, ଗୁରୁବାର, କଳିଙ୍ଗ ଭାରତୀ ତରଫରୁ କଟକରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର- ମଘା/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୪ମି. ଗତେ ଘ.୦୬।୦୬ମି. ମଧ୍ୟେ, ଘ.୦୯।୩୩ମି. ଗତେ ଘ.୧୧।୧୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୦ମି. ଗତେ ଘ.୦୨।୫୭ମି. ମଧ୍ୟେ ରାହୁ କାଳ।।

# ୨୦,୦୦୦ ଖର୍ଚ୍ଚ ସତ୍ତ୍ୱେ ଗଙ୍ଗା ପ୍ରଦୂଷିତ କାହିଁକି: କଂଗ୍ରେସ

**ନୂଆଦିଲ୍ଲୀ,୧୫।୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବାରାଣସୀରେ ତୃତୀୟ ଥର ପାଇଁ ନାମାଙ୍କନପତ୍ର ଦାଖଲ ପୂର୍ବରୁ ଦଶାଶ୍ୱମେଧ ଘାଟରେ ଗଙ୍ଗା ଆରତି କରିଥିଲେ। ଗଙ୍ଗାକୁ ପରିଷ୍କାର କରିବା ପାଇଁ ତାଙ୍କ ସରକାର ନମାମି ଗଙ୍ଗେ ପ୍ରୋଜେକ୍ଟ ଅଧୀନରେ ୨୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା କହୁଛନ୍ତି। ଏହା ସତ୍ତ୍ୱେ ଗଙ୍ଗା ପୂର୍ବାପେକ୍ଷା କାହିଁକି ଅଧିକ ପ୍ରଦୂଷିତ ବୋଲି କଂଗ୍ରେସ ପ୍ରଶ୍ନ କରିଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ପ୍ରଧାନମନ୍ତ୍ରୀ ପୂର୍ବରୁ ପୋଷ୍ୟ ରୂପେ ଗ୍ରହଣ କରିଥିବା ପରେ ଛାଡ଼ିଦେଇଥିଲେ। ବାରାଣସୀରେ ମହାତ୍ମା ଗାନ୍ଧୀଙ୍କ ଲିଗାସିକୁ ନଷ୍ଟ କରିବା ପାଇଁ ମୋଦି ବଦ୍ଧପରିକର। ବାରାଣସୀରେ ନିଜର ସବୁ ବିଫଳତା ପାଇଁ ବିଦାୟୀ ପ୍ରଧାନମନ୍ତ୍ରୀ ଉତ୍ତର ଦିଅନ୍ତୁ ବୋଲି ଜୟରାମ କହିଛନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ଏହି ସଂସଦୀୟ ଆସନରୁ ପ୍ରଥମ ଥର ପାଇଁ ନାମାଙ୍କନପତ୍ର ଦାଖଲ ପୂର୍ବରୁ ଗଙ୍ଗାକୂଳରେ 'ମା ଗଙ୍ଗା ମୋତେ ଡାକିଛନ୍ତି' କହି ଏହି ନଦୀର ପବିତ୍ରତା ଫେରାଇଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୧୦ ବର୍ଷ ପରେ ୨୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ନଦୀର ପ୍ରଦୂଷଣ ୫୧ରୁ ୬୬.୭୧%କୁ ବୃଦ୍ଧି ପାଇଥିବା ଜୟରାମ କହିଛନ୍ତି।

# ଧୀରଜ ୱାଧାୱାନଙ୍କୁ ଗିରଫ କଲା ସିବିଆଇ

## ୩୪,୬୧୫ କୋଟିର ଋଣ ଜାଲିଆତି ମାମଲା

**ନୂଆଦିଲ୍ଲୀ,୧୫।୫(ପି.ଟି.)**


ଧୀରଜ ୱାଧାୱାନ

ବହୁ କୋଟି ଟଙ୍କା ବ୍ୟାଙ୍କ ଋଣ ଜାଲିଆତି ମାମଲାରେ ସିବିଆଇ ଡିଏଚ୍‌ଏଫ୍‌ଏଲ୍‌ର ପୂର୍ବତନ ନିର୍ଦ୍ଦେଶକ ଧୀରଜ ୱାଧାୱାନଙ୍କୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ ଦିଲ୍ଲୀର ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ୨୦୨୨ରେ ତାଙ୍କ ନାଁରେ ଚାର୍ଜଶିଟ୍ ହୋଇଥିଲା। ପୂର୍ବରୁ ସେ ୟେସ୍ ବ୍ୟାଙ୍କ ଦୁର୍ନୀତି ମାମଲାରେ ଗିରଫ ହୋଇ ଜାମିନରେ ଆସିଥିଲେ। ୧୭ଟି ବ୍ୟାଙ୍କରୁ ୩୪,୬୧୫ କୋଟି ଟଙ୍କା ଜାଲିଆତି ମାମଲାରେ ସିବିଆଇ ଡିଏଚ୍‌ଏଫ୍‌ଏଲ୍ ବିରୋଧରେ ମାମଲା ରୁଜୁ କରିଥିଲା। ଭାରତରେ ଏହା ସବୁଠୁ ବଡ଼ ବ୍ୟାଙ୍କ ଋଣ ଜାଲିଆତି ବୋଲି ସିବିଆଇ କହିଛି। ଏହାର ମନିଲଣ୍ଡରିଂ ଦିଗକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଚଳାଇଛି। କପିଲ ୱାଧାୱାନ ଓ ଧୀରଜ ୱାଧାୱାନ ଡିଏଚ୍‌ଏଫ୍‌ଏଲ୍‌ର ନିର୍ଦ୍ଦେଶକ ଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେତୃତ୍ୱରେ ୧୭ ବ୍ୟାଙ୍କର କନ୍‌ସୋର୍ଟିୟମକୁ ଠକିବା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିଲେ। ସେମାନେ ବିଭିନ୍ନ ବ୍ୟାଙ୍କରୁ ୪୨,୮୭୧.୪୨ କୋଟି ଟଙ୍କା ଋଣ ମଞ୍ଜୁର କରାଇ ନେଇଥିଲେ। ଉକ୍ତ ଋଣର ଏକ ବଡ଼ ଭାଗକୁ ସେମାନେ ହଡ଼ପ କରିନେବା ସହ ଡିଏଚ୍‌ଏଫ୍‌ଏଲ୍ କାଗଜପତ୍ରରେ ଜାଲିଆତି କରି ବ୍ୟାଙ୍କକୁ ପରିଶୋଧ କରି ନ ଥିଲେ। ଫଳରେ ଋଣ ଦେଇଥିବା ବ୍ୟାଙ୍କଗୁଡ଼ିକର ୩୪,୬୧୫ କୋଟି ଟଙ୍କା କ୍ଷତି ହୋଇଥିଲା।

# ସ୍କୁଟିକୁ ଧକ୍କା ଦେଲା କାର୍: ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର




**ଚଣ୍ଡିଖୋଲ/ବଡ଼ଚଣା/ବରୀ,୧୫।୫(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି/ମହେନ୍ଦ୍ର ସ୍ୱାଇଁ)**

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବନ୍ଧାଳ ଛକ ନିକଟ ଅନ୍ନପୂର୍ଣ୍ଣା ହୋଟେଲ ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଅନ୍ନପୂର୍ଣ୍ଣା ହୋଟେଲ ମାଲିକଙ୍କ କାର୍ ଏକ ସ୍କୁଟିକୁ ଧକ୍କା ଦେଇଛି। ଫଳରେ ସ୍କୁଟି ଚଳାଉଥିବା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ସ୍କୁଟିରେ ବସିଥିବା ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବରୀ ଥାନା ଅନ୍ତର୍ଗତ ଶେରପୁର ପଞ୍ଚାୟତ ଅଧୀନ କୃଷ୍ଣନଗର ଗ୍ରାମ ମେଳକ ସାହିର ସର୍ବେଶ୍ୱର ଧଳ ଓ ତାଙ୍କ ସ୍ତ୍ରୀ। ଉଭୟେ ଏକ ସ୍କୁଟି ଯୋଗେ ଭୁବନେଶ୍ୱରରୁ ବରୀ ଅଭିମୁଖେ ଆସୁଥିଲେ। ବନ୍ଧାଳ ଛକ ନିକଟରେ ପଛପଟୁ ଆସୁଥିବା (ଓଡି୦୨ବିଏଚ୍୨୭୭୮) ନଂ. ବିଶିଷ୍ଟ କାର୍ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସର୍ବେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ତ୍ରୀ ଗୁରୁତର ହୋଇଥିଲେ। ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଗାଡି ଦୁଇଟିକୁ ଜବତ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

# ନୋବେଲ ବିଜୟୀ ସାହିତ୍ୟିକା ଆଲିସ୍ ମୁନ୍ରୋଙ୍କ ପରଲୋକ



**ନୂଆଦିଲ୍ଲୀ,୧୫।୫**

ନୋବେଲ ବିଜୟିନୀ କାନାଡା ସାହିତ୍ୟିକା ଆଲିସ୍ ମୁନ୍ରୋଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। କ୍ଷୁଦ୍ରଗଳ୍ପ ପାଇଁ ଖ୍ୟାତି ଅର୍ଜନ କରିଥିବା ମୁନ୍ରୋଙ୍କୁ ୨୦୧୩ରେ ସାହିତ୍ୟରେ ନୋବେଲ ପୁରସ୍କାର ମିଳିଥିଲା। ସେ କିଛି ବର୍ଷ ହେଲା ଅସୁସ୍ଥ ଥିଲେ। ନୋବେଲ ପୁରସ୍କାର ଘୋଷଣା ବେଳେ ସୁଇଡେନ୍ ଏକାଡେମୀ ତାଙ୍କୁ ସମସାମୟିକ ଗଳ୍ପ ଲେଖକମାନଙ୍କ ମାଷ୍ଟର କହିଥିଲେ।

# ବିଲବୋର୍ଡ ମାଲିକଙ୍କ ନାଁରେ ରହିଛି ବଳାତ୍କାର ମାମଲା

## ମୃତ୍ୟୁସଂଖ୍ୟା ୧୬


ଭବେଶ ଭିଣ୍ଡେ

**ମୁମ୍ବାଇ, ୧୫।୫**

ମୁମ୍ବାଇରେ ଭୟାବହ ଧୂଳିଝଡ଼ ଯୋଗୁ ସୋମବାର ଘାଟ୍‌କୋପର ଅଞ୍ଚଳର ଏକ ପେଟ୍ରୋଲ ପମ୍ପ ନିକଟରେ ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିଲବୋର୍ଡ ଭୁଶୁଡ଼ି ପଡ଼ିଥିଲା। ମଙ୍ଗଳବାର ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୬କୁ ବଢ଼ିଥିବାବେଳେ ସମୁଦାୟ ୭୫ ଜଣ ଆହତ ହୋଇଥିବା ମୁମ୍ବାଇ ପୋଲିସ କମିଶନର ବିବେକ ଫନ୍‌ସଲ୍‌କର୍ ସୂଚନା ଦେଇଛନ୍ତି। ଘଟଣାରେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ତେବେ ଭୁଶୁଡ଼ି ପଡ଼ିଥିବା ବିଲବୋର୍ଡର ମାଲିକ ଭବେଶ ଭିଣ୍ଡେ(୫୧) ହୋଇଥିବା ଜଣାପଡ଼ିଛି। କୋର୍ଟ ଦଲିଲ ଅନୁଯାୟୀ ଚଳିତ ବର୍ଷ ଜାନୁୟାରୀ ୨୪ରେ ତାଙ୍କ ବିରୋଧରେ ସ୍ଥାନୀୟ ମୁଲୁଣ୍ଡ ଥାନାରେ ଏକ ବଳାତ୍କାର ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ସେ ଏବେ ନିମ୍ନ ଅଦାଲତରୁ ଜାମିନରେ ରହିଛନ୍ତି। ସେହିପରି ବେଆଇନ ହୋର୍ଡିଂ ଲଗାଇବା ମାମଲାରେ ପୂର୍ବରୁ ତାଙ୍କୁ ୨୧ ଥର ଜରିମାନା କରାଯାଇଛି। ୨୦୦୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ସେ ମୁଲୁଣ୍ଡ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ।

# ନିର୍ବାଚନ ବେଳେ ୧୪ ବିଦେଶୀଙ୍କୁ ନାଗରିକତ୍ୱ

## ସିଏଏ: ପ୍ରଥମଥର ପ୍ରମାଣପତ୍ର ଦେଲା କେନ୍ଦ୍ର

**ନୂଆଦିଲ୍ଲୀ,୧୫।୫**

ଦେଶରେ ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ବୁଧବାର କେନ୍ଦ୍ର ସରକାର ୧୪ ବିଦେଶୀଙ୍କୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବଳରେ ଭାରତର ନାଗରିକତ୍ୱ ପ୍ରଦାନ କରିଛନ୍ତି। ୨୦୧୯ ଡିସେମ୍ବରରେ ପ୍ରଣୀତ ଏହି ଆଇନରେ ପଡ଼ୋଶୀ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରେ ନିର୍ଯାତନାର ଶିକାର ହୋଇ ଭାରତରେ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ରହିଆସୁଥିବା ଅଣମୁସଲିମ୍ ଶରଣାର୍ଥୀଙ୍କୁ ନାଗରିକତ୍ୱ ଦେବା ବ୍ୟବସ୍ଥା ରହିଛି। ତଦନୁଯାୟୀ କେନ୍ଦ୍ର ସରକାର ପ୍ରାୟ ୨ ମାସ ତଳେ ସିଏଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିଥିବାବେଳେ ବୁଧବାର ଏହାକୁ କାର୍ଯ୍ୟକାରୀ କରିଛନ୍ତି। ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲ୍ଲା ପ୍ରଥମ ଥର ପାଇଁ ୧୪ ବିଦେଶୀଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ହସ୍ତାନ୍ତର କରିବା ସହ ଏହାର ବୈଶିଷ୍ଟ୍ୟ ସମ୍ପର୍କରେ ବୁଝାଇଛନ୍ତି। ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନର ଏହି ୧୪ ଶରଣାର୍ଥୀ ସମ୍ପ୍ରତି ଦିଲ୍ଲୀରେ ବସବାସ କରୁଛନ୍ତି। ଭାରତର ନାଗରିକତ୍ୱ ପ୍ରଦାନ ବେଳେ ଡାକ ସଚିବ, ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭଲ୍ଲା ବୁଧବାର ନୂଆଦିଲ୍ଲୀରେ ଜଣେ ବିଦେଶୀ ମହିଳାଙ୍କୁ ଭାରତର ନାଗରିକତ୍ୱ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ଆସି ଭାରତରେ ଆଶ୍ରୟ ନେଇଥିବା ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସି ଓ ଖ୍ରୀଷ୍ଟିଆମାନଙ୍କୁ ଭାରତର ନାଗରିକତ୍ୱ ଦେବା ପାଇଁ ୨୦୧୯ ଡିସେମ୍ବରରେ କେନ୍ଦ୍ରର ମୋଦି ସରକାର ସିଏଏ ଆଣିଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ କ୍ରମେ ଆଇନରେ ପରିଣତ ହୋଇଥିଲା। କିନ୍ତୁ ଏହାକୁ ନେଇ ସାରା ଦେଶରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସିଏଏ ବିରୋଧୀ ଆନ୍ଦୋଳନରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଉଚିତ ମଣି ନ ଥିଲେ। ଏହାର ପ୍ରାୟ ୪ ବର୍ଷ ପରେ ଅର୍ଥାତ୍ ଗତ ମାର୍ଚ୍ଚ ୧୧ରେ ସରକାର ଏ ସମ୍ପର୍କିତ ବିଜ୍ଞପ୍ତି ଜାରି କରିଥିଲେ। ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ୨୦୧୯ ଲୋକ ସଭା ନିର୍ବାଚବେଳେ ସିଏଏ ଆଣିବା ନେଇ ନିଜ ଇସ୍ତାହାରରେ ପ୍ରକାଶ କରିଥିଲା। ପରବର୍ତ୍ତୀ ସମୟରେ ଆନ୍ଦୋଳନ ଯୋଗୁ ଏହାକୁ ଲାଗୁ କରାଇପାରି ନ ଥିଲା। ନାଗରିକତ୍ୱ ଆଇନ କାର୍ଯ୍ୟକାରୀ କରାଇବାରେ ବିଳମ୍ବ ପାଇଁ ମହାମାରୀ କୋଭିଡ୍-୧୯କୁ ଦାୟୀ କରିଥିଲା। ତେବେ ୨୦୨୪ ଲୋକ ସଭା ନିର୍ବାଚନକୁ କିଛି ସମୟ ବାକି ଥିବାବେଳେ ଶୀତଳଭଣ୍ଡାରରେ ପଡ଼ିରହିଥିବା ଆଇନକୁ ଆଣି ପୁନରୁଜ୍ଜୀବିତ କରାଇବା ନେଇ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିଲେ। ବିରୋଧୀ ଏହାକୁ ଭେଦଭାବପୂର୍ଣ୍ଣ ଏବଂ ନିର୍ବାଚନ ପାଇଁ ଉଦ୍ଦେଶ୍ୟମୂଳକ ବୋଲି ଅଭିହିତ କରିଥିଲେ। କିନ୍ତୁ ଏହା ନାଗରିକତ୍ୱ ଛଡ଼ାଇବାର ନୁହେଁ, ବରଂ ନାଗରିତ୍ୱ ପ୍ରଦାନର ଆଇନ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ☞ପୃଷ୍ଠା-୪

# ୨ ଟ୍ରକ୍ ମଝିରେ ଚାପିହେଲା କାର୍, ୬ ମୃତ

**କେନ୍ଦୁଝର/ଯୋଡ଼ା/ଚମ୍ପୁଆ,୧୫।୫**
**(ନରେଶ ଚନ୍ଦ୍ର ପଟ୍ଟନାୟକ/ ମାନସ ମହାନ୍ତି/ ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ରିମୁଳି ନିକଟରେ ବୁଧବାର ରାତି ୯ଟାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ୨ ଟ୍ରକ୍ ମଧ୍ୟରେ ଏକ ବ୍ରିଜା କାର୍ ଚାପି ହୋଇଯିବାରୁ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାର ୫ ଜଣ ଥିବାବେଳେ ଅନ୍ୟ ଜଣେ ଡ୍ରାଇଭର ବୋଲି ଜଣାପଡ଼ିଛି।

ମିଳିଥିବା ଖବର ଅନୁସାରେ, କେନ୍ଦୁଝର ଭଦ୍ରସାହି ଅଞ୍ଚଳର ହୀରାଲାଲ ପଲେଇଙ୍କ ପରିବାର ବୁଧବାର କେନ୍ଦୁଝର ତରମାକାନ୍ତକୁ ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ଯାଇଥିଲେ। ସେଠାରୁ ସେମାନେ ଏକ ବ୍ରିଜା କାର୍ (ଓଡି୦୨-ଏ



ୱାଇ-୭୮୬୦)ଯୋଗେ ବଡ଼ବିଲ ଅଭିମୁଖେ ଫେରୁଥିବା ବେଳେ ରିମୁଳି ନିକଟରେ ଟ୍ରାଫିକ୍ ଜାମରେ ଫସିଯାଇଥିଲେ। ଏହି ସମୟରେ ପଛ ଆଡୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ବ୍ରିଜା କାର୍‌କୁ ଧକ୍କା ଦେଇଥିଲା। ଫଳରେ କାର୍‌ଟି ସମ୍ମୁଖରେ ଥିବା ଅନ୍ୟ ଅନ୍ୟ ଏକ ଟ୍ରକ୍ ସହ ଧକ୍କା ହୋଇ ଚାପି ହୋଇଯାଇଥିଲା। ଦୁର୍ଘଟଣାରେ କାର୍‌ଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। କାର୍ ମଧ୍ୟରେ ଥିବା ଡ୍ରାଇଭରଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ମହିଳା, ୪ ପୁରୁଷ ଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି କଟର ସାହାଯ୍ୟରେ ମୃତକଙ୍କୁ ବାହାର କରିଥିଲା। ସମ୍ମୁଖରେ ଥିବା ଟ୍ରକ୍‌ଟି ଫେରାର ହୋଇଯାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ପଛ ଟ୍ରକ୍‌କୁ ପୋଲିସ ଜବତକରି ରିମୁଳି ଫାଣ୍ଡିକୁ ନେଇ ତଦନ୍ତ କରୁଛି।






# ୧୮ରୁ ପୁଣି ହିଟ୍ ୱେଭ୍

**ଭୁବନେଶ୍ୱର, ୧୫।୫**
**(ଅସମାପିକା ସାହୁ)**

ରାଜ୍ୟରେ ଏବେ କାଳବୈଶାଖୀ ଜାରି ରହିଛି। ଏହା ସତ୍ତ୍ୱେ ତାପମାତ୍ରା ମଧ୍ୟ ବଢ଼ି ଚାଲିଛି। ତେବେ ମୌସୁମୀ ଆସିବା ପୂର୍ବରୁ ତାତି ଅସହ୍ୟ ହୋଇପଡିବ। ଆସନ୍ତା ୧୮ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପୁଣି ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ଅନୁଭୂତ ହେବା ସହିତ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବିଶେଷକରି ନୂଆପଡ଼ା, ବୌଦ୍ଧ, ଝାରସୁଗୁଡ଼ା, ବଲାଙ୍ଗୀର ଓ ସୋନପୁରରେ ଗ୍ରୀଷ୍ମ ପ୍ରବାହ ଅଧିକ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିସହ ୧୮ ଓ ୧୯ରେ କନ୍ଧମାଳ, ନୟାଗଡ଼, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର, ବୌଦ୍ଧ, ମାଲକାନଗିରି, ସୋନପୁର ଆଦି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ସ୍ଥାନରେ ଘଣ୍ଟାପ୍ରତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ସମନ୍ୱୟାନ୍ତରେ ରାମାୟଣ




# ସମୟାନ୍ତରରେ ରାମାୟଣ



ଦେବଦତ୍ତ ପଟ୍ଟନାୟକ

ଗଙ୍ଗା ନଦୀ ଅବବାହିକାରେ ଭାରତର ୫୦ ପ୍ରତିଶତ ଭୋଟର ରହନ୍ତି। ତେଣୁ ହିନ୍ଦୁତ୍ୱବାଦୀ ରାଜନେତାମାନଙ୍କ ପାଇଁ ରାମାୟଣ ବିଶେଷକରି ତୁଳସୀ ଦାସ ରଚିତ ରାମଚରିତ ମାନସ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କିମ୍ବା ବିତର୍କର ପ୍ରସଙ୍ଗ ହୋଇଛି। ଗୋସ୍ୱାମୀ ତୁଳସୀ ଦାସ ଷୋଡ଼ଶ ଶତାବ୍ଦୀର ରାମଚରିତମାନସ ହିନ୍ଦୀର ଉପଭାଷା ଅୱଧିରେ ରଚନା କରିଥିଲେ। ତେବେ ବିଗତ ୨,୦୦୦ ବର୍ଷ ମଧ୍ୟରେ ହିନ୍ଦୀ ଭାଷାଭାଷୀ ଅଞ୍ଚଳ ବାହାରେ ଅନେକ ଶହ ରାମାୟଣ ରହିଛି। ସେସବୁକୁ ଗୋସ୍ୱାମୀ ରାମାୟଣ ଭଳି ସମାନ ଭାବେ ଗୁରୁତ୍ୱ ଦିଆଯାଏ। ଏହିସବୁ ରାମାୟଣଗୁଡ଼ିକରେ ବାଲ୍ମୀକିଙ୍କ ପ୍ରାଚୀନ କାହାଣୀର ଉଲ୍ଲେଖନୀୟ ଭିନ୍ନତା ଥିବା ଏକାଧିକ ବର୍ଣ୍ଣନାର ଦୃଷ୍ଟାନ୍ତ ରହିଛି। ୫ମ ଶତାବ୍ଦୀରେ ବିଷ୍ଣୁ ପୁରାଣରେ ରାମ ଏବଂ ତାଙ୍କର ତିନି ଭାଇ ସମସ୍ତେ ବିଷ୍ଣୁଙ୍କ ଅବତାର ଭାବରେ ପରିଗଣିତ ହୋଇଥିଲେ। ଅବଶ୍ୟ ପଞ୍ଚଦଶ ଶତାବ୍ଦୀରେ ଅଧ୍ୟାତ୍ମ ରାମାୟଣରେ କେବଳ ରାମ ହିଁ ବିଷ୍ଣୁଙ୍କର ଏକ ରୂପ ହୋଇଥିବାବେଳେ ଲକ୍ଷ୍ମଣ ସର୍ପ ଶେଷ ଏବଂ ଭରତ ଓ ଶତ୍ରୁଘ୍ନ ବିଷ୍ଣୁଙ୍କ ଶଙ୍ଖ ଏବଂ ଚକ୍ରର ରୂପ ବୋଲି ଉଲ୍ଲେଖ ରହିଛି। ଊନବିଂଶ ଶତାବ୍ଦୀରେ ଶଙ୍କର ଏବଂ ପ୍ରକାଶ ରାମାୟଣଗୁଡ଼ିକ କଶ୍ମୀରୀରେ ରଚନା ହୋଇଥିଲା। ସେସବୁ ଦର୍ଶାଇଛନ୍ତି ଯେ, ସୀତା ରାବଣଙ୍କ ଝିଅ। ସୀତା ତାଙ୍କ ମୃତ୍ୟୁର କାରଣ ହେବ ବୋଲି ଭବିଷ୍ୟବାଣୀ ହୋଇଥିଲା। ଫଳରେ ସେ ସୀତାଙ୍କୁ ଫିଙ୍ଗି ଦେଇଥିଲେ। ପିଲାଟି ବଞ୍ଚି ଯାଇଥିଲା ଓ ଜନକ ତାଙ୍କୁ ଉଦ୍ଧାର କରିଥିଲେ। ଏ ପ୍ରକାର ସିଦ୍ଧାନ୍ତ ଜୈନ ଓ ଦକ୍ଷିଣ-ପୂର୍ବ ଏସିଆର ଅନେକ ରାମାୟଣରେ ଦେଖିବାକୁ ମିଳେ। ଅଷ୍ଟମ ଶତାବ୍ଦୀରେ ଭବଭୂତିଙ୍କ ସଂସ୍କୃତ ନାଟକ ମହାବୀରଚରିତ ନାଟକ ରଚିତ ହୋଇଥିଲା। ରାମ ଧନୁ ଭାଙ୍ଗିବା ପୂର୍ବରୁ ସୀତାଙ୍କ ସହ ତାଙ୍କର ଭେଟ ଏକ ବଗିଚାରେ ହୋଇଥିଲା ବୋଲି ଏଥିରେ ବର୍ଣ୍ଣନା କରାଯାଇଛି। ସେମାନଙ୍କ ମଧ୍ୟରେ ପ୍ରେମଭାବ ସୃଷ୍ଟି ହୋଇଥିଲା। ଏହା ସୀତାଙ୍କ ଚିନ୍ତା ବଢ଼ାଇଦେଇଛି, କାରଣ ସୀତା ନିଜକୁ ପ୍ରଶ୍ନ କରିଛନ୍ତି ଯେ ଯେଉଁ ବ୍ୟକ୍ତିଙ୍କୁ ଭଲ ପାଉଛନ୍ତି ତାଙ୍କ ସମ୍ମୁଖରେ ଆସିଥିବା ଆହ୍ୱାନ ମଧ୍ୟରେ ସେ ସଫଳ ହୋଇପାରିବେ ତ? ଚତୁର୍ଥ ଶତାବ୍ଦୀରେ କାଳିଦାସଙ୍କ ଦ୍ୱାରା ସଂସ୍କୃତରେ ରଚିତ ରଘୁବଂଶମ୍‌ରେ ଉଲ୍ଲେଖ ରହିଛି ଯେ, ଦଶରଥ ତାଙ୍କ କାନ ପାଖରେ ପାଚିଲା କେଶ ଦେଖିବା ପରେ ରାମଙ୍କୁ ରାଜମୁକୁଟ ପିନ୍ଧାଇ ବନକୁ ଚାଲିଯିବା ଲାଗି ଏହା ଉପଯୁକ୍ତ ସମୟ ବୋଲି ସ୍ଥିର କରିଛନ୍ତି।

ବୌଦ୍ଧ ଧର୍ମର ଦଶରଥ ଜାତକରେ ବର୍ଣ୍ଣନା କରାଯାଇଛି ଯେ, ରାମ-ପଣ୍ଡିତଙ୍କୁ ରାଜପ୍ରାସାଦ ଛାଡ଼ିବାକୁ ରାଜା କହିଥିଲେ ଏବଂ ୧୨ ବର୍ଷ ପରେ ରାଜାଙ୍କ ମୃତ୍ୟୁ ହେବ ବୋଲି ଯେଉଁ ଭବିଷ୍ୟବାଣୀ ହୋଇଥିଲା ତାହା ପରେ ତାଙ୍କୁ ଫେରିବାକୁ କହିଛନ୍ତି। ରାଜକୁମାରଙ୍କୁ ହତ୍ୟା କରିବାକୁ ଯୋଜନା କରିଥିବା ସାନରାଣୀଠାରୁ ରକ୍ଷା କରିବା ପାଇଁ ରାଜା ଏହା କରିଥିଲେ। ସପ୍ତଦଶ ଶତାବ୍ଦୀର ଲୋକ ସିଂହଳୀ ଭାଷାରେ ରଚିତ କାହାଣୀ କୋହୋମ୍ବା ଯାକ୍କାମାରେ ବର୍ଣ୍ଣନା କରାଯାଇଛି ଯେ, ଶନିକୋପରୁ ରକ୍ଷାପାଇବା ପାଇଁ ରାମ ଜଙ୍ଗଲକୁ ଚାଲିଯାଇଛନ୍ତି। ତାଙ୍କୁ ଏକ ହାତୀର ରୂପ ନେବାକୁ ପଡ଼ିଛି ଏବଂ ସେ ଦୂରକୁ ଚାଲି ଯାଇଥିବାବେଳେ ରାବଣ ସୀତାଙ୍କୁ ଅପହରଣ କରିନେଇଛନ୍ତି। ସୀତାଙ୍କର ଦୁଇଟି ନୁହେଁ, ତିନୋଟି ସନ୍ତାନ ଅଛନ୍ତି ବୋଲି ଏଥିରେ ଉଲ୍ଲେଖ କରାଯାଇଛି।




ସପ୍ତମ ଶତାବ୍ଦୀରେ କବି ତଥା ସନ୍ଥ ଅଲୱାରଙ୍କ ତାମିଲ ସଙ୍ଗୀତରେ ଦର୍ଶାଯାଇଛି ଯେ, ପିଲାବେଳେ ରାମ ମନ୍ଥରାଙ୍କ କୁଜକୁ ସିଧା କରିବା ପାଇଁ ମାଟି ଗୁଳି ତାଙ୍କ ଉପରକୁ ଫିଙ୍ଗିଥିଲେ। କିନ୍ତୁ ମନ୍ଥରା ରାମଙ୍କ ଉଦ୍ଦେଶ୍ୟକୁ ଭୁଲ୍ ବୁଝି ରାଗି ଯାଇଥିଲେ ଏବଂ କୈକେୟୀଙ୍କ ମନରେ ତାଙ୍କ ବିରୋଧୀ ଭାବ ସୃଷ୍ଟି କରିଥିଲେ। ତୃତୀୟ ଶତାବ୍ଦୀରେ ଜୈନ ଭିକ୍ଷୁ ଭିମାଲାସୁରୀଙ୍କ ପୌମା ଚରିତ୍ରରେ ଉଲ୍ଲେଖ କରାଯାଇଛି ଯେ, ଲକ୍ଷ୍ମଣ ହଠାତ୍ ଶମ୍ଭୁକ ନାମକ ଜଣେ ଭିକ୍ଷୁଙ୍କୁ ହତ୍ୟା କରିଥିଲେ। ଶମ୍ଭୁକ ଥିଲେ ଚନ୍ଦ୍ରନାଖଙ୍କ ପୁଅ। ତାଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସେ ତାଙ୍କ ଭାଇଙ୍କୁ କହିଛନ୍ତି। କିନ୍ତୁ ରାବଣ ସୀତାଙ୍କୁ ଭଲ ପାଇଛନ୍ତି ଓ ଭାଇମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ସିଂହ ପରି ଗର୍ଜନ କରିଛନ୍ତି। ଏହାଶୁଣି ସେମାନେ ଦୂରକୁ ଚାଲିଯିବା ପରେ ସୀତାଙ୍କୁ ଅପହରଣ କରିନେଇଛନ୍ତି। ଲକ୍ଷ୍ମଣରେଖା ସମ୍ପର୍କିତ ବର୍ଣ୍ଣନା ଦ୍ୱାଦଶ ଶତାବ୍ଦୀର ସଂସ୍କୃତ ଭୁସୁଣ୍ଡି ରାମାୟଣ, ପଞ୍ଚଦଶ ଶତାବ୍ଦୀର ଆନନ୍ଦ ରାମାୟଣ ଏବଂ ପଞ୍ଚଦଶ ଶତାବ୍ଦୀର କୃତ୍ତିବାସ ରାମାୟଣରେ ଦେଖିବାକୁ ମିଳିଥିଲା। ଅଷ୍ଟାଦଶ ଶତାବ୍ଦୀରେ ବର୍ମିଜ୍ ଭାଷାରେ ରାମଥାଗିନ ଓ ରାମ ଭେଥୁ ରଚନା କରାଯାଇଥିଲା। ଏଥିରେ ଉଲ୍ଲେଖ ରହିଛି ଯେ, ମାରିଚ ସ୍ୱର୍ଣ୍ଣ ହରିଣ ରୂପ ନେଇ ନଥିଲା, ବରଂ ସୂର୍ପଣଖା କିମ୍ବା ଖର ଏବଂ ଦୁସଣଙ୍କ ମା' ତ୍ରିଗାଥ ଏହି ରୂପ ଧାରଣ କରିଥିଲେ, ଯାହାଙ୍କୁ ରାମ ଏବଂ ଲକ୍ଷ୍ମଣ ହତ୍ୟା କରିଥିଲେ।

ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଆ ରାମାୟଣରେ ଦର୍ଶାଯାଇଛି ଯେ, ଯେଉଁ ବକ ରାମଙ୍କୁ ସୀତାଙ୍କ ବିଷୟରେ ସୂଚନା ଦେଇନାହାନ୍ତି, ସେମାନଙ୍କ ବେକକୁ ସେ ବଢ଼ାଇ ଦେଇଛନ୍ତି ଏବଂ କୁକୁଡ଼ା ତାଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିବାରୁ ତା'କୁ ମୁକୁଟ ପିନ୍ଧାଇ ଦେଇଛନ୍ତି। ଉପକୂଳ ଓଡ଼ିଶାର ମତ୍ସ୍ୟଜୀବୀଙ୍କ ମଧ୍ୟରେ ଏକ ଲୋକକଥା ପ୍ରଚଳିତ ରହିଛି। ଏହା ଅନୁଯାୟୀ ରାବଣର ପୁଷ୍ପକ ବିମାନକୁ ରାମ ତୀର ମାରି ତା'ଛତାକୁ ଖସାଇ ଦେଇଥିଲେ, ଯାହା ପୃଥିବୀପୃଷ୍ଠରେ ପଡ଼ିବା ପରେ ଛତୁରେ ପରିଣତ ହୋଇଯାଇଥିଲା ଏବଂ ଯାହା ସମୁଦ୍ରରେ ପଡ଼ିଥିଲା ତାହା ଜେଲିଫିଶ ହୋଇଗଲା। ପଞ୍ଚଦଶ ଶତାବ୍ଦୀରେ ବଳରାମ ଦାସଙ୍କ ଓଡ଼ିଆ ଦାଣ୍ଡି ରାମାୟଣରେ ଉଲ୍ଲେଖ ରହିଛି, ଜଣେ ଆଦିବାସୀ ମହିଳା (ଶବରୀ) ପ୍ରଥମେ ଚାଖିଥିବା ଆମ୍ବ ରାମଙ୍କୁ ଦେଇଛନ୍ତି ଓ ସେ ତାହାକୁ ଖାଇଛନ୍ତି। ଅଷ୍ଟାଦଶ ଶତାବ୍ଦୀରେ ପ୍ରିୟଦାସଙ୍କ ଭକ୍ତିରାସ-ପ୍ରବୋଧିନୀରେ ଶବରୀଙ୍କ କୋଳିର ପ୍ରସିଦ୍ଧ କାହାଣୀରେ ସନ୍ନିହିତ ହୋଇଛି। ଊନବିଂଶ ଶତାବ୍ଦୀରେ ଗିରିଧର ଗୁଜୁରାଟୀରେ ରାମାୟଣ ରଚନା କରିଥିଲେ। ଏଥିରେ ହନୁମାନଙ୍କୁ ଏକାଦଶ ରୁଦ୍ର ଭାବରେ ଦର୍ଶାଯାଇଛି।

ଅଷ୍ଟମ ଶତାବ୍ଦୀରେ ତିବ୍ବତୀୟ ରାମାୟଣରେ ବର୍ଣ୍ଣନା ମିଳେ ଯେ, ଅନେକ କଳାକୃତିରେ ରାବଣଙ୍କର ନଅଟି ମଣିଷ ମୁଣ୍ଡ ଉପରେ ଗୋଟିଏ ଗଧର ମୁଣ୍ଡ ରହିଛି। ଏହିଠାରେ ତାଙ୍କ ଜୀବନ ଲୁଚି ରହିଛି। ଯୁଦ୍ଧ ସମୟରେ ରାବଣ ଅଦୃଶ୍ୟ ହୋଇଯାଏ। ରାମ ତାଙ୍କୁ ପ୍ରକୃତ କ୍ଷତ୍ରିୟ ଭଳି ଯୁଦ୍ଧ କରିବାକୁ ଏବଂ ଅନ୍ତତଃପକ୍ଷେ ଗୋଟିଏ ଶରୀରର ଅଂଶ ଦେଖାଇବାକୁ ଆହ୍ୱାନ କରିଛନ୍ତି। ରାବଣ ତାଙ୍କ ପାଦ ଦେଖାଇଛି ଏବଂ ଗଧ ମୁଣ୍ଡ କେଉଁଠି ରହିବ ତାହା ରାମ ଆକଳନ କରି ସାଂଘାତିକ ତୀର ଚଳାଇଛନ୍ତି। ଦଶମ ଶତାବ୍ଦୀରେ କଥା-ସରିତ-ସାଗରରେ ସୀତା କେବଳ ଗୋଟିଏ ସନ୍ତାନ ଲବଙ୍କୁ ଜନ୍ମ ଦେଇଛନ୍ତି, ଯାହାକୁ ଋଷି ବାଲ୍ମୀକିଙ୍କ ଯତ୍ନରେ ଛାଡ଼ିଥିଲେ। ଲବ ଅଦୃଶ୍ୟ ହୋଇଯାଇଛନ୍ତି ଏବଂ ବାଲ୍ମୀକି କୁଶ ଘାସ ବ୍ୟବହାର କରି ଲବର ପୁନର୍ଜୀବନ ଦେଇଛନ୍ତି। ଏହିପରି ସୀତାଙ୍କର ଯାଆଁଳା ସନ୍ତାନ ଜାତ ହୋଇଥିଲେ। ଅଷ୍ଟାଦଶ ଶତାବ୍ଦୀରେ ରଘୁନାଥ ମହାନ୍ତଙ୍କ ଦ୍ୱାରା ଅହମିୟା ଭାଷାରେ ରାମାୟଣ ରଚିତ ହୋଇଥିଲା। ଏହି ଆସାମିଜ୍ ଅଦ୍‌ଭୁତ ରାମାୟଣ ଅନୁଯାୟୀ ପାତାଳରେ ରହୁଥିବାବେଳେ ସୀତା ନିଜ ପିଲାମାନଙ୍କୁ ମନେପକାନ୍ତି। ତେଣୁ ସେ ସର୍ପରାଜ ବାସୁକୀଙ୍କୁ ଲବ ଏବଂ କୁଶଙ୍କୁ ଅପହରଣ କରି ତାଙ୍କ ନିକଟକୁ ଆଣିବାକୁ କହିଥିଲେ। ହନୁମାନ ବାସୁକୀଙ୍କୁ ଅନୁସରଣ କରନ୍ତି। ଯୁଦ୍ଧ ହୋଇଛି ଏବଂ ପରେ ଶାନ୍ତି ପୁନଃ ସ୍ଥାପନ ହୋଇଛି, ଯେତେବେଳେ ସୀତା ତାଙ୍କ ପିଲାମାନଙ୍କୁ ଛାଡ଼ିବାକୁ ରାଜି ହୋଇଛନ୍ତି ଏବଂ ଗୁପ୍ତରେ ଦେଖାକରିବାକୁୟ ପ୍ରତିଜ୍ଞା କରିଛନ୍ତି। ଏହିଭଳି ସମୟାନ୍ତରରେ ରଚିତ ଅନେକ ରାମାୟଣ ମଧ୍ୟରୁ ଏସବୁ କେତୋଟି ଦୃଷ୍ଟାନ୍ତ ମାତ୍ର। ଯଦି ଜଣେ ରାଜନୈତିକ ବିତର୍କ କରିବାକୁ ବାହାରିବ ତେବେ ଏଭଳି ଆହୁରି ଅନେକ ରାମାୟଣ ପାଇବ।

–devduttofficial@gmail.com

# ମିଶୁ ମୋର ଦେହ ଏ ଦେଶ ମାଟିରେ



ବସନ୍ତ ମଞ୍ଜରୀ ମିଶ୍ର

ବର୍ତ୍ତମାନ ଚାରିଆଡ଼େ ନିର୍ବାଚନର ମାହୋଲ। ସବୁଠି ନେତାମାନଙ୍କର ମାଳ ମାଳ ପ୍ରତିଶ୍ରୁତିର ସ୍ୱର। ଦୂରଦର୍ଶନ ହେଉ ବା ସାମାଜିକ ଗଣମାଧ୍ୟମ, ଯେକୌଣସି ପ୍ଲାଟ୍‌ଫର୍ମ ହେଉ ସବୁଠି ଚାଲିଛି ନିର୍ବାଚନୀ ପ୍ରତିଯୋଗିତା। ଗଣତନ୍ତ୍ର ଶାସନରେ ଲୋକଙ୍କ ହାତରେ ଥିବା ଏହି କ୍ଷମତା ଟିକକ ହାତେଇବା ପାଇଁ ସବୁଠି ଚାଲିଛି ମୂଷା ଦୌଡ଼ ପ୍ରତିଯୋଗିତା। କିଏ ମାରିବ ବାଜି। କିଏ ହେବ ସରକାର। ଆଉ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁଠୁ କ୍ଷମତାଶାଳୀ ଜନତା। ଜନତାଙ୍କୁ ଜନାର୍ଦ୍ଦନ କହି ଭୋଟ ଖଣ୍ଡିକ ହାତେଇବା ପାଇଁ ଚାଲିଛି ଅଭିନବ ପ୍ରୟାସ। ସେଥିପାଇଁ ନୂଆ ନୂଆ ମୁହଁ ଦେଖିବାକୁ ମିଳିବା ସହ ସବୁଆଡ଼େ ଶୁଭୁଛି ନୂଆ ପ୍ରତିଶ୍ରୁତି। ଆସନ ହାତେଇବା ପାଇଁ ଚାଲିଛି ନିୟମିତ ନୂଆ ନୂଆ ଉପସ୍ଥାପନା। ଆଉ ସେସବୁ ଭିତରେ ସାଧାରଣ ଜନତା ଟିଏ ବଲବଲ କରି ଚାହିଁଛି ଶୂନ୍ୟ ଆକାଶକୁ।

ସେ ଭାବୁଛି ସବୁଦିନେ ଅଲୋଡ଼ା ଥିବା ତା' ଭଳି ମଣିଷଙ୍କୁ ଆଜି କାହିଁକି ଏତେ ଆଦର ଆଉ ଅଭ୍ୟର୍ଥନା। ଜୀବନର ସାୟାହ୍ନରେ ଉପନୀତ ସାଧାରଣ ମଣିଷଟିଏ ଚାହୁଁଛି, ତା' ଜୀର୍ଣ୍ଣଶୀର୍ଣ୍ଣ ଶରୀରକୁ ଆଉ ତା' ଚନ୍ଦ୍ର ସୂର୍ଯ୍ୟ ଦିଶୁଥିବା ନୁଆଁଣିଆ ଛାତକୁ। ତା' ଜୀବନ କାଳ ଭିତରେ ଏଇ ନିର୍ବାଚନ ପର୍ବ ଅନେକ ଥର ଆସିଛି। ନୂଆ ନୂଆ ଚେହେରା ଆଉ ନୂଆ ନୂଆ ପ୍ରତିଶ୍ରୁତି ସେ ପାଇଛି, ହେଲେ ବ୍ୟକ୍ତିଗତ ଭାବରେ ସେ ପାଇଛି କ'ଣ? ଦାରିଦ୍ର୍ୟର କଷା ଘାତରେ ଶଢ଼ି ଶଢ଼ି ବଞ୍ଚିଛି ସେ। ଦିନକୁ ଦୁଇମୁଠା ପେଟ ପୂରା ଖାଇବାକୁ ସେ ସଂଘର୍ଷ ଜାରି ରଖିଥିଲା ବେଳେ ଆଜି ତାକୁ ବିନା ପରିଶ୍ରମରେ ମିଳୁଛି ଭୂରି ଭୋଜନ। କାହିଁକି...?

ବର୍ତ୍ତମାନ ନିର୍ବାଚନ ରଣାଙ୍ଗନରେ ଓହ୍ଲାଇଥିବା ନେତାମାନେ ଆପଣେଇଛନ୍ତି ଦୁଇଟି 'ଭ...'। ସାଧାରଣ ଜନତାଙ୍କୁ ଭକୁଆ ବନେଇବାକୁ ପ୍ରତ୍ୟେକ ପ୍ରାର୍ଥୀ ଆପଣେଇଛନ୍ତି ଦୁଇଟି ଭ.. କୁ। ଗୋଟିଏ 'ଭ' ହେଉଛି ଭାଷଣ ଆଉ ଗୋଟିଏ 'ଭ' ଭୋଜି। ବନିଶିକଣ୍ଟାରେ ଥୋପ ଦେଲା ଭଳି ବର୍ତ୍ତମାନ ଜନତାଙ୍କ ପାଇଁ ଏହା ହେଉଛି ଥୋପ। କହିବାର ତାତ୍ପର୍ଯ୍ୟ, ଥରେ ଯଦି କାହା ଥୋପରେ ବଶ ହୋଇଗଲ ଏବେ ପୂରା ୫ବର୍ଷ ଛଟପଟ ହେବା ସାର। ତେଣୁ ସର୍ବଦା ନିଜ ବୁଦ୍ଧି ବିବେକର ଉପଯୋଗ କରନ୍ତୁ।

ଏବେ ଆସିବା ପ୍ରକୃତ କଥାକୁ। ମନେରଖିବା ଉଚିତ ଯେ, ଭଗବାନ୍‌ଙ୍କ ଅଦାଲତରେ ସମସ୍ତେ ସମାନ। ହେଉ ସେ ରଙ୍କ ଅବା ରାଜା। କେତେବେଳେ କେଉଁ ମୁହୂର୍ତ୍ତରେ ଆରପୁରରୁ ଡାକରା ଆସିବ କିଏ କହିବ। ମାତ୍ର କେତୋଟି ମୁହୂର୍ତ୍ତ ଭିତରେ ପୋଡ଼ି ପାଉଁଶ ହୋଇଯିବ ଏଇ ସୁନ୍ଦର ଶରୀର ଆଉ ତା' ସହ ଆମର ସବୁ ଗର୍ବ ଅହଂକାର ଆଉ ପାରିଲାପଣିଆ। କିଏ ଜାଣେ କେଉଁ ମୁହୂର୍ତ୍ତରେ ଆମେ ଚାଲିଯିବା, କିନ୍ତୁ ଛାଡ଼ିଯିବା ଆମ ମଣିଷପଣିଆ। ଆଜି ଯେଉଁ ଆସନ ପାଇଁ ଆମେ ପରସ୍ପରର ଗୋଡ଼ ଟାଣୁଛନ୍ତି, ଅନ୍ୟକୁ ବୋକା ବନେଇ ଆସନ ହାତେଇବାକୁ ଚାହୁଁଛନ୍ତି, ସେ ଆସନ ସମୟ ଆସିଲେ ଆମ ପାଇଁ ମୂଲ୍ୟହୀନ ହୋଇଯିବ। କିନ୍ତୁ ଆମ ପାଇଁ କ'ଣ ସବୁଠୁ ମୂଲ୍ୟବାନ୍ ଜାଣନ୍ତି, ମାନବିକତା ବୋଧ। ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ଭାବରେ ଯଦି ଆମ ପାଖରେ ମାନବିକତା ନାହିଁ ତା'ହେଲେ ସେ ଜୀବନ ତୁଚ୍ଛ। ଜଣେ ଲୋକ ପ୍ରତିନିଧି ଭାବେ ସାଧାରଣ ମାନବର ବିକାଶ ଆମର ମୂଳଲକ୍ଷ୍ୟ ହେବା ଉଚିତ। ଯିଏ ଆମକୁ ନିଜର ଭାବି ଅନେକ ଆଶା ଭରସା ରଖି ଲୋକ ପ୍ରତିନିଧି ଭାବେ ଚୟନ କରୁଛନ୍ତି ସେମାନଙ୍କ ବିକାଶ ଆମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ଯେଉଁଠି ମୋ ଲୋକମାନେ ଭୋକ ଉପାସରେ ଶଢ଼ୁଛନ୍ତି, ରୋଗରେ ପଡ଼ି ଚିତ୍କାର କରୁଛନ୍ତି, ଦେହକୁ ଖଣ୍ଡେ କନା କି ପେଟକୁ ମୁଠେ ଦାନା ଯୋଗାଡ଼କରି ପାରୁନାହାନ୍ତି, ମୁଣ୍ଡ ଗୁଞ୍ଜିବାକୁ ଚାଖଣ୍ଡେ ଛାତ ନାହିଁ ସେଠି ମୋର ଅସ୍ତିତ୍ୱ କ'ଣ..... ଏଇ ପ୍ରଶ୍ନ ଜଣେ ଲୋକ ପ୍ରତିନିଧି ହିସାବରେ ଆମେ ନିଜେ ନିଜକୁ ପଚାରିବା ଉଚିତ। ଯଦି ଉତ୍ତର ହଁ, ତା'ହେଲେ ଆମେ ନିଶ୍ଚିତ ବିଜୟ ଲାଭ କରିବା ଏଥିରେ ସନ୍ଦେହ ନାହିଁ। ଭଗବାନ୍‌ଙ୍କର ଅଦୃଶ୍ୟ ଆଖି ଦୁଇଟି ଆମ ଚତୁଃପାର୍ଶ୍ୱରେ ସର୍ବଦା ଘୂରିବୁଲୁଛି। ଆମ ପାପପୁଣ୍ୟର ହିସାବ କରୁଛି। ଅପେକ୍ଷା କେବଳ ଶୁଣାଣିର। ସବୁରି କଣ୍ଠରେ ଏବେ ଶୁଭୁଛି -ଦେଶବାସୀ ପଛେ ମିଶନ୍ତୁ ମାଟିରେ, ମୋ ସ୍ୱାର୍ଥ ଥାଉ ସବୁରି ଊର୍ଦ୍ଧ୍ୱରେ। ନା, ଆଜ୍ଞା, ଏଇ ପଂକ୍ତି ନୁହେଁ ବରଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ସେଇ ପଂକ୍ତି ଆମ ହୃଦୟରେ ଗୁଞ୍ଜରିତ ହେବା ଉଚିତ।

''ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।''

ମୋ: ୯୮୬୧୧୯୨୪୪୫

## ଏଇ ଭାରତରେ

ଉତ୍ତରାଖଣ୍ଡରେ ପାଇନ ଗଛର ଶୁଷ୍କପତ୍ର (ପାଇନ ନିଡଲ୍ସ) ବନାଗ୍ନିର ଏକ ବଡ଼ କାରଣ ବୋଲି କୁହାଯାଉଛି। ଏହା ବର୍ଷ ବର୍ଷ ଧରି ଗଛମୂଳରେ ଜମା ହୋଇ ରହିବା ଫଳରେ ନିଆଁ ବ୍ୟାପିବାରେ ସାହାଯ୍ୟ କରୁଛି। ତେବେ ଏହି ପାଇନ ନିଡଲ୍ସ ବର୍ଜ୍ୟର ସଦ୍‌ଉପଯୋଗ କରୁଛନ୍ତି ଦୁଇ ଭଉଣୀ ନୂପୁର ଓ ସାବିତ୍ରୀ ପୋହାରକର। ସେମାନେ ପାଇନ୍ସ ନିଡଲ୍ସରୁ ସର୍ଭିଂ ଟ୍ରେ, ଷ୍ଟୋରେଜ ବକ୍ସ, ଟେବୁଲ ମ୍ୟାଟ ଆଦି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ସେମାନେ 'ପିରୁଲ ହ୍ୟାଣ୍ଡିକ୍ରାଫ୍ଟ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ପ୍ରଥମେ ୨୦୨୧ରେ ସେମାନେ ୧୫ ଜଣ ମହିଳାଙ୍କୁ ନେଇ ପାଇନ ନିଡଲ୍ସରୁ ଉତ୍ପାଦ ତିଆରି କରିବା ଆରମ୍ଭ କରିଥିଲେ। ଏବେ ତାଙ୍କ ସଂସ୍ଥାରେ ୮ଟି ଗାଁର ପାଖାପାଖି ୧୦୦ ମହିଳା କାମ କରୁଛନ୍ତି। ମହିଳାମାନେ ଏବେ ସୁଦ୍ଧା ୧୨,୦୦୦ ଉତ୍ପାଦ ବିକ୍ରି କରିସାରିଲେଣି। ଏଥିରେ ମୋଟ ୨୦,୦୦୦ କେଜି ପାଇନ ନିଡଲ୍ସ ବ୍ୟବହାର କରିସାରିଲେଣି। ବିଶେଷକରି ବେଙ୍ଗାଲୁରୁ, ଦିଲ୍ଲୀ, ହାଇଦ୍ରାବାଦ ସମେତ ଭାରତର ଅନ୍ୟ ବୃହତ୍ ସହରଗୁଡ଼ିକରେ ବିକ୍ରି କରାଯାଉଛି। ସେମାନେ ଏହାକୁ ମଧ୍ୟ ଆମେରିକାକୁ ପଠାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୬ ମେ ୧୯୭୫

- ରାଜ୍ୟ ଅତିରିକ୍ତ ବିକ୍ରିକର ବିଲ୍ ରାଷ୍ଟ୍ରପତିଙ୍କ ସ୍ୱୀକୃତିଲାଭ ପରେ ଆଇନରେ ପରିଣତ।
- ଭାରତରେ ମିଳିତ ଆରବ ଏମିରେଟର ନୂଆ ରାଷ୍ଟ୍ରଦୂତ ରୂପେ ଅହମ୍ମଦ ଅବଦୁଲ ଲତିଫ ରାସେଦ ନିଯୁକ୍ତ।
- ଶ୍ରୀଲଙ୍କାର ବିରୋଧୀଦଳ ନେତା ତଥା ଦକ୍ଷିଣପନ୍ଥୀ ମିଳିତ ଜାତୀୟ ଦଳର ସଭାପତି ଜେ. ଆର. ଜୟେଜଦେନେ ଜାତୀୟ ଆସେମ୍ବ୍ଲିର ତାଙ୍କ ଆସନରୁ ଇସ୍ତଫା ଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 5 | | 6 | 4 | |
| | 4 | | | | | 5 | | |
| | | | | | 9 | | 8 | 3 |
| | | 1 | | | 4 | 7 | | |
| | | | 5 | | | | 2 | |
| | 8 | | | | | 3 | | |
| 4 | | 3 | | | | | 5 | |
| 9 | 5 | 8 | 4 | | | | | 7 |
| | 2 | | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 5 | 2 | 4 | 9 | 7 | 8 | 6 |
| 6 | 8 | 4 | 5 | 3 | 7 | 1 | 2 | 9 |
| 2 | 7 | 9 | 1 | 8 | 6 | 5 | 4 | 3 |
| 3 | 1 | 6 | 4 | 7 | 8 | 2 | 9 | 5 |
| 9 | 5 | 8 | 6 | 1 | 2 | 4 | 3 | 7 |
| 4 | 2 | 7 | 3 | 9 | 5 | 8 | 6 | 1 |
| 7 | 6 | 1 | 8 | 2 | 3 | 9 | 5 | 4 |
| 8 | 9 | 3 | 7 | 5 | 4 | 6 | 1 | 2 |
| 5 | 4 | 2 | 9 | 6 | 1 | 3 | 7 | 8 |

ଗତକାଲିର ଉତ୍ତର

# ଚାରି ଦୁଆର ଓ ରତ୍ନ ଭଣ୍ଡାର



ହରିଶଙ୍କର ମିଶ୍ର

ପୁରୀ ସହର ବା ଜିଲ୍ଲା ନୁହେଁ ବରଂ ରାଜ୍ୟ ଓ ରାଜ୍ୟ ବାହାରେ ଏପରି କି ବିଦେଶରେ ରହୁଥିବା ସମସ୍ତ ଶ୍ରୀଜଗନ୍ନାଥପ୍ରେମୀଙ୍କ ମନରେ ଶ୍ରୀମନ୍ଦିରର ଚାରି ଦ୍ୱାର ଏବଂ ରତ୍ନଭଣ୍ଡାର ଖୋଲାଯିବାର ଉତ୍କଣ୍ଠା ବଢ଼ିଚାଲିଛି। କିନ୍ତୁ ସରକାରଙ୍କ ଅହେତୁକ ନୀରବତା ଯୋଗୁ ଏହା କ୍ରମଶଃ ଜଟିଳ ହେବାକୁ ଯାଉଥିବା ବେଳେ କିପରି ଓ କାହିଁକି ଏଭଳି ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ବିଷୟକୁ ଏଡ଼ାଇ ଦିଆଯାଉଛି ତାହା ସଭିଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଚାରି ଦୁଆରର ସ୍ୱତନ୍ତ୍ରତା ରହିଛି। ସିଂହଦ୍ୱାରକୁ ଧର୍ମ ଦ୍ୱାର, ଦକ୍ଷିଣ ଦ୍ୱାରକୁ ଅର୍ଥ ଦ୍ୱାର, ପଶ୍ଚିମ ଦ୍ୱାରକୁ କାମ ଦ୍ୱାର ଓ ଉତ୍ତର ଦ୍ୱାରକୁ ମୋକ୍ଷ ଦ୍ୱାର କୁହାଯାଏ। ଉତ୍ତର ଦ୍ୱାର ଦେଇ ଶ୍ରୀଜୀଉମାନଙ୍କର ମହାଦାରୁ କୋଇଲି ବୈକୁଣ୍ଠକୁ ଯାଇଥାଏ। ଏହି ଦ୍ୱାର ସୂର୍ଯ୍ୟାସ୍ତ ପରେ ବନ୍ଦ କରାଯିବା ପାଇଁ ଶାସ୍ତ୍ରୀୟ ବିଧି ରହିଛି। କରୋନା ମହାମାରୀ ସଂକ୍ରମଣ ପୂର୍ବରୁ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲା ରହୁଥିଲା। ସଂଧ୍ୟା ପୂର୍ବରୁ ଚାରି ଦ୍ୱାର ଓ ସୂର୍ଯ୍ୟାସ୍ତ ପରେ ତିନି ଦ୍ୱାରରେ ଭକ୍ତମାନେ ପ୍ରବେଶ ପ୍ରସ୍ଥାନ କରୁଥିଲେ। ବିଶେଷ ପର୍ବଦିନ ବ୍ୟତୀତ ଅନ୍ୟ ଦିନରେ ଭିଡ଼ ନିୟନ୍ତ୍ରଣ ଅନାବଶ୍ୟକ ଥିଲା। କିନ୍ତୁ ସ୍ଥାନୀୟ ସଂଗଠନ ଓ ଅଧିବାସୀଙ୍କ ବିରୋଧ ସତ୍ତ୍ୱେ ଭକ୍ତଙ୍କ ଦର୍ଶନ ପାଇଁ ଅବାଞ୍ଛିତ ଓ ଅନାବଶ୍ୟକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇ ଭକ୍ତମାନେ ସୁବିଧାରେ ଶ୍ରୀମନ୍ଦିରରେ ଦର୍ଶନ କରୁଛନ୍ତି ବୋଲି ପ୍ରଚାର କରାଗଲା। କିନ୍ତୁ ଭକ୍ତ ସଂଖ୍ୟା ବଢ଼ି ନ ଥିଲେ ମଧ୍ୟ ପ୍ରଚାରକୁ ପ୍ରମାଣିତ କରିବାକୁ କୃତ୍ରିମ ଭିଡ଼ ସୃଷ୍ଟି କରାଯାଇ ତାହାକୁ ମଧ୍ୟ ସୁନିୟନ୍ତ୍ରିତ କରାଯାଉଥିବା ଗଣମାଧ୍ୟମରେ ପ୍ରଚାର କରାଗଲା।

କରୋନା ସଂକ୍ରମଣଜନିତ କଟକଣା ଲାଗୁ ହେବାରେ ଶ୍ରୀମନ୍ଦିର ପ୍ରବେଶ ପ୍ରାୟ ଦୁଇବର୍ଷ ନିଷେଧ ହୋଇଥିଲା। ମନ୍ଦିର ଖୋଲାଯିବା ପରେ ଭକ୍ତଙ୍କ ସଂଖ୍ୟା ଅବଶ୍ୟ କିଛି ବଢ଼ିଲା। କିନ୍ତୁ ଏହାର ସୁଯୋଗ ନେଇ ବନ୍ଦ ପୂର୍ବରୁ ହୋଇଥିବା ଧାଡ଼ି ଦର୍ଶନ ସହ କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କୁ ମନ୍ଦିର ପ୍ରବେଶ କରାଗଲା ଏବଂ ଭକ୍ତଙ୍କ ସୁବିଧା ନାମରେ ବ୍ୟାରିକେଡ୍,ବିଶ୍ରାମ ସ୍ଥଳୀ ଏବଂ ପରେ ତାପନିୟନ୍ତ୍ରଣ ବ୍ୟବସ୍ଥା କରାଗଲା। ଏଥିରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଏବଂ ବହୁଲକ୍ଷ ଟଙ୍କା ବିଦ୍ୟୁତ ଦେୟ ବାବଦରେ ଖର୍ଚ୍ଚ ସତ୍ତ୍ୱେ ଭକ୍ତଙ୍କ କଷ୍ଟ ଯେ ବଢ଼ିଛି ଏହା ପ୍ରତ୍ୟେକ ଦିନର ଖବର ଓ ଭକ୍ତଙ୍କର ଅନୁଭବ ହୋଇଯାଇଛି। କିଛି ଦିନ ପୂର୍ବରୁ ବହୁ ଦାବି ଯୋଗୁ ପଶ୍ଚିମ ଦ୍ୱାର କେବଳ ପୁରୀ ସହରବାସୀଙ୍କ ପାଇଁ ଖୋଲିଥିଲେ ବି ଏହା ପଛରେ ଅଭିସନ୍ଧି ରହିଥିଲା। ଏବେ ପୁରୀ ସହରବାସୀଙ୍କ ଅପେକ୍ଷା ଏହି ଦ୍ୱାର ଯାତ୍ରୀ ଗୁମାସ୍ତାଙ୍କର ଯାତ୍ରୀମାନଙ୍କୁ ନେବା ପାଇଁ ଅଧିକ ଉପଯୋଗୀ ହେଉଛି। ଏହି ବାସ୍ତବତା ପ୍ରତ୍ୟେକ ଭକ୍ତ ଅନୁଭବ କରୁଛନ୍ତି ଯେ ଧାଡ଼ି ସିଂହ ଦ୍ୱାରରେ ଶେଷ ହେଉଥିବା ବେଳେ ମନ୍ଦିର ଭିତରେ ଭିଡ଼ ଅଣାୟତ୍ତ ହେଉଛି। କିନ୍ତୁ ତା'ର ପ୍ରତିକାର ପରିବର୍ତ୍ତେ କେଉଁ ସ୍ୱାର୍ଥରେ ସମସ୍ତ ଦ୍ୱାରରେ ପ୍ରବେଶ ନିଷେଧ ହେଉଛି ତାହା ଏବେ ବି ପ୍ରଶ୍ନରେ ରହିଛି।



ଦ୍ୱିତୀୟ କଥା ହେଉଛି ରତ୍ନ ଭଣ୍ଡାର ଖୋଲିବା ପ୍ରସଙ୍ଗ। ଶ୍ରୀମନ୍ଦିର ଆଇନରେ ପ୍ରତି ତିନିବର୍ଷରେ ରତ୍ନ ଭଣ୍ଡାରର ରତ୍ନ ଗଣତି ମଣତି ହେବାର ନିୟମ ରହିଥିବା ସତ୍ତ୍ୱେ ଏହା ୧୯୭୮ପରେ ଖୋଲା ଯାଇନାହିଁ। ରତ୍ନଭଣ୍ଡାର ଖୋଲାଯିବା କେବେ ପ୍ରସଙ୍ଗ ନ ଥିଲା। ଜଣେ ସାମାଜିକ କର୍ମୀ ନିର୍ଦ୍ଦିଷ୍ଟ ବର୍ଷର ଦୁଇଟି ତାରିଖ ଏବଂ ସମୟ, ଜଣାଇ ରତ୍ନ ଭଣ୍ଡାରରୁ ରତ୍ନ ଚୋରିର ସେ ପ୍ରତ୍ୟକ୍ଷ ସାକ୍ଷୀ ବୋଲି ବୟାନ ଦେବାପରେ ଏହି ପ୍ରସଙ୍ଗଟି ଆଲୋଚନା ପରିସରକୁ ଆସିଲା। ସେ ଏହା ମଧ୍ୟ କହିଲେ ଯେ, ଯଦି ରତ୍ନଭଣ୍ଡାର ଯାଞ୍ଚ ପରେ ସମସ୍ତ ରତ୍ନ ସୁରକ୍ଷିତ ବୋଲି ଜଣାଯାଏ ତେବେ ସେ ଯେ କୌଣସି ଦଣ୍ଡକୁ ଗ୍ରହଣ କରିନେବେ। ଏହି ମନ୍ତବ୍ୟ ପରେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ କୌଣସି ଗୁରୁତ୍ୱ ଦେଲେ ନାହିଁ। କିନ୍ତୁ ଜଣେ ସାମାଜିକ କର୍ମୀ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ମାମଲା କଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ସତର ଜଣିଆ ଦଳ ଜିଲାପାଳଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରବେଶ କରିବା, ଯାହା ଜାଣିଲେ ତାହା ବାହାରେ ପ୍ରକାଶ ନ କରିବାକୁ ଶପଥ ନେବା, ଚାବି ମିଳିଲାନି ବୋଲି ପ୍ରକାଶ କରିବା, ଦୁଇଦିନ ପରେ ଖୋଦ ଜିଲାପାଳ ତାଙ୍କର କାର୍ଯ୍ୟାଳୟରୁ ନକଲି ଚାବି ମିଳିବା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ବି ଚାବି ନ ଦେଖାଇବା, ଚାବି ହଜିବା ସମ୍ପର୍କରେ ସରକାର ତତ୍କାଳ ରଘୁବର ଦାସ କମିଶନ ଗଠନ କରିବା, ତଦନ୍ତ ରିପୋର୍ଟ ବିଧାନସଭାରେ ଆଲୋଚନା ନ ହେବା ଆଦି ତଥ୍ୟ ଗଣମାଧ୍ୟମରେ ବହୁଳ ଭାବେ ଆଲୋଚନା ହେଲା। ଏହା ସତ୍ୟ ଯେ ସରକାର କୌଣସି ଗମ୍ଭୀର ପ୍ରସଙ୍ଗ ଏଡ଼ାଇବାକୁ ଅନ୍ୟ ପ୍ରସଙ୍ଗ ସୃଷ୍ଟି କରୁଥିବା ନଜିର ରହିଛି। ଶ୍ରୀଜଗନ୍ନାଥପ୍ରେମୀଙ୍କୁ ଭ୍ରମିତ କରିବାକୁ ଏହି ଧାଡ଼ି ଦର୍ଶନ ବ୍ୟବସ୍ଥା ଯେ ସୁଚିନ୍ତିତ ଯୋଜନା ଏଥିରେ ସାମାନ୍ୟ ସନ୍ଦେହ ନାହିଁ।

କିନ୍ତୁ ଏହାପରେ ସୃଷ୍ଟି ହେଲା ଅନ୍ୟ ଏକ ସ୍ପର୍ଶ କାତର ପ୍ରସଙ୍ଗ। ପୁରୀର ତତ୍କାଳୀନ ଜିଲାପାଳ ତଥା ରତ୍ନଭଣ୍ଡାର ତନଖି କମିଟିର ପୁରୋଧା ସ୍ୱୀକାର କଲେ ଯେ ରତ୍ନଭଣ୍ଡାରର ଭିତର କାନ୍ଥ ସୁରକ୍ଷିତ ନୁହେଁ। ସେଥିପାଇଁ ରତ୍ନଭଣ୍ଡାର ଖୋଲାଯିବା ଅପରିହାର୍ଯ୍ୟ। କିନ୍ତୁ ତାହାକୁ ମଧ୍ୟ ଏଡ଼ାଇବାକୁ ଶ୍ରୀଜଗନ୍ନାଥ ନ ଚାହିଁଲେ ରତ୍ନଭଣ୍ଡାର ଖୋଲିବା ସମ୍ଭବ ନୁହେଁ, ଶ୍ରୀଲୋକନାଥ ସାପ ରୂପରେ ରତ୍ନ ଭଣ୍ଡାର ଜଗିଥିବା ସର୍ବୋପରି ରତ୍ନ ଭଣ୍ଡାର ଖୋଲିଲେ ସରକାର ଭାଙ୍ଗିଯିବ ଆଦି କପୋଳକଳ୍ପିତ ଏବଂ ପ୍ରାୟୋଜିତ ମତ ମାଧ୍ୟମରେ ପୁନଶ୍ଚ ସରକାରଙ୍କୁ ପ୍ରଭାବିତ କରାଗଲା। ଏଠାରେ ସ୍ପଷ୍ଟ କରାଯିବା ଉଚିତ ଯେ ପୂର୍ବରୁ ରତ୍ନ ଭଣ୍ଡାର ଖୋଲିଥିଲେ ମଧ୍ୟ ସରକାରଙ୍କ ସ୍ଥିତିରେ କୌଣସି ବିପଦ ଆସିନାହିଁ। ଏହି ମିଥ୍ୟା ପ୍ରଚାର ସହ ଶ୍ରୀମନ୍ଦିର ପ୍ରଶାସନ ଏଂ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଅସାଧୁ ମଧୁଚନ୍ଦ୍ରିକା ରତ୍ନଭଣ୍ଡାର ଖୋଲିବା ଓ ମରାମତି ପାଇଁ ବାଧକ ହେଲା। ଲେଜର ସ୍କାନିଂ ଏବଂ କମିଟି ଗଠନ ଆଦି ଦୀର୍ଘ ସୂତ୍ର ପନ୍ଥା ଗ୍ରହଣ କରାଯିବା ଏବଂ ଏଭଳି ଗମ୍ଭୀର ବିଷୟକୁ ଭାରତର ପ୍ରଧାନମନ୍ତ୍ରୀ ନିର୍ବାଚନୀ ମୁଦ୍ଦା କରିସାରିଥିବା ବେଳେ ରାଜ୍ୟ ସରକାରଙ୍କ ଆଚରଣର ଯେଉଁ ପ୍ରଶ୍ନ ଆଜି ଶ୍ରୀଜଗନ୍ନାଥପ୍ରେମୀଙ୍କ ମନକୁ ଆସୁଛି ତାହା ହେଲା ରତ୍ନ ଭଣ୍ଡାରରେ ରତ୍ନ ସୁରକ୍ଷିତ ଅଛି ତ? ଦ୍ୱିତୀୟ ପ୍ରଶ୍ନ ସତରେ କ'ଣ ଚାରି ଦ୍ୱାର ଖୋଲାଯାଇ ଭକ୍ତଙ୍କୁ ନିର୍ବିରୋଧ ଦର୍ଶନ ସୁଯୋଗ ମିଳିବ? କିନ୍ତୁ ଉତ୍ତର ଦେବ କିଏ?

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ପାଠକ ଶ୍ରେଷ୍ଠ ବିଚାରକ

### ଆରମ୍ଭରୁ କମ୍ପ୍ୟୁଟର ଶିକ୍ଷା ଦିଆଯାଉ

ମହାଶୟ,

ବର୍ତ୍ତମାନ ସମୟକୁ କମ୍ପ୍ୟୁଟର ଯୁଗ ବା ସାଇବର ଯୁଗ ବୋଲି କୁହାଯାଉଛି। ଏହାକୁ ପ୍ରାଥମିକତା ତଥା ପ୍ରାଧାନ୍ୟ ଦେଇ ଅଧିକାଂଶ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ ହେଉଛି। କିନ୍ତୁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ପ୍ରାୟତଃ ଏ ପ୍ରକାର ସୁବିଧା ନାହିଁ। ଯେଉଁଠି ସରକାରୀ ଓଡ଼ିଆ ବିଦ୍ୟାଳୟଗୁଡ଼ିକ ଭିତ୍ତିଭୂମି ଓ ଶିକ୍ଷକ ଅଭାବ ସମସ୍ୟାରେ ଜର୍ଜରିତ ସେଠାରେ କମ୍ପ୍ୟୁଟର ଶିକ୍ଷା କଥା ପଚାରେ କିଏ। ତେଣୁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକ ପ୍ରତି ଲୋକଙ୍କର ଆଗ୍ରହ, ଆସ୍ଥା ଓ ବିଶ୍ୱାସ ଜନ୍ମାଇବା ପାଇଁ କମ୍ପ୍ୟୁଟର ଶିକ୍ଷା ନିମନ୍ତେ ସରକାର ଅଧିକ ମାତ୍ରାରେ କ୍ରିୟାଶୀଳ ଯୋଜନା ପ୍ରଣୟନ କରିବାର ସମୟ ଉପଗତ।

–ଡ. ସୀତାକାନ୍ତ ତ୍ରିପାଠୀ, ଅନ୍ନପାଳ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମରମ ମରୁ ହେଉ ସୁରଭି
ନନ୍ଦନ ହେ ନନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ




# ବନ୍ଧୁକ ମୁନରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟ୍

ନନ୍ଦାହାଣ୍ଡି/ନବରଙ୍ଗପୁର, ୧୫ା୫, (ପ୍ରତୀପ କୁମାର ଦାଶ/ ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ଗ୍ରାମର ଜଣେ ଶିକ୍ଷୟିତ୍ରୀଙ୍କ ଘରୁ ମଙ୍ଗଳବାର ରାତିରେ ବଡ଼ ଧରଣର ଡକାୟତି ହୋଇଛି। ୮ଜଣ କଳାମୁଖାଧାରୀ ଦୁର୍ବୃତ୍ତ ବନ୍ଧୁକ ମୁନରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବୁଧବାର ସକାଳେ ଶିକ୍ଷୟିତ୍ରୀଙ୍କ ପରିବାର ଲୋକେ ଡଙ୍ଗରଭେଜା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ମଙ୍ଗଳବାର ମଧ୍ୟରାତ୍ରରେ ୮ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଡଙ୍ଗରଭେଜା ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ବିଜେଡି ନେତା ସୁନୀଲ ସାହୁଙ୍କ ପୈତୃକ ଘରେ ଭଡ଼ାରେ ରହୁଥିବା ଶିକ୍ଷୟିତ୍ରୀଙ୍କ ଗ୍ରୀଲ ଭାଙ୍ଗି ଘରେ ପଶିଥିଲେ। ଘରେ ଉପସ୍ଥିତ ଥିବା ନନ୍ଦାହାଣ୍ଡି ବ୍ଲକ ଉସୁରିପଦର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କୁମୁଦିନୀ ବେହେରା ଓ ତାଙ୍କ ସ୍ୱାମୀ ରୋହିତ ବେହେରାଙ୍କ ସହ ଦୁଇ ଛୋଟ ଶିଶୁଙ୍କ ମୁଣ୍ଡରେ ବନ୍ଧୁକ ରଖି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ସେମାନେ ଆଲମିରା ଭାଙ୍ଗି ସେଥିରେ ଥିବା ସମସ୍ତ ସୁନାଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ଏହା ସହ ବ୍ୟବସାୟୀ ସୁନୀଲ ସାହୁଙ୍କ କୋଠରି ବିଷୟରେ ପଚାରି ସେଠାରେ ମଧ୍ୟ ତନାଘନା କରିଥିଲେ। ଡକାୟତମାନେ ୪ ସୁନାଚେନ୍, ୧୨ଟି ମୁଦି , ଗୋଟିଏ ସୁନାହାର, ୪ ହଳ ସୁନାଚୁଡ଼ି, ୩ଟି ମଙ୍ଗଳସୂତ୍ର, ୪ ହଳ କାନଫୁଲ, ୪ ହଳ ପାଉଁଜି, ଗୋଟିଏ ସୁନା ଲକେଟ ଓ ଛୋଟ ଛୁଆଙ୍କ ଦୁଇଟି ସୁନା ମୁଦି ଏବଂ ୧୭୦୦ ଟଙ୍କା ନଗଦ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ ହୋଇଥିବା ଟଙ୍କା ଓ ସୁନାଗହଣାର ଆନୁମାନିକ ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ଶିକ୍ଷୟିତ୍ରୀ କହିଛନ୍ତି। ଲୁଟ୍ କରିବାକୁ ୮ଜଣ ଦୁର୍ବୃତ୍ତ ଆସିଥିବା ବେଳେ ୬ଜଣ ଡକାୟତଙ୍କ ହାତରେ ପିସ୍ତଲ ଥିବାବେଳେ ୨ଜଣଙ୍କ ହାତରେ ଖଣ୍ଡା ଥିବା ଶିକ୍ଷୟିତ୍ରୀଙ୍କ ସ୍ୱାମୀ କହିଛନ୍ତି। ଗ୍ରାମାଞ୍ଚଳରେ ଏଭଳି ଘଟଣା ପ୍ରଥମ ଥର ପାଇଁ ହୋଇଥିବାବେଳେ ଏହାକୁ ନେଇ ଭୟର ବାତାବରଣ ଦେଖାଦେଇଛି। ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ଏସ୍ଆଇ ସବୀର ଅହମ୍ମଦ ସାଇଣ୍ଟିଫିକ ଟିମ୍ ସହ ଘଟଣାର ତଦନ୍ତ କରୁଛନ୍ତି। ଖୁବ୍ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ନବରଙ୍ଗପୁର ପୋଲିସ ସୂଚନା ଦେଇଛି।

# ପୂର୍ବତନ ମନ୍ତ୍ରୀ ଉମ୍ବରୁଧର ଉଲ୍ଲାକାଙ୍କ ପରଲୋକ



ରାୟଗଡ଼ା/ବିଷମକଟକ, ୧୫ା୫(ଆଶିଷ ରଞ୍ଜନ ପଣ୍ଡା/ ବିଭୂତି ଭୂଷଣ ନାୟକ)

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଉମ୍ବରୁଧର ଉଲ୍ଲାକାଙ୍କ ପରଲୋକ ଘଟିଛି। ୮୭ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ହୋଇଯାଇଛି। ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନମଣ୍ଡଳୀରୁ ସେ ୭ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଭିନ୍ନ ବିଭାଗରେ ସେ ୨ ଥର ମନ୍ତ୍ରୀ ଥିଲେ।

ଉମ୍ବରୁଧରଙ୍କ ମୃତ୍ୟୁ ବେଳକୁ ତାଙ୍କ ନିକଟରେ ସ୍ତ୍ରୀ, ୨ ପୁତ୍ର ଓ ୩ କନ୍ୟା ଉପସ୍ଥିତ ଥିଲେ। ବୁଧବାର ସନ୍ଧ୍ୟାରେ ଉଲ୍ଲାକାଙ୍କ ମରଶରୀର ନିଜ ଗାଁ କୋଲନରା ବ୍ଲକ୍ ବାଙ୍କିଲିରେ ପହଞ୍ଚିଥିଲା। ଗୁରୁବାର ସେଠାରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପୁଅ ନୀଳମାଧବ ଉଲ୍ଲାକା ସୂଚନା ଦେଇଛନ୍ତି। ଉମ୍ବରୁଧରଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ଏମ୍ପି ସପ୍ତଗିରି ଉଲ୍ଲାକା, ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଜିଲାକାରା, କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ, ମନ୍ତ୍ରୀ ଜଗନ୍ନାଥ ସାରକା, ବିଜେଡି ଜିଲା ସଭାପତି ଏନ୍. ଭାସ୍କର ରାଓ, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବଶଙ୍କର ଉଲ୍ଲାକା, ଜିଲା ସଭାପତି ଶିବ ପଟ୍ଟନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତେବେ ଚଳିତ ନିର୍ବାଚନରେ ତାଙ୍କ ପୁଅ ନୀଳମାଧବ ଉଲ୍ଲାକା ସ୍ୱାଧୀନ ପ୍ରାର୍ଥୀ ଭାବେ ବିଷମକଟକ ଆସନରୁ ନିର୍ବାଚନ ଲଢ଼ିଛନ୍ତି।

# ଶାମାଖୁଣ୍ଟାରେ ବାଘ ଆତଙ୍କ

ବାରିପଦା, ୧୫ା୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ୍ ଅଧୀନ ଜଗନ୍ନାଥପୁର ଗ୍ରାମରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ଶିମିଳିପାଳ ଅଭୟାରଣ୍ୟରୁ ବାଟବଣା ହୋଇ ବାଘଟି ଗାଁରେ ପଶିଛି। ଖବରପାଇ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ବାଘକୁ ଅକ୍ତିଆର କରିବାକୁ ଚେଷ୍ଟା ଚଳାଇଛନ୍ତି। ବାଘ ଆକ୍ରମଣରୁ ଜଣେ ଅଧିକାରୀ ଅଳ୍ପକେ ବର୍ତ୍ତିଯାଇଥିବା ସୂଚନା ମିଳିଛି। ଏନେଇ ଗାଁ ଲୋକେ ଭୟଭୀତ ହୋଇପଡ଼ିଥିବା ବେଳେ ଘରୁ ବାହାରୁ ନାହାନ୍ତି।

ସୂଚନାଯୋଗ୍ୟ, ବାରିପଦା ମୁଖ୍ୟାଳୟରୁ ୮ କି.ମି. ଦୂର ଜଗନ୍ନାଥପୁର ଗାଁରେ ବୁଧବାର ଏକ କଲରାପତରିଆ ବାଘ ପଶିଥିବା ନେଇ ଲୋକେ ଦେଖିଥିଲେ। ବାଘଟି ଦିନବେଳା ଏକ ବାଉଁଶବଣ ମଧ୍ୟରେ ଲୁଚି ରହିଥିଲା। ଗ୍ରାମବାସୀ ବନ ବିଭାଗକୁ ଖବର ଦେବା ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଓ କର୍ମଚାରୀମାନେ ସଦଳବଳ ପହଞ୍ଚିଥିଲେ। ବାଘକୁ ଅକ୍ତିଆର କରିବା ପାଇଁ ଯନ୍ତା ଓ ଆବଶ୍ୟକ ସାମଗ୍ରୀ ବ୍ୟବହାର କରିଥିଲେ। ଡ୍ରୋନ୍ କ୍ୟାମେରା ଜରିଆରେ ବାଘକୁ ପ୍ରଥମେ ଠାବ କରିଥିଲେ। ବାଘକୁ ଟ୍ରାଙ୍କୁଲାଇଜ୍ କରିବା ସମୟରେ ତାହା ବାଉଁଶରେ ବାଜିବାରୁ ବାଘଟି ଗର୍ଜନକରି ବନ ଅଧିକାରୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ବାରିପଦା ଡିଭିଜନର ରେଞ୍ଜ ଅଫିସର ଶ୍ରଦ୍ଧୟ କୁମାର ମନ୍ତ୍ରୀ ଓ କର୍ମଚାରୀମାନେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବାଘଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରିଛନ୍ତି। ଘରୁ ବାହାରିବା ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ସୂଚନା ଦେଉଛନ୍ତି। ଏପରିକି ବୃଦ୍ଧାବୃଦ୍ଧ ଓ ଶିଶୁମାନେ ଘରୁ ବାହାରିବା ସମୟରେ ସ୍ୱତନ୍ତ୍ର ଧ୍ୟାନଦେବାକୁ ପରାମର୍ଶ ଦେଇଛନ୍ତି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବାଘକୁ ଧରିବାରେ ବନ ବିଭାଗ ସକ୍ଷମ ହୋଇପାରି ନ ଥିଲା।



ବାଘକୁ କାବୁ କରିବା ପାଇଁ ଯନ୍ତା ଧରି ଆସିଥିବା ବନ କର୍ମଚାରୀମାନେ।

# ବିଦେଶରେ ପରିଚୟ ପାଇବ କଳାହାଣ୍ଡିର ଦିବ୍ୟାଙ୍ଗ ଅନାଥ ଶିଶୁ

ଭବାନୀପାଟଣା, ୧୫ା୫ (ଉତ୍ତମ କୁମାର ଦାଶ)

ଦୁଇ ସନ୍ତାନ ଥାଇ ବି ଜଣେ ଦିବ୍ୟାଙ୍ଗ ଅନାଥ ଶିଶୁକୁ ନିଜର କରିଛନ୍ତି ଏକ ବିଦେଶୀ ଦମ୍ପତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଗମ୍ଭାରୀଗୁଡା ଯଶୋଦା ଅନାଥ ଆଶ୍ରମରେ। ଆମେରିକାର କାଲିଫର୍ଣ୍ଣିଆ ପ୍ରଦେଶରୁ ଏକ ବିଦେଶୀ ଦମ୍ପତି ଆସି ଗୁରୁବାର ଯଶୋଦା ଅନାଥ ଆଶ୍ରମରେ ଥିବା ଅନାଥ ଦିବ୍ୟାଙ୍ଗ ଶିଶୁକନ୍ୟାକୁ ପୋଷ୍ୟ ଭାବେ ଗ୍ରହଣ କରିବା ସହିତ ତାକୁ ସାଙ୍ଗରେ ଧରି ନିଜ ଦେଶକୁ ଫେରିଛନ୍ତି। ଫଳରେ ଏବେ ଓଡ଼ିଆ ଶିଶୁ ବିଦେଶରେ ବଢିବା ସହିତ ନିଜର ପରିଚୟ ପାଇବ। ଶିଶୁକନ୍ୟାକୁ ହସ୍ତାନ୍ତର କରି ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଭଗବାନଙ୍କୁ ଆଶୀର୍ବାଦ ମାଗିଛନ୍ତି ଅନାଥ ଆଶ୍ରମର ପୁରୋଧା ଶ୍ୟାମ ସୁନ୍ଦର ଜାଲ ତାଙ୍କ ପତ୍ନୀ କସ୍ତୁରୀ। ସେପଟେ ଦିବ୍ୟାଙ୍ଗ ଶିଶୁକୁ ପୋଷ୍ୟ ଭାବେ ଗ୍ରହଣ କରିବା ପରେ ଉତ୍ସାହିତ ହୋଇଛନ୍ତି ବିଦେଶୀ ଦମ୍ପତି। ସୂଚନାଯୋଗ୍ୟ ଏହି ଆଶ୍ରମରେ ୭୮ ଜଣ ଶିଶୁ ରହିଛନ୍ତି। ଗତ ୩୨ବର୍ଷ ହେଲା କସ୍ତୁରୀ ନିଜ ସ୍ନେହ ମମତାରେ ବାନ୍ଧି ରଖିଛନ୍ତି ସମସ୍ତଙ୍କୁ। ପୂର୍ବରୁ ମଧ୍ୟ ଜଣେ ବିଦେଶୀ ଏଠାରୁ ଜଣେ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି।



ବିଦେଶୀ ଦମ୍ପତି ଦିବ୍ୟାଙ୍ଗ ଶିଶୁକନ୍ୟାକୁ ନେଉଛନ୍ତି।

# ଦୋଷୀ ଉମ୍ବରୁଧରଙ୍କୁ ଆଜୀବନ ଜେଲ

## ପେଟ୍ରୋଲ ଢାଳି ମହିଳାଙ୍କୁ ଜାଳିଦେବା ମାମଲା
## ୨୦ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୫ା୫(ସତ୍ୟଜିତ୍ ରାଉତ)

ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବାରୁ ଘଟାଇଥିଲେ ଉନ୍ମତ୍ତକାଣ୍ଡ। ଶେଷରେ ପ୍ରତିଶୋଧ ପରାୟଣ ହୋଇ ସୁବାସିନୀ ନାୟକ ନାମ୍ନୀ ମହିଳାଙ୍କୁ ପେଟ୍ରୋଲ ଢାଳି ଜାଳିଦେଇଥିଲେ। ପ୍ରାୟ ୭ବର୍ଷ ତଳେ ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ଏହି ଚର୍ଚ୍ଚିତ ହତ୍ୟା ମାମଲାରେ ବୁଧବାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଭୁବନେଶ୍ୱର ତୃତୀୟ ଅତିରିକ୍ତ ଦୌରା ଜଜ୍ ଅଭିଯୁକ୍ତ ପୁରୀ ଜିଲା ସଦର ଥାନା ସାନପଲ୍ଲୀର ଉମ୍ବରୁଧର ଦାସଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ ଜେଲଦଣ୍ଡ ହେବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ରାଶି ନ ଦେଇପାରିଲେ ଉମ୍ବରୁଧର ଅଧିକ ଏକ ବର୍ଷ ଜେଲରେ ରହିବେ ବୋଲି ବିଚାରପତି ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ମୃତା ସୁବାସିନୀ ୟୁନିଟ-୮ ନୀଳମଣି ବସ୍ତିସ୍ଥିତ ବାପଘର ନିକଟରେ ଏକ ସରକାରୀ ଜାଗାରେ ଘର କରି ପରିବାର ସହ ରହୁଥିଲେ। ତାଙ୍କ ସ୍ୱାମୀ ଏକ ଘରୋଇ ସ୍କୁଲରେ ପିଅନ ଭାବେ କାର୍ଯ୍ୟ କରନ୍ତି। ଘଟଣା ସମୟରେ ବଡ଼ପୁଅ ଯୁକ୍ତ୨ରେ ପଢୁଥିଲେ, ସାନ ଝିଅ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ତାଙ୍କ ଘର ନିକଟରେ ଦୋଷୀ ଉମ୍ବରୁଧର ରହି ବସ୍ ଡ୍ରାଇଭର ଭାବେ କାମ କରୁଥିଲେ। ସୁବାସିନୀଙ୍କୁ ଉମ୍ବରୁଧର ଏକତରଫା ପ୍ରେମ କରିଆସୁଥିଲେ। ହେଲେ ତାଙ୍କୁ ପ୍ରେମ ଜାଲରେ ଫସାଇବା ଲାଗି ସବୁପ୍ରକାର ଉଦ୍ୟମ ବିଫଳ ହେବାରୁ ସେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ୨୦୧୭ ଜୁନ ୭ ଅପରାହ୍ନ ୩ଟାରେ ସୁବାସିନୀ ଗାଧୁଆ ଘରେ ବାସନ ମାଜୁଥିଲେ। ଏପଟେ ବାପଘରକୁ ଆସିଥିବା ସୁବାସିନୀଙ୍କ ଭଉଣୀ ସୀତାରାଣୀ ଓ ଝିଅ ଘର ବାହାରେ ବସିଥିଲେ। ଏହି ସମୟରେ ଉମ୍ବରୁଧର ଏକ କଳା ଜରିରେ ପେଟ୍ରୋଲ ନେଇ ସୁବାସିନୀଙ୍କ ଘରେ ପଶିଯାଇଥିଲେ। ସୁବାସିନୀଙ୍କ ଉପର ହଠାତ୍ ପେଟ୍ରୋଲ ଢ଼ାଳି ଡିଆସିଲିରେ ନିଆଁ ଲଗାଇ ଉମ୍ବରୁଧର ଦୌଡ଼ି ପଳାଇଥିଲେ। ଫଳରେ ସୁବାସିନୀ ନିଆଁରେ ସମ୍ପୂର୍ଣ୍ଣ ପୋଡ଼ିହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ପ୍ରଥମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡିକାଲ ନେଇଥିଲେ। ସେପଟେ ଉମ୍ବରୁଧର ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରୁ ପୋଲିସ ଗିରଫ କରିଥିଲା। ତେବେ ଘଟଣାର ୫ଦିନ ପରେ ଅର୍ଥାତ୍ ଜୁନ୍ ୧୨ରେ ସୁବାସିନୀଙ୍କ ମୃତ୍ୟୁ ହୋଇଥିଲା। ଭଉଣୀ ସ୍ମିତାରାଣୀଙ୍କ ଏତଲାକ୍ରମେ ନୟାପଲ୍ଲୀ ଥାନାରେ ଏକ ମାମଲା (ନଂ.୧୯୯/୨୦୧୭) ରୁଜୁ ହୋଇଥିଲା। ତେବେ ଶୁଣାଣି ସମୟରେ ୧୩ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦୀପ୍ତ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସେବା ଜାରି

ଭୁବନେଶ୍ୱର, ୧୫ା୫(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ଘୋଷଣା କରାଯାଇଥିବା ବିଭିନ୍ନ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ପୁରୀ, ଖୋର୍ଦ୍ଧା ରୋଡ୍, କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ଶ୍ରୀକାକୁଲମ୍ ଓ ବିଶାଖାପାଟଣାରୁ ଚଳାଚଳ କରୁଛି। ପୁରୀରୁ ପାଟନା, ନିଜାମୁଦ୍ଦିନ, ନୂଆଦିଲ୍ଲୀ, ଆନନ୍ଦ ବିହାର, ଶାଲିମାର, ସାନ୍ତ୍ରାଗାଛି, ଉଧନା (ସୁରଟ), ଅହମଦାବାଦ ଏବଂ ଭଞ୍ଜପୁର (ବାରିପଦା)କୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଥିବାବେଳେ ଭୁବନେଶ୍ୱରରୁ ଧାନବାଦ, ଯଶବନ୍ତପୁର, ବେଙ୍ଗାଲୁରୁ, ଚେନ୍ନାଇ, ପୁଣେ, ମୁମ୍ବାଇ ସିଏସ୍ଏମ୍‌ଟି, ମୁମ୍ବାଇ ଏଲ୍‌ଟିଟିକୁ ସ୍ୱତନ୍ତ୍ର ଟ୍ରେନ୍ ଯାତାୟାତ କରୁଛି। ସେହିଭଳି ସମ୍ବଲପୁରରୁ ସ୍ୱତନ୍ତ୍ର ଟ୍ରେନ୍ ପୁଣେ, ଏରୋଡ୍, ବେଙ୍ଗାଲୁରୁ, କାଚେଗୁଡ଼ା ଏବଂ ଚେନ୍ନାଇ ଅଭିମୁଖେ ଯାତ୍ରା କରୁଥିବାବେଳେ ଖୋର୍ଦ୍ଧା ରୋଡ୍‌ରୁ ସିକନ୍ଦରାବାଦ ଏବଂ ବେଙ୍ଗାଲୁରୁ ପର୍ଯ୍ୟନ୍ତ, କଟକରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ବ୍ରହ୍ମପୁରରୁ ସୁରଟ, ଅହମ୍ମଦାବାଦ, ସିକନ୍ଦରାବାଦ ଏବଂ କାଚେଗୁଡା ପର୍ଯ୍ୟନ୍ତ, ଶ୍ରୀକାକୁଲମଠାରୁ ତିରୁପତି ପର୍ଯ୍ୟନ୍ତ, ବିଶାଖାପାଟଣାରୁ ସିକନ୍ଦରାବାଦ, ବେଙ୍ଗାଲୁରୁ, ତିରୁପତି, କୁର୍ନୁଲ, କୋଲାମ, ହଟିଆ, ଚେନ୍ନାଇ ଓ ସମ୍ବଲପୁର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ଯାତ୍ରୀଙ୍କ ବିଭିନ୍ନ ଭ୍ରମଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରେନ ସେବା ପ୍ରଦାନ କରାଯାଉଛି।




# ଦୁବାଇ, ଇଟାଲି ଗଲା ଢେଙ୍କାନାଳ ଆମ୍ବ

## ଆମ୍ରପଲୀ, ଦଶେରୀର ଚାହିଦା ବଢୁଛି

ଢେଙ୍କାନାଳ, ୧୫ା୫ (ରତନ ନାୟାର)

ଢେଙ୍କାନାଳର ପ୍ରସିଦ୍ଧ ଆମ୍ରପଲୀ ଓ ଦଶେରୀ ଆମ୍ବ ବୁଧବାର ଦୁବାଇ ଓ ଇଟାଲି ପଠାଯାଇଛି। ଜିଲାର ଓଡ଼ାପଡ଼ା ବ୍ଲକ ଓସ୍ତପାଳ ଗ୍ରାମରେ ଥିବା ମଦନମୋହନ ଫାର୍ମସ ପ୍ରଡ୍ୟୁସର କୋଅପରେଟିଭ୍ ସୋସାଇଟି ଲିମିଟେଡ୍ ପକ୍ଷରୁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟର ଏଗ୍ରିକଲଚରାଲ ଆଣ୍ଡ୍ ପ୍ରୋସେସ୍‌ଡ ଫୁଡ ପ୍ରଡକ୍ଟ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥରିଟିଙ୍କ ମିଳିତ ସହଯୋଗରେ ୧୩ କୁଇଣ୍ଟାଲ ଆମ୍ରପଲୀ ଓ ଦଶେରୀ ଆମ୍ବ ଦୁବାଇ, ଇଟାଲି ରପ୍ତାନି କରାଯାଇଥିବା ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢୀ ସୂଚନା ଦେଇଛନ୍ତି। ସେହିପରି ଉକ୍ତ ଅଞ୍ଚଳରୁ ଉତ୍ପାଦିତ ଅଢେଇ କୁଇଣ୍ଟାଲ ଲେଖାଏ କଲରା ଓ ଭେଣ୍ଡିକୁ ମଧ୍ୟ ଦୁବାଇ ପଠାଯାଇଛି। ଏ ସଂକ୍ରାନ୍ତରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରାଯାଇଛି। ଢେଙ୍କାନାଳର ଉତ୍ପାଦିତ ଆମ୍ରପଲୀ ଓ ଦଶେରୀ ଆମ୍ବର ଚାହିଦା ଦେଶ, ବିଦେଶରେ ଅଧିକ ଥିବା ଉଦ୍ୟାନ କୃଷି ବିଭାଗ ସୂତ୍ରରୁ ଜଣାପଡିଛି। ଗତବର୍ଷ ମଧ୍ୟ ଢେଙ୍କାନାଳ ଆମ୍ବ ଦୁବାଇ ରପ୍ତାନି କରାଯାଇଥିଲା। ବିଗତବର୍ଷ ଗୁଡିକରେ ମଧ୍ୟ ଢେଙ୍କାନାଳ ଆମ୍ବ ବାଙ୍ଗଲାଦେଶ ସମେତ ଦେଶର ଦିଲ୍ଲୀ ସହରକୁ ରପ୍ତାନି କରାଯାଇଥିବା ନଜିର ରହିଛି।




ଓଡ଼ାପଡ଼ା ବ୍ଲକ ଓସ୍ତପାଳ ଅଞ୍ଚଳରୁ ଆମ୍ବ ଦୁବାଇ, ଇଟାଲି ରପ୍ତାନି କରାଯାଉଛି।



# ସୁନା ଋଣ ପ୍ରଦାନରେ ନିୟମ କଡ଼ାକଡ଼ି

ଭୁବନେଶ୍ୱର,୧୫।୫ (ଅନୁରାଧା ମହାରଣା)



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡ଼ିକୁ ସୁନା ଋଣ ପରିମାଣ, ନିଲାମ ପ୍ରକ୍ରିୟା ଏବଂ ନଗଦ ବିତରଣ ସମ୍ପର୍କିତ ନିୟମ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆର୍‌ବିଆଇ ତଥ୍ୟ ଅନୁଯାୟୀ, କୋଭିଡ୍-୧୯ ମହାମାରୀ ପରଠାରୁ ସୁନା ଫାଇନାନ୍ସ କମ୍ପାନୀଗୁଡ଼ିକର ବ୍ୟବସାୟ ଅଭିବୃଦ୍ଧି ରେକର୍ଡ କରିଛି। ୨୦୨୦ ମାର୍ଚ୍ଚରେ ୩୪,୬୭୮ କୋଟିରୁ ୨୦୨୩ ମାର୍ଚ୍ଚରେ ୧.୩୧ ଟ୍ରିଲିୟନ ଟଙ୍କାକୁ ଋଣ ପରିମାଣ ବୃଦ୍ଧି ପାଇଛି। ଗତ ସପ୍ତାହରେ, ନିୟାମକ ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡ଼ିକ ସୁନା ଋଣ ପ୍ରଦାନ କରୁଥିବା ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରାକୁ ଦର୍ଶାଇ ୨୦ ହଜାରରୁ ଅଧିକ ନଗଦ ରାଶି ନ ଦେବାକୁ କହିଥିଲେ। ସୂତ୍ରରୁ ପ୍ରକାଶ ଯେ ଅନେକ ସୁନା ଫାଇନାନ୍ସ କମ୍ପାନୀ ନଗଦ ଅର୍ଥର ୪୦-୫୦% ଦେଉଥିବାରୁ ନଗଦ ବିତରଣ ନିୟମକୁ ଉଲ୍ଲଂଘନ କରୁଛନ୍ତି। ଅଧିକାଂଶ କମ୍ପାନୀ ପାଇଁ ସୁନା ଋଣର ହାରାହାରି ପରିମାଣ ୫୦,୦୦୦ ଟଙ୍କା ରହିଛି। ସେହିଭଳି ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡିକ ପାଇଁ ଋଣ ପ୍ରଦାନ ସୀମା ୭୫%ରେ ସ୍ଥିର କରାଯାଇଛି। ପ୍ରାରମ୍ଭିକ ଭାବେ ଆମେରିକୀୟ ଡଲାର ତୁଳନାରେ ରୁପା ୪ ପଇସା ୮୩.୪୭ କୁ ବୃଦ୍ଧି ପାଇଛି। ସରକାରୀ କ୍ଷେତ୍ର ବ୍ୟାଙ୍କଗୁଡିକର ମୋଟ ଲାଭ ୩୫% ବୃଦ୍ଧି ହୋଇ ୨୦୨୪ ଆର୍ଥିକ ବର୍ଷରେ ୧.୪ ଟ୍ରିଲିୟନ ଟଙ୍କା ଅତିକ୍ରମ କରିଛି।

ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ଯେତେବେଳେ ଉଲ୍ଲଂଘନ ହୁଏ, ନିୟାମକ ସଂସ୍ଥାଗୁଡ଼ିକୁ ସଂଶୋଧନ ପଦକ୍ଷେପ ନେବାକୁ କୁହନ୍ତି। ଏଭଳି ସ୍ଥିତିରେ ବ୍ୟାଙ୍କ ହେଉ କିମ୍ବା ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ କିମ୍ବା ଅନ୍ୟ ଋଣଦାତାଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ଓ ଏହାର ଅନୁପାଳନର ନିୟମିତ ତଦାରଖ କରିଥାଉ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ସର୍ବପ୍ରଥମେ ଦ୍ୱିପାକ୍ଷିକ ଆଲୋଚନା ସହ ସମସ୍ୟାର ସମାଧାନ ତଥା ନିୟମର ଅନୁପାଳନ ପାଇଁ ପ୍ରବର୍ତ୍ତାଇଥାଉ।

# ଶେୟାର ବଜାରରେ ହ୍ରାସ

ନୂଆଦିଲ୍ଲୀ,୧୫।୫

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୮(୧୧୭.୫୮) ପଏଣ୍ଟ କମି ୭୨,୯୮୭(୭୨,୯୮୭.୦୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୭ (୧୭.୩୦) ପଏଣ୍ଟ ହ୍ରାସ ଘଟି ୨୨,୨୦୧(୨୨,୨୦୦.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଟେକ୍ନୋଲୋଜି କ୍ଷେତ୍ରରେ ସମାନ ଭାଗୀଦାରି ରହୁ: ଈଶା

ଭୁବନେଶ୍ୱର,୧୫।୫ (ଅଭୟ ଦାଶ)



ଈଶା ଅମ୍ବାନୀ

ଚତୁର୍ଥ ଶିଳ୍ପ ବିପ୍ଳବର ଏହି ଡିଜିଟାଲ ଯୁଗରେ ଯଦି ଭାରତକୁ ବିଶ୍ୱର ଅଗ୍ରଣୀ ଭାବେ ଉଭା ହେବାର ଅଛି,ତେବେ ଝିଅମାନଙ୍କୁ ଆଗକୁ ଆଣିବାକୁ ପଡ଼ିବ। ଏପରିକି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ସହ ସୂଚନା ଏବଂ ସଞ୍ଚାର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଝିଅମାନଙ୍କ ଅଂଶ ଗ୍ରହଣକୁ ବୃଦ୍ଧି କରିବାକୁ ପଡ଼ିବ ବୋଲି ଦୂରସଞ୍ଚାର ବିଭାଗ ଦ୍ୱାରା ଆୟୋଜିତ 'ଗାର୍ଲସ ଇନ୍ ଆଇସିଟି ଇଣ୍ଡିଆ-୨୦୨୪' ଶୀର୍ଷକ ଆଲୋଚନା ଚକ୍ରରେ ଝିଅମାନଙ୍କୁ ସମ୍ବୋଧନକରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ଈଶା ଅମ୍ବାନୀ ଏହା କହିବା ସହ ସେମାନଙ୍କୁ ଟେକ୍ନୋଲୋଜିକୁ କ୍ୟାରିୟର ଭାବେ ବାଛିବା ପାଇଁ ଉତ୍ସାହିତ କରିଥିଲେ। ଟେକ୍ନୋଲୋଜି କ୍ଷେତ୍ରରେ ମହିଳା ଓ ପୁରୁଷଙ୍କ ଅନୁପାତ ସମାନ ହେବା ଉଚିତ ଏବଂ ଏଥିପାଇଁ ଆମକୁ ଆହୁରି ଅନେକ ବାଟ ଅତିକ୍ରମ କରିବାକୁ ବାକି ଅଛି ବୋଲି ଈଶା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ, ଅନ୍ତର୍ଜାତୀୟ ଦୂରସଞ୍ଚାର ସଂଘ (ଦକ୍ଷିଣ ଏସିଆ), ଇନୋଭେସନ୍ ସେଣ୍ଟର-ଦିଲ୍ଲୀ ଏବଂ ଜାତିସଂଘର ଅନ୍ୟ ଏଜେନ୍ସିମାନଙ୍କ ଦ୍ୱାରା ମିଳିତ ଭାବେ 'ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି କ୍ଷେତ୍ରରେ ଝିଅ ଭାରତ-୨୦୨୪' ଆୟୋଜିତ ହୋଇଥିଲା। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ପ୍ରଶଂସାକରି ଈଶା କହିଥିଲେ,ସରକାର ଆବଶ୍ୟକ ସୁଧାର କରୁଛନ୍ତି ଏବଂ ଏହାର ସୁଫଳ ମଧ୍ୟ ଦେଖିବାକୁ ମିଳୁଛି। ବିଗତ ଦଶନ୍ଧିରେ ଟେକ୍ନୋଲୋଜି କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ୬% ବୃଦ୍ଧି ପାଇଛି।

# ମେ ୧୯ରେ ଏସ୍‌ଭିୟୁଇଟି

ଭୁବନେଶ୍ୱର,୧୫।୫

ସୋମିୟା ବିଦ୍ୟାବିହାର ବିଶ୍ୱବିଦ୍ୟାଳୟ(ଏସ୍‌ଭିୟୁ)ର ୨ୟ ପର୍ଯ୍ୟାୟ ପ୍ରବେଶିକା ପରୀକ୍ଷା ୨୦୨୪ ମେ ୧୯ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଆଶାୟୀ ଛାତ୍ରୀଛାତ୍ରମାନେ ସୋମିୟା ବିଦ୍ୟାବିହାର ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ବା ଏସ୍‌ଭିୟୁଇଟି-୨୪ ପାଇଁ ଏସଭିୟୁର ଅଫିସିଆଲ ୱେବ୍‌ସାଇଟ ଜରିଆରେ ଆବେଦନ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଉପରୋକ୍ତ ପାଠ୍ୟକ୍ରମ ଓ ବିଷୟବସ୍ତୁ ଲାଗି ଅନଲାଇନ ଆବେଦନ ଗ୍ରହଣ କରାଯାଉଛି, ଯେକୌଣସି ଷ୍ଟ୍ରିମର ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷାରେ ଭାଗ ନେଇପାରିବେ। ଏହା ସହ ବିଭିନ୍ନ ଇଞ୍ଜିନିୟରିଂ ବିଭାଗ (ବି.ଟେକ୍ ପାଠ୍ୟକ୍ରମ)ରେ ନାମ ଲେଖାଇବା ଲାଗି ମଧ୍ୟ ଦ୍ୱାର ଖୋଲା ରହିଛି। ଏଥିପାଇଁ ଯୁଗ୍ମ ପ୍ରବେଶିକା ପରୀକ୍ଷା କିମ୍ବା ମହାରାଷ୍ଟ୍ର ରାଜ୍ୟ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାର ସ୍କୋର ଉପରେ ପ୍ରାର୍ଥୀ ଚୟନ କରାଯିବ ଏବଂ ଏହାର ଅଫିସିଆଲ ୱେବ୍‌ସାଇଟ ଜରିଆରେ ଆଶୟୀ ଛାତ୍ର ଆବେଦନ କରିପାରିବ। ସେହିପରି ଏସଭିୟୁଇଟି ଏକ ଅନଲାଇନ ପରୀକ୍ଷା ହୋଇଥିଲାବେଳେ ୨୦୨୪-୨୫ ଶିକ୍ଷାବର୍ଷ ଲାଗି ଏହା ୩ଟି ଅଧିବେଶନରେ ପରିଚାଳିତ ହେଉଛି। ଏହାର ପ୍ରଥମ ଅଧିବେଶନ ନିକଟରେ ଶେଷ ହୋଇଯାଇଛି। ୨ୟ ଓ ୩ୟ ଅଧିବେଶନ ପାଇଁ ଯଥାକ୍ରମେ ୨୦୨୪ ମେ ୧୯ ଓ ଜୁନ ୯ ରେ ପ୍ରବେଶିକା ପରୀକ୍ଷା ପାଇଁ ସମୟ ଧାର୍ଯ୍ୟ ହୋଇଥିବାବେଳେ ଉଭୟ ଅଧିବେଶନ ଲାଗି ଆବେଦନ ପ୍ରକ୍ରିୟା ଜାରି ରହିଛି। ଏହି ପରୀକ୍ଷା ସକାଳ ୧୦ ଘଟିକାରୁ ୧୧ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ ସମୟ ଓ ତାରିଖରେ ଅନୁଷ୍ଠିତ ହେବ। ଏପରିକି ଆଶାୟୀ ପ୍ରାର୍ଥୀ ଯେକୌଣସି ଗୋଟିଏ ଅଧିବେଶନ ଲାଗି ଆବେଦନ କରିପାରିବେ। ଏ ସମ୍ପର୍କରେ ଏସଭିୟୁର ଭାଇସ ଚାନ୍‌ସେଲର ପ୍ରଫେସର ଭି.ଏନ୍.ରାଜଶେଖରନ ପିଲାଇ କହିଥିଲେ, ଆମେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦକ୍ଷତା ଓ ଜ୍ଞାନର ମାର୍ଗକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛୁ।

# ଟାଟା ଷ୍ଟିଲ୍‌କୁ ଉତ୍ପାଦକତା ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର,୧୫।୫




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ସମ୍ମାନଜନକ ପୁରସ୍କାର 'ଉତ୍ପାଦକତା ଉତ୍କର୍ଷ ପୁରସ୍କାର' ଦିଆଯାଇଛି। ଏପରିକି କମ୍ପାନୀର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ(ଏଫ୍‌ଏଏମ୍‌ଡି)କୁ ଏହି ପୁରସ୍କାର ଉତ୍ପାଦକତା ଦିବସ-୨୦୨୪ ପାଳନ ସମାରୋହରେ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦ ପକ୍ଷରୁ ଜାତୀୟ ଉତ୍ପାଦକତା ପରିଷଦ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ସୁକିନ୍ଦା କ୍ରୋମାଇଟ୍ ଖଣି ମୁଖ୍ୟ ଦେବରାଜ ତିୱାରୀ,ଲଜିଷ୍ଟିକ୍ସ ମୁଖ୍ୟ ଅମିତ ଚୌବେ, ସପ୍ଲାଏ ଚେନ୍ ସିନିୟର ଏରିଆ ମ୍ୟାନେଜର ସୌମ୍ୟ ବସୁ, ଆଇଟି ବିଭାଗ ଡେପୁଟି ମ୍ୟାନେଜର ଦେବଜ୍ୟୋତି ପତି ପ୍ରମୁଖ ସମ୍ମାନ ସମାରୋହରେ ଯୋଗ ଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଚଳିତ ବର୍ଷ ଫେବୃଆରୀରେ 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉତ୍ପାଦକତା' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏକ ଭର୍ଚୁଆଲ୍ ପ୍ରତିଯୋଗିତା ପାଇଁ ଉପସ୍ଥାପନା ଆଧାରରେ ଏଫ୍‌ଏଏମ୍‌ଡିକୁ ଏହି ସମ୍ମାନଜନକ ପୁରସ୍କାର ବର୍ଗରେ ମନୋନୀତ କରାଯାଇଥିଲା। ଏ ସମ୍ପର୍କରେ ଏଫ୍‌ଏଏମ୍‌ଡିର ଏକଜିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା କହିଛନ୍ତି,ଏହି ପୁରସ୍କାର ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ସମ୍ମାନ ହୋଇଥିଲାବେଳେ ଏକ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ତଥା ମୂଲ୍ୟବୋଧ ସୃଷ୍ଟି କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରିକି ନୂତନ ଓ ଅଭିନବ ପଦକ୍ଷେପ ମାଧ୍ୟମରେ ଉତ୍ପାଦକତା ବୃଦ୍ଧି ଏବଂ ଜଳ ପରିଚାଳନା ପାଇଁ ଆମର ନିରନ୍ତର ପ୍ରୟାସକୁ ଏହି ପୁରସ୍କାର ପ୍ରତିଫଳିତ କରୁଛି।

# ଉନ୍ନତ ମାନର ଉତ୍ପାଦକୁ ଗୁରୁତ୍ୱ

ଭୁବନେଶ୍ୱର,୧୫।୫

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ମ୍ୟାଟ୍ରେସ୍ ବ୍ରାଣ୍ଡ 'ଲିବ୍ରା'ର ଡିଲର ସମ୍ମିଳନୀ ବୁଧବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଲିବ୍ରା ମ୍ୟାଟ୍ରେସ୍‌ର ମାର୍କେଟିଂ ଡାଇରେକ୍ଟର ପ୍ରଶାନ୍ତ ଜୈନ, ସେଣ୍ଟ୍ରାଲ ଏଚ୍‌ଆର୍ ହେଡ୍ ରୂପେଶ ଭଟ୍ଟ, ସେଲ୍ସ ହେଡ୍ ସାଦ୍ଦିକ୍ ହୁସେନ୍, ମୁଖ୍ୟ ଡିଷ୍ଟ୍ରିବ୍ୟୁଟର ତ୍ରୈଲୋକନାଥ ପାତ୍ର ଏବଂ ମାର୍କେଟିଂ ହେଡ୍ ଶୁଭମ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଲିବ୍ରା ମ୍ୟାଟ୍ରେସ୍‌ର ଉପକାରିତା ଓ ବଜାର ଚାହିଦା ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ଚର୍ଚ୍ଚା ହୋଇଥିଲା। ସେହିଭଳି ଲିବ୍ରା ମ୍ୟାଟ୍ରେସ୍ ଦ୍ୱାରା ଆମେ ଜୀବନର ଶୋଇବାର ମହତ୍ତ୍ୱକୁ ଜାଣିପାରିବା ଏବଂ ଏହା ଅର୍ଥୋପେଡିକ୍ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଇଥାଏ। ଏପରିକି ଏହା କେବଳ ପିଠି ସମସ୍ୟା ଦୂରକରେନାହିଁ ବରଂ ଏକ ସୁସ୍ଥ ଜୀବନଶୈଳୀକୁ ଗୁରୁତ୍ୱ ଦେଉଥିବାବେଳେ ସମସ୍ତଙ୍କୁ ମେରୁଦଣ୍ଡ ସହାୟତା ଏବଂ ମାଂସପେଶୀ ରିଲିଫର ଦ୍ୱିଗୁଣ ଲାଭ ମଧ୍ୟ ପ୍ରଦାନ କରିଥାଏ। ଲିବ୍ରା ମ୍ୟାଟ୍ରେସ୍‌ର କ୍ୱାଲିଟି ଉନ୍ନତମାନର ହୋଇଥିଲାବେଳେ ଏହାର ଗ୍ୟାରେଣ୍ଟି ଓ ୱାରେଣ୍ଟି ଅନ୍ୟ ବ୍ରାଣ୍ଡଗୁଡିକଠାରୁ ଆଗରେ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଦୀର୍ଘ ୨୮ ବର୍ଷ ଧରି ଲିବ୍ରା ମ୍ୟାଟ୍ରେସ୍ ଗୁଣାତ୍ମକ ଉତ୍ପାଦ ଯୋଗାଣ ସହ ଆରାମ ଏବଂ ଗ୍ରାହକ ସନ୍ତୋଷ ପ୍ରଦାନ କରିବାରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିସାରିଛି। ଏପରିକି ଲିବ୍ରା ମ୍ୟାଟ୍ରେସ୍‌ର ସୂକ୍ଷ୍ମ ଗଦି ବହୁ ଆରାମଦାୟକ ହୋଇଥିଲାବେଳେ ମନ, ଶରୀର ଓ ପ୍ରାଣକୁ ସୁସ୍ଥ ରଖିବା ପାଇଁ ଏହା ଗୁରୁଦାୟିତ୍ୱ ବହନ କରୁଛି। ଏହା ଉନ୍ନତମାନର ଏବଂ ସୁଲଭ ମୂଲ୍ୟରେ ଉପଲବ୍ଧ। ସେହିପରି ଓଡ଼ିଶା ବଜାରରେ ଲିବ୍ରା ମ୍ୟାଟ୍ରେସ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, କଟକ, ପୁରୀ, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ବ୍ରହ୍ମପୁର ଭଳି ସହରରେ ଉପଲବ୍ଧ ରହିଛି।

## ରାଜ୍ୟ ଖବର

# ବାଇକ୍ ଡିକିରୁ ୬୧ ହଜାର ଜବତ

ପାଟଣା,୧୫।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ଧାନ ବେଣୀ ଛକରେ ଯାଞ୍ଚ ବେଳେ ବୁଧବାର ଫ୍ଲାଇଂ ସ୍କ୍ୱାଡ ଏକ ବାଇକ ଡିକିରୁ ୬୧ ହଜାର ୧୮୦ ଟଙ୍କା ଜବତ କରିଛି। ବାଇକଟି ନନ୍ଦିପଦା ଥାନା ଗିରିଗାଁ ଗ୍ରାମର ବିଜୟ ଜେନାଙ୍କ ବୋଲି ଜଣାପଡ଼ିଛି। ପାଟଣା ଆଡ଼ିଶନାଲ ତହସିଲଦାର ଶରଣ ଜେନା ଓ ପାଟଣା ଥାନା ଏଏସ୍‌ଆଇ ଲକ୍ଷ୍ମଣ ମାଝି ଗାଡ଼ିର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଟଙ୍କା ଧରାପଡିଥିବା ପାଟଣା ଥାନାଧିକାରୀ ବିଦ୍ୟୁ ପ୍ରଧାନ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା' ନଥିଲେ ମାଉସୀ, ଗାଈ ନଥିଲେ ମଇଁଷି।**

ମାଉସୀ ମାଆ ପରି। ମାଆ ନ ଥିଲେ ସନ୍ତାନର ସମସ୍ତ ଦାୟିତ୍ୱ ମାଉସୀ ନେବା ସହ ମାଆର ଭୂମିକାକୁ ସୁଚାରୁ ରୂପେ ତୁଲାଇଥାଏ। ସେହିପରି ଗାଈ ନ ଥିଲେ ମଇଁଷି ମଧ୍ୟ ଗାଈ ଭଳି କ୍ଷୀର ଦେଇ ତା'ର ଅଭାବକୁ ପୂରଣ କରିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ମଣିଷ ଫୁଲଇ ଖାଇଲେ ଭାତ, କ୍ଷେତ ଫୁଲୁଥାଇ ପାଇଲେ ଖତ।**

ଆମର ପ୍ରଧାନ ଖାଦ୍ୟ ହେଉଛି ଭାତ। ଭାତ ଖାଇବା ଦ୍ୱାରା ମଣିଷ ମୋଟା ବା ହୃଷ୍ଟପୁଷ୍ଟ ହୋଇଥାଏ। ଠିକ୍ ସେହିପରି କ୍ଷେତରେ ଖତ ବା ସାର ପ୍ରୟୋଗ କଲେ କ୍ଷେତର ଉର୍ବରତା ବୃଦ୍ଧି ପାଇଥାଏ ଏବଂ ସେହି ଅନୁସାରେ ଭଲ ଅମଳ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ

### ନିର୍ବାଚନ ବେଳେ...

ସମେତ କେନ୍ଦ୍ରର ଅନେକ ମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଶାହା ଆହୁରି କହିଥିଲେ, ଏହି ନୂତନ ଆଇନ ଯୋଗୁ କୌଣସି ଭାରତୀୟଙ୍କୁ ନିଜ ନାଗରିକତ୍ୱର ପ୍ରମାଣ ଦେବା ପାଇଁ ଦସ୍ତାବିଜର ଆବଶ୍ୟକତା ପଡ଼ିବ ନାହିଁ ଏହା ବେଆଇନ ଅନୁପ୍ରବେଶକାରୀମାନଙ୍କୁ ପ୍ରତ୍ୟର୍ପଣ କରିବା ସମ୍ପର୍କିତ ଆଇନ ମଧ୍ୟ ନୁହେଁ।

ଇତିମଧ୍ୟରେ ଏପ୍ରିଲ ୧୯ରେ ଦେଶରେ ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅଦ୍ୟାବଧି ୪ଟି ପର୍ଯ୍ୟାୟରେ ୩୭୯ ଲୋକ ସଭା ଆସନରେ ଭୋଟ ଗ୍ରହଣ ଶେଷ ହୋଇଥିବାବେଳେ ଅବଶିଷ୍ଟ ୩ ପର୍ଯ୍ୟାୟରେ ୧୬୩ ଆସନରେ ନିର୍ବାଚନ ହେବାକୁ ବାକି ଅଛି। ଏଭଳି ସମୟରେ ଦେଶରେ ବିରୋଧୀଙ୍କ ମୁସଲିମ୍ ସଂରକ୍ଷଣ ପ୍ରତିଶ୍ରୁତି ଏକ ବିତର୍କିତ ପ୍ରସଙ୍ଗ ପାଲଟିଥିବାବେଳେ ସରକାର ୧୪ ଅଣମୁସଲମାନ ବିଦେଶୀଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରିବା ଦ୍ୱାରା ଆଗକୁ ବିବାଦ ବଢ଼ିବା ଆଶଙ୍କା କରାଯାଉଛି। ବିଶେଷକରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପ୍ରାୟ ପ୍ରତିଟି ନିର୍ବାଚନୀ ସଭାରେ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହାର ଜବାବରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ମଙ୍ଗଳବାର କହିଥିଲେ, ମମତା ତ ମମତା; ବିଶ୍ୱର କୌଣସି ଶକ୍ତି ସିଏଏ କାର୍ଯ୍ୟକାରୀ କରାଇବାକୁ ଅଟକାଇପାରିବ ନାହିଁ। ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି। ଶାହାଙ୍କ ଏହି ମନ୍ତବ୍ୟର ଦିନକ ପରେ ଭାରତୀୟ ନାଗରିକତ୍ୱ ତାଲିକାରେ ଯୋଡ଼ିହୋଇଯାଇଛନ୍ତି ଆଉ ୧୪ ଜଣ। ଏଣିକି ଏହି ୧୪ ଜଣ ଭାରତର ନାଗରିକ ଭାବେ ପରିଗଣିତ ହେବେ। ସେମାନେ ଦେଶରେ ସ୍ଥାୟୀ ଭାବେ ବସବାସ କରିବା ସହିତ ଅନ୍ୟ ଭାରତୀୟଙ୍କ ଭଳି ସମ୍ବିଧାନ ପ୍ରଦତ୍ତ ଅଧିକାରଗୁଡ଼ିକୁ ଉପଭୋଗ କରିପାରିବେ।

### ୧୮ରୁ ପୁଣି ...

୩୦ରୁ ୪୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସେପଟେ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିବା ଦେଖାଯାଇଛି। ପାରଳାଖେମୁଣ୍ଡିରେ ଅପରାହ୍ନ ସାଢ଼େ ୫ଟା ଭିତରେ ସର୍ବାଧିକ ୧୨.୪ ମି.ମି. ରେକର୍ଡ କରାଯାଇଛି। ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ କାଳବୈଶାଖୀ ବର୍ଷା ହେବାର ଆଶଙ୍କା ରହିଛି। ସେଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଅପରପକ୍ଷେ ବୁଧବାର ୪ ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିବାବେଳେ ନୂଆପଡ଼ାରେ ସର୍ବାଧିକ ୪୨ ଡିଗ୍ରୀ ଦିନ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀରରେ ୪୦.୩, ସମ୍ବଲପୁର ୪୦.୫, ଝାରସୁଗୁଡ଼ା ୪୦.୨ ଓ ସୁନ୍ଦରଗଡ଼ରେ ୪୦ ଡିଗ୍ରୀ ତାପମାତ୍ରା ରହିଥିଲା।

### କାରଣ ନ ଦର୍ଶାଇ ...

୧୩ ରାୟ ମଧ୍ୟ ଅବୈଧ। ପ୍ରକାଶ ଯେ, ନ୍ୟୁଜ୍‌କ୍ଲିକ୍‌ର ମାନବ ସମ୍ବଳ ବିଭାଗ ମୁଖ୍ୟ ଅମିତ ଚକ୍ରବର୍ତ୍ତୀଙ୍କୁ ମଧ୍ୟ ଏହି ମାମଲାରେ ଗିରଫ କରାଯାଇଥିଲା। ଗତ ଜାନୁୟାରୀରେ ଦିଲ୍ଲୀର ଏକ ଅଦାଲତ ଅମିତଙ୍କୁ ରାଜସାକ୍ଷୀ ହେବାକୁ ଅନୁମତି ଦେଇଥିଲେ। ଚାଇନାର ପ୍ରୋପାଗଣ୍ଡା ବିସ୍ତାର ପାଇଁ ନ୍ୟୁଜ୍‌କ୍ଲିକ୍ ଟଙ୍କା ନେଇଥିବା ବିଷୟ ସେ ସ୍ୱୀକାର କରିଥିଲେ। କୋର୍ଟ ତାଙ୍କୁ ଜାମିନ ଦେବା ସହ ବିନା ଅନୁମତିରେ ଦେଶ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ଦେଇଥିଲେ।

### ସରକାର ଗଢ଼ିବାର ...

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ହୋଇ ଉଠିଥିଲା। ଶାହାଙ୍କ ଗସ୍ତକୁ ନଜରରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ୨୧ ପ୍ଲାଟୁନ ପୋଲିସ ନିୟୋଜିତ କରାଯାଇଥିବାବେଳେ ୧୫୦ ଜଣ ଅଫିସରଙ୍କୁ ନିୟୋଜିତ କରାଯାଇଥିଲା। ଶାହା ଭୁବନେଶରରୁ ସଡ଼କ ପଥରେ କଟକ ଆସି ଏହି ରୋଡ ଶୋ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### କଳିଙ୍ଗ ଷ୍ଟାଡିୟମରେ ...

ଏହା ପୂର୍ବରୁ ୨୦୨୧ ମାର୍ଚ୍ଚ ୧୭ରେ ଏକ ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିରେ ମଧ ସେ ୮୭.୮୦ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ସେ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଦେଶର କ୍ରୀଡ଼ା ଇତିହାସରେ ନୂଆଫର୍ଦ୍ଦ ଯୋଡ଼ିଥିଲେ। କେବଳ ସେତିକି ନୁହେଁ ୨୦୨୨ରେ ଡାଇମଣ୍ଡ ଲିଗ୍ ଚାମ୍ପିୟନ ଓ ୨୦୨୩ରେ ବିଶ୍ୱ ଚାମ୍ପିୟନ ହେବାସହ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଥିଲେ। ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ହେଉଛି ୮୯.୯୪ ମିଟର। ଫେଡେରେଶନ କପ୍‌ର ଅନ୍ତିମ ଦିବସରେ ଓଡ଼ିଶାର ୨ ପ୍ରତିଯୋଗୀ ପଦକ ହାସଲ କରିଛନ୍ତି। ପୁରୁଷ ୧୦୦ ମିଟରରେ ଅନିମେଶ କୁଜୁର ରୌପ୍ୟ ଜିତିଥିବାବେଳେ ମହିଳା ୧୦୦ ମିଟରରେ ଶ୍ରାବଣୀ ନନ୍ଦ ବ୍ରୋଞ୍ଜ ପଦକ ପାଇଛନ୍ତି।

### କ୍ଷମତାକୁ ଆସିଲେ ...

ସେ ଆହୁରି କହିଛନ୍ତି, ଭାଜପା ନେତାମାନେ ନିର୍ବାଚନ ଜିତିଲେ ସଂରକ୍ଷଣ ବ୍ୟବସ୍ଥାକୁ ସମାପ୍ତ କରିଦେବେ। ଆମ୍ବେଦକର, ଗାନ୍ଧୀ ଏବଂ ନେହେରୁ ଯେଉଁ ଦଳିତ, ଆଦିବାସୀ ଏବଂ ପଛୁଆବର୍ଗଙ୍କୁ ସଂରକ୍ଷଣ ମାଧ୍ୟମରେ ଅସ୍ତ୍ର ଦେଇଛନ୍ତି ସେଇ ଅସ୍ତ୍ରକୁ ଶେଷ କରିଦିଆଯିବାକୁ ପ୍ରୟାସ ଚାଲିଛି। ଭାଜପା ଦେଶର ପବ୍ଲିକ୍ ସେକ୍ଟରଗୁଡ଼ିକୁ ପୁଞ୍ଜିପତିମାନଙ୍କୁ ବିକ୍ରି କରିଦେଇଛି। ମାତ୍ର ୨୨ ଜଣଙ୍କର ୧୬ ଲକ୍ଷ କୋଟି ଟଙ୍କାର ଋଣ ଛାଡ଼ କରିଛନ୍ତି। ଏହି ଟଙ୍କା ୨୪ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନା ଟଙ୍କା ସହ ସମାନ। କୃଷକ, ଛାତ୍ରଙ୍କ ଋଣ ଛାଡ଼ କରି ନ ଥିବା କିମ୍ବା ଛୋଟ ବ୍ୟବସାୟୀଙ୍କୁ ଋଣ ଦେଇ ନ ଥିବା ଭାଜପା ସରକାର ଦେଶରେ ୨୨-୨୫ ଜଣ ବଡ଼ ଧନୀ ଲୋକଙ୍କ ଋଣ ଛାଡ଼ କରିଚାଲିଛନ୍ତି। ଫଳରେ ଦେଶର ଗରିବ ଲୋକ ଓ ଚାଷୀ ଋଣ ବୋଝରେ ପଡ଼ିଛନ୍ତି। ଦେଶରେ ୫୦ ପ୍ରତିଶତ ପଛୁଆ ବର୍ଗ, ୧୫ ପ୍ରତିଶତ ଦଳିତ, ୮ ପ୍ରତିଶତ ଆଦିବାସୀ, ୧୫ ପ୍ରତିଶତ ସଂଖ୍ୟାଲଘୁ ଶ୍ରେଣୀ ଏବଂ ୫ ପ୍ରତିଶତ ଗରିବ ସାଧାରଣ ବର୍ଗର ଲୋକ ଅଛନ୍ତି। ଦେଶର ଏହି ୯୦ ପ୍ରତିଶତ ଲୋକଙ୍କ କୌଣସି କ୍ଷେତ୍ରରେ ଭାଗୀଦାରି ନାହିଁ। ଗଣମାଧ୍ୟମ ଏବଂ ଟିଭିରେ କେବଳ ଅମ୍ବାନୀ ଘରର ବିବାହ, ମୋଦିଜୀଙ୍କ ୨୪ ଘଣ୍ଟିଆ ଭିଡିଓ ଦେଖିବାକୁ ମିଳୁଛି। ମାତ୍ର ଦେଶର ଚାଷୀ, ମୂଲିଆ, ବେରୋଜଗାରି ଯୁବକଙ୍କ କଥା ଦେଖାଯାଉନାହିଁ। ଚାଷୀ ମରିଗଲେ କି ଆତ୍ମହତ୍ୟା କଲେ ଗଣମାଧ୍ୟମରେ ଆଉ ଆସୁନାହିଁ ବୋଲି ରାହୁଲ ସମାଲୋଚନା କରିଛନ୍ତି।

ଇଣ୍ଡିଆ ମେଣ୍ଟ ସରକାରକୁ ଆସିଲେ କୋଟିଏ ଲୋକଙ୍କୁ ଲକ୍ଷପତି କରାଯିବ ବୋଲି ରାହୁଲ ସଭାରେ ପ୍ରତିଶ୍ରୁତି ଦେଇଛନ୍ତି। ଦେଶରେ ଗରିବ ଲୋକଙ୍କ ତାଲିକା ପ୍ରସ୍ତୁତ କରାଯିବ। ସେହି ଗରିବ ପରିବାରରୁ ଜଣେ ମହିଳାଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କା ସହାୟତା ରାଶି ଦିଆଯିବ। ଜୁଲାଇ ୪ରୁ ପ୍ରଥମ ମାସର କିସ୍ତି ଆକାରରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୮୫୦୦ ଟଙ୍କା ଆସିଯିବ। ସେହିଭଳି ୩୦ ଲକ୍ଷ ସରକାରୀ ଚାକିରି ଯାହା ଖାଲି ପଡ଼ିଛି ତାହା ଯୁବକଙ୍କୁ ଦିଆଯିବ। ଯୁବକଙ୍କ ପାଇଁ ପ୍ରଥମ ଚାକିରି ପକ୍କା କରାଯିବ। ବେକାର ଗ୍ରାଜୁଏଟ୍‌ଙ୍କୁ ୧ ବର୍ଷିଆ ଚାକିରି ଦିଆଯିବ। ବେକାର ଗ୍ରାଜୁଏଟ୍‌ଙ୍କୁ ମାସିକ ୮୫୦୦ ଟଙ୍କା ଦିଆଯିବ। ଚାଷୀଙ୍କ ପାଇଁ ଧାନ, ଗହମ, ଆଖୁ, ପନିପରିବାର ସର୍ବନିମ୍ନ ସହାୟକ ମୂଲ୍ୟ ଆଇନତଃ ଧାର୍ଯ୍ୟ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ରାହୁଲ ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀର ଏମ୍‌ପି ପ୍ରାର୍ଥୀ ଓ ୭ଜଣ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। କଂଗ୍ରେସର ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ନରସିଂହ ମିଶ୍ର କ୍ରାନ୍ତି ନାରା ଦେଇଥିଲେ। ସଭାରେ ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀର ଏମ୍‌ପି ପ୍ରାର୍ଥୀ ମନୋଜ ମିଶ୍ର, ପାଟଣାଗଡ଼ ବିଧାୟକ ପ୍ରାର୍ଥୀ ଅନୀଲ ମେହେର, କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା, ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ, ଲୋଇସିଂହା ବିଧାୟକ ପ୍ରାର୍ଥୀ ଓମ୍‌ପ୍ରକାଶ କୁମ୍ଭାର ଯୋଗଦେଇଥିଲେ। ଏହାଛଡ଼ା ସୋନପୁର ବିଧାୟକ ପ୍ରାର୍ଥୀ ପ୍ରିୟବ୍ରତ ସାହୁ, ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀ, ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ ପ୍ରଭାରୀ ଅଜୟ କୁମାର, ଜିଲା ସଭାପତି ଅଶୋକ ନନ୍ଦ, ନାରୀ ନେତ୍ରୀ ମୀନାକ୍ଷୀ ନଟରାଜନ୍, ଭକ୍ତ ଦାସ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ତାରାପ୍ରସାଦ ବାହିନୀପତି ଓ ଅନ୍ୟ ମାନ୍ୟଗଣ୍ୟ ନେତା ଉପସ୍ଥିତ ଥିଲେ। ସଭା ପୂର୍ବରୁ ମନୋହରପୁର ହେଲିପ୍ୟାଡ୍‌ରୁ ରାହୁଲ ଗାନ୍ଧୀଙ୍କୁ ଏକ ବିଶାଳ ବାଇକ୍ ରାଲିରେ ସହର ପରିକ୍ରମା କରାଯାଇ ସଭାସ୍ଥଳକୁ ନିଆଯାଇଥିଲା।

# ୩ ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୫(ଅନିଲ ଦାସ)

**ନିର୍ବାଚନ କାର୍ଯ୍ୟ ଅବମାନନା ପଡ଼ିଲା ମହଙ୍ଗା**

ନିର୍ବାଚନ କାର୍ଯ୍ୟରେ ସହଯୋଗ ନ କରିବା ଏବଂ ସରକାରୀ ଆଦେଶକୁ ଅବମାନନା କରିବା ୩ ଜଣ ଗାଡ଼ି ମାଲିକଙ୍କୁ ମହଙ୍ଗା ପଡ଼ିଛି। ଗାଡ଼ି ଜବତ କରିବା ସହ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖୋର୍ଦ୍ଧା ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଜନ ପ୍ରତିନିଧି ଆଇନ ୧୯୫୦ର ଧାରା ୧୬୦ ଅନୁଯାୟୀ ନିର୍ବାଚନ କାର୍ଯ୍ୟ ପାଇଁ ୨୦୨୪ ମାର୍ଚ୍ଚ ୧୬ରେ ଖୋର୍ଦ୍ଧା ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ବିକାଶ ଚୌଧୁରୀ ଗାଡ଼ି ନମ୍ବର ଓଡି ୩୩ ଏଏମ୍-୦୨୬୫, ଓଡି୦୨ ସିୟୁ- ୧୯୬୨ ଏବଂ ଓଡି ୩୩ୱାଇ-୧୭୯୪ ବୁକିଂ କରିଥିଲେ। ଉକ୍ତ ଗାଡ଼ି ମାଲିକଙ୍କୁ ଡ୍ରାଇଭର ସମେତ ମେ' ୧୪ ତାରିଖ ସକାଳ ୮ଟା ସୁଦ୍ଧା ଭୁବନେଶ୍ୱର ଉପଜିଲାପାଳଙ୍କୁ ରିପୋର୍ଟ କରିବାକୁ କୁହାଯାଇଥିଲା। ତେବେ ଉକ୍ତ ସମୟ ମଧ୍ୟରେ ଗାଡିଗୁଡ଼ିକ ପହଞ୍ଚି ନ ଥିଲା। ଏ ସମ୍ପର୍କରେ ଆର୍‌ଟିଓ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ। କର୍ତ୍ତବ୍ୟରେ ଅବହେଳା ପାଇଁ ଉକ୍ତ ଗାଡ଼ି ସହିତ ମାଲିକ ନୟାଗଡ଼ ଜିଲା ନିମସାହିର ମହେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧାର ବବୁଲ ନାଥ ଏବଂ ସରୋଜ ନାୟକଙ୍କ ବିରୋଧରେ ଏଫ୍‌ଆଇଆର ସହିତ ଗାଡ଼ି ଜବତ କରିବାକୁ ସମ୍ପୃକ୍ତ ଅଞ୍ଚଳ ଥାନା ଅଧିକାରୀଙ୍କୁ ଖୋର୍ଦ୍ଧା ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ୨୦୦ ଲୋକଙ୍କ ନାଁରେ ମାମଲା

ବ୍ରହ୍ମପୁର,୧୫।୫(ସୁବାସ ଚନ୍ଦ୍ର ପାଢ଼ୀ)

**ପିଣ୍ଟୁ ଦାସଙ୍କୁ ଛାଡ଼ିବା ଦାବିରେ ଥାନା ଘେରାଉ ଘଟଣା**

ଭାଜପାର ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଗତ ୧୩ ତାରିଖ ସନ୍ଧ୍ୟାରେ ମତଦାନ ବେଳେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବ ଶଙ୍କର ଦାସ (ପିଣ୍ଟୁ) ଆକ୍ରମଣ କରିଥିଲେ। ଗୋସାଣୀନୂଆଗାଁ ଥାନା ନିକଟ ବୁଥ୍ ବାହାରେ ଏହି ଘଟଣା ଘଟିଥିବା ବେଳେ ସେଠାରେ ଉପସ୍ଥିତ ପୋଲିସ ପିଣ୍ଟୁଙ୍କୁ କାବୁ କରି ଅଟକ ରଖିଥିଲା। ଏହି ଖବରପାଇ ପିଣ୍ଟୁଙ୍କ ଶତାଧିକ ମହିଳା ଓ ପୁରୁଷ ସମର୍ଥକ ତାଙ୍କୁ ଛାଡ଼ିବା ପାଇଁ ପ୍ରାୟ ୪ ଘଣ୍ଟା ଧରି ଥାନା ଘେରାଉ କରିଥିଲେ। ଉତ୍ୟକ୍ତ ସମର୍ଥକମାନେ ପିଣ୍ଟୁଙ୍କୁ ନ ଛାଡ଼ିଲେ ବୋମା ପକାଇ ଥାନା ଉଡ଼ାଇଦେବୁ ବୋଲି କହିଥିଲେ। ଥାନା ଘେରାଉ ଓ ପୋଲିସକୁ ଆକ୍ରମଣ ନେଇ ଏସ୍‌ଆଇ କୃତ୍ତିବାସ ନାୟକଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଛି। ଥାନା ଘେରାଉର ନେତୃତ୍ୱ ନେଇଥିବା ଶାସ୍ତ୍ରୀନଗର ତୃତୀୟ ଗଳିର ଅନିଲ ନାୟକଙ୍କ ସମେତ ପ୍ରାୟ ୨୦୦ ଜଣଙ୍କ ନାଁରେ ନଂ. ୧୩୧/୨୪ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା କହିଛି। ଉତ୍ୟକ୍ତ ଲୋକେ ରାଜରାସ୍ତା ଅବରୋଧ କରିବା ସହ ଥାନା ଭିତରକୁ ପୋଲିସ କର୍ମଚାରୀମାନଙ୍କୁ ଛାଡ଼ି ନ ଥିଲେ। ଆନ୍ଦୋଳନକାରୀଙ୍କୁ ଥାନାରୁ ହଟାଯାଉ ଥିବାବେଳେ ସେମାନେ ପୋଲିସ ଉପରକୁ ପଥର ଫିଙ୍ଗିଥିଲେ। ଏଥିରେ ଲାଞ୍ଜିପଲ୍ଲୀ ପୋଲିସ ଫାଣ୍ଡି ଅଧିକାରୀ ଗିରି ଗୋବର୍ଦ୍ଧନ ଜେନା, କନଷ୍ଟେବଲ ରବୀନ୍ଦ୍ର ପ୍ରସାଦ ବେହେରା, କେ.ରାମେୟା ପାତ୍ର, କେ.ପି. ସାମନ୍ତ ଆହତ ହୋଇଥିଲେ। ସୂଚନାଯୋଗ୍ୟ, ପ୍ରଦୀପଙ୍କୁ ଆକ୍ରମଣ ଘଟଣାରେ ପିଣ୍ଟୁ ଗିରଫ ହୋଇ ଜେଲରେ ଅଛନ୍ତି।

# ବିକାଶ ଫାଷ୍ଟଷ୍ଟେପ ଛାତ୍ରୀଛାତ୍ରଙ୍କ ସଫଳତା


ଲବ୍‌ଧି ଜୈନ


ଆଦିତ୍ୟ ପୂଜାରୀ


ରିଜୟସ୍ ମିଶ୍ର


ଭେନିଲା ଗୋଦାବର୍ତ୍ତୀ

**ବରଗଡ଼,୧୫।୫(ପ୍ରେମାନନ୍ଦ ଖମାରୀ)**

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ବରଗଡ଼ର ବିକାଶ ଫାଷ୍ଟଷ୍ଟେପ୍ ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ପ୍ରଥମଥର ପାଇଁ ପରୀକ୍ଷା ଦେଇଥିବା ୪୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪ଜଣ ୯୦, ୧୯ଜଣ ୮୦, ୧୫ଜଣ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଲବ୍‌ଧି ଜୈନ ୯୫.୮, ଆଦିତ୍ୟ ପୂଜାରୀ ୯୨, ରିଜୟସ୍ ମିଶ୍ର ୯୧.୮, ଭେନିଲା ଗୋଦାବର୍ତ୍ତୀ ୯୦ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଏବଂ ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ସକାଶେ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ ସହିତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କୁ ଅନୁଷ୍ଠାନ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଶୀର୍ଷସ୍ଥାନରେ ରହିଥିବା ୪ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜେଡି ଛାଡ଼ିଲେ ପୂର୍ବତନ ପୌରାଧ୍ୟକ୍ଷ

**ବରଗଡ଼,୧୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା ବିଜେଡିରୁ ଇସ୍ତଫା ଦେଇଛନ୍ତି। ବୁଧବାର ସନ୍ଧ୍ୟାରେ ତୋରା ଗ୍ରାମରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପାରେ ମିଶିଛନ୍ତି। ସେହିପରି ଗାନ୍ଧିଛକରେ ଅନୁଷ୍ଠିତ ଭାଜପାର ମିଶ୍ରଣ ପର୍ବରେ ବେହେରାଙ୍କ ସ୍ତ୍ରୀ ଜୟା ଏବଂ ପୁଅ ମନିଶ ମାସୁମ ମିଶିଥିଲେ। ସ୍ଥାନୀୟ ଏକ ହୋଟେଲ ସଭାକକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବେହେରା କହିଛନ୍ତି, ସେ ଗତ ୧୩ ତାରିଖରୁ ବିଜେଡିରୁ ଇସ୍ତଫା ଦେଇ ଇସ୍ତଫାପତ୍ରକୁ ଦଳର ସଭାପତିଙ୍କ ପାଖକୁ ପଠାଇ ଦେଇଛନ୍ତି। ଜନତା ଦଳରୁ ସେ ଦଳର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ କାମ କରି ଆସୁଥିଲେ। ବିଗତଦିନରେ ବହୁତ ବାଧାବିଘ୍ନ ଥିଲା। ଏହାସତ୍ତ୍ୱେ ଦଳ ପାଇଁ ବହୁତ କିଛି କରିଛି ଏବଂ ସେଥିପାଇଁ ବରଗଡ଼ବାସୀ ତାଙ୍କୁ ପୌରାଧ୍ୟକ୍ଷ ଭାବେ ବସାଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେ ସହରରେ ବହୁତ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ଏହାକୁ ସ୍ଥାନୀୟ ବିସହ୍ୟ କରି ପାରି ନ ଥିଲେ ଏବଂ ଗତ ପୌର ନିର୍ବାଚନ ସମୟରେ ଦଳ ତାଙ୍କ ସ୍ତ୍ରୀଙ୍କୁ ଅଧ୍ୟକ୍ଷା ପଦବିରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଦଳୀୟ ଟିକେଟ ଦେଉଥିଲା। କିନ୍ତୁ ବିଧାୟକଙ୍କ ଯୋଗୁ ତାଙ୍କ ସ୍ତ୍ରୀ ଆଉ ଟିକେଟ ପାଇ ପାରି ନ ଥିଲେ ବୋଲି ବେହେରା କହିଛନ୍ତି। ସେହିପରି ବରଗଡ଼ରେ ଚାଲିଥିବା ବିଭିନ୍ନ ଭ୍ରଷ୍ଟାଚାର, ଦୁର୍ନୀତି ଉପରେ ସେ ଜାଣି ପାରୁଛନ୍ତି, ସେଥିପାଇଁ ତାଙ୍କୁ ଦଳରୁ ବିତାଡ଼ିତ କରିବା ପାଇଁ ବିଧାୟକ ଏବଂ ତାଙ୍କ ଭାଇ ନାନା ପ୍ରକାର ଯୋଜନା କରିଥିଲେ ଏବଂ ସେ ପୌରାଧ୍ୟକ୍ଷ ଥିବାବେଳେ ତାଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ମଧ୍ୟ ଉଦ୍ୟମ କରିଥିଲେ, କିନ୍ତୁ ସେଥିରେ ସଫଳ ହୋଇପାରି ନ ଥିଲେ ବୋଲି ବେହେରା କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ରାଜନୈତିକ ଅଭିସନ୍ଧି ରଖି ତାଙ୍କ ଏବଂ ପୁଅଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଥିବା ବେହେରା କହିଛନ୍ତି। ଭାଜପାର କେତେଜଣ କାର୍ଯ୍ୟକର୍ତ୍ତା ଦଳୀୟ ପୋଷ୍ଟର ଲଗାଉ ଥିବାବେଳେ କେତେଜଣ ବିଜେଡି କାର୍ଯ୍ୟକର୍ତ୍ତା ମନା କରିଥିଲେ। ଏଥିରେ ସେ ହସ୍ତକ୍ଷେପ କରିବାରୁ ସେମାନେ ଆକ୍ରମଣ କରିଥିଲେ ଏବଂ ଏ ନେଇ ସେ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିବା ବେହେରା ଖବରଦାତା ସମ୍ମିଳନୀରେ କହିଥିଲେ।


ଖବରଦାତା ସମ୍ମିଳନୀରେ ପୁଅଙ୍କ ସହିତ ପୂର୍ବତନ ପୌରାଧ୍ୟକ୍ଷ ।

- **ବିଧାୟକଙ୍କ ବିରୋଧରେ ବର୍ଷିଲେ**
- **ଆକ୍ରମଣ ଘଟଣା ଉପରେ କହିଲେ**
- **ଭାଜପାରେ ସପରିବାର ମିଶିଲେ**

# ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/24-25/ E-Tender/10, ତା.07.05.2024ରିଖ

**(1) ଟେଣ୍ଡର ସଂ. eTender-CenKUR-08-2024, ତା.02.05.2024ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.WAY)/ଢେଙ୍କାନାଳ ଅଧୀନସ୍ଥ ରାଜଆଠଗଡ଼ ୟାର୍ଡ ଠାରେ କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ) କାର୍ଯ୍ୟ ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 49.78 ଲକ୍ଷ, EMD : ₹ 99,600/-

**(2) ଟେଣ୍ଡର ସଂ. eTender-CenKUR-38-2024, ତା.02.05.2024ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେରଠାରୁ ଗୁରୁଡ଼ିଝାଟିଆ ପର୍ଯ୍ୟନ୍ତ ଲୁପ୍ ଲାଇନରେ ବେଗକୁ 30 କି.ମି. ପ୍ରତି ଘଣ୍ଟାରୁ 50 କି.ମି. ପ୍ରତି ଘଣ୍ଟାକୁ ପ୍ରସ୍ତାବିତ ବୃଦ୍ଧି ନିମନ୍ତେ P.WAY ସମ୍ପର୍କିତ କାର୍ଯ୍ୟ ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 142.48 ଲକ୍ଷ, EMD : ₹ 2,21,300/-

**(3) ଟେଣ୍ଡର ସଂ. eTender-CenKUR-39-2024, ତା.02.05.2024ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ) ଅଧୀନସ୍ଥ ଭୁବନେଶ୍ୱର ଏବଂ ରେତଙ୍ଗ ୟାର୍ଡଠାରେ ବର୍ତ୍ତମାନର କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍‌ଡ ଲେଆଉଟ୍‌ଗୁଡ଼ିକର ନବୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 49.24 ଲକ୍ଷ, EMD : ₹ 98,500/-

**(4) ଟେଣ୍ଡର ସଂ. eTender-HqKUR-40-2024, ତା.02.05.2024ରିଖ**

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) ସେକ୍ସନ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ୟାର୍ଡର ଲୁପ୍ ଲାଇନ୍‌ରେ 10.337 କି.ମି. ଲମ୍ବ ନିମନ୍ତେ CTR(S) ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 296.85 ଲକ୍ଷ, EMD : ₹ 2,98,400/-

ଶେଷ ହେବା ଅବଧି : 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 10 (ଦଶ) ମାସ (କ୍ରମ ସଂ. 2 ପାଇଁ), 08 (ଆଠ) ମାସ (କ୍ରମ ସଂ. 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 4 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.05.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-117/P/24-25

# ଆଜି ବରଗଡ଼ ଆସିବେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସମେତ ଆସାମ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ

**ବରଗଡ଼,୧୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଦଳୀୟ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର ପାଇଁ ଗୁରୁବାର ଭାଜପାର ୩ଜଣ ହେଭିୱେଟ ନେତା ବରଗଡ଼ ଜିଲା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ରହିଛନ୍ତି। ଗୁରୁବାର ଅପରାହ୍ନ ୧ଟା ୧୫ ମିନିଟରେ ଜେ.ପି ନଡ୍ଡା ବରଗଡ଼ ଜିଲା ପଦ୍ମପୁର ଅଶୋକ ପଡ଼ିଆରେ, ଅପରାହ୍ନ ୧ଟାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଅତାବିରା ନିର୍ବାଚନମଣ୍ଡଳୀ ଭେଡେନ ବ୍ଲକ ଅନ୍ତର୍ଗତ ବାନିପାଲି ପଡ଼ିଆ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ବିଜେପୁର ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ହେବାକୁ ଥିବା ନିର୍ବାଚନୀ ସଭାରେ ଉଦବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଦଳର ତୁଙ୍ଗ ନେତାମାନଙ୍କ ଆଗମନରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

# ପାଇକମାଲରେ ରବି ଧାନ ମଣ୍ଡି ଖୋଲିଲା



**ପାଇକମାଲ,୧୫।୫(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ସାପ୍ତାହିକ ବଜାର ପରିସରରେ ଥିବା ଆର୍‌ଏମ୍‌ସି ପକ୍ଷରୁ ଧାନ ମଣ୍ଡି ରବି ଋତୁ ପାଇ ବୁଧବାର ଖୋଲାଯାଇଛି। ପାଇକମାଲ ସେବା ସମବାୟ ସମିତି ସଭାପତି ବିଜୟ କୁମାର ସ୍ୱାଇଁ ପୂଜା କରି ନଡ଼ିଆ ଭାଙ୍ଗି ଶୁଭ ଦେଇଥିଲେ। ଏଥିରେ ସୋସାଇଟି ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପଦ୍ମପୁର ଆର୍‌ଏମ୍‌ସି କୃପା ରାମ ଦିଶ୍ରୀ, ପଦ୍ମପୁର ଆର୍‌ଏମ୍‌ସିର ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କ ସହ ଅନେକ ଚାଷୀମାନେ ଉପସ୍ଥିତ ଥିଲେ।

## Format C-1

(for candidate to publish in Newspapers, TV)

**Declaration about criminal cases :**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of Candidate : **C. S. RAAZEN EKKA**
**At/Po - Kusumdegi, Ps - Bargam, Sundargarh**

Name of political party : **INDIAN NATIONAL CONGRESS**
(Independent candidates should write "Independent" here)

Name of Election : **SIMULTANEOUS GENERAL ELECTION 2024**

*Name of Constituency : **13, Rajgangpur (ST)**

I, **C. S. RAAZEN EKKA** (name of candidate, a candidate for the above mentioned election, declare for public information the following details about my criminal antecedents)

(A) Pending criminal cases

| Sl. No. | Name of Court | Case No. and dated | Staus of case(s) | Section (s) of Acts concerned and brief description of offence (s) |
|---|---|---|---|---|
| 1 | SDJM Panposh, Udit Nagar, Rourkela | RMC Case No. 08 of 2023, 02.05.2023 | Pending for trail | 174 (a)/145/146/147 of Railway Act 03. Train detention |

(B) Details about cases of conviction for criminal offences

| Sl. No. | Name of Court & date (s) of order (s) | Description of office (s) & punishment inposed | Maximum Punishment Imposed |
|---|---|---|---|
| NA | | NA | NA |

*In the case of election to Council of States or election to Legislative Council by MLAs. mention the election concerned in place of name of constituency.

## PUBLIC NOTICE

It is hereby notified that I am the rightful share holder of the Land & Building situated at-Mouza - Town Unit 5 (Sakhigopinath) Tahsil/Dist-Sambalpur bearing Khata No-644/100, Plot No.1836/3106 having area (0.020 dec) and Plot No-1851/3107 having area (0.040 dec) Kisam- Gharbari-1 total area- 0.060 dec. In the strength of Regd. will executed by **Huradevi Poptani** in my favour (**Reshma Devi Poptani**) Vide Document No- 31622203141 on dt.17.06.2022 before the DSR Sambalpur. If anybody deals with the said property in whatsoever manner without my written consent he or she will be held liable to pay the compensation, damages etc. to me & shall face the consequences.

**(Reshma Devi Poptani)**
**W/o Bharat Kumar Poptani**
**At-Gujrati Colony, Near-Ashapali School, Po-Town**
**Dist-Sambalpur, Mob-9040139036, Dt.15.05.2024**

## FORMAT C-1

**Declaration about Criminal Cases**

(As per the judgement dated 25th September, 2018 of Hon'ble Supreme Court in WP (Civil) No.536 of 2011) (Public Interest Foundation & Ors. Vs. Union of India & Anr.)

Name and Address of Candidate : **REBATI GIRI**
Name of Political Party : **Independent**
Name of Election : **OLA General Election, 2024**
*Name of Constituency : **Padampur-1, Odisha**

I, **Rebati Giri** a candidate for the above mentioned election declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1. | S.D.J.M., Padampur | G.R. Case No. 746/2015 | N.A. | U/S 143, 341, 353, 149 IPC |
| 2. | S.D.J.M., Padampur | G.R. Case No. 728/2016 | N.A. | U/S 147, 148, 452, 384, 379, 427, 506, 149 IPC |
| 3. | J.M.F.C., Sambalpur | G.R. Case No. 228/2008 | N.A. | U/S 143, 342, 294, 353, 506, 149 IPC |

**(B) Details about cases of conviction for criminal offences**

| Sl. No. | Name of Court & Date(s) of Order(s) | Description of offence(s) & Punishment Imposed | Maximum Punishment Imposed |
|---|---|---|---|
| 1, 2 & 3 | N.A. | N.A. | N.A. |

* In the case of election to Council of States or election to Legislative Council by MLAs, mention the election concerned in place of Constituency.

**Sd./- Rebati Giri**

## DISTRICT ELECTION OFFICE, KHORDHA

**Mail ID: deo.khordha2024@gmail.com**

| Sl. No. | Name of the Expenditure Observers | Name of the P.C./A.C. | Contact No. |
|---|---|---|---|
| 1. | Mr. Venkata Murali, IAS | 111 - Jayadev A.C.<br>112 - Bhubaneswar Central A.C.<br>113 - Bhubaneswar North A.C.<br>114 - Ekamra Bhubaneswar A.C. | 7978090286 |
| 2. | Mrs. G. Rekha Rani, IAS | 115 -Jatani A.C.<br>116 - Begunia A.C.<br>117 - Khordha A.C. | 7978418507 |
| 3. | Mr. T.V. Subash, IAS | 118 - Chilika A.C. | 7978108436 |
| 4. | Mr. Yaram Nagi Reddy, IPS | Police Observer | 9348823290 |

## OFFICE OF THE DISTRICT JUDGE, KENDRAPARA

**ADVERTISEMENT NO. 02/Rect./2024**

**Dated, Kendrapara the 15th day of May, 2024**

Applications in the prescribed format are invited from the eligible candidates for filling up of the following vacancies in the judgeship of Kendrapara.

| Sl. No. | Name of the post | Scale of Pay | Category SC | ST | SEBC | UR | Total No. of posts |
|---|---|---|---|---|---|---|---|
| 1 | Junior Clerk-cum-Copyist | Rs.19,900- Rs.63,200/- under Level-4 of the pay matrix given in the 1st schedule of the O.R.S.P. Rules, 2017 | 01 | 01 | 01 | 03 | 06 |
| 2 | Junior Typist | Rs.19,900- Rs.63,200/- udner Level-4 of the pay matrix given in the 1st schedule of the O.R.S.P. Rules, 2017 | 01 | - | - | - | 01 |
| 3 | Salaried Amin | Rs.21,700- Rs.69,100/- under Level-5 of the pay matrix given in the 1st schedule of the O.R.S.P. Rules, 2017 | - | 01 | - | - | 01 |

**Last date of receipt of application: 5.00 P.M. of 17.06.2024.**

For details please visit the official website of District Court, Kendrapara https://kendrapara.dcourts.gov.in/.

**Sd./- DISTRICT JUDGE-CUM-CHAIRMAN,**
**DISTRICT RECRUITMENT COMMITTEE, KENDRAPARA**

## PRESS RELEASE

**ELECTION EXPENDITURE OBSERVERS CONTACT DETAILS OF KENDRAPARA DISTRICT**

No.D-43 : Any complaints / Grievances pertaining to 15 - Kendrapara PC, 96 - Patkura AC, 97 - Kendrapara AC, 98 - Aul AC, 99 - Rajanagar AC, 100 - Mahakalapara AC may be lodged to the below mentioned Mobile Number / Whatsapp number.

| Sl. No. | Name of the Expenditure Observer | No. & Name of the P.C and AC | Local Contact No/ Whatsapp No. |
|---|---|---|---|
| 1. | Swati Chulet, IRAS (Mob - 9001195022) | 15 - Kendrapara PC | 7205524593 |
| 2. | Bhubaneswari S, IRS (Mob - (9176148290) | 97 - Kendrapara AC<br>98 - Aul AC<br>99 - Rajanagar AC | 7205517289 |
| 3. | Paventhan Arumugam, IA & AS (Mob - 9629030604) | 96 - Patkura AC<br>100 - Mahakalapada AC | 7205517089 |

## PRESS RELEASE

**ELECTION GENERAL OBSERVERS CONTACT DETAILS OF KENDRAPARA DISTRICT**

Any complaints / Grievances pertaining to 15 - Kendrapara PC, 96 - Patkura AC, 97 - Kendrapara AC, 98 - Aul AC, 99 - Rajanagar AC, 100 - Mahakalapara AC may be lodged to the below mentioned Mobile Number / Whatsapp number.

| Sl. No. | Name of the General Observer | No. & Name of the P.C and AC | Local Contact No/ Whatsapp No. |
|---|---|---|---|
| 1. | Mr. B.K. Vasava, IAS (Mob : 9825447122) | 15 - Kendrapara PC<br>97 - Kendrapara AC<br>98 - Aul AC<br>99 - Rajnagar AC | 7205514952 |
| 2. | Mr. Saket Malviya, IAS (Mob : 9868324011) | 15 - Kendrapara PC<br>96 - Patkura AC<br>100 - Mahakalpada AC | 7205527541 |

OIPR-12171/11/0002/2425

**Sd./- District Election Officer & Collector**

## Format C-1

**Declaration about Criminal Cases**

(As per the Judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and Address of Candidate : **Nipon Kumar Dash**
**S/o. Late Diti Krushna Dash**
**At: Naik Pada, Ward No. 6, P.O.: Bargarh, P.S.: Town, Dist.: Bargarh - 768028**

Name of Political Party : **Indian National Congress**
(Independent candidates should write "Independent" here)

Name of Election : **Legislative Assembly of Odisha State**

*Name of Constituency : **03 - Bargarh**

I, **Nipon Kumar Dash** (Name of Candidate), a candidate for the above mentioned election, declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | SDJM, Bargarh | CT Case No. 295/2024 | Appearance | U/s. 143, 149, 283, 341 IPC The applicant has been implicated in this case on the allegation that formed an unlawful assembly with a common object obstructing the public way. |
| 2 | SDJM, Bargarh | CT Case No. 280/2024 | Appearance | U/s. 143, 341, 149, 283 IPC The applicant has been implicated in this case on the allegation that formed an unlawful assembly with a common object obstructing the public way. |
| 3 | SDJM, Bargarh | CT Case No. 524/2022 | Appearance | U/s. 294, 323, 354, 427, 506, 34 IPC The applicant has been implicated in this case on the allegation that abused in filthy languages, causing hurt, outrage the modesty and criminally intimidated with common intention. |
| 4 | SDJM, Bargarh | CT Case No. 317/2021 | Appearance | U/s. 143, 149, 283 IPC The applicant has been implicated in this case on the allegation that formed an unlawful assembly with a common object obstructing the public way. |
| 5 | SDJM, Bargarh | GR Case No. 116/2010 | Hearing | U/s. 147, 341, 294, 353, 149, 283 IPC R/W 3 PDPP Act. The applicant has been implicated in this case on the allegation that formed an unlawful assembly, abused, obstructing the police personal on the public way while discharging their duty and mischief causing damage to public property. |

**(B) Details about cases of conviction for criminal offences**

| Sl. No. | Name of Court & date(s) of Order(s) | Description of Office(s) & punishment imposed | Maximum Punishment Imposed |
|---|---|---|---|
| Not Applicable | Not Applicable | Not Applicable | Not Applicable |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

## ODISHA PUBLIC SERVICE COMMISSION, CUTTACK

**NOTICE**

**No.- 2728/PSC, Dt - 15.05.2024**
**(DR - IV)(2PF-01-2024-25)**

No.D-45 : It is for information of all provisionally qualified candidates that the Document Verification for recruitment to the post of **Veterinary Assistant Surgeon/ Additional Veterinary Assistant Surgeon**, pursuant to Advertisement No. 24 of 2023-24 will be held on 21.05.2024 at the office of OPSC,19, Dr. P. K. Parija Road, Cuttack -753001 as per the programme detailed below.

The candidates are required to report **30 minutes before** the commencement of document verification in each time slot allotted in the scheduled programme.

**PROGRAMME FOR PHYSICAL VERIFICATION OF ORIGINAL CERTIFICATES/DOCUMENTS**

| Date of Verification | Time of Verification | Roll Nos. of candidates to be verified | Team to Verify |
|---|---|---|---|
| 21.05.2024 | 10.30 A.M. to 12.15 P.M | 100002,100003,10004, 100005,100006, 100007,100008,100009, 100010,100011, 100012,100013 = **12 candidates** | Team - I |
| | | 100014, 100015, 100017, 100018, 100019, 100020, 100022, 100023, 100025, 100026, 100027, 100028 = **12 candidates** | Team - II |
| | 12.15 P.M. to 01.30 P.M. | 100029, 100030, 100031, 100032, 100033, 100034, 100035, 100037, 100038, 100040, 100041, 100042 = **12 candidates** | Team - I |
| | | 100043, 100044, 100045, 100046, 100047, 100048, 100049, 100053, 100054, 100055, 100056, 100057 = **12 candidates** | Team - II |
| | 02.30 P.M. to 04.00 P.M. | 100058, 100059, 100060, 100061, 100062, 100063, 100064, 100065, 100066, 100067, 100068, 100069 = **12 candidates** | Team - I |
| | | 100070, 100071, 100072, 100073, 100075, 100076, 100077, 100079, 100080, 100081, 100082, 100084 = **12 candidates** | Team - II |
| | 04.00 P.M. to 5.30 P.M. | 100085, 100086, 100088, 100089, 100090, 100091, 100092, 100093, 100094, 100095, 100096, 100097, 100098 = **13 candidates** | Team - I |
| | | 100100, 100101, 100102, 100103, 100104, 100106, 100107, 100108, 100112, 100113, 100114, 100116 = **12 candidates** | Team - II |

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy / deficiency found at any stage before or after the verification of original certificates / documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQURIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTOCOPY OF THE FOLLOWING DOCUMENTS AT THE TIME OF VERIFICATION**

1. Hard copy of online application form **mentioning Roll No. at the Top Right-Hand Corner** Application Forms are available in the website of the Commission. The Candidates are required to download the same using their respective Username and Password/OTP etc. through OPSC e-Chayan portal via www.opscechavan.in
2. **Three (03) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **B.V.Sc. or its equivalent Degree Certificate & Marksheet** issued by the recognized University.
5. **Permanent Registration Certificate under the state of Odisha Veterinary Practitioner Act. 1970. (Issued within last date** of submission of online application form i.e., 26.02.2024)
6. **Caste Certificate by birth (SC/ST) issued within the last date i.e 26.02.2024.**
7. **SEBC Certificate** (issued within **27.02.2021 to 26.02.2024**), whereever applicable.
8. **Permanent Disability certificate (indicating percentage of disability i.e. 40% and more) issued by the concerned Medical Board wherever applicable issued within the last date i.e. 26.02.2024**.
9. **Discharge Certificate** issued **within 26.02.2024** by the Commanding officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
10. Odia Test Pass certificate issued within 26.02.2024.
11. **No Objection Certificate** issued by the Competent Authority in case of in-service candidates ; wherever applicable.
12. **Any proof of photo Identity.**
13. **Attestation form** duly filled-in the candidate and signed by a Gazetted Officer (to be downloaded from the website of the Commission).
14. The candidates are required to mention **"Submitted by me"** and put their **full signature and date of verification on each Xerox copy** of documents.
15. Any other documents as per Para - 10 of the Adverisement.

OIPR-12002/11/0022/2425

**Sd./-Secretary**

# ଜନତାଙ୍କ ଉତ୍ସାହ ଭାଜପାର ବିଜୟ ସନ୍ଦେଶ ଦେଉଛି

## କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଧର୍ମେନ୍ଦ୍ରଙ୍କ ନିର୍ବାଚନୀ ପ୍ରଚାର

ଜମନକିରା/କୁଚିଣ୍ଡା, ୧୫।୫
(ରବୀନ୍ଦ୍ର ପ୍ରସାଦ ଦାନୀ/ବିରଞ୍ଚି ଦର୍କା)



ଭାଜପା ସଙ୍କଳ୍ପ ସମାବେଶରେ ମଞ୍ଚାସୀନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ନେତୃବର୍ଗ।

ଦୀର୍ଘ ୨୫ବର୍ଷ ଧରି ଯେଉଁମାନେ ଓଡ଼ିଶାକୁ ଲୁଟ୍ କରିଛନ୍ତି ସେମାନେ ଏବେ ଓଡ଼ିଶାର ନେତୃତ୍ୱମାନଙ୍କୁ ଆଡେଇ ଦେବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି। ଏଥର ନିର୍ବାଚନରେ ଓଡ଼ିଶାବାସୀ ବିଜେଡିକୁ ମୂଳପୋଛ କରିବେ। ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଚାର କାଳରେ ଜନତାଙ୍କ ଅପାର ସ୍ନେହ ଓ ଉତ୍ସାହ ଭାଜପାର ଅଭୂତପୂର୍ବ ବିଜୟର ସନ୍ଦେଶ ଦେଉଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ। ବୁଧବାର କୁଚିଣ୍ଡା ନିର୍ବାଚନମଣ୍ଡଳୀର ଭୋଜପୁର, କୁସୁମୀ, ଗୋଛରା, କେଶାଇବାହାଲ, ବାମରା ଓ ଗଡପୋଷ ସମେତ ଅନେକ ସ୍ଥାନରେ ନିର୍ବାଚନୀ ପ୍ରଚାର କାଳରେ ସେ ଏକ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭାଜପାକୁ ପଦ୍ମ ଫୁଲରେ ଭୋଟ ଦେବା ଲାଗି ଲୋକଙ୍କୁ ନିବେଦନ କରିଛନ୍ତି।

ଦଳ ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଯେଉଁମାନେ ୨୫ ବର୍ଷ ହେବ ଗାଁରେ ପିଇବା ପାଣି ଦେଇନାହାନ୍ତି, ଜମିକୁ ଜଳସେଚନର ବ୍ୟବସ୍ଥା କରିନାହାନ୍ତି ସେମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଓଡ଼ିଶାରେ ଅନେକ ପରିମାଣରେ ପନିପରିବା ଉତ୍ପାଦନ ପରେ ମଧ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ବ୍ୟବସ୍ଥା ନାହିଁ। ସରକାରୀ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ସ୍କୁଲରେ ଶିକ୍ଷକ ନାହାନ୍ତି। ଓଡ଼ିଶାର ଏକ ତୃତୀୟାଂଶ ଲୋକ ଭିଟାମାଟି ଛାଡି ବାହାର ରାଜ୍ୟରେ କାମ କରୁଛନ୍ତି। ଏଥିରୁ କୁମ୍ଭୀର କାନ୍ଦଣା କିଏ କରୁଛି ତାହା ଲୋକ ବିଚାର କରିବେ।

୨୫ ବର୍ଷର ବିଜେଡି ସରକାରରେ କୁଚିଣ୍ଡା ଅବହେଳିତ। କୃଷିଭିତ୍ତିକ ଅଞ୍ଚଳରେ ଜମିକୁ ଜଳସେଚନ ହୋଇପାରୁ ନ ଥିବାରୁ ଚାଷୀମାନେ ଅସୁବିଧା ଭୋଗୁଛନ୍ତି। ମରୁଡ଼ି ହେଉଛି। ଜଙ୍ଗଲଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ରାଜ୍ୟ ସରକାର ଦେଉନାହାନ୍ତି। ପେସା ଆକ୍ଟ କାର୍ଯ୍ୟକାରୀ ହେଉ ନ ଥିବା ବେଳେ ଆଦିବାସୀଙ୍କୁ ସ୍ଥାୟୀ ପଟ୍ଟା ମିଳୁନାହିଁ। ଆଦିବାସୀଙ୍କ ଜମି ବିକିବା ପାଇଁ କ୍ୟାବିନେଟରେ କିଏ ନିଷ୍ପତ୍ତି ନେଇଥିଲେ। ଦୀର୍ଘ ୨୫ ବର୍ଷରେ ଜମିକୁ ଜଳସେଚନ ବ୍ୟବସ୍ଥା ନ କରିବା, ଶୀତଳ ଭଣ୍ଡାର ସ୍ଥାପନ ନ କରିବା କ'ଣ ରୂପାନ୍ତରଣ । କୃଷିଭିତ୍ତିକ ଅଞ୍ଚଳ ଛେଣ୍ଡିପଦାରେ ଧାନ କିଣାରେ କଟ୍‌ନୀ ଛଟ୍‌ନୀ ମଧ ହେଉଛି। ଏହା ବିରୋଧରେ ଲୋକେ ମେଳି ବାନ୍ଧିଛନ୍ତି। ଓଡ଼ିଶାରେ ଏଥର ପିଇବା ପାଣି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ରୋଜଗାର ଓ ମହିଳା ସୁରକ୍ଷା ପାଇଁ ପରିବର୍ତ୍ତନ ହେବ। ଭାଜପାର ସଙ୍କଳ୍ପ ପତ୍ର ଉପରେ ସମବେତ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି କେନ୍ଦ୍ରମନ୍ତ୍ରୀ। ରାଜ୍ୟରେ ଭାଜପା ସରକାର ହେଲେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ହେବ। ଧାନ କିଣିବାର ୪୮ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାରେ ଏହି ଅର୍ଥ ଦିଆଯିବ। କଟ୍‌ନୀଛଟ୍‌ନୀ ନାଁରେ ଚାଷୀଙ୍କୁ ଯେଉଁ ଶୋଷଣ ହେଉଛି, ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ। ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ୩ହଜାର ଟଙ୍କା କରାଯିବ। କେନ୍ଦୁପତ୍ର ବିଡା ୧.୬୦ଟଙ୍କାରୁ ୨ଟଙ୍କା ବୃଦ୍ଧି କରାଯିବ। ରାଜ୍ୟରେ ଭାଜପା ସରକାର ହେଲେ ଏସ୍‌ଏଚ୍‌ଜି ସମୂହକୁ ନେଇ ୨୫ ଲକ୍ଷ ଲକ୍ଷପତି ଦିଦି ତିଆରି କରାଯିବ। କୁଚିଣ୍ଡାକୁ ଏକ ଅଗ୍ରଣୀ ସବ୍‌ଡିଭିଜନ ଭାବେ ଗଢିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଅବସରରେ ଆୟୋଜିତ ପୃଥକ ପୃଥକ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଅନେକ ନେତା, କର୍ମୀ ଓ ଯୁବବର୍ଗ ସାମିଲ ହୋଇଥିଲେ। ଦୁଇ ଗୁଣା ପଦ୍ମ, ଦୁଇ ଗୁଣା ବିକାଶର ନାରା ଦେବା ସହ ଲୋକ ସଭା ଓ ବିଧାନସଭାରେ ଦୁଇ ଥର ପଦ୍ମଫୁଲରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଭୋଜପୁରଠାରେ ଅନୁଷ୍ଠିତ ବିଜୟ ସଙ୍କଳ୍ପ ସମାବେଶରେ କୁଲୁଣ୍ଡି, ଖର୍ସନମାଲ, ଜମନକିରା, ବଡରମା, ଭୋଜପୁର, କେନାଢିପା, ଫାଶିମାଲ, ସୁବର୍ଣ୍ଣପାଲି ଅଞ୍ଚଳର ବହୁ ସଂଖ୍ୟାରେ ଯୁବକ, ମହିଳା ଓ ବିଭିନ୍ନ ପଦ ପଦବୀରେ ଥିବା ବିଜେଡି ଓ କଂଗ୍ରେସ କର୍ମୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିଲେ।

# ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନବୀନ

## ଆଇଆଇଏମ୍ ପ୍ରସଙ୍ଗରେ ଧର୍ମେନ୍ଦ୍ରଙ୍କୁ ଘେରିଲା ବିଜେଡି

ସମ୍ବଲପୁର, ୧୫।୫(ପ୍ରମୋଦ ବହିଦାର)



ଡ. ଲେନିନ ମହାନ୍ତି।

ସମଗ୍ର ଦେଶରେ ପ୍ରମୁଖ ଆଞ୍ଚଳିକ ରାଜନୈତିକ ଦଳ ମଧ୍ୟରେ ବିଜେଡି ଏକ ସଫଳ ରାଜନୈତିକ ଦଳ। ସାଢ଼େ ଚରିକୋଟି ଓଡ଼ିଆଙ୍କ ସ୍ନେହ, ଶ୍ରଦ୍ଧା ଓ ପ୍ରଭୁ ଜଗନ୍ନାଥ, ମା'ସମଲେଶ୍ୱରୀଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ନିଶ୍ଚିତ। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନକୁ ବୁଧବାର ପ୍ରଥମ ଗସ୍ତରେ ଆସିଥିବା ଖବର ପାଇ ବିଚଳିତ ହୋଇ ଉଠିଛନ୍ତି ଭାଜପାର ସମ୍ବଲପୁର ଏମ୍‌ପି ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ତେଣୁ ସେ ବଚସ୍କରଙ୍କୁ ଲଗାଇ ବିଭିନ୍ନ ପ୍ରସଙ୍ଗରେ ଅନେକ ଅବାନ୍ତର ପ୍ରଶ୍ନ କରୁଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି।

ସ୍ଥାନୀୟ ପାନ୍ଥନିବାସରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଡ. ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ଆମେ ସମସ୍ତେ ବିଜେଡି ସୈନିକ ଓଡ଼ିଶାର ବିକାଶ ପାଇଁ ସଦା ଚେଷ୍ଟିତ। ଗଣମାଧ୍ୟମ ବାର୍ତ୍ତା ବା ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଜେଡି ଏକ ମିଡିଆ ଟିମ୍ ଗଠନ କରାଯାଇଛି। ମାତ୍ର ଭାଜପାରେ ନେତାଙ୍କ ଗୋଡ଼ ମୋଡୁଥିବା ବ୍ୟକ୍ତିମାନଙ୍କୁ ନେଇ ଗଠିତ ମିଡିଆ ପେନାଲିଷ୍ଟ ନାନା ପ୍ରସଙ୍ଗ ବିହୀନ କଥା କହୁଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ବଲପୁରରେ ଆଇଆଇଏମ୍ ପ୍ରତିଷ୍ଠାରେ ବାଧକ ସାଜିବା କଣ ଅନ୍ୟାୟ ନୁହେଁ। ଆଇଆଇଏମ୍‌ର କିଛି ଅଂଶ ପ୍ରଦାନ କରାଯାଇଥିବା ଦିଲ୍ଲୀର ଆଇଟି କମ୍ପାନୀର ନିର୍ଦ୍ଦେଶକ କିଏ ଆଦି କେତେକ ପ୍ରଶ୍ନ ପଚାରି ଡ. ମହାନ୍ତି ଏହାର ଉତ୍ତର ରଖିବାକୁ ଧର୍ମେନ୍ଦ୍ରଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଥମେ କଂଗ୍ରେସରୁ ବିଜେଡିକୁ ଆସି ପୁଣି ବିଜେଡି ଛାଡ଼ି ଭାଜପା ଯାଇଥିବା ବ୍ୟକ୍ତି ଅବାନ୍ତର ପ୍ରଶ୍ନ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପାନ୍ଥନିବାସ ଭଳି ଏକ ସରକାରୀ ସଂସ୍ଥା ସମ୍ପର୍କରେ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ଡ. ମହାନ୍ତି କହିଥିଲେ ଏହା ହେଉଛି ସାଧାରଣଲୋକଙ୍କ ସମ୍ପତ୍ତି। ପଇସା ଦେଇ ଯେ କେହି ବି ଏଠାରେ ରହିପାରିବ। ମୁଁ ମଧ ପାଇସା ଦେଇ ଏଠାରେ ରହି କୌଣସି ଅପରାଧ କରିନାହିଁ।

ସେହିପରି ଜୁଜୁମୁରାରେ ସାଂସଦ ପାଣ୍ଠିର ହରିଲୁଟ୍ ହୋଇଛି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେବେହେଲେ ପ୍ରଶ୍ନ କରିଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ଏହାସହ ସରକାରୀ କାନ୍ଥବାଡ଼ରେ ଭାଜପାର ମିଛ ପ୍ରତିଶ୍ରୁତି ଲେଖିଥିବା ଲୋକ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେଲା ପରେ ମିଛ ପ୍ରତିଶ୍ରୁତି ଉପରେ ଧଳା ଚୂନ ମାରି ଲିଭାଇବାକୁ ପ୍ରୟାସ କରିଛନ୍ତି। ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଅଣଓଡ଼ିଆ କୁହାଯାଉଥିବା ପ୍ରସଙ୍ଗରେ ସେ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦଳା ଠାକୁର, ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ କଥା କହିଲେ ଗୋତ୍ର କଥା ମନେ ପଡୁଛି କି ବୋଲି ଓଲଟା ଭାଜପା ନେତାଙ୍କୁ ପ୍ରଶ୍ନ କରିଥିଲେ।

# ଓଡ଼ିଶାରେ ପରିବର୍ତ୍ତନର ସଙ୍କେତ ମିଳିସାରିଛି: ଛତିଶଗଡ଼ ଅର୍ଥମନ୍ତ୍ରୀ

## ଟଙ୍କଧର, ପ୍ରଦୀପଙ୍କ ପାଇଁ କଲେ ପ୍ରଚାର

ଝାରସୁଗୁଡ଼ା, ୧୫।୫(ସଞ୍ଜୟ ମାଲି)



ଝାରସୁଗୁଡ଼ା ଜିଲା ଭାଲୁପତ୍ରା ଗ୍ରାମରେ ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ୍ ପ୍ରକାଶ ଚୌଧୁରୀ ଓ ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ପ୍ରଚାର କରୁଛନ୍ତି।

ଓଡ଼ିଶାରେ ପରିବର୍ତ୍ତନର ସଙ୍କେତ ମିଳିସାରିଛି ବୋଲି ଛତିଶଗଡ଼ର ଅର୍ଥମନ୍ତ୍ରୀ ଓମ୍ ପ୍ରକାଶ ଚୌଧୁରୀ କହିଛନ୍ତି। ବୁଧବାର ଝାରସୁଗୁଡ଼ା ଜିଲା କୋଲାବିରା ଓ ଲଇକେରା ବ୍ଲକର ଝିର୍ଲାପାଲି, ଭାତଲଇଡା ଓ ଭାଲୁପତ୍ରା ଗ୍ରାମଠାରେ ଭାଜପାର ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଚୌଧୁରୀ କହିଛନ୍ତି, ପ୍ରତିପକ୍ଷ ସରକାରର ପତନ ଘଟିବ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲେ ସବୁ ସମସ୍ୟାର ସମାଧାନ ହେବ। ଓଡ଼ିଶାରେ ସୃଷ୍ଟି ହେବ ବିକାଶର ନୂତନ ଧାରା। ଛତିଶଗଡ଼ ଭଳି ଏଠାରେ ମଧ ୩,୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣାଯିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଳିବ ବର୍ଷକୁ ୫୦ ହଜାର ଟଙ୍କାର ଭାଉଚର। ରୋଜଗାରର ନୂତନ ସୁଯୋଗ ସୃଷ୍ଟି ହେବ। ଛତିଶଗଡ଼ ଭଳି ଓଡ଼ିଶାରେ ସବୁ ବର୍ଗର ଲୋକଙ୍କ ବିକାଶ ସମ୍ଭବ ହେବ ବୋଲି ଚୌଧୁରୀ କହିଛନ୍ତି।

ପ୍ରତିପକ୍ଷ ଦଳ ଗୋଟିଏ ଭୋଟକୁ ୩ରୁ ୫ ହଜାର ଟଙ୍କା ଦେବାକୁ ଯାଉଛି ବୋଲି ଚୌଧୁରୀ ଅଭିଯୋଗ କରିଛନ୍ତି। ତେବେ ସେହି ଟଙ୍କା ନିଅ କିନ୍ତୁ ଭୋଟ ଉଚିତ ପ୍ରାର୍ଥୀ ଅର୍ଥାତ୍ ଭାଜପା ସପକ୍ଷରେ ଦିଅ। ଓଡ଼ିଶାରେ ଭ୍ରଷ୍ଟାଚାର ଓ ଦୁର୍ନୀତିରେ ବୁଡ଼ି ରହିଥିବା ସରକାରକୁ ଗାଦିଚ୍ୟୁତ କର ବୋଲି କହି ବିଜେଡି ଉପରେ ବର୍ଷିଛନ୍ତି ଛତିଶଗଡ଼ ମନ୍ତ୍ରୀ ଚୌଧୁରୀ। ଏହି ସଭାରେ ଝାରସୁଗୁଡ଼ା ଭାଜପା ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଉଦ୍‌ବୋଧନ ଦେଇ ଗୋଟିଏ ପରିବାରକୁ ଝାରସୁଗୁଡ଼ାରେ ୪ ଥର ଜିତାଇଥିବା ବେଳେ ନୂତନ ନିର୍ମାଣ ନାମରେ ଏହି ଅଞ୍ଚଳକୁ ଲୁଟି ଖାଇବାର ସୁଯୋଗ ଦିଆଯାଇଛି। ଆଗକୁ ନିର୍ବାଚନମଣ୍ଡଳୀରେ ଲୋକେ ଯଦି ପ୍ରକୃତ ବିକାଶ ଚାହୁଁଛନ୍ତି ତା'ହେଲେ ଭାଜପାକୁ ଭୋଟ ଦେଇ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା କରନ୍ତୁ ବୋଲି ତ୍ରିପାଠୀ କହିଛନ୍ତି। ସଭାରେ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପୁରୋହିତ, ସନ୍ତୋଷ ଯାଦବ, ରାଜେଶ ଦାସ, ବିଜୟ ଶର୍ମା, ପଙ୍କଜ ବେହେରା, ମୋତିଲାଲ ଡନସେନା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ଲୋକ ସଭା ପ୍ରାର୍ଥୀଙ୍କ ଜାତିକୁ ନେଇ ଅଭିଯୋଗ

ଯାଜପୁର ଟାଉନ, ୧୫।୫
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଲୋକ ସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଭାଜପା ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରାଙ୍କ ଜାତିକୁ ନେଇ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଯାଜପୁର ଲୋକସଭା ଆସନଟି ଅନୁସୂଚିତ ଜାତି(ଏସ୍‌ସି) ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଲୋକସଭା ପ୍ରାର୍ଥୀ ବେହେରାଙ୍କ ମୂଳ ଜାତି ରାଢ଼ି(ଯାହାକି ସବର୍ଣ୍ଣ)। କିନ୍ତୁ ସେ ଜାଲିଆତି କରି ହାଲ କବଲାରେ ନିଜକୁ କୈବର୍ତ୍ତ୍ୟ ଜାତି ବୋଲି ଦର୍ଶାଇଛନ୍ତି। ଏହା ଅନୁସୂଚିତ ଜାତି ବର୍ଗଙ୍କ ମୌଳିକ ଅଧିକାରକୁ ଚଞ୍ଚକତା କରାଯାଇଛି ବୋଲି ଅସ୍ପୃଶ୍ୟ ସଂରକ୍ଷଣ ସୁରକ୍ଷା ସମିତି ରାଜ୍ୟ ସଂଯୋଜକ ମନୋରଞ୍ଜନ ଜେନା, ସହଦେବ ଜେନା ଓ ପ୍ରତାପ ଦାସ ଅଭିଯୋଗ କରିବା ସହ ବେହେରାଙ୍କ ପ୍ରାର୍ଥିପତ୍ର ନାକଚ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରାର୍ଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଭାଜପାରେ ଯୋଗଦେଲେ ବହୁ ବିଜେଡି, କଂଗ୍ରେସ ନେତା, କର୍ମୀ

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)

ଯାଜପୁରଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀର ଅଚ୍ୟୁତବସନ୍ତ, ଅରଖପୁର, ପଲେଇ, କୁନ୍ଦଳ, ରାଧାଦେଇପୁର ଗ୍ରାମପଞ୍ଚାୟତର ଶତାଧିକ ନେତା, କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ବୁଧବାର ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅଚ୍ୟୁତବସନ୍ତର ବିଜେଡି ଜିଲା ସାଧାରଣ ସମ୍ପାଦକ ରୁଦ୍ରମାଧବ ବଳସାମନ୍ତ, ପରମେଶ୍ୱର ଦଳେଇ, ସାଧୁନାଥ ଦଳେଇ, ନାରଣ ଦଳେଇ, ବିଶ୍ୱଜିତ ବଳସାମନ୍ତ, ରବୀନ୍ଦ୍ର ଦଳେଇ, ଉତ୍ତମ ଦଳେଇ, ଅରଖପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ପରିଡ଼ା, ପଲେଇ ଗ୍ରାମପଞ୍ଚାୟତର ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ କିଶୋର ମହାନ୍ତି, ଅବସରପ୍ରାପ୍ତ ମେଜର ଧନେଶ୍ୱର ମହାରଣା, ସାମାଜିକ କର୍ମୀ ବିକ୍ରମ କିଶୋର ପ୍ରଧାନ, କୁନ୍ଦଳ ପଞ୍ଚାୟତର ସୁରେନ୍ଦ୍ର ନାଥ ସାମଲ ପ୍ରମୁଖ ଆନୁଷ୍ଠାନିକଭାବେ ଭାଜପାରେ ମିଶିଛନ୍ତି। ସେହିପରି ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ବିଜେଡି ସରପଞ୍ଚ ପ୍ରାର୍ଥୀ ସଚ୍ଚିଦାନନ୍ଦ ଜେନା, ପୂର୍ବତନ ସମିତି ସଭ୍ୟ ଦିଲୀପ କୁମାର ସାହୁ, ସରୋଜକାନ୍ତ ମହାନ୍ତି, ଅନିରୁଦ୍ଧ ମହାନ୍ତି, ଜଗନ୍ନାଥ ସାହୁ, କ୍ଷେତ୍ରବାସୀ ସାହୁ, ନିର୍ମଳ ଚନ୍ଦ୍ର ଜେନା, ସାମାଜିକ କର୍ମୀ ମଞ୍ଜରୀ ଜେନା, ହାଇକୋର୍ଟ ଆଇନଜୀବୀ ସୁମନ୍ତ ସ୍ୱାଇଁ ପ୍ରମୁଖ ଆନୁଷ୍ଠାନିକଭାବେ ଦଳରେ ସାମିଲ ହୋଇଛନ୍ତି। ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

# ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଦେଖି ଭୋଟ ଦେବୁ

ଭୁବନେଶ୍ୱର, ୧୫।୫(ଅନିଲ ଦାସ)



ଅମିନ ସାହୁ



କାହ୍ନୁ ସାହୁ

ରାଜ୍ୟରେ ନିର୍ବାଚନ ପର୍ବ ଚାଲିଛି। ପ୍ରାର୍ଥୀଙ୍କଠାରୁ ଆରମ୍ଭ କରି ଦଳୀୟ ନେତା ଓ କର୍ମୀ ଘର ଘର ବୁଲି ଝାଳବୁହା ପ୍ରଚାର କରୁଛନ୍ତି। ଲୋକମାନଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ପୁସିଂ କାର୍ଡ ଧରାଇ ଭୋଟ ଦେବାକୁ ନେହୁରା ହେଉଛନ୍ତି। ତେବେ ପ୍ରାର୍ଥୀମାନେ କ'ଣ କରିଛନ୍ତି ସେ ବିଷୟରେ ଭୋଟରଙ୍କୁ ଜଣାନାହିଁ। କିଏ କ'ଣ କରିଛନ୍ତି ଆମେ ଜାଣିନୁ। ଆମ ପାଇଁ କେହି କିଛି କରିନାହାନ୍ତି। ଭୋଟ ଦେବା କଥା ଦେଉଛୁ। ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଦେଖି ଭୋଟ ଦେବୁ। ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିଛି ଭୋଟର ଏଭଳି ମତ ଦେଇଛନ୍ତି।

ବରିଷ୍ଠ ମତଦାତା ଏଭଳି କଥା କହୁଥିବା ବେଳେ ଯୁବ ମତଦାତା କିନ୍ତୁ ଟିକେ ଅଲଗା ମତ ଦେଉଛନ୍ତି। ସେମାନଙ୍କ ମତ ହେଲା ପ୍ରଥମେ ରୋଜଗାର ଦରକାର। ଏହା ପରେ ଅନ୍ୟ କିଛି ହେଉ। ବେକାର ହୋଇ ରହିଲେ ଆମେ କ'ଣ କରିବୁ। ଯିଏ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବ ଆମେ ତାଙ୍କୁ ଭୋଟ ଦେବୁ। ତେବେ ସମସ୍ତେ ଭୋଟ ଦେବା ଉଚିତ ବୋଲି ମତ ଦେଇଛନ୍ତି।

ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗାଡ଼କଣ ଅଞ୍ଚଳର ବରିଷ୍ଠ ମତଦାତା ଅମିନ ସାହୁ କହିଛନ୍ତି ଯେ ଆଜିକାଲି ନେତାମାନେ ଆଉ ଆଗଭଳି ସେବା ମନୋବୃତ୍ତି ରଖି କାମ କରୁନାହାନ୍ତି। ଭୋଟ ସରିଗଲେ ଦେଖା ମିଳିବା ମୁସ୍କିଲ। ଆମେ ପ୍ରାର୍ଥୀ ନୁହେଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଦେଖି ଭୋଟ ଦେଉଛୁ। ରାଜ୍ୟ ଓ ଦେଶ ଚଳାଇବାକୁ ତ କେହି ରହିବେ। ସେଥିପାଇଁ ଭୋଟ ଦେଉଛୁ। ଆମ ପାଇଁ କେହି କିଛି କରୁନାହାନ୍ତି। ନିଜେ ନ ଖଟିଲେ କ'ଣ ନେତା ଆଣି ଘରେ ଦେଇଯିବେ। ସେ ତାଙ୍କ ଫାଇଦା ପାଇଁ ରାଜନୀତି କରୁଛନ୍ତି। ଆମର ଯାହାକୁ ଇଚ୍ଛା ହେବ ଭୋଟ ଦେବୁ। କିଏ କ'ଣ କରିଛନ୍ତି ଆମେ ଜାଣିନୁ। ଚିହ୍ନ ଦେଖି ଯାହାକୁ ଜଣକୁ ଭୋଟ ଦେଇଦେବୁ।

କଳାରାହାଙ୍ଗର ଯୁବ ଭୋଟର କାହ୍ନୁ ସାହୁ କହିଛନ୍ତି ଯେ ଏମ୍‌ପି, ବିଧାୟକ କ'ଣ କରୁଛନ୍ତି ଆମକୁ ଜଣାନାହିଁ। କିଛି ଦିନ ହେବ ପ୍ରଚାର କରିବାକୁ ଆସିଥିବା ଭୁବନେଶ୍ୱର ଏମ୍‌ପିଙ୍କୁ ଗାଁ ଲୋକ ପଚାରିଥିଲେ ଆପଣ ଆମ ପାଇଁ କ'ଣ କରିଛନ୍ତି। ସେ କିଛି ଉତ୍ତର ନ ଦେଇ ସେଠୁ ପଳାଇ ଯାଇଥିଲେ। କୌଣସି ପ୍ରାର୍ଥୀଙ୍କର କିଛି କରିବାର ନାହିଁ। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଦେଖି ଭୋଟ ଦେଉଛି। ଲୋକଙ୍କ କଥା କେହି ଶୁଣୁନାହାନ୍ତି। ନେତାମାନେ କ୍ଷମତାକୁ ଆସିଲେ ଯାହାଇଚ୍ଛା ତାହା କରୁଛନ୍ତି। ୫ ବର୍ଷରେ ଥରେ ଭୋଟ ହେଉଥିବାରୁ ଦେଉଛି ବୋଲି ସେ କହିଥିଲେ।

ରାଜ୍ୟର ଅନ୍ୟାନ୍ୟ ସ୍ଥାନ ଭଳି ରାଜଧାନୀ ଭୁବନେଶ୍ୱରରେ ମଧ ଖରାର ତାତି ସାଙ୍ଗକୁ ନିର୍ବାଚନର ଉଷ୍ମତା ବଢ଼ିଯାଇଛି। ବିଜେଡି, ଭାଜପା ଓ କଂଗ୍ରେସ ଭଳି ପ୍ରମୁଖ ଦଳ ନିଜର ସ୍ଥିତି ଜାହିର କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ପ୍ରଚାର ଗାଡ଼ି ଗଳିକନ୍ଦି ବୁଲି ଭୋଟ ପ୍ରଚାରରେ ବ୍ୟସ୍ତ ରହିଥିବା ବେଳେ ସନ୍ଧ୍ୟା ହେଲେ ଛକ ବଜାର, ଚା' ଦୋକାନରେ ଆରମ୍ଭ ହୋଇଯାଉଛି ରାଜନୀତି ଚର୍ଚ୍ଚା। କିଏ କହୁଛନ୍ତି ବହୁତ ହୋଇଗଲା, ଏଥର ସରକାର ବଦଳିବା ଦରକାର। ଆଉ କିଏ କହୁଛନ୍ତି ମୁଖ୍ୟମନ୍ତ୍ରୀ ପାଇଁ ଅନ୍ୟ ଦଳର କିଏ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି? ଯାହା ଚାଲିଛି ଚାଲିଥାଉ। ତେବେ କେଉଁ ଦଳକୁ ଲୋକ ଗ୍ରହଣ କରୁଛନ୍ତି ତାହା ଆଉ କିଛିଦିନ ପରେ ସ୍ପଷ୍ଟ ହୋଇଯିବ।

# ଦୁଇ ଅଭିଜ୍ଞଙ୍କ ପାଇଁ ଚିନ୍ତା ବଢ଼ାଇଲେଣି ନବାଗତ

ସମ୍ବଲପୁର, ୧୫।୫(ପ୍ରମୋଦ ବହିଦାର)



ଜୟନାରାୟଣ ମିଶ୍ର



ରୋହିତ ପୂଜାରୀ



ଦୁର୍ଗା ପ୍ରସାଦ ପାଢ଼ୀ

ସମ୍ବଲପୁର ବିଧାନସଭା କ୍ଷେତ୍ର ସମ୍ବଲପୁର ମହାନଗର ନିଗମ, ବୁର୍ଲା ଓ ହୀରାକୁଦ ସହରାଞ୍ଚଳକୁ ନେଇ ଗଠିତ। ୨୦୧୯ରେ ଏଠାରୁ ଭାଜପାର ବରିଷ୍ଠ ନେତା ଜୟନାରାୟଣ ମିଶ୍ର ବିଜୟୀ ହୋଇଥିଲେ। ଚଳିତ ଥର ସେ ପୁଣି ଥରେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଏଠାରୁ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ମଇଦାନକୁ ଛାଡ଼ିଛି। କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି ଆଇନଜୀବୀ ଦୁର୍ଗାପ୍ରସାଦ ପାଢ଼ୀ। ୩ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ବିଭିନ୍ନ ରାଜନୈତିକ ଦଳର ୯ଜଣ ଏଥର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ହେଉଥିବା ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ଜୟନାରାୟଣ ମିଶ୍ର ସମ୍ବଲପୁର ବିଧାନସଭା କ୍ଷେତ୍ରରୁ ୪ଥର ବିଜୟୀ ହୋଇଛନ୍ତି। ୨୦୦୦, ୨୦୦୪, ୨୦୦୯ରେ ଲଗାତର ତିନିଥର ବିଜୟୀ ହୋଇଥିବା ବେଳେ ୨୦୧୪ରେ ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀଙ୍କଠାରୁ ହାରି ଯାଇଥିଲେ। ହେଲେ ୨୦୧୯ରେ ପୁଣିଥରେ ଏଠାରୁ ଜିତି ବିଧାନସଭାରେ ବିରୋଧୀ ଦଳର ନେତା ହୋଇଛନ୍ତି। ଚଳିତ ଥର କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରର ସଫଳତା ଓ ଲୋକଙ୍କ ପାଇଁ ସେ ବିଗତ ଦିନରେ କରିଥିବା କାର୍ଯ୍ୟ ତାଙ୍କୁ ବିଜୟୀ କରାଇବ ବୋଲି ସେ ଆଶା ବାନ୍ଧିଛନ୍ତି। ପୁନଶ୍ଚ ସମ୍ବଲପୁର ଲୋକ ସଭା କ୍ଷେତ୍ରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପାରୁ ପ୍ରାର୍ଥୀ ହୋଇଥିବାରୁ ସାମ୍ପ୍ରତିକ ରାଜନୈତିକ ପାଣିପାଗ ଦଳକୁ ସୁହାଇବ ବୋଲି କର୍ମୀମାନେ କହୁଛନ୍ତି। ତେବେ ୨୦୧୯ ନିର୍ବାଚନରେ ବିଜୟୀ ହେବା ପରେ ଅସୁସ୍ଥତା କାରଣରୁ ଦୀର୍ଘଦିନ ଜୟନାରାୟଣ ନିର୍ବାଚନମଣ୍ଡଳୀ ବାହାରେ ରହିଥିବାରୁ ତାହା ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି।

୨୦୦୯ ମସିହାରେ ସମ୍ବଲପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହୋଇ ପରାସ୍ତ ହେବା ପରେ ରୋହିତ ପୂଜାରୀ ରେଢ଼ାଖୋଲ ମୁହାଁ ହୋଇଥିଲେ। ୨୦୧୪ ଓ ୨୦୧୯ରେ ସେ ବିଜେଡି ଟିକେଟରେ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ଚଳିତ ଥର ବିଜେଡି ତାଙ୍କୁ ସମ୍ବଲପୁର ବିଧାନ ସଭା କ୍ଷେତ୍ରରୁ ପ୍ରାର୍ଥୀ କରିଛି। ହେଲେ ବିଗତ ୧୦ବର୍ଷ ଧରି ଏଠାରେ ଦଳର ମଙ୍ଗ ଧରିଥିବା ରାସେଶ୍ୱରୀ ପାଣିଗ୍ରାହୀ ଟିକେଟ ନ ପାଇବା ପରେ ଦଳ ଛାଡ଼ିଛନ୍ତି। ଏପରିସ୍ଥଳେ ଅସନ୍ତୁଷ୍ଟ ତାଙ୍କ ବିଦ୍ରୋହୀର ଭୂମିକା ଗ୍ରହଣ କରି ତାଙ୍କୁ ଖୋଲାଖୋଲି ବିରୋଧ କରିଥିଲେ। ଦଳୀୟ ସଙ୍ଗଠନକୁ ପୁନର୍ଜୀବିତ କରି ସେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ତାଙ୍କୁ ଏଠାରୁ ବିଜୟୀ କରିବ ବୋଲି ବିଜେଡି ନେତା ଓ କର୍ମୀ କହୁଛନ୍ତି। ଅପରପକ୍ଷରେ ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ ସମ୍ବଲପୁର ଲୋକ ସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିବାରୁ ତାହାର ଫାଇଦା ଦଳକୁ ମିଳିବ ବୋଲି ରୋହିତଙ୍କ ସମର୍ଥକମାନେ କହି ବୁଲୁଛନ୍ତି।

ଏକଦା ସମ୍ବଲପୁର ବିଧାନସଭା କ୍ଷେତ୍ର କଂଗ୍ରେସର ଗଡ଼ ଥିଲା। ୧୯୭୭ ମସିହାରେ ଜନତା ଦଳ ସମ୍ବଲପୁର

### ସମ୍ବଲପୁର ବିଧାନସଭା ଆସନ

ବିଧାନସଭା ଆସନରୁ ବିଜୟୀ ହୋଇଥିଲା। ହେଲେ ଏହା ପରଠାରୁ ୧୯୯୫ ପର୍ଯ୍ୟନ୍ତ ଏଠାରୁ କଂଗ୍ରେସର ପ୍ରାର୍ଥୀମାନେ ବିଜୟୀ ହୋଇ ଆସିଥିଲେ। ହେଲେ ୨୦୦୦ ମସିହାରେ ବିଜେଡି–ଭାଜପା ମେଣ୍ଟ ହେବା ପରେ କଂଗ୍ରେସ ଏଠାରୁ ବିଜୟୀ ହୋଇ ପାରିନାହିଁ। ଏଭଳି ପରିସ୍ଥିତିରେ ଚଳିତଥର ଦଳ ଦୁର୍ଗାପ୍ରସାଦ ପାଢ଼ୀଙ୍କୁ ମଇଦାନକୁ ଛାଡ଼ିଛି। କଂଗ୍ରେସର ପାରମ୍ପରିକ ପକେଟ ଭୋଟ, ସଂଖ୍ୟାଲଘୁ ସମ୍ପ୍ରଦାୟର ସମର୍ଥନ ସାଙ୍ଗକୁ ଉଭୟ କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାରର ଦୋଷଦୁର୍ବଳତା ପଦାରେ ପଡ଼ିଯାଇଥିବାରୁ ଭୋଟର ବିକଳ୍ପଭାବେ କଂଗ୍ରେସକୁ ବିଜୟୀ କରାଇବ ବୋଲି ପାଢ଼ୀ ଆଶା ବାନ୍ଧିଛନ୍ତି। ଅପରପକ୍ଷରେ ସେ ପ୍ରତ୍ୟକ୍ଷ ନିର୍ବାଚନରେ ନୂଆ ହୋଇଥିଲେ ହେଁ ଛାତ୍ର ଜୀବନରୁ ରାଜନୀତି ସହିତ ଜଡ଼ିତ। ସେ ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ଜଡ଼ିତ ରହିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩ ଥର ସିନେଟ୍ ଓ ସିଣ୍ଡିକେଟ୍ ସଭ୍ୟଭାବେ କାର୍ଯ୍ୟ କରିଛନ୍ତି। ଏଭଳି ସ୍ଥିତିରେ ଅଭିଜ୍ଞ ବିଜେଡି ପ୍ରାର୍ଥୀ ଇଂ. ରୋହିତ ପୂଜାରୀ ଓ ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କ ସହ କିଭଳି ଟକ୍କର ଦେଇ ନିର୍ବାଚନୀ ବୈତରଣୀ ପାର ହୋଇ ପାରିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଜଳସେଚନରୁ ବାଦ ପଡ଼ିଛି ୧୮ ପଞ୍ଚାୟତ

**ଲୋଇସିଂହା ନିର୍ବାଚନମଣ୍ଡଳୀ**
- ଆଭିମୁଖ୍ୟ ସ୍ପଷ୍ଟ କଲେ ବିଧାୟକ ପ୍ରାର୍ଥୀ
- ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ଆଲୋଚନାଚକ୍ର

ଲୋଇସିଂହା,୧୫।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ରାମମନ୍ଦିର ପରିସରରେ ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତି ଆନୁକୂଲ୍ୟରେ ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନ ଦାବି ନେଇ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ସଂଘର୍ଷ ସମିତିର ସଭାପତି ରତ୍ନାକର ମିଶ୍ର ଅଧ୍ୟକ୍ଷତା କରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା, ଭାଜପା ବିଧାୟକ ପ୍ରାର୍ଥୀ ମୁକେଶ ମହାଲିଙ୍ଗ, କଂଗ୍ରେସ ପ୍ରାର୍ଥୀ ଓମପ୍ରକାଶ କୁମ୍ଭାର ପ୍ରମୁଖ ଆଲୋଚନାଚକ୍ରରେ ଭାଗ ନେଇ ନିଜ ନିଜର ଅଭିମୁଖ୍ୟ ସ୍ପଷ୍ଟ କରିଥିଲେ। କଂଗ୍ରେସ ପ୍ରାର୍ଥୀ କୁମ୍ଭାର ସ୍ୱାର୍ଥ ପାଇଁ ନୁହେଁ ଅଞ୍ଚଳର ବିକାଶ, ଚାଷୀଙ୍କ ବିକାଶ ପାଇଁ ଲାଗିଥିବାରୁ ମିଳିତ କୃଷକ ସଂଘର୍ଷ ସମିତିକୁ ପ୍ରଥମେ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଏହି ପ୍ରକଳ୍ପର ବାମ କେନାଲରେ ୩୦ ଏବଂ ଡାହାଣ କେନାଲରେ ୭୦ ପ୍ରତିଶତ ଜଳସେଚନ କରାଯିବା ଲାଗି ପଦକ୍ଷେପ ନିଆଯାଇଛି। ଏହା ଆମ ଅଞ୍ଚଳର ପ୍ରକଳ୍ପ। ହେଲେ ଲୋଇସିଂହା ନିର୍ବାଚନମଣ୍ଡଳୀର ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ଚାଷୀଙ୍କୁ ଉପେକ୍ଷା କରି ପଡୋଶୀ ସୁବର୍ଣ୍ଣପୁର ଜିଲାକୁ ଜଳସେଚନ କରାଯାଉଛି। ଏଠାରୁ ପ୍ରତିନିଧିତ୍ୱ କରୁଥିବା ନେତା ମାଟି ପାଇଁ ନ ଲାଗିବା ଦୁଃଖର ବିଷୟ। ଜନତାଙ୍କ ଆର୍ଶୀବାଦରେ ବିଧାନସଭାକୁ ଗଲେ ଏହି ପ୍ରସଙ୍ଗ ପ୍ରଥମେ ଉଠାଇବି ବୋଲି ସେ କହିଥିଲେ। ସେହିପରି ବିଜେଡି ବିଧାୟକ ପ୍ରାର୍ଥୀ ବେହେରା ଚାଷ ଓ ଚାଷୀଙ୍କ ହିତ ପାଇଁ ଆୟୋଜିତ ଏହି ଆଲୋଚନାଚକ୍ର ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ।

ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ୧୮ ପଞ୍ଚାୟତ ଏହି ପ୍ରକଳ୍ପରୁ ଜଳ ସେଚନରୁ ବାଦ ପଡୁଛି। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଉଦଘାଟନ କରିଥିଲେ। ସେତେବେଳେ ପ୍ରସ୍ତୁତ ଡିପିଆରରେ ସମସ୍ତ ଅଞ୍ଚଳକୁ ଜଳସେଚନ ପାଇଁ ପଦକ୍ଷେପ ନିଆଯାଇଥିଲା। ଡିପିଆର ପରିବର୍ତ୍ତନ ପରେ ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ୧୮ ପଞ୍ଚାୟତ ଏହି ପ୍ରକଳ୍ପରୁ ଜଳସେଚନରୁ ବାଦ ପଡିଛି। ଜଳସେଚନ ଦାବିରେ ମିଳିତ କୃଷକ ସଂଘର୍ଷ ସମିତି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛି। ଏଣୁ ବିକଳ୍ପ ଭାବେ ମେଗା ପ୍ରକଳ୍ପ କରି ଅଙ୍ଗରୁ ଆଗଲପୁର,ସୁକତେଲ ନଦୀରୁ ଲୋଇସିଂହା ଓ ତେଲ ନଦୀରୁ ପୁଇଁତଳା ବ୍ଲକର ବାଦ ପଡୁଥିବା ଅଞ୍ଚଳକୁ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ସମର୍ଥନ ମିଳିଲେ ଯୁବକ ହିସାବରେ ଏହି ଅଞ୍ଚଳରେ ଜଳସେଚନରୁ ଆରମ୍ଭ କରି ଅନ୍ୟାନ୍ୟ ବିକାଶ କାମକୁ ଦ୍ୱିଗୁଣିତ କରିବେ ବୋଲି ସେ କହିଥିଲେ। ଭାଜପା ବିଧାୟକ ପ୍ରାର୍ଥୀ ମହାଲିଙ୍ଗ କହିଥିଲେ, ଏହା ଏକ ଭଲ କାର୍ଯ୍ୟକ୍ରମ। ଏ ନେଇ ଅନେକ ସମୟରେ ବିଧାନସଭାରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି। ହେଲେ ସନ୍ତୋଷଜନକ ଉତ୍ତର ମିଳିନାହିଁ। ୨୦୨୪ରେ ଓଡିଶାରେ ଭାଜପା ସରକାର ହେଲେ ଡିପିଆରରେ ସଂଶୋଧନ ପାଇଁ ସରକାରରେ ଚାପ ପ୍ରୟୋଗ କରି ବାଦ ପଡୁଥିବା ଅଞ୍ଚଳକୁ ପ୍ରକଳ୍ପରୁ ଜଳସେଚନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଅନ୍ୟତମ ଦୁଇ ଜଣ ପ୍ରାର୍ଥୀ ଲାଲମନ ନାଗ ଓ ସରୋଜ ସୁନା ଯୋଗଦେଇ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଏହି ଆଲୋଚନାଚକ୍ରରେ ମିଳିତ କୃଷକ ସଂଘର୍ଷ ସମିତିର ସଦସ୍ୟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ସଂଘର୍ଷ ସମିତି ସଭାପତି, ଭାଜପା ବିଧାୟକ ପ୍ରାର୍ଥୀ ଓ ବିଜେଡି ବିଧାୟକ ପ୍ରାର୍ଥୀ।

# ବସ୍ତିକୁ ଲାଗି ଜଳୁଛି ବେଆଇନ ଇଟାଭାଟି


ବେଆଇନ ଇଟାଭାଟି।

ଲୋଇସିଂହା,୧୫।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ପଣ୍ଡରାଣୀ ଗ୍ରାମର ବସ୍ତି ନିକଟରେ ବେଆଇନ ଭାବରେ ଇଟାଭାଟି ଓ କୁମ୍ଭାର ଭାଟି ଜଳୁଛି। ରୌଦ୍ର ତାପ ଜନସାଧାରଣଙ୍କୁ ଡହଳ ବିକଳ କରୁଥିବା ବେଳେ ଇଟାଭାଟି ତାତି ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୁଟେନପାଲି ପଞ୍ଚାୟତ ଅନ୍ତର୍ଗତ ପଣ୍ଡରାଣୀ ଗ୍ରାମର ପ୍ରବେଶ ପଥରେ କୁମ୍ଭକାରମାନେ ମାଟି ପାତ୍ର ପୋଡୁଛନ୍ତି। ସେହିପରି ବସ୍ତିର ଶେଷ ମୁଣ୍ଡରେ ସ୍କୁଲ ନିକଟରେ ବେଆଇନ ଭାବରେ ଇଟାଭାଟି ଲଗାଯାଇଛି। ବର୍ତ୍ତମାନ ସମୟରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଏଭଳି ସମୟରେ ବେଆଇନ ଭାବେ ଗାଁକୁ ଲାଗି ଇଟାଭାଟି ପୋଡା ଯାଉଛି। ଏନେଇ ଗ୍ରାମବାସୀ ରାଜସ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମାବସୀ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ସଂଘମିତ୍ରା କାଲୋଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ବିଜେପୁରରେ ବିଜେଡିର ପ୍ରଚାର

ଟିଟିଲାଗଡ଼,୧୫।୫ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଖରାକୁ ଖାତିର ନ କରି ବିଭିନ୍ନ ଦଳର ପ୍ରାର୍ଥୀ ପ୍ରଚାର ଚଳାଇଛନ୍ତି। ବୁଧବାର ବିଜେଡି ପକ୍ଷରୁ ବ୍ଲକ ଅନ୍ତର୍ଗତ ବିଜେପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଦଳର ବିଧାୟକ ପ୍ରାର୍ଥିନୀ ଟୁକୁନି ସାହୁ ଦଳୀୟ କର୍ମୀଙ୍କ ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଞ୍ଚଳର ବିକାଶ ପାଇଁ ବିଜେଡିର ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ଏବଂ ତାଙ୍କୁ ବିଧାୟକ ଭାବରେ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ। ଦଳର ବରିଷ୍ଠ ନେତା ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ତୁଳସୀ ସାହୁ, ପଞ୍ଚାୟତ ସଭାପତି ଭି. ରଣା, ବିପିନ ପୃଷ୍ଟି, ବିରଞ୍ଚି ବେହେରା, ସତ୍ୟ ବଗର୍ତ୍ତି, ରୁଦ୍ର ବଗର୍ତ୍ତି, ଡମ୍ବରୁ ରଣା, ସନ୍ୟାସୀ ରଣା ପ୍ରମୁଖ ସାମିଲ ଥିଲେ।

# ରାହୁଲ ଗାନ୍ଧୀଙ୍କ ବଲାଙ୍ଗୀର ଗସ୍ତର ଏପାଖ ସେପାଖ

## ରାଜ୍ୟ ସରକାରଙ୍କ ବିରୋଧରେ ପଦେ କହିଲେ ନାହିଁ

ବଲାଙ୍ଗୀର,୧୫।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆ ସଭାମଞ୍ଚରେ ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାଷଣ ସମର୍ଥକଙ୍କୁ ନୂଆ ଉତ୍ସାହ ଯୋଗାଇଥିଲା। ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ରାହୁଲ କଡା ସମାଲୋଚନା କରିଥିଲେ। ତେବେ ଦୀର୍ଘ ୨୪ ମିନିଟର ବକ୍ତବ୍ୟରେ ରାହୁଲ ପଦେ ବି ରାଜ୍ୟ ସରକାର, ବିଜେଡି କିମ୍ବା ମୁଖ୍ୟମନ୍ତ୍ରୀଙ୍କ ବିଷୟରେ ଆଲୋଚନା କି ସମାଲୋଚନା କରି ନ ଥିଲେ। ରାହୁଲ କାହିଁକି ବଲାଙ୍ଗୀର ସଭାରେ ବିଜେଡି ବିରୋଧରେ ପଦେ କହିଲେ ନାହିଁ ତାହା ତାଙ୍କ ବକ୍ତବ୍ୟ ପରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା।

## ରାହୁଲଙ୍କ ଭାଷଣ ବଢ଼ାଇଲା ସମର୍ଥକଙ୍କ ଉତ୍ସାହ

ଆଜିର ସଭାରେ ରାହୁଲ ଗାନ୍ଧୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଆସନ୍ତା ଜୁନ୍ ୪ରେ ଇଣ୍ଡିଆ ମେଣ୍ଟ ସରକାରକୁ ଆସିବ। ଦଳ ସରକାରକୁ ଆସିଲେ ଦେଶରେ ଗରିବ ଲୋକଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ। ସେଇ ଗରିବ ପରିବାରରୁ ଜଣେ ମହିଳାଙ୍କୁ ବାର୍ଷିକ ଏକ ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯିବ। ବେକାର ଗ୍ରାଜୁଏଟ୍‌ଙ୍କୁ ୧ ବର୍ଷିଆ ଚାକିରି ଦିଆଯିବ ବୋଲି କହିଥିଲେ। ରାହୁଲଙ୍କ ଏହି ଭାଷଣ ଉପସ୍ଥିତ ସମର୍ଥକ ମହଲରେ ନୂଆ ଉତ୍ସାହ ସୃଷ୍ଟି କରିଥିଲା।


କଂଗ୍ରେସର ଜନ ଆଶୀର୍ବାଦ ସଭାରେ ଉପସ୍ଥିତ ଥିବା ଲୋକେ।

## ବିଶାଳ ମୋଟର ସାଇକେଲ ରାଲିରେ ବିରୋଧୀ ସ୍ତବ୍ଧ

ରାହୁଲ ଗାନ୍ଧୀ ବୁଧବାର ମଧ୍ୟାହ୍ନ ୧୨ଟାରେ ବଲାଙ୍ଗୀର ମନୋହରପୁର ହେଲିପ୍ୟାଡଠାରେ ହେଲିକପ୍ଟରରୁ ଓହ୍ଲାଇଥିଲେ। ସେଠାରୁ ଆରଟିଓ ଅଫିସ ଛକ ଦେଇ ଏକ ବିଶାଳ ମୋଟର ସାଇକେଲ ରାଲିରେ ତାଙ୍କୁ କୋଶଳ କଳାମଣ୍ଡଳ ସଭା ସ୍ଥଳକୁ ଅଣାଯାଇଥିଲା। ପୂର୍ବରୁ ମୋଟର ସାଇକେଲ ରାଲି ଓ ରୋଡ ସୋ କରାଯିବ ବୋଲି ଘୋଷଣା କରାଯାଇଥିଲେ। ଲୋକେ ରାହୁଲ ଗାନ୍ଧୀଙ୍କୁ ରୋଡ ସୋରେ ଦେଖିବା ପାଇଁ ଅପେକ୍ଷା କରିଥିଲେ। ତେବେ ବହୁ ସଂଖ୍ୟକ ବାଇକ୍ ଭିତରେ ରାହୁଲ କେଉଁ ଗାଡିରେ ବସିଛନ୍ତି ଲୋକେ ଭଲ କରି ଦେଖି ପାରି ନ ଥିଲେ। ଏହାକୁ ନେଇ ଅପେକ୍ଷାରତ କିଛି ଲୋକ ନିରାଶ ହୋଇଥିଲେ। ତେବେ କଂଗ୍ରେସର ଏହି ମୋଟର ସାଇକେଲ ରାଲି ଦେଖି ବିରୋଧୀ ଦଳ ଚିନ୍ତାରେ ପଡିଥିବା ଚର୍ଚ୍ଚା ହେଉଛି।

## ନରସିଂହଙ୍କ କ୍ରାନ୍ତି ନାରା

ରାହୁଲ ଗାନ୍ଧୀଙ୍କ ବଲାଙ୍ଗୀର ସଭାରେ ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ଥିଲେ। ସେ ରାହୁଲଙ୍କ ଉପସ୍ଥିତିରେ କ୍ରାନ୍ତି ନାରା ଦେଇ ଲୋକଙ୍କୁ ଉତ୍ସାହିତ କରିଥିଲେ। ଆମେ ଚାହୁଁ ଶାନ୍ତି, ଆମେ ଚାହୁଁ ମୁକ୍ତି, ଆମେ ଚାହୁଁ ପ୍ରଗତି, ଆମେ ଚାହୁଁ କ୍ରାନ୍ତି ଉଚ୍ଚାରଣ କରି ଜନସାଧାରଣଙ୍କୁ ନାରା ଦେବାକୁ ଅନୁରୋଧ କରିଥିଲେ। ତେବେ ସଭାରେ ଏହି ନାରା ବ୍ୟତୀତ ସେ କୌଣସି ବକ୍ତବ୍ୟ ଦେବା ଦେଖାଯାଇ ନ ଥିଲା। ସମୟର ସ୍ୱଳ୍ପତା ଦୃଷ୍ଟିରୁ ବିଧାୟକ ମିଶ୍ର ନାରାରେ ସୀମିତ ରହିଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ସଭାରେ ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ।

## ଜୟ କୋଶଳ ଧ୍ୱନିରେ କମ୍ପିଲା କଂଗ୍ରେସ ସଭା

ଆଜି ଜୟ କୋଶଳ ନାରାରେ କମ୍ପିଥିଲା କଂଗ୍ରେସ ସଭା ମଞ୍ଚ। ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ତଥା ଅଭିନେତା ମନୋଜ ମିଶ୍ର ସଭା ସଂଯୋଜନା କରିଥିଲେ। ସଭା ସଂଯୋଜନା କଲା ବେଳେ ବାରମ୍ବାର ଜୟ କୋଶଳ ନାରା ଦେଇ ସେ ପଶ୍ଚିମ ଓଡିଶା ପ୍ରତି ଆଞ୍ଚଳିକ ବୈଷମ୍ୟ ଏବଂ କୋଶଳି-ସମ୍ବଲପୁରୀ ଭାଷା ମାନ୍ୟତା ପ୍ରସଙ୍ଗ ଉଠାଇଥିଲେ। ଦାଦନ ଶ୍ରମିକ ସମସ୍ୟା ସମାଧାନ ନ କରି ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିରେ ପ୍ରାର୍ଥୀ ହେବା ନେଇ ସମାଲୋଚନା କରି ଲୋକେ ଉଚିତ୍ ଜବାବ ଦେବେ ବୋଲି କହିଥିଲେ।

# ବନ୍ଧପାଣିରେ ବୁଡ଼ି ୪ ବର୍ଷର ଶିଶୁପୁତ୍ର ମୃତ

## ଚକ୍ଷୁଦାନ କଲେ ପରିବାର ଲୋକେ

ଦେଓଗାଁ,୧୫।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଥାଲବନ୍ଧ ଗାଁରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ପ୍ରକାଶ ଯେ, ଉକ୍ତ ଗାଁର କୃଷକ ସାଥୀ ନନ୍ଦି କିଶୋର ନାଏକଙ୍କ ୪ବର୍ଷର ଶିଶୁପୁତ୍ର ସଚ୍ଚିନ ତାଙ୍କ ମା'ଙ୍କ ସହ ସ୍ଥାନୀୟ ବନ୍ଧକୁ ଗାଧେଇବାକୁ ଯାଇଥିଲା। ଶିଶୁ ପୁତ୍ରକୁ ଗାଧେଇ ସାରିବା ପରେ ବନ୍ଧ ପାହାଚରେ ବସାଇ ଦେଇ ମା' ଗାଧୋଉଥିଲେ। ଏହି ସମୟରେ ଶିଶୁପୁତ୍ର ପାଣି ପାଖକୁ ଚାଲି ଆସି ବୁଡି ଯାଇଥିଲା। ଶିଶୁ ପୁତ୍ର କୁଆଡେ ଗଲା ବୋଲି ମା ଖୋଜାଖୋଜି କରିଥିଲେ। ପରେ ନିକଟରେ ଥିବା ଲୋକଙ୍କ ସହାୟତାରେ ଶିଶୁକୁ ପାଣିରୁ ଉଦ୍ଧାର କରାଯାଇ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ। ତେବେ ପରିବାର ଲୋକେ ଏହି ଶିଶୁର ଚକ୍ଷୁ ଦାନ କରିଥିବା ପ୍ରକାଶ କରିଛନ୍ତି। ଏ ନେଇ ନନ୍ଦି କିଶୋର କହିଛନ୍ତି, ପୁଅ ତ ଦୁନିଆରୁ ଚାଲିଗଲା, ହେଲେ ତାର ଚକ୍ଷୁରେ ଅନ୍ୟ କେହି ଦୁନିଆ ଦେଖିବ ବୋଲି କୋହଭରା କଣ୍ଠରେ କହିଥିଲେ।




**Format C-1**

**Declaration about criminal cases**

(As per the judgment dated 25th September, 2018, of Hon'ble. Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate : **RABINARAYAN NAIK, Address: AT/P.O.- KHANDOKATA, P.S.- KUCHINDA ,DIST.- SAMBALPUR**
Name of the Political Party : **BHARATIYA JANATA PARTY (B.J.P.)**
(Independent candidates should write "Independent" here)
Name of Election : **SIMULTANEOUS GENERAL ELECTION - 2024**
*Name of Constituency : **15-KUCHINDA (S.T)**

I, **RABINARAYAN NAIK** (name of candidate), a candidate for the above mentioned election, declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of Court | Case No. and Dated | Status | Section(s) of Acts Concerned and Brief Description of Offence(s) |
|---|---|---|---|---|
| 1 | In the Court of S.D.J.M., Sambalpur | G.R. Case No. 398 of 2023 | Pending | 353 IPC: CRIMINAL FORCE TO DETER PUBLIC SERVANT. 294 IPC: OBSCENE ACTS AND SONGS. 323 IPC: VOLUNTARILY CAUSING HURT 506 IPC:CRIMINAL INTIMIDATION. 341 IPC: WRONGFUL RESTRAIN 354 IPC: CRMINAL FORCE TO WOMEN 500 IPC: DEFAMATION. |
| 2 | In the Court of Mrs. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1 of 2018 | Pending | U/S 174 (a) RAILWAYS ACT: SQUATTING OR PICKETING. |
| 3 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 22 of 2014 | Pending | 143 IPC: UNLAWFUL ASSEMBLY 149 IPC: OFFENCE COMMITTED BY AN UNLAWFUL ASSEMBLY 186 IPC: OBSTRUCTING PUBLIC SERVENT 506 IPC: CRIMINAL INTIMIDATION. 283 IPC: OBSTRUCTION OF PUBLIC WAY 341 IPC: WRONGFUL RESTRAIN. |
| 4 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 364 of 2013 | Pending | 143 IPC: UNLAWFUL ASSEMBLY 149 IPC: OFFENCE COMMITTED BY AN UNLAWFUL ASSEMBLY 283 IPC: OBSTRUCTION OF PUBLIC WAY. 341 IPC: WRONGFUL RESTRAIN. |
| 5 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1 of 2011 | Charged Framed on Dt.10.04.2014 | 174 (a) OF RAILWAYS ACT - SQUATTING OR PICKETING. |
| 6 | In the Court of S.D.J.M., Kuchinda | G.R. Case No. 57 of 2007 | Pending | 341 IPC: WRONGFUL RESTRAIN. 294 IPC: OBSCENE ACTS AND SONGS 323 IPC: VOLUNTARILY CAUSING HURT 506 IPC: CRIMINAL INTIMIDATION 34 IPC: COMMON INTENTION |
| 7 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 110 of 2011 | Charge has been framed on Dt.15.09.2012 | 143 IPC: UNLAWFUL ASSEMBLY 448 IPC: HOUSE TRESPASS 427 IPC: CAUSING DAMAGE 149 IPC: OFFENCE COMMITTED BY AN UNLAWFUL ASSEMBLY SEC 3 OF P.D.P.P. ACT - CAUSING DAMAGE TO PUBLIC PROPERTY |
| 8 | In the Court of S.D.J.M., Kuchinda | G.R. Case No. 353 of 2015 | Pending | 353 IPC: CRIMINAL FORCE TO DETER PUBLIC SERVANT. 294 IPC: OBSCENE SONGS 506 IPC: CRIMINAL INTIMIDATION. |
| 9 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 170 of 2013 | Pending | 143 IPC: UNLAWFUL ASSEMBLY. 149 IPC: OFFENCE COMMITTED BY AN UNLAWFUL ASSEMBLY. 283 IPC: OBSTRUCTION OF PUBLIC WAY. |
| 10 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 5/2022 | Pending | 145 RAILWAY ACT.- CREATING NUISANCE ON RAILWAY PREMISES. 146 RAILWAY ACT.- WILFULLY OBSTRUCT RAILWAY SERVANT. 147- UNLAWFULLY ENTERED INTO ANY PART OF RAILWAY. SECTION -174 (a)- SQUATTING OR PICKETING |
| 11 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1/2020 | Pending | 146 OF RLY ACT – WILFULLY OBSTRUCT RAILWAY SERVANT. 147- UNLAWFULLY ENTERED INTO ANY PART OF RAILWAY. 174 (a) OF RAILWAYS ACT -SQUATTING OR PICKETING. |
| 12 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 75/2021 | Pending | 143 IPC: UNLAWFUL ASSEMBLY. 149 IPC: OFFENCE BE COMMITTED BY UNLAWFUL ASSEMBLY. 283 IPC: OBSTRUCTION OF PUBLIC WAY. 341 IPC: WRONGFUL RESTRAIN. 186 IPC: OBSTRUCTING PUBLIC SERVENT. |
| 13 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 16/2021 | Pending | 143 IPC: UNLAWFUL ASSEMBLY 149 IPC: OFFENCE COMMITTED BY UNLAWFUL ASSEMBLY. 283 IPC: OBSTRUCTION OF PUBLIC WAY. 341 IPC: WRONGFUL RESTRAIN. 186 IPC: OBSTRUCTING PUBLIC SERVENT |
| 14 | In the Court of S.D.J.M., Sambalpur | G.R. Case No. 4698 of 2020 | Pending | 353 IPC: CRIMINAL FORCE TO DETER PUBLIC SERVANT. 149 IPC: OFFENCE BE COMMITTED BY UNLAWFUL ASSEMBLY. 269 IPC: NEGLIGENT ACT. 270 IPC: NEGLIGENT ACT TO SPREAD INFECTION |
| 15 | In the Court of S.D.J.M., Kuchinda | G.R. Case No. 616 of 2021 | Pending | 186 IPC: OBSTRUCTING PUBLIC SERVENT. 353 IPC: CRIMINAL FORCE TO DETER PUBLIC SERVANT. 294 IPC: OBSCENE ACT. AND SONGS. 147 IPC: PUNISHMENT FOR RIOTING. 342 IPC: WRONGFUL CONFINEMENT. 447 IPC: CRIMINAL TRESPASS. 506 IPC: CRIMINAL INTIMIDATION. 199 IPC: FALSE STATEMENT. |
| 16 | In the Court of S.D.J.M., Sambalpur | G.R. Case No. 244 of 2021 | Pending | 353 IPC: CRIMINAL FORCE TO DETER PUBLIC SERVANT. 143 IPC: UNLAWFUL ASSEMBLY 269 IPC: NEGLIGENT ACT. 270 IPC.: NEGLIGENT ACT TO SPREAD INFECTION. 336 IPC: ACT ENDANGERING LIFE SEC. 56 DISASTER MANAGEMENT ACT.: CONTRAVENTION OF PROVISIONS. SEC. 03 EPIDEMIC DISEASE ACT: AN ACT OF VIOLENCE. |
| 17 | In the Court of S.D.J.M., Sambalpur | G.R. Case No. 2595 of 2021 | Pending | 143 IPC: UNLAWFUL ASSEMBLY 145 IPC: CONTINUING IN UNLAWFUL ASSEMBLY. 269 IPC: NEGLIGENT ACT. 149 IPC: OFFENCE COMMITTED BY AN UNLAWFUL ASSEMBLY 264 IPC: USING OF FALSE INSTRUMENT. 151 IPC: CONTINUING IN ASSEMBLY 154 IPC: OCUPIER OF LAND. SEC. 51 DISASTER MANAGEMENT: PUNISHMENT FOR OBSTRUCTION. SEC.03 EPIDEMIC DISEASE ACT: AN ACT OF VIOLENCE. |

**(B) Details about cases of conviction for criminal offences**

| Sl. No. | Name of Court & Date(s) of Order(s) | Description of Office(s) & punishment imposed | Maximum Punishment Imposed |
|---|---|---|---|
| Not Applicable | Not Applicable | Not Applicable | Not Applicable |

In the case of election to Council of States or election to Legislative Council by MLAs, mention the election concerned in place of name of constituency.
Officer concerned
This may be published in Newspapers and TV from the day following the last date for withdrawal of candidature and up to two days before the date of poll.



ବରଗଡ଼ ଗାନ୍ଧିଛକରେ ଭାଜପାର ମିଶ୍ରଣ ପର୍ବ ।



ବରଗଡ଼ ବିଜେଡି ପ୍ରାର୍ଥୀ ରାଲିରେ ଭୋଟ୍ ନିବେଦନ କରୁଛନ୍ତି ।

# ଭାଜପା ବିଧାୟକ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

ପଦ୍ମପୁର,୧୫।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ଭାଜପା ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ସମର୍ଥକଙ୍କ ସହ ବିଶାଳ ବାଇକ ରାଲିରେ ମାରାଥନ ପ୍ରଚାର କରିଛନ୍ତି। ପଦ୍ମପୁର ଅନ୍ତର୍ଗତ ଦହିତା ମଣ୍ଡଳ ବୁଡେନ ପଞ୍ଚାୟତ ଧୋବଘାଟ, ଅମରାଖୋଲ ଜୟପୁର, ବରଦାପାଲି, କଲୋନୀ, ବିଜୁପାଲି, ଜୟପୁର, ଧଉଳିବାହାଲ, ବଡିପଥର, ସିଲେଟପାଲି, ବୁକାଜୁଲା, ନରେନ୍ଦ୍ରପୁର, କୁକ୍ରିମୁଣ୍ଡା, ଦହିତା ପଞ୍ଚାୟତ ସୁଲିଆ, ଡଙ୍ଗାଛଞ୍ଚା ଆଦି ଗାଁକୁ ଯାଇ ପ୍ରଚାର କରିଥିଲେ। ଭାଜପା ବିଧାୟକ ପ୍ରାର୍ଥୀ ଭୋଏଙ୍କୁ ଗ୍ରାମବାସୀ ବିପୁଳ ସଂଖ୍ୟାରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଏହା ସହ ଗାଁ ଗାଁ ବୁଲି ଲୋକଙ୍କ ପାଖରେ ଭୋଟ ଭିକ୍ଷା ମାଗିଥିଲେ। ପ୍ରଚାର



କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି କେତନ ମେହେର, ଶ୍ରୀକାନ୍ତ ପାଣିଗ୍ରାହୀ, ପଞ୍ଚାନନ ପଣ୍ଡା, ଜିଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, ଜୟଚନ୍ଦ୍ର ସାହୁ, ରମଣୀରଞ୍ଜନ ହୋତା, ଜ୍ୟୋତିର୍ମୟ ସାହୁ, ସତ୍ୟନାରାୟଣ କମାତି, ସଙ୍କୀର୍ତ୍ତନ ହୋତା, ସଞ୍ଜୟ ସାହୁ, ଖଗେଶ୍ୱର ମେହେର ସାମିଲ ଥିଲେ।

# ଜମୁଛି ପ୍ରାର୍ଥୀଙ୍କ ପ୍ରଚାର, ଭୋଟର ନିରବ

ବରଗଡ଼,୧୫।୫(ପ୍ରେମାନନ୍ଦ ଖମାରୀ)

ଆସନ୍ତା ୨୦ ତାରିଖରେ ବରଗଡ଼ ଜିଲାରେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମତଦାନ ଗ୍ରହଣ ହେବ। ତେବେ ମତଦାନ ଦିବସ ଯେତିକି ପାଖେଇ ଆସୁଛି, ସେଭଳି ଭାବେ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର ଜମିବାରେ ଲାଗିଛି। ନିର୍ବାଚନୀ ସଭା, ମିଶ୍ରଣ ପର୍ବ, ରାଲି, ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ପରିବାର ଲୋକଙ୍କୁ ସାମିଲ କରି ଘରକୁ ଘର ବୁଲିବାରେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ ଆରମ୍ଭ କରି ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ସମସ୍ତ ଦଳୀୟ ପ୍ରାର୍ଥୀ ଜୋରଦାର୍ ଲାଗି ପଡ଼ିଛନ୍ତି। ତେବେ ଏଥର ନିର୍ବାଚନୀ ଫଳାଫଳ କାହା ସପକ୍ଷରେ ଯିବ, ତାହା ଆକଳନ କରିବା ସହଜ ହେଉ ନ ଥିବା ଯୋଗୁ ପ୍ରଚାରରେ ପ୍ରାର୍ଥୀଙ୍କ ନିଦ ହଜି ଯାଇଛି। ଖରାତାତିକୁ ବେଖାତିର କରି ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଭୋଟରଙ୍କ ପାଖରେ ପହଞ୍ଚି ଭୋଟ୍ ନିବେଦନ କରୁଛନ୍ତି। ତେବେ ଦଳ ବଦଳ ଜାରି ରହିଥିବା ଯୋଗୁ ସାମ୍ପ୍ରତିକ ରାଜନୈତିକ ସ୍ଥିତିର ସମୀକରଣ ମଧ୍ୟ ଦିନକୁ ଦିନ ବଦଳିବାରେ ଲାଗିଛି। ଏଭଳି ସ୍ଥିତିରେ ଜନତା ତଥା ଭୋଟର ନିରବ ରହିଥିବାବେଳେ ଏହା ସବୁଦଳ ପ୍ରାର୍ଥୀଙ୍କୁ ଅଡୁଆ ଏବଂ ଦ୍ୱନ୍ଦ୍ୱରେ ପକାଇ ଦେଇଛି।

ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ନିପନ କୁମାର ଦାଶଙ୍କ ନିର୍ବାଚନୀ ପ୍ରଚାର ମଧ୍ୟ ଦିନକୁ ଦିନ ଜୋର୍ ଧରି ବସିଛି। ବୁଧବାର ସେ ନୂଆପାଲି ଗ୍ରାମରେ ଅନୁଷ୍ଠିତ ନାମଯଜ୍ଞରେ ଯୋଗଦେଇ ଆଶୀର୍ବାଦ କାମନା କରିଥିଲେ। ଗ୍ରାମର ଅନେକ ଲୋକ ତାଙ୍କୁ ସ୍ୱାଗତ କରିଥିଲେ। ସେହିପରି ଖୁଣ୍ଟପାଲି ଗ୍ରାମରେ ସ୍ତ୍ରୀ ଲିପି ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଘରକୁ ଘର ବୁଲି ନିପନ ଭୋଟ୍ ନିବେଦନ କରିଥିଲେ। ପ୍ରଚାରରେ ଅନେକ ମହିଳା ସାମିଲ ଥିଲେ। ଏହା ସହିତ ଲାଉନସରା ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଦଳର ନିର୍ବାଚନୀ ଇସ୍ତାହାର ଉପରେ ଲୋକଙ୍କୁ ଅବଗତ କରି କଂଗ୍ରେସକୁ ହାତ ଚିହ୍ନରେ ଭୋଟ୍ ଦେଇ ତାଙ୍କୁ ସେବା କରିବା ସୁଯୋଗ ଦେବା ପାଇଁ ନିପନ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ବୁଧବାର ବରଗାଁ, ନାଗେନପାଲି, ଅମ୍ବାପାଲି ଆଦି ଗ୍ରାମରେ ଜନ ସମାବେଶ କରିଥିଲେ। ସେହି ସମାବେଶରେ ଉଦ୍‌ବୋଧନ ଦେଇ ସେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରକୁ କଡ଼ା ସମାଲୋଚନା କରିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ମୋଦି ସରକାର ତାର ପୂର୍ବ ପ୍ରତିଶ୍ରୁତି ଅର୍ଥାତ୍ କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ ନିର୍ଦ୍ଧାରଣରେ ସ୍ୱାମୀନାଥନ କମିଶନଙ୍କ ସୁପାରିଶକୁ ଲାଗୁ କରିବା ବଦଳରେ ଏବେ ନିର୍ବାଚନ ସମୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଆଳରେ ମିଛ ପ୍ରତିଶ୍ରୁତି ଦେଉଥିବା



ବରଗଡ଼ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାରରେ ମହିଳାମାନେ ସାମିଲ ।

## ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

କହିଥିଲେ। ଭାଜପାର ଗଡ଼ କୁହାଯାଉଥିବା ଅମ୍ବାପାଲିରେ ଅନୁଷ୍ଠିତ ବିଜେଡିର ସମାବେଶରେ ବିଧାୟକ ଆଚାର୍ଯ୍ୟଙ୍କ ସମେତ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ପୌରାଧ୍ୟକ୍ଷ କଳ୍ପନା ମାଝି, ପୂର୍ବତନ କାଉନସିଲର ନାରାୟଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏସ. ଦୁମ୍ବେରପାଲି ଗ୍ରାମରେ ବିଜେଡିର ମିଶ୍ରଣ ପର୍ବରେ ଅନ୍ୟ ଦଳର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ମଧ୍ୟ ପ୍ରଚାର ଜୋରଦାର ଚାଲିଛି। ବୁଧବାର ବରଗଡ଼ ଗାନ୍ଧିଛକ ଏବଂ ତୋରା ଗ୍ରାମରେ ଦଳର ମିଶ୍ରଣ ପର୍ବ ହୋଇଥିଲା। ଗାନ୍ଧୀଛକରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରାଙ୍କ ସ୍ତ୍ରୀ ଜୟା, ପୁଅ ମନିଶ ମାସୁମ, ଯୁବନେତା ରାଜୁ ମହାନନ୍ଦଙ୍କ ସମେତ ଶତାଧିକ ମହିଳା, ପୁରୁଷ ଭାଜପାରେ ସାମିଲ ହୋଇଥିଲେ। ଅନୁରୂପ ଭାବେ ତୋରାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ପୌରାଧ୍ୟକ୍ଷ ବେହେରା ନିଜର ସମର୍ଥକଙ୍କ ଗହଣରେ ଭାଜପାରେ ମିଶିଥିବାବେଳେ ମଙ୍ଗଳବାର ହୋଇଥିବା ମିଶ୍ରଣ ପର୍ବରେ ଯୁବନେତା କୁନୁ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଯୁବକ ଭାଜପାରେ ଯୋଗଦେଇଥିଲେ। ଉକ୍ତ ମିଶ୍ରଣ କାର୍ଯ୍ୟକ୍ରମରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସମେତ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ରାଜବୋଡାସମ୍ବର କୃଷକ ସଙ୍ଗଠନର ଗାଁକୁ ଚାଲ ଅଭିଯାନ

ପଦ୍ମପୁର/ପାଇକମାଳ,୧୫।୫
(ପ୍ରଦୀପ୍ତ ଦାଶ/ବଡ ଶତପଥୀ)

ବରଗଡ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନର ଗାଁକୁ ଚାଲ କାର୍ଯ୍ୟକ୍ରମରେ ସଙ୍ଗଠନ କର୍ମୀମାନେ ଗାଁଗାଁ ବୁଲି ଭୋଟରମାନଙ୍କୁ ନିର୍ବାଚନୀ ସଚେତନତା ବାର୍ତ୍ତା ଦେଉଛନ୍ତି। ୫୫୫ ଦିନ ଆନ୍ଦୋଳନ ଧାରଣା ପରେ ଅସମାହିତ ସମସ୍ୟା ସମାଧାନ ପାଇଁ ସଙ୍ଗଠନ ଭୋଟରମାନଙ୍କ ଉପରେ ବିଚାର କରିବାକୁ ଛାଡିଦେଇଛି। ଗତ ୭୫ବର୍ଷ ଭିତରେ ପ୍ରାୟ ସମସ୍ତ ଦଳ କେନ୍ଦ୍ର ବା ରାଜ୍ୟରେ ସରକାର କରିଥିବା ସୁଯୋଗ ପାଇଛନ୍ତି। ହେଲେ କୌଣସି ଦଳ ନିର୍ବାଚନୀ ଇସ୍ତାହାର ଠିକ୍ ଭାବେ କାର୍ଯ୍ୟକାରୀ କରୁନାହାନ୍ତି କିମ୍ବା ଲୋକଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ସେଥିପାଇଁ ସଙ୍ଗଠନ ପକ୍ଷରୁ ଫସଲର ମୂଲ୍ୟ, ମଣ୍ଡି ବ୍ୟବସ୍ଥା, ଜଳସେଚନ, ଋଣ ଛାଡ଼, ବିଦ୍ୟୁତ ବିଲ୍ ଓ ସମସ୍ୟା, ବେକାରୀ ସମସ୍ୟା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସମସ୍ୟାକୁ ପ୍ରସଙ୍ଗ କରି ପାଇକମାଳ ବ୍ଲକର ମିଠାପାଲି, ଜାମସେଠ, ଛିନ୍ଦେକେଲା, ମାଣ୍ଡୋସିଲି, କାଂଶଡା, ନୂଆପଡା, ଭୁବନେଶ୍ୱରପୁର, ଲାଖମରା, ମହୁଲପାଲି, ସମ୍ବଲପୁରୀ, ଦେୱାନପାଲି, କୁର୍ଲୁପାଲି, ଭଣ୍ଡାରପୁରୀ, ଝାରବନ୍ଧ ଗ୍ରାମରେ ଲୋକଙ୍କ ସହିତ ବୈଠକ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନ ପକ୍ଷରୁ ଲିଙ୍ଗରାଜ ପଧାନ, ନିରାକାର ସାହୁ, ପ୍ରକାଶ ଦାସ, ସୁବାସ ସାମନ୍ତରାୟ, ରୋହିତ ପଧାନ, ନବୀନ ବେହେରା, ମନବୋଧ ପଧାନ, କୈଳାସ ବାରିକ, ଧରମେନ୍ଦ୍ର ସାହା ଏବଂ ରମେଶ ମହାପାତ୍ର ମଦ ମାଂସ, ପାଞ୍ଚ ଶହ ଟଙ୍କା ବହୁମୂଲ୍ୟ ଭୋଟ ବିକ୍ରି ନ କରିବା ପାଇଁ ନିବେଦନ କରିଛନ୍ତି।



# ବ୍ୟାଙ୍କରେ ତାଲା ପକାଇବେ ଚାଷୀ

ବରଗଡ଼,୧୫।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନସ୍ଥିତ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ(ଏସ୍‌ଡିସିସି) ବ୍ୟାଙ୍କ ଶାଖାକୁ ଚାଷୀଙ୍କ ବୀମା କ୍ଷତିପୂରଣ ବାବଦକୁ ଆସିଥିବା ସହାୟତା ରାଶି ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଜିଲା ସଂଯୁକ୍ତ କୃଷକ ସଙ୍ଗଠନ, ଭେଡେନ ଶାଖା ଏଭଳି ଅଭିଯୋଗ କରିଛି ଏବଂ ଏହାର ପ୍ରତିବାଦରେ ଗୁରୁବାର ଉକ୍ତ ବ୍ୟାଙ୍କରେ ତାଲା ପକାଇବାକୁ ଚେତାବନୀ ଦେଇଛି। ଚାଷୀଙ୍କ ଆକାଉଣ୍ଟରେ ବୀମା ସହାୟତା ରାଶି ପ୍ରଦାନ ନ ହେବା ପର୍ଯ୍ୟନ୍ତ ଉକ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀନେତା ସୁଦାମ ପାତ୍ର କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ରବି ଫସଲକ୍ଷତି ବାବଦକୁ ବୀମା ସହାୟତା ରାଶି ଉପରୋକ୍ତ ବ୍ୟାଙ୍କକୁ ଆସିଛି। ମାତ୍ର ଦୀର୍ଘମାସ ହେଲା ସେହି ସହାୟତା ରାଶି ଚାଷୀଙ୍କ ଆକାଉଣ୍ଟରେ ଜମା କରାଯାଉ ନ ଥିବା ଅଭିଯୋଗ କରି ଚାଷୀ ଅସନ୍ତୋଷ ଦେଖାଯାଇଛି।



ଯୁବରାଜ ବୀର ବିକ୍ରମାଦିତ୍ୟ ସିଂ ବରିହାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଉପସ୍ଥିତ ଅତିଥି।

# ଯୁବରାଜ ବୀର ବିକ୍ରମାଦିତ୍ୟଙ୍କ ଜୟନ୍ତୀ ପାଳିତ

ପଦ୍ମପୁର,୧୫।୫(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ଥିବା ଦିବଂଗତ ଯୁବରାଜ ବୀର ବିକ୍ରମାଦିତ୍ୟ ସିଂ ବରିହାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ୧୦୪ତମ ଜୟନ୍ତୀ ପାଳନ କରାଯାଇଛି। ପ୍ରତିମୂର୍ତ୍ତିରେ ତାଙ୍କ ବଡ଼ପୁଅ ପ୍ରତାପ କେଶରୀ ସିଂ ବରିହା ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଡା. ଆଶୁତୋଷ ହୋତା, ଡା. ରଜତ ସାହୁ, ଆଶିଷ ବହିଦାର, ବାସୁଦେବ ଦାସ, ନିରୋଜ ଦୋରା, ରସିକ ପରମାର, ଚିତ୍ତରଞ୍ଜନ ପଟ୍ଟନାୟକ, ଡ଼ ଭକ୍ତପୂରନ ସାହୁ, ନାଟ୍ୟକାର ଅଶୋକ ବହିଦାର, ଡ଼. ପ୍ରମୋଦ ପାଢ଼ୀ, ସନ୍ତୋଷ ସତପଥି, ମନୋଜ ପଣ୍ଡା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ସିଂ ବରିହାଙ୍କ ସହଧର୍ମିଣୀ ସାରଳାଦେବୀଙ୍କ ନାମରେ ସରକାରୀ ଉପଖଣ୍ଡ ଚିକିତ୍ସାଳୟ ନାମିତ ହୋଇଥିଲା। କିନ୍ତୁ ରୂପାନ୍ତରିତ ସମୟରେ ତାଙ୍କ ନାମହଟାଇ ଦିଆଯାଇଛି। ତେଣୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆଗାମୀ ଦିନରେ ପୁନଃନାମିତ କରିବାକୁ ଦାବି ହୋଇଥିଲା। ସିଂ ବରିହା ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ରୀୟ କବି ସଙ୍ଗମର ସମ୍ମାନ ପର୍ବ

ବରଗଡ଼,୧୫।୫(ପ୍ରେମାନନ୍ଦ ଖମାରୀ)

ରାଷ୍ଟ୍ରୀୟ କବି ସଙ୍ଗମ, ବରଗଡ଼ ଶାଖାର ସମ୍ମାନ ପର୍ବ ଏବଂ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର (ହିନ୍ଦୀ ବିଭାଗ) ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନବନିର୍ବାଚିତ ସଭାପତି ଅଭିଜିତ ପ୍ରତିହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କବି ସଙ୍ଗମର ସଂସ୍ଥାପକ ଅଧ୍ୟକ୍ଷ ଜଗଦିଶ ମିତ୍ତଲଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ଶିଶୁକବି ଦେବଜ୍ୟୋତି ମହାପାତ୍ର, କୃଷ୍ଣ ଅଗ୍ରୱାଲ, ଅଦ୍ୟାଶା ପାଣିଗ୍ରାହୀ, ସୁପ୍ରୀତି ଭୋଇ, ସ୍ୱରିତ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ, ବରପାଲିର ସରସ୍ୱତୀ ବରିଷ୍ଠ ମହିଳା ସଂଘ, ବରଗଡ଼ ମହିଳା ସମିତି, ମାରୱାଡ଼ି ଯୁବାମଞ୍ଚ, ସଂକଳ୍ପ ପରିବାରକୁ ସେବା ପାଇଁ ସମ୍ମାନିତ କରାଯାଇଥିଲା। ବରିଷ୍ଠ କବୟିତ୍ରୀ ଉଷାଦେବୀ ଶର୍ମାଙ୍କୁ ରାଷ୍ଟ୍ରୀୟ କବି ସଙ୍ଗମ ସମ୍ମାନ ପ୍ରଦାନ କରାଯାଇଥିଲା। ସର୍ଦ୍ଦାର ପ୍ରୀତମ ସିଂ, ମହାମନ୍ତ୍ରୀ ଖୁସବୁ ଶର୍ମା, ସଂରକ୍ଷକ ଜୟପ୍ରକାଶ ଅଗ୍ରୱାଲ, କୋଷାଧ୍ୟକ୍ଷ ପ୍ରଶାନ୍ତ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଅରବିନ୍ଦ ବିଶ୍ୱାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଦାଶିବ କର ମଞ୍ଚ ସଂଯୋଜନା କରିଥିଲେ। ଅମରେନ୍ଦ୍ର ନାରାୟଣ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ଆବୃତ୍ତି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବରପାଲିର ରେଣୁ ଅଗ୍ରୱାଲ ମଞ୍ଚ ସଞ୍ଚାଳନ କରିଥିଲେ। ୨୫ରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଦୀପ କୁମାର ମିଶ୍ର, ଅବିନାଶ ଗୁପ୍ତା, ତରଣୀସେନ ଗୁରୁ, ଜଗଦିଶ ସେନ, ସନ୍ତୋଷିନୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଗୌରିଶଙ୍କର ପଣ୍ଡା, ପ୍ରମୋଦ ଝାଙ୍କର, ଗୋବିନ୍ଦ ଦାଶ, ନିର୍ମଳ କର, କେଦାର ମିଶ୍ର, ତୁଳସୀ ଦାଶ, ଦେବୀ ପଟ୍ଟନାୟକ, ରାଧାରାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କବୟିତ୍ରୀ ଉଷାଦେବୀ ଶର୍ମାଙ୍କୁ ରାଷ୍ଟ୍ରୀୟ କବି ସଙ୍ଗମ ସମ୍ମାନ ପ୍ରଦାନ କରାଯାଉଛି ।


**Format C-1**

## Declaration about criminal cases

(As per the judgment dated 25th September, 2018, of Hon'ble. Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate : **RABINARAYAN NAIK, Address: AT/P.O.- KHANDOKATA, P.S.- KUCHINDA ,DIST.- SAMBALPUR**
Name of the Political Party : **BHARATIYA JANATA PARTY (B.J.P.)**
(Independent candidates should write "Independent" here)
Name of Election : **SIMULTANEOUS GENERAL ELECTION - 2024**
*Name of Constituency : **15-KUCHINDA (S.T)**

I, **RABINARAYAN NAIK** (name of candidate), a candidate for the above mentioned election, declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of Court | Case No. and Dated | Status | Section(s) of Acts Concerned and Brief Description of Offence(s) |
|---|---|---|---|---|
| 1 | In the Court of S.D.J.M., Sambalpur | G.R. Case No. 398 of 2023 | Pending | 353 IPC: CRIMINAL FORCE TO DETER PUBLIC SERVANT. 294 IPC: OBSCENE ACTS AND SONGS. 323 IPC: VOLUNTARILY CAUSING HURT 506 IPC:CRIMINAL INTIMIDATION. 341 IPC: WRONGFUL RESTRAIN 354 IPC: CRMINAL FORCE TO WOMEN 500 IPC: DEFAMATION. |
| 2 | In the Court of Mrs. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1 of 2018 | Pending | U/S 174 (a) RAILWAYS ACT: SQUATTING OR PICKETING. |
| 3 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 22 of 2014 | Pending | 143 IPC: UNLAWFUL ASSEMBLY 149 IPC: OFFENCE COMMITTED BY AN UNLAWFUL ASSEMBLY 186 IPC: OBSTRUCTING PUBLIC SERVENT 506 IPC: CRIMINAL INTIMIDATION. 283 IPC: OBSTRUCTION OF PUBLIC WAY 341 IPC: WRONGFUL RESTRAIN. |
| 4 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 364 of 2013 | Pending | 143 IPC: UNLAWFUL ASSEMBLY 149 IPC: OFFENCE COMMITTED BY AN UNLAWFUL ASSEMBLY 283 IPC: OBSTRUCTION OF PUBLIC WAY. 341 IPC: WRONGFUL RESTRAIN. |
| 5 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1 of 2011 | Charged Framed on Dt.10.04.2014 | 174 (a) OF RAILWAYS ACT - SQUATTING OR PICKETING. |
| 6 | In the Court of S.D.J.M., Kuchinda | G.R. Case No. 57 of 2007 | Pending | 341 IPC: WRONGFUL RESTRAIN. 294 IPC: OBSCENE ACTS AND SONGS 323 IPC: VOLUNTARILY CAUSING HURT 506 IPC: CRIMINAL INTIMIDATION 34 IPC: COMMON INTENTION |
| 7 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 110 of 2011 | Charge has been framed on Dt.15.09.2012 | 143 IPC: UNLAWFUL ASSEMBLY 448 IPC: HOUSE TRESPASS 427 IPC: CAUSING DAMAGE 149 IPC: OFFENCE COMMITTED BY AN UNLAWFUL ASSEMBLY SEC 3 OF P.D.P.P. ACT - CAUSING DAMAGE TO PUBLIC PROPERTY |
| 8 | In the Court of S.D.J.M., Kuchinda | G.R. Case No. 353 of 2015 | Pending | 353 IPC: CRIMINAL FORCE TO DETER PUBLIC SERVANT. 294 IPC: OBSCENE SONGS 506 IPC: CRIMINAL INTIMIDATION. |
| 9 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 170 of 2013 | Pending | 143 IPC: UNLAWFUL ASSEMBLY. 149 IPC: OFFENCE COMMITTED BY AN UNLAWFUL ASSEMBLY. 283 IPC: OBSTRUCTION OF PUBLIC WAY. |
| 10 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 5/2022 | Pending | 145 RAILWAY ACT.- CREATING NUISANCE ON RAILWAY PREMISES. 146 RAILWAY ACT.- WILFULLY OBSTRUCT RAILWAY SERVANT. 147- UNLAWFULLY ENTERED INTO ANY PART OF RAILWAY. SECTION -174 (a)- SQUATTING OR PICKETING |
| 11 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1/2020 | Pending | 146 OF RLY ACT – WILFULLY OBSTRUCT RAILWAY SERVANT. 147- UNLAWFULLY ENTERED INTO ANY PART OF RAILWAY. 174 (a) OF RAILWAYS ACT -SQUATTING OR PICKETING. |
| 12 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 75/2021 | Pending | 143 IPC: UNLAWFUL ASSEMBLY. 149 IPC: OFFENCE BE COMMITTED BY UNLAWFUL ASSEMBLY. 283 IPC: OBSTRUCTION OF PUBLIC WAY. 341 IPC: WRONGFUL RESTRAIN. 186 IPC: OBSTRUCTING PUBLIC SERVENT. |
| 13 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 16/2021 | Pending | 143 IPC: UNLAWFUL ASSEMBLY 149 IPC: OFFENCE COMMITTED BY UNLAWFUL ASSEMBLY. 283 IPC: OBSTRUCTION OF PUBLIC WAY. 341 IPC: WRONGFUL RESTRAIN. 186 IPC: OBSTRUCTING PUBLIC SERVENT |
| 14 | In the Court of S.D.J.M., Sambalpur | G.R. Case No. 4698 of 2020 | Pending | 353 IPC: CRIMINAL FORCE TO DETER PUBLIC SERVANT. 149 IPC: OFFENCE BE COMMITTED BY UNLAWFUL ASSEMBLY. 269 IPC: NEGLIGENT ACT. 270 IPC: NEGLIGENT ACT TO SPREAD INFECTION |
| 15 | In the Court of S.D.J.M., Kuchinda | G.R. Case No. 616 of 2021 | Pending | 186 IPC: OBSTRUCTING PUBLIC SERVENT. 353 IPC: CRIMINAL FORCE TO DETER PUBLIC SERVANT. 294 IPC: OBSCENE ACT. AND SONGS. 147 IPC: PUNISHMENT FOR RIOTING. 342 IPC: WRONGFUL CONFINEMENT. 447 IPC: CRIMINAL TRESPASS. 506 IPC: CRIMINAL INTIMIDATION. 199 IPC: FALSE STATEMENT. |
| 16 | In the Court of S.D.J.M., Sambalpur | G.R. Case No. 244 of 2021 | Pending | 353 IPC: CRIMINAL FORCE TO DETER PUBLIC SERVANT. 143 IPC: UNLAWFUL ASSEMBLY 269 IPC: NEGLIGENT ACT. 270 IPC.: NEGLIGENT ACT TO SPREAD INFECTION. 336 IPC: ACT ENDANGERING LIFE SEC. 56 DISASTER MANAGEMENT ACT.: CONTRAVENTION OF PROVISIONS. SEC. 03 EPIDEMIC DISEASE ACT: AN ACT OF VIOLENCE. |
| 17 | In the Court of S.D.J.M., Sambalpur | G.R. Case No. 2595 of 2021 | Pending | 143 IPC: UNLAWFUL ASSEMBLY 145 IPC: CONTINUING IN UNLAWFUL ASSEMBLY. 269 IPC: NEGLIGENT ACT. 149 IPC: OFFENCE COMMITTED BY AN UNLAWFUL ASSEMBLY 264 IPC: USING OF FALSE INSTRUMENT. 151 IPC: CONTINUING IN ASSEMBLY 154 IPC: OCUPIER OF LAND. SEC. 51 DISASTER MANAGEMENT: PUNISHMENT FOR OBSTRUCTION. SEC.03 EPIDEMIC DISEASE ACT: AN ACT OF VIOLENCE. |

**(B) Details about cases of conviction for criminal offences**

| Sl. No. | Name of Court & Date(s) of Order(s) | Description of Office(s) & punishment imposed | Maximum Punishment Imposed |
|---|---|---|---|
| Not Applicable | Not Applicable | Not Applicable | Not Applicable |

In the case of election to Council of States or election to Legislative Council by MLAs, mention the election concerned in place of name of constituency.
Officer concerned
This may be published in Newspapers and TV from the day following the last date for withdrawal of candidature and up to two days before the date of poll.




ରାଜ୍ୟପାଳ ରଘୁବର ଦାସ ଶ୍ରେଷ୍ଠ ସ୍କାଉଟ୍ସ ଗାଇଡ୍ସ ପୁରସ୍କାର ପ୍ରଦାନ କରୁଛନ୍ତି।

# ସୁନ୍ଦରଗଡ଼ ଭାରତ ସ୍କାଉଟ୍ସ ଗାଇଡ୍ସକୁ ରାଜ୍ୟ ଶ୍ରେଷ୍ଠ ପୁରସ୍କାର

**କୁତ୍ରା, ୧୫।୫(ଦେବାଶିଷ ସାହୁ)**

ଚଳିତବର୍ଷ ରାଜ୍ୟସ୍ତରୀୟ ମର୍ଯ୍ୟାଦାଜନକ ରାଜ୍ୟ ପୁରସ୍କାର ବିତରଣ ଉତ୍ସବ ରାଜ୍ୟପାଳଙ୍କ ବାସଭବନ ଅଭିଷେକ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ ଜିଲାରୁ ରାଜ୍ୟ ପୁରସ୍କାରପ୍ରାପ୍ତ ୮ଶହରୁ ଊର୍ଦ୍ଧ୍ୱ ସ୍କାଉଟ୍ସ ଗାଇଡ୍ସ, ରାଜ୍ୟସ୍ତରୀୟ ବିଭିନ୍ନ ପଦାଧିକାରୀ ଯୋଗଦେଇଥିଲେ। ରାଜ୍ୟପାଳ ରଘୁବର ଦାସ ଓ ରାଜ୍ୟ ମୁଖ୍ୟ କମିଶନର ତଥା ଭାରତ ସ୍କାଉଟ୍ସ ଗାଇଡ୍ସ ଜାତୀୟ ଉପସଭାପତି କାଳିପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁନ୍ଦରଗଡ଼ ଭାରତ ସ୍କାଉଟ୍ସ ଗାଇଡ୍ସକୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସ୍କାଉଟ୍ସଗାଇଡ୍ସ ଜିଲା ମୁଖ୍ୟ କମିଶନର ତଥା ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନ, ଜିଲା କମିଶନର ବିଭୀଷଣ ବାରିକ, କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ରାଜ୍ୟପାଳଙ୍କ ପାଖରୁ ଜିଲା ତରଫରୁ ଏହାକୁ ଗ୍ରହଣ କରିଛନ୍ତି। ଜିଲା ଶିକ୍ଷାଅଧିକାରୀଙ୍କ ସମୟୋଚିତ ପଦକ୍ଷେପ ସାଙ୍ଗକୁ ସଦାସର୍ବଦା ପ୍ରେରଣା ଜିଲାକୁ ଏଦିଗରେ ସଫଳତା ଦେଇଛି। ଏହି ରାଜ୍ୟ ପୁରସ୍କାର କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାର ୨୦ ଜଣ ସ୍କାଉଟ୍ସ ଓ ୧୦ ଜଣ ଗାଇଡ୍ସ ସମେତ ସ୍କାଉଟ୍ସ ମାଷ୍ଟର ଶ୍ରୀକାନ୍ତ ସାହୁ, ଅଶୋକ ପରିଡା,ଗାଇଡ୍ସ କ୍ୟାପଟେନ ପ୍ରବିଣା ପଟେଲ ଉପସ୍ଥିତ ଥିଲେ। ଏହି ଅବସରରେ ସୁନ୍ଦରଗଡ଼ କିଞ୍ଜିରମା ଉଚ୍ଚ ବିଦ୍ୟାଳୟର ଆଦିବାସୀ ନାଚ ରାଜଭବନରେ ବେଶ ଖୁସିର ମାହୋଲ ସୃଷ୍ଟି କରିଥିଲା।

## ସଂକ୍ଷେପରେ

### ବୀରମିତ୍ରପୁର ନିର୍ବାଚନମଣ୍ଡଳୀକୁ ୧୭ରେ ଆସୁଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ

**କୁଆଁରମୁଣ୍ଡା,୧୫।୫(ମହେନ୍ଦ୍ର କୁମାର ସାହୁ):** ୨ୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୫ ଦିନ ବାକି ରହିଛି। ପ୍ରଚାର ଜମୁଛି। ଏହାରି ଭିତରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀକୁ ୧୭ରେ ଆସୁଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ। ଏହି ନିର୍ବାଚନମଣ୍ଡଳୀରୁ ୧୩ ଜଣ ପ୍ରାର୍ଥୀ ହୋଇଛନ୍ତି। ସେଥିମଧ୍ୟରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ହୋଇଛନ୍ତି ବିଧାୟକ ଥିବା ଶଙ୍କର ଓରାମ। ବିଜେଡି ପ୍ରାର୍ଥୀ ହୋଇଛନ୍ତି ରୋହିତ ଜୋସେଫ ତିର୍କୀ। ରୋହିତ ଜୋସେଫ ଗତ ୨୦୧୯ ସାଧାରଣ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ୩ୟ ସ୍ଥାନରେ ରହିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ମଖଲୁ ଏକ୍କାଙ୍କୁ ଭାଜପା ପ୍ରାର୍ଥୀ ଶଙ୍କର ଓରାମ ପରାଜିତ କରି ବିଧାୟକ ହୋଇଥିଲେ। ହେଲେ ଚଳିତ ନିର୍ବାଚନରେ ରୋହିତ କଂଗ୍ରେସ ଛାଡ଼ି ବିଜେଡି ଟିକେଟ ପାଇଛନ୍ତି। କଂଗ୍ରେସ, ଜେଏମ୍ଏମର ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ ନିହାର ସୁରିନଙ୍କ ପ୍ରାର୍ଥୀପତ୍ର ଖାରଜ ହୋଇଯାଇଛି। ତେବେ ଭାଜପା ଏହି ଆସନକୁ ପୁନର୍ବାର ନିଜ ଦଖଲକୁ ନେବା ପାଇଁ ଜୋରଦାର ପ୍ରୟାସ ଜାରି ରଖିଛି। ଭାଜପା ପ୍ରାର୍ଥୀ ଶଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଆଧାର କରି ପ୍ରଚାର କରୁଛନ୍ତି। ପଡୋଶୀ ଛତିଶଗଡ଼ ରାଜ୍ୟର ମନ୍ତ୍ରୀମାନଙ୍କର ପ୍ରଚାର ଓ ଆସନ୍ତା ୧୭ ତାରିଖ ଶୁକ୍ରବାର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ନୂଆଗାଁ ବ୍ଲକ ବାଗଡେଗାରେ ଅନୁଷ୍ଠିତ ହେବାକୁ ଥିବା ଜନସମାବେଶ ନିର୍ଣ୍ଣାୟକ ହୋଇପାରେ ବୋଲି କୁହାଯାଉଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ।

### ମାତୃକର୍ମୀ ବିଶିକେଶନଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**କୁତ୍ରା, ୧୫।୫(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରାସ୍ଥିତ ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପାଠଚକ୍ର ପରିଚାଳନା ପରିଷଦର ଉପଦେଷ୍ଟା ସଭ୍ୟ ତଥା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶିକେସନ ସାହୁ(୮୨)ଙ୍କର ଗତ ୧୦ ତାରିଖ ଅକ୍ଷୟତୃତୀୟା ଦିନ ଅପରାହ୍ନରେ ପରଲୋକ ହୋଇଯାଇଛି। ବୁଧବାର ସ୍ଥାନୀୟ ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ପରିଚାଳନା ପରିଷଦ ସଭ୍ୟାସଭ୍ୟ ସ୍ୱର୍ଗତ ସାହୁଙ୍କ ସ୍ମୃତିରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ରର ଆୟୋଜନ କରି ତାଙ୍କ ଆତ୍ମାର ସଦ୍‌ଗତି କାମନା ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ପରିଷଦର ସଭାପତି ଶିବଶଙ୍କର ବେହେରା, ସମ୍ପାଦକ ଦେବେନ୍ଦ୍ର ପୁରୋହିତ, ଅଧ୍ୟକ୍ଷା କଳ୍ପନା ପାଣିଗ୍ରାହୀ, ପୁଷ୍ପଲତା ତିର୍କୀ, ପୁଷ୍ପଲତା ଟପ୍ପୋ, ଅର୍ଚ୍ଚନା ପ୍ରିୟଦର୍ଶିନୀ ସାହୁ, ବିନତି କେଛୁ, ଶର୍ମା ଖ୍ରୀଷ୍ଟବେଲ କେର୍କେଟା, ସୁଜାତା ଡୁଙ୍ଗଡୁଙ୍ଗ, ଯଶୋବନ୍ତି ଜୟପୁରିଆ, ସଙ୍ଗିନୀ ଟପ୍ପୋ, ଡିଲେଶ୍ୱର ସା, ନିରନ୍ତି କୁଜୁର, ସୁରଭି ଟପ୍ପୋ ପ୍ରମୁଖ ବହୁ ମାତୃକର୍ମୀଯୋଗ ଦେଇଥିଲେ। ତାଙ୍କ ବିୟୋଗ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସମ୍ପାଦକ ପୁରୋହିତ ବର୍ଣ୍ଣନା କରିଥିଲେ।

# ବିଜେଡିର ମହିଳା ସମାବେଶ

**ସୁନ୍ଦରଗଡ,୧୫।୫(ଜୟନାରାୟଣ ମେଣ୍ଡୁଲି)**

**ଯୋଗେଶଙ୍କ ପାଇଁ ଭୋଟ ଭିକ୍ଷା କଲେ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି**

ସୁନ୍ଦରଗଡ଼ ସଦର ନିର୍ବାଚନମଣ୍ଡଳୀ ହେମଗିର ବ୍ଲକ ଅନ୍ତର୍ଗତ ଟପରିଆଠାରେ ବୁଧବାର ବିଜେଡିର ପଞ୍ଚାୟତସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ଯୋଗଦେଇ ମହିଳାମାନଙ୍କ ପାଇଁ ମିଶନ ଶକ୍ତି ଯୋଜନା, ବିଜୁ ସ୍ୱାସ୍ଥ୍ୟ ଯୋଜନା କାର୍ଡରେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ବିଷୟରେ ଆଲୋଚନା କରିଥିଲେ। ଏଥିରେ ୩୦୦ ରୁ ଅଧିକ ମହିଳା ଉପସ୍ଥିତ ଥିଲେ। ୨୦ ତାରିଖରେ ହେବାକୁ ଥିବା ଭୋଟରେ ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ସ୍ୱାମୀ ଯୋଗେଶଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବା ପାଇଁ ନିବେଦନ କରିଥିଲେ। ଏହି ସମାବେଶରେ ବରିଷ୍ଠ ନେତା ସୁନିଲ ପାଢୋଷି, ଟପରିଆ ସରପଞ୍ଚ ସୋନିଆ ବୈଗା, ସମିତି ସଭ୍ୟା ପାଉଲିନା ଲାକ୍ରା, ବୀରେନ୍ଦ୍ର ପ୍ରଧାନ, ରମେଶ ପ୍ରଧାନ, ତେଜରାମ ସା, କୃଷ୍ଣଚନ୍ଦ୍ର ସା, ତୁଳାରାମ ଦେହୁରୀ, ମନୋରଞ୍ଜନ ବୁଢ଼ା, ଜଳମନି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼କୁ ସୁନ୍ଦର କରିବା ଆରମ୍ଭ କରିଛି

**ସୁନ୍ଦରଗଡ଼,୧୫।୫(ଜୟନାରାୟଣ ମେଣ୍ଡୁଲି)**




ଭାଜପା ବିଧାୟକ ପ୍ରାର୍ଥିନୀ କୁସୁମ ଟେଟେ ପ୍ରଚାର କରୁଛନ୍ତି।

ବିଧାୟିକା ଭାବେ ନିର୍ବାଚିତ ହେବା ଦିନ ଠାରୁ ମୋ ନିର୍ବାଚନମଣ୍ଡଳୀର ଜନତାଙ୍କ ପାଇଁ ରାତି ଦିନ ପରିଶ୍ରମ କରିଛି। ଦୁଇବର୍ଷ କରୋନା ମହାମାରୀ ସମୟରେ ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀଙ୍କୁ ନେଇ ସୁନ୍ଦରଗଡ଼ବାସୀଙ୍କ ପାଇଁ ଲଢେଇ କରିଛି। ଦୁଇବର୍ଷ କୌଣସି ବିଧାୟକ ପାଣ୍ଠି ବନ୍ଦ ସତ୍ତ୍ୱେ ଜନସମ୍ପର୍କ ରକ୍ଷା କରିଛି। ବାକି ତିନି ବର୍ଷ ଭିତରେ ପ୍ରତ୍ୟେକ ପଞ୍ଚାୟତରେ ଖୋଲା ମଣ୍ଡପ, ଗୋଷ୍ଠୀ କେନ୍ଦ୍ର, ଛକରେ ଲାଇଟ୍ ବ୍ୟବସ୍ଥା ସହ ବିଭିନ୍ନ ଗ୍ରାମରେ ପୋଖରୀ, ନଳକୂପ ଖୋଳା ଯାଇଛି। ଅନେକ ଦୁର୍ଗମ ଅଞ୍ଚଳର ରାସ୍ତା ନିର୍ମାଣ ହୋଇଛି। ଆପଣମାନେ ଯଦି ଦ୍ୱିତୀୟ ଥର ଆଶୀର୍ବାଦ ଦିଅନ୍ତି, ସୁନ୍ଦରଗଡ଼କୁ ସୁନ୍ଦର କରିବା ନେଇ ଯେଉଁ ପ୍ରୟାସ ଆରମ୍ଭ ହୋଇଛି ତାକୁ ନିଶ୍ଚୟ ଆଗାମୀ ଦିନରେ ପୂରଣ କରିବି ବୋଲି ବୁଧବାର ହେମଗିର ବ୍ଲକର ବିଭିନ୍ନ ଗ୍ରାମ ଯଥା କୋଡବାହାଲ, ବାଦୀବାହାଲ, କେନ୍ଦୁଡ଼ିହି, ବେଡାବାବାଲା ଠାରେ ଆୟୋଜିତ ସଭାରେ କହିଛନ୍ତି ଭାଜପା ବିଧାୟକ ପ୍ରାର୍ଥିନୀ କୁସୁମ ଟେଟେ। ଦେହ ଅସୁସ୍ଥ ସତ୍ତ୍ୱେ ବିଭିନ୍ନ ଗ୍ରାମରେ ସଭା ସମିତି କରିଛନ୍ତି। ଆସନ୍ତା ଶୁକ୍ରବାର ବିଲେଇମୁଣ୍ଡାଠାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ସାଇଦେଓଙ୍କ ବିଶାଳ ସମାବେଶ ରହିଛି। ତେଣୁ ଭାଜପା କାର୍ଯ୍ୟକର୍ତ୍ତା, ନେତା ଓ କର୍ମୀ ଉତ୍ସାହିତ ଅଛନ୍ତି ବୋଲି ସେ କହିଛନ୍ତି।

# ସୁଧାରାଣୀଙ୍କ ରୋଡ ଶୋ, ସ୍କୁଟିରେ ବୁଲି କଲେ ପ୍ରଚାର




ବିଧାୟିକା ପ୍ରାର୍ଥିନୀ ସୁଧାରାଣୀ ରାଉଡିଆ ପ୍ରଚାର କରୁଛନ୍ତି।

**ହେମଗିର,୧୫।୫ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିରଠାରେ ବୁଧବାର କଂଗ୍ରେସ ଦଳ ପକ୍ଷରୁ ପ୍ରଚାର କରାଯାଇଥିଲା। ସୁନ୍ଦରଗଡ଼ ସଦର ବିଧାୟିକା ପ୍ରାର୍ଥିନୀ ସୁଧାରାଣୀ ରାଉଡିଆଙ୍କ ବିଶାଳ ରୋଡ ସୋ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହେମଗିରସ୍ଥିତ ଆଇବି ସ୍ଥିତ ଡାକବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ଭୋଟ ଭିକ୍ଷା କରିବା ସହିତ ହେମଗିର ଗ୍ରାମର ଘରକୁ ଘର ବୁଲି ଭୋଟ ପ୍ରଚାର କରିଥିଲେ। ଏହା ସହିତ କନିକାଠାରେ ମଧ୍ୟ ରୋଡ ସୋ କରି ଭୋଟ ଭିକ୍ଷା କରିଛନ୍ତି। ସୁଧାରାଣୀ ବିଭିନ୍ନ ସ୍ଥାନରେ ସ୍କୁଟିରେ ବୁଲି ପ୍ରଚାର କରିଥିଲେ। ଏହି ଅବସରରେ କଂଗ୍ରେସ ଦଳର ବ୍ଲକ ସଭାପତି କାଙ୍ଗାବିହାରି ପ୍ରଧାନ, ଜୀବନ ରଞ୍ଜନ ପଟ୍ଟନାୟକ, ସୁନୀଲ ପଣ୍ଡା, ମୁକେଶ କର, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ବିଭିନ୍ନ ଗାଁରେ ପ୍ରଚାର

**ବଡ଼ଗାଁ,୧୫।୫(ଅଶୋକ ଷଡ଼ଙ୍ଗୀ)**



ଭାଜପା ପ୍ରାର୍ଥୀ ଭବାନୀ ଶଙ୍କର ଭୋଇ ଗ୍ରାମବାସୀଙ୍କୁ ଇସ୍ତାହାର ଉପରେ ଜଣାଉଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ମଙ୍ଗଳବାର ତଳସରା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଭବାନୀ ଶଙ୍କର ଭୋଇ ପ୍ରଚାର କରିଛନ୍ତି। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଜଣାଇବା ସହିତ ଭାଜପା କ୍ଷମତାକୁ ଆସିଲେ କଣ ସବୁ ସୁବିଧା ମିଳିବ କହିଥିଲେ। ଯୁବତୀ, ମହିଳା, ଯୁବକ, କୃଷକ, ଦିବ୍ୟାଙ୍ଗ, ବୃଦ୍ଧା, ବୃଦ୍ଧଙ୍କ ପାଇଁ ଥିବା ସହାୟତା, ସହଯୋଗ ଉପରେ ଲୋକଙ୍କୁ ବୁଝାଇଥିଲେ। ପ୍ରଥମେ ତୁଡାଲଗା ପଞ୍ଚାୟତର ଚାରପାଲି ଗ୍ରାମକୁ ଯାଇ ସେଠାକାର ସାଇ ମନ୍ଦିରରେ ପୂଜାର୍ଚ୍ଚନା କଲାପରେ ପ୍ରଚାର ଆରମ୍ଭ କରିଥିଲେ। ସେଠାରୁ ତୁଡାଲଗା, ଗରଗଡ ବାହାଲ, ଦାଣ୍ଡଜମରା, ଟିମନା, ଉଦାରମା, ଜାଙ୍ଗଲି, ଗେଲେଇବାହାଲ, ଝଣ୍ଟେଲବୁଡ, ମଚାମରା ଗ୍ରାମକୁ ଯାଇ ପ୍ରଚାର ପାଇଁ ବୈଠକ କରିଥିଲେ। ଗ୍ରାମବାସୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଦାବି କରିଥିଲେ। ଏହି ନିର୍ବାଚନୀ ପ୍ରଚାରରେ ବରିଷ୍ଠ ନେତା ବସନ୍ତ ସାହୁ, ଟିକାନନ୍ଦ ଜୟପୁରିଆ, ନୀଳମାଧବ ପୁରୋହିତ, ରଜତ ପଟେଲ, ଶିଶିର ରାଉତରାୟ, ଶୁଭମ ନାଗ, ଜିତେନ୍ଦ୍ର ବାଡ଼ା, ବିରଞ୍ଚି ବାଗ ପ୍ରମୁଖ ଯୋଗଦେଇଥିଲେ।


**Format C-1**

**Declaration about criminal cases**

(As per the judgment dated 25th September, 2018, of Hon'ble. Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate : **RABINARAYAN NAIK, Address: AT/P.O.- KHANDOKATA, P.S.- KUCHINDA ,DIST.- SAMBALPUR**

Name of the Political Party : **BHARATIYA JANATA PARTY (B.J.P.)**

(Independent candidates should write "Independent" here)

Name of Election : **SIMULTANEOUS GENERAL ELECTION - 2024**

*Name of Constituency : **15-KUCHINDA (S.T)**

I, **RABINARAYAN NAIK** (name of candidate), a candidate for the above mentioned election, declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of Court | Case No. and Dated | Status | Section(s) of Acts Concerned and Brief Description of Offence(s) |
|---|---|---|---|---|
| 1 | In the Court of S.D.J.M., Sambalpur | G.R. Case No. 398 of 2023 | Pending | 353 IPC: CRIMINAL FORCE TO DETER PUBLIC SERVANT.<br>294 IPC: OBSCENE ACTS AND SONGS.<br>323 IPC: VOLUNTARILY CAUSING HURT<br>506 IPC:CRIMINAL INTIMIDATION.<br>341 IPC: WRONGFUL RESTRAIN<br>354 IPC: CRMINAL FORCE TO WOMEN<br>500 IPC: DEFAMATION. |
| 2 | In the Court of Mrs. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1 of 2018 | Pending | U/S 174 (a) RAILWAYS ACT: SQUATTING OR PICKETING. |
| 3 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 22 of 2014 | Pending | 143 IPC: UNLAWFUL ASSEMBLY<br>149 IPC: OFFENCE COMMITTED BY AN UNLAWFUL ASSEMBLY<br>186 IPC: OBSTRUCTING PUBLIC SERVENT<br>506 IPC: CRIMINAL INTIMIDATION.<br>283 IPC: OBSTRUCTION OF PUBLIC WAY<br>341 IPC: WRONGFUL RESTRAIN. |
| 4 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 364 of 2013 | Pending | 143 IPC: UNLAWFUL ASSEMBLY<br>149 IPC: OFFENCE COMMITTED BY AN UNLAWFUL ASSEMBLY<br>283 IPC: OBSTRUCTION OF PUBLIC WAY.<br>341 IPC: WRONGFUL RESTRAIN. |
| 5 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1 of 2011 | Charged Framed on Dt.10.04.2014 | 174 (a) OF RAILWAYS ACT - SQUATTING OR PICKETING. |
| 6 | In the Court of S.D.J.M., Kuchinda | G.R. Case No. 57 of 2007 | Pending | 341 IPC: WRONGFUL RESTRAIN.<br>294 IPC: OBSCENE ACTS AND SONGS<br>323 IPC: VOLUNTARILY CAUSING HURT<br>506 IPC: CRIMINAL INTIMIDATION<br>34 IPC: COMMON INTENTION |
| 7 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 110 of 2011 | Charge has been framed on Dt.15.09.2012 | 143 IPC: UNLAWFUL ASSEMBLY<br>448 IPC: HOUSE TRESPASS<br>427 IPC: CAUSING DAMAGE<br>149 IPC: OFFENCE COMMITTED BY AN UNLAWFUL ASSEMBLY<br>SEC 3 OF P.D.P.P. ACT - CAUSING DAMAGE TO PUBLIC PROPERTY |
| 8 | In the Court of S.D.J.M., Kuchinda | G.R. Case No. 353 of 2015 | Pending | 353 IPC: CRIMINAL FORCE TO DETER PUBLIC SERVANT.<br>294 IPC: OBSCENE SONGS<br>506 IPC: CRIMINAL INTIMIDATION. |
| 9 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 170 of 2013 | Pending | 143 IPC: UNLAWFUL ASSEMBLY.<br>149 IPC: OFFENCE COMMITTED BY AN UNLAWFUL ASSEMBLY.<br>283 IPC: OBSTRUCTION OF PUBLIC WAY. |
| 10 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 5/2022 | Pending | 145 RAILWAY ACT.- CREATING NUISANCE ON RAILWAY PREMISES.<br>146 RAILWAY ACT.- WILFULLY OBSTRUCT RAILWAY SERVANT.<br>147- UNLAWFULLY ENTERED INTO ANY PART OF RAILWAY.<br>SECTION -174 (a)- SQUATTING OR PICKETING |
| 11 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1/2020 | Pending | 146 OF RLY ACT – WILFULLY OBSTRUCT RAILWAY SERVANT.<br>147- UNLAWFULLY ENTERED INTO ANY PART OF RAILWAY.<br>174 (a) OF RAILWAYS ACT -SQUATTING OR PICKETING. |
| 12 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 75/2021 | Pending | 143 IPC: UNLAWFUL ASSEMBLY.<br>149 IPC: OFFENCE BE COMMITTED BY UNLAWFUL ASSEMBLY.<br>283 IPC: OBSTRUCTION OF PUBLIC WAY.<br>341 IPC: WRONGFUL RESTRAIN.<br>186 IPC: OBSTRUCTING PUBLIC SERVENT. |
| 13 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 16/2021 | Pending | 143 IPC: UNLAWFUL ASSEMBLY<br>149 IPC: OFFENCE COMMITTED BY UNLAWFUL ASSEMBLY.<br>283 IPC: OBSTRUCTION OF PUBLIC WAY.<br>341 IPC: WRONGFUL RESTRAIN.<br>186 IPC: OBSTRUCTING PUBLIC SERVENT |
| 14 | In the Court of S.D.J.M., Sambalpur | G.R. Case No. 4698 of 2020 | Pending | 353 IPC: CRIMINAL FORCE TO DETER PUBLIC SERVANT.<br>149 IPC: OFFENCE BE COMMITTED BY UNLAWFUL ASSEMBLY.<br>269 IPC: NEGLIGENT ACT.<br>270 IPC: NEGLIGENT ACT TO SPREAD INFECTION |
| 15 | In the Court of S.D.J.M., Kuchinda | G.R. Case No. 616 of 2021 | Pending | 186 IPC: OBSTRUCTING PUBLIC SERVENT.<br>353 IPC: CRIMINAL FORCE TO DETER PUBLIC SERVANT.<br>294 IPC: OBSCENE ACT. AND SONGS.<br>147 IPC: PUNISHMENT FOR RIOTING.<br>342 IPC: WRONGFUL CONFINEMENT.<br>447 IPC: CRIMINAL TRESPASS.<br>506 IPC: CRIMINAL INTIMIDATION.<br>199 IPC: FALSE STATEMENT. |
| 16 | In the Court of S.D.J.M., Sambalpur | G.R. Case No. 244 of 2021 | Pending | 353 IPC: CRIMINAL FORCE TO DETER PUBLIC SERVANT.<br>143 IPC: UNLAWFUL ASSEMBLY<br>269 IPC: NEGLIGENT ACT.<br>270 IPC.: NEGLIGENT ACT TO SPREAD INFECTION.<br>336 IPC: ACT ENDANGERING LIFE<br>SEC. 56 DISASTER MANAGEMENT ACT.: CONTRAVENTION OF PROVISIONS.<br>SEC. 03 EPIDEMIC DISEASE ACT: AN ACT OF VIOLENCE. |
| 17 | In the Court of S.D.J.M., Sambalpur | G.R. Case No. 2595 of 2021 | Pending | 143 IPC: UNLAWFUL ASSEMBLY<br>145 IPC: CONTINUING IN UNLAWFUL ASSEMBLY.<br>269 IPC: NEGLIGENT ACT.<br>149 IPC: OFFENCE COMMITTED BY AN UNLAWFUL ASSEMBLY<br>264 IPC: USING OF FALSE INSTRUMENT.<br>151 IPC: CONTINUING IN ASSEMBLY<br>154 IPC: OCUPIER OF LAND.<br>SEC. 51 DISASTER MANAGEMENT: PUNISHMENT FOR OBSTRUCTION.<br>SEC.03 EPIDEMIC DISEASE ACT: AN ACT OF VIOLENCE. |

**(B) Details about cases of conviction for criminal offences**

| Sl. No. | Name of Court & Date(s) of Order(s) | Description of Office(s) & punishment imposed | Maximum Punishment Imposed |
|---|---|---|---|
| Not Applicable | Not Applicable | Not Applicable | Not Applicable |

In the case of election to Council of States or election to Legislative Council by MLAs, mention the election concerned in place of name of constituency.

Officer concerned

This may be published in Newspapers and TV from the day following the last date for withdrawal of candidature and up to two days before the date of poll.

# ଦେବଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

**ଦେବଗଡ଼, ୧୫।୫ (ଶଶାଙ୍କ ଶେଖର ଝାଙ୍କର)**



ସମ୍ବଲପୁର ମୋର ପ୍ରିୟ ଭାଇ ଓ ଭଉଣୀମାନେ ସମସ୍ତଙ୍କୁ ମୋର୍ ଜୁହାର୍। ବିଏସକେୱାଇ ଯୋଜନା ଭଲ କି? ମିଶନ ଶକ୍ତି, ମମତା ଯୋଜନା, ଲକ୍ଷ୍ମୀ ବସ, ୫-ଟି ସ୍କୁଲ, କାଳିଆ ଯୋଜନା, ମଧୁବାବୁ ପେନସନ ଯୋଜନା, ମା' ସମଲେଇ ପ୍ରକଳ୍ପ, ପୁରୀ ପରିକ୍ରମା ପ୍ରକଳ୍ପ ଭଲ କି?, ନବୀନ ପଟ୍ଟନାୟକ ଭଲ କି ? ଶଙ୍ଖ ଚିହ୍ନ ଭଲ କି? ଜୁଲାଇ ମାସରୁ ଆପଣଙ୍କ ବିଜୁଳି ବିଲ ଆସିବ ନାହିଁ। ବିଜେଡି ସରକାର ବିଜୁଳି ମାଗଣା ଦେବେ। ଆପଣମାନେ ଖୁସି ତ। ନିଜର ନିଆରା ଅନ୍ଦାଜରେ ଜନସଭାକୁ ସମ୍ବୋଧନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରାଉରକେଲାଠାରେ ସଭା ସାରିବା ପରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଦେବଗଡ, ଛେଣ୍ଡିପଦା ଓ ଆଠମଲ୍ଲିକରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ସ୍ୱାଗତ ଜଣାଇଥିଲେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିକଶିତ ଓଡିଶା ଗଠନ ହେଉଛି। ଜନତାଙ୍କ ମୌଳିକ ସମସ୍ୟାର ସମାଧାନ କରିବା ସହିତ ସମସ୍ତ କ୍ଷେତ୍ରରେ ଉନ୍ନତିମୂଳକ କାମ ହୋଇଛି। ଗତଥର କାର୍ତ୍ତିକ ପାଣ୍ଡିଆନ ଆସିଥିବାବେଳେ ଆପଣମାନେ ଅଭିଯୋଗ ପତ୍ର ଜରିଆରେ ଯାହା ଜଣାଇଥିଲେ ତାହା ସବୁ ପୂରଣ ହୋଇଛି, ଆଉ କିଛି କାମ ଖୁବଶୀଘ୍ର ପୂରଣ ହେବ। ବିଜୁଳି ସମସ୍ୟା କଥା ଆପଣମାନେ ଜଣାଇଥିଲେ। ଏହି ମଞ୍ଚରୁ ଆପଣ ଖୁସି ଖବର ଶୁଣିନିଅନ୍ତୁ। ଆସନ୍ତା ଜୁଲାଇରୁ ଆପଣଙ୍କର ବିଜୁଳି ମଗଣା ହେବ। ଏହା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଗ୍ୟାରେଣ୍ଟି। ନୂଆ ଓଡିଶା ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ସଂକଳ୍ପ ନେଇଛନ୍ତି। ତାକୁ ପୂରଣ କରିବାକୁ ହେଲେ ଆପଣମାନଙ୍କୁ ଏଥର ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ହେବ ବୋଲି ନିବେଦନ କରିଥିଲେ ପ୍ରଣବ। ମଞ୍ଚରେ ସିଧାସଳଖ କେନ୍ଦ୍ରମନ୍ତ୍ରୀଙ୍କୁ ନିଶାଣ କରିଥିଲେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ। ୨୦୧୪ରେ ଭାଜପା ସରକାର ଗଠନ ହେଲେ ଦରଦାମ କମାଇବାକୁ କହିଥିଲେ। କମିଲା କି? ଏଠାରେ ଭାରତୀୟ ଜନତା ପାର୍ଟିର ଯିଏ ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ତାଙ୍କର ଗୋଟିଏ ଗୋଟିଏ ଦସ୍ତଖତ ମା'ମାନଙ୍କ ଆଖିରୁ ଲୁହ ଝରାଇଛି। କୁଚିଣ୍ଡା, ଦେବଗଡ, ଛେଣ୍ଡିପଦା, ଆଠମଲ୍ଲିକ, ସମ୍ବଲପୁର ଅଞ୍ଚଳର ମା'ମାନଙ୍କୁ ଦୁଃଖକଷ୍ଟ ଦେଇଛନ୍ତି। ବଡବଡ କମ୍ପାନୀକୁ ଲାଭ ଦେବା ପାଇଁ ଆଦିବାସୀ, ଗରିବଙ୍କ ପେଟରେ ଲାତ ମାରଛନ୍ତି ଏଠାକାର ଭାଜପା ପ୍ରାର୍ଥୀ। ଏବେ ନିର୍ବାଚନ ଆସିବାରୁ ଆସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସମଲେଇ ମା'ଙ୍କ ପ୍ରକଳ୍ପର ରୂପାନ୍ତରଣ କାମକୁ ରୋକିବା ପାଇଁ ଲାଗିପଡିଥିଲେ। ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଛନ୍ତି। କିନ୍ତୁ ଆପଣଙ୍କ ପାଖରେ ରହିଥିବା ପ୍ରଣବ ପ୍ରକାଶ ଦାସ ମା'ଙ୍କ କାମ ପୂରା କରିବାକୁ ଲାଗିପଡ଼ିଥିଲେ। ମୁଖ୍ୟମନ୍ତ୍ରୀ କଲେଜ ଛାତ୍ରୀଛାତ୍ରଙ୍କୁ ନୂଆ ଓ ସ୍କୋଲାରସିପ ଦେଇଛନ୍ତି। ଏଠି ଛିଡା ହୋଇଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିବେ କି କେତେ ପିଲାଙ୍କୁ ବୃତ୍ତି ଦେଇଛନ୍ତି। ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବା ପରେ ତିନୋଟି ଦସ୍ତଖତ କରିବେ। ପ୍ରଥମ ହେଲା ବିଜୁଳି ବିଲ ଛାଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କୁ ସାମିଲ କରାଯିବ। ୬୦ ବର୍ଷ ହୋଇଥିବା ମିଶନ ଶକ୍ତି ମା'ମାନଙ୍କୁ ପେନସନ ପ୍ରଦାନ। ଏହା ହେଉଛି ନବୀନ ଗ୍ୟାରେଣ୍ଟି। ନବୀନ ପଟ୍ଟନାୟକ ଯାହା କହନ୍ତି ତାହା କରନ୍ତି। ପ୍ରଣବ ପ୍ରକାଶ ହେଉଛନ୍ତି ଓଡ଼ିଶା ମାଟିର ଲଢୁଆ ପୁଅ। ସେ ଆପଣଙ୍କ ପାଇଁ ଦିଲ୍ଲୀରେ ଲଢେଇ କରିବେ। ତେଣୁକରି ଆପଣମାନେ ପ୍ରଣବ ପ୍ରକାଶ ଓ ବିଜୁ ଜନତା ଦଳର ଆପଣଙ୍କ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ମାତ୍ରାରେ ଆଶୀର୍ବାଦ କରନ୍ତୁ ବୋଲି ନିବେଦନ କରିଥିଲେ। ନବୀନ ଗ୍ୟାରେଣ୍ଟି ପ୍ରତି ଲୋକଙ୍କ ସମ୍ପୂର୍ଣ୍ଣ ଭରସା ରହିଥିବାବେଳେ ମିଛ ପ୍ରଚାର କରି ଲୋକଙ୍କୁ ଭୁଆଁ ବୁଲାଉଥିବା ବିରୋଧୀମାନେ ଖୁବଶୀଘ୍ର ଏହାର ଜବାବ ପାଇବେ ବୋଲି ମତପ୍ରକାଶ ପାଉଛି।

# ଗ୍ରାମାଞ୍ଚଳରେ ଅଭିନେତା, ଅଭିନେତ୍ରୀଙ୍କ ପ୍ରଚାର

**ଝାରସୁଗୁଡ଼ା, ୧୫।୫ (ସଞ୍ଜୟ ମାଲି)**




ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଏବଂ କୋଲାବିରା ବ୍ଲକ ଅନ୍ତର୍ଗତ ପୋଖରାସାଲେଠାରେ ବିଜୁ ଜନତା ଦଳ ପକ୍ଷରୁ ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟିକା ପ୍ରାର୍ଥିନୀ ସୁଶ୍ରୀ ଦୀପାଳି ଦାସ ଓ ବାରଗଡ ଲୋକ ସଭା ପ୍ରାର୍ଥିନୀ ପରିନିତ ମିଶ୍ରଙ୍କ ପ୍ରଚାର ପ୍ରସାର କରିବା ପାଇଁ ବଲିଉଡର ଅଭିନେତା ନିଲ ନୀତିନ ମୁକେଶ ଓ ଅଭିନେତ୍ରୀ ଭାଗ୍ୟଶ୍ରୀ ସଭାସ୍ଥଳରେ ପହଞ୍ଚି ପ୍ରଚାର କରିଛନ୍ତି। ଲଇକେରାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଲୋକଙ୍କ ସମାବେଶ ହୋଇଥିବାବେଳେ ପୋଖରାସାଲେଠାରେ ମଧ୍ୟ ଶହ ଶହ ଲୋକ ପହଞ୍ଚି ତାରକା ପ୍ରଚାରକଙ୍କୁ ଦେଖିବା ଶୁଣିବା ସଙ୍ଗେ ସଙ୍ଗେ ସୁଶ୍ରୀ ଦୀପାଳି ଏବଂ ଲୋକ ସଭା ପ୍ରାର୍ଥିନୀ ପରିନିତା ମିଶ୍ରଙ୍କୁ ଭୋଟ ଦେଇ ବିଜୟୀ କରିବା ଧ୍ୱନି ସଭା ସ୍ଥଳରେ ଗୁଞ୍ଜି ଉଠିଥିଲା। ମୋର ବାପା ସ୍ୱର୍ଗୀୟ ନବ କିଶୋର ଦାସ ଯିଏ ଆଜି ଏହି ରଙ୍ଗ ମଞ୍ଚ ଦୁନିଆକୁ ଛାଡି ଆରି ପାଖିକୁ ଚାଲିଯାଇଛନ୍ତି, ତାଙ୍କ ବିଷୟରେ ଅପପ୍ରଚାର କରିବା ଆଦୌ ଠିକ ନୁହେଁ ବୋଲି ଦୀପାଳି ଦାସ କହିଛନ୍ତି।

## Format C-1

## Declaration about criminal cases

(As per the judgment dated 25th September, 2018, of Hon'ble. Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate : **RABINARAYAN NAIK, Address: AT/P.O.- KHANDOKATA, P.S.- KUCHINDA ,DIST.- SAMBALPUR**

Name of the Political Party : **BHARATIYA JANATA PARTY (B.J.P.)**

(Independent candidates should write "Independent" here)

Name of Election : **SIMULTANEOUS GENERAL ELECTION - 2024**

*Name of Constituency : **15-KUCHINDA (S.T)**

I, **RABINARAYAN NAIK** (name of candidate), a candidate for the above mentioned election, declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of Court | Case No. and Dated | Status | Section(s) of Acts Concerned and Brief Description of Offence(s) |
|---|---|---|---|---|
| 1 | In the Court of S.D.J.M., Sambalpur | G.R. Case No. 398 of 2023 | Pending | 353 IPC: CRIMINAL FORCE TO DETER PUBLIC SERVANT. 294 IPC: OBSCENE ACTS AND SONGS. 323 IPC: VOLUNTARILY CAUSING HURT 506 IPC:CRIMINAL INTIMIDATION. 341 IPC: WRONGFUL RESTRAIN 354 IPC: CRMINAL FORCE TO WOMEN 500 IPC: DEFAMATION. |
| 2 | In the Court of Mrs. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1 of 2018 | Pending | U/S 174 (a) RAILWAYS ACT: SQUATTING OR PICKETING. |
| 3 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 22 of 2014 | Pending | 143 IPC: UNLAWFUL ASSEMBLY 149 IPC: OFFENCE COMMITTED BY AN UNLAWFUL ASSEMBLY 186 IPC: OBSTRUCTING PUBLIC SERVENT 506 IPC: CRIMINAL INTIMIDATION. 283 IPC: OBSTRUCTION OF PUBLIC WAY 341 IPC: WRONGFUL RESTRAIN. |
| 4 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 364 of 2013 | Pending | 143 IPC: UNLAWFUL ASSEMBLY 149 IPC: OFFENCE COMMITTED BY AN UNLAWFUL ASSEMBLY 283 IPC: OBSTRUCTION OF PUBLIC WAY. 341 IPC: WRONGFUL RESTRAIN. |
| 5 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1 of 2011 | Charged Framed on Dt.10.04.2014 | 174 (a) OF RAILWAYS ACT - SQUATTING OR PICKETING. |
| 6 | In the Court of S.D.J.M., Kuchinda | G.R. Case No. 57 of 2007 | Pending | 341 IPC: WRONGFUL RESTRAIN. 294 IPC: OBSCENE ACTS AND SONGS 323 IPC: VOLUNTARILY CAUSING HURT 506 IPC: CRIMINAL INTIMIDATION 34 IPC: COMMON INTENTION |
| 7 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 110 of 2011 | Charge has been framed on Dt.15.09.2012 | 143 IPC: UNLAWFUL ASSEMBLY 448 IPC: HOUSE TRESPASS 427 IPC: CAUSING DAMAGE 149 IPC: OFFENCE COMMITTED BY AN UNLAWFUL ASSEMBLY SEC 3 OF P.D.P.P. ACT - CAUSING DAMAGE TO PUBLIC PROPERTY |
| 8 | In the Court of S.D.J.M., Kuchinda | G.R. Case No. 353 of 2015 | Pending | 353 IPC: CRIMINAL FORCE TO DETER PUBLIC SERVANT. 294 IPC: OBSCENE SONGS 506 IPC: CRIMINAL INTIMIDATION. |
| 9 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 170 of 2013 | Pending | 143 IPC: UNLAWFUL ASSEMBLY. 149 IPC: OFFENCE COMMITTED BY AN UNLAWFUL ASSEMBLY. 283 IPC: OBSTRUCTION OF PUBLIC WAY. |
| 10 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 5/2022 | Pending | 145 RAILWAY ACT.- CREATING NUISANCE ON RAILWAY PREMISES. 146 RAILWAY ACT.- WILFULLY OBSTRUCT RAILWAY SERVANT. 147- UNLAWFULLY ENTERED INTO ANY PART OF RAILWAY. SECTION -174 (a)- SQUATTING OR PICKETING |
| 11 | In the Court of Smt. I.A. Mishra, J.M.F.C., Sambalpur (MP/MLA) | 2(C) C.C. Case No. 1/2020 | Pending | 146 OF RLY ACT – WILFULLY OBSTRUCT RAILWAY SERVANT. 147- UNLAWFULLY ENTERED INTO ANY PART OF RAILWAY. 174 (a) OF RAILWAYS ACT -SQUATTING OR PICKETING. |
| 12 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 75/2021 | Pending | 143 IPC: UNLAWFUL ASSEMBLY. 149 IPC: OFFENCE BE COMMITTED BY UNLAWFUL ASSEMBLY. 283 IPC: OBSTRUCTION OF PUBLIC WAY. 341 IPC: WRONGFUL RESTRAIN. 186 IPC: OBSTRUCTING PUBLIC SERVENT. |
| 13 | In the Court of Smt. I.A. Mishra, J.M.F.C., Sambalpur (MP/MLA) | G.R. Case No. 16/2021 | Pending | 143 IPC: UNLAWFUL ASSEMBLY 149 IPC: OFFENCE COMMITTED BY UNLAWFUL ASSEMBLY. 283 IPC: OBSTRUCTION OF PUBLIC WAY. 341 IPC: WRONGFUL RESTRAIN. 186 IPC: OBSTRUCTING PUBLIC SERVENT |
| 14 | In the Court of S.D.J.M., Sambalpur | G.R. Case No. 4698 of 2020 | Pending | 353 IPC: CRIMINAL FORCE TO DETER PUBLIC SERVANT. 149 IPC: OFFENCE BE COMMITTED BY UNLAWFUL ASSEMBLY. 269 IPC: NEGLIGENT ACT. 270 IPC: NEGLIGENT ACT TO SPREAD INFECTION |
| 15 | In the Court of S.D.J.M., Kuchinda | G.R. Case No. 616 of 2021 | Pending | 186 IPC: OBSTRUCTING PUBLIC SERVENT. 353 IPC: CRIMINAL FORCE TO DETER PUBLIC SERVANT. 294 IPC: OBSCENE ACT. AND SONGS. 147 IPC: PUNISHMENT FOR RIOTING. 342 IPC: WRONGFUL CONFINEMENT. 447 IPC: CRIMINAL TRESPASS. 506 IPC: CRIMINAL INTIMIDATION. 199 IPC: FALSE STATEMENT. |
| 16 | In the Court of S.D.J.M., Sambalpur | G.R. Case No. 244 of 2021 | Pending | 353 IPC: CRIMINAL FORCE TO DETER PUBLIC SERVANT. 143 IPC: UNLAWFUL ASSEMBLY 269 IPC: NEGLIGENT ACT. 270 IPC.: NEGLIGENT ACT TO SPREAD INFECTION. 336 IPC: ACT ENDANGERING LIFE SEC. 56 DISASTER MANAGEMENT ACT.: CONTRAVENTION OF PROVISIONS. SEC. 03 EPIDEMIC DISEASE ACT: AN ACT OF VIOLENCE. |
| 17 | In the Court of S.D.J.M., Sambalpur | G.R. Case No. 2595 of 2021 | Pending | 143 IPC: UNLAWFUL ASSEMBLY 145 IPC: CONTINUING IN UNLAWFUL ASSEMBLY. 269 IPC: NEGLIGENT ACT. 149 IPC: OFFENCE COMMITTED BY AN UNLAWFUL ASSEMBLY 264 IPC: USING OF FALSE INSTRUMENT. 151 IPC: CONTINUING IN ASSEMBLY 154 IPC: OCUPIER OF LAND. SEC. 51 DISASTER MANAGEMENT: PUNISHMENT FOR OBSTRUCTION. SEC.03 EPIDEMIC DISEASE ACT: AN ACT OF VIOLENCE. |

**(B) Details about cases of conviction for criminal offences**

| Sl. No. | Name of Court & Date(s) of Order(s) | Description of Office(s) & punishment imposed | Maximum Punishment Imposed |
|---|---|---|---|
| Not Applicable | Not Applicable | Not Applicable | Not Applicable |

In the case of election to Council of States or election to Legislative Council by MLAs, mention the election concerned in place of name of constituency.

Officer concerned

This may be published in Newspapers and TV from the day following the last date for withdrawal of candidature and up to two days before the date of poll.

# ମୁଖ୍ୟମନ୍ତ୍ରୀ, ପାଣ୍ଡିଆନଙ୍କ ମନ୍ତବ୍ୟକୁ ନାଗରିକ କମିଟି ସମ୍ପାଦକଙ୍କ ସମାଲୋଚନା

**ଦେବଗଡ଼, ୧୫।୫ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ବଡବଗିଚା ପଡିଆରେ ବୁଧବାର ଅନୁଷ୍ଠିତ ଜନସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରସଙ୍ଗ ଉଠାଇ ଏହା ଭଲ କି ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପଚାରିଥିଲେ। ଏଥିସହ ଆସନ୍ତା ଜୁଲାଇରୁ ଆଉ ବିଦ୍ୟୁତ୍ ବିଲ ଆସିବ ନାହିଁ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ସେମାନଙ୍କୁ ଭରସା ନ କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନବୀନ ନିବେଦନ କରିଥିଲେ। ସଭାରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ ବୋଲି ଦୃଢୋକ୍ତି ବାଢିବା ସହ ରାଜ୍ୟରେ ବିଜେଡି ସରକାର କଲା ପରେ ମିଶନ ଶକ୍ତି ମହିଳାଙ୍କୁ ପେନସନ, ବିଜୁଳି ଛାଡ ଏବଂ ବିଏସ୍‌କେୱାଇ ଯୋଜନା ଉପରେ ମୁଖ୍ୟମନ୍ତ୍ରୀ ଦସ୍ତଖତ ମାରିବେ ବୋଲି କହିଥିଲେ। ଏଥିସହ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରିଥିଲେ। କିନ୍ତୁ ଦେବଗଡ ଜିଲା ବରିଷ୍ଠ ନାଗରିକ କମିଟି ସମ୍ପାଦକ ସୁଧୀର କପରଦାର ଓ ଭାଜପା ନେତା ତଥା ପୂର୍ବତନ ପୌର୍ ପରିଷଦ ଅଧ୍ୟକ୍ଷ ପ୍ରଣବ କୁମାର ପ୍ରଧାନ ଏହାକୁ କଠୋର ସମାଲୋଚନା କରିଛନ୍ତି। ୨୫ ବର୍ଷ ଶାସନ କରିଥିବା ବିଜେଡି ସରକାର ଆଜି ଯାଏଁ କେଉଁଠି ଥିଲା ବୋଲି ଉଭୟେ ପାଲଟା ପ୍ରଶ୍ନ ଉଠାଇଛନ୍ତି। ଜିଲାରେ ସ୍ୱାସ୍ଥ୍ୟ ସେବା ଭୁଷୁଡି ପଡିଛି। ଆବ୍ୟଶକତାଠାରୁ ଅଧା ମଧ ଡାକ୍ତର ପଦବୀ ପୂରଣ ହୋଇନି। କେନ୍ଦ୍ର ଟଙ୍କା ଦେଉଛି କିନ୍ତୁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିବାରେ ଫେଲ ମାରିଥିବାରୁ ଦେବଗଡ ଜିଲାବାସୀ ଆଜି ଯାଏଁ ରେଳ ଲାଇନ ଦେଖିବା ସ୍ୱପ୍ନ ହୋଇ ରହିଛି। ଛାତ୍ର ବୃତ୍ତି କଥା କହୁଛନ୍ତି କିନ୍ତୁ ଦେବଗଡ କଲେଜରେ ଗୋଟିଏ ଟଏଲେଟ ନାହିଁ। ଭାଜପା ନେତା କହିଛନ୍ତି ଯେ, ଦେବଗଡ ଜିଲା ପାଇଁ କେନ୍ଦ୍ରମନ୍ତ୍ରୀ ଅନେକ କାର୍ଯ୍ୟ କରିଛନ୍ତି। ବିଜେଡି ଏମ୍‌ପି ପ୍ରାର୍ଥୀ ଯେଉଁଠି ଛିଡା ହୋଇ ପ୍ରଶ୍ନ କରୁଛନ୍ତି, ସେହି କଲ୍ୟାଣ ମଣ୍ଡପ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନରୁ ହୋଇଛି। ୨୫ ବର୍ଷ ଧରି ଲୋକଙ୍କୁ ବିଜେଡି ସରକାର ଠକି ଆସୁଛି, ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଅଭିଯୋଗ କରିଛନ୍ତି।

# ଦେବଗଡ଼ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ୨ ନେତାଙ୍କୁ ସଙ୍ଗଠନ ଦାୟିତ୍ୱ





**ଦେବଗଡ଼, ୧୫।୫ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାର ବିଜେଡି ନେତା ଉମାଶଙ୍କର ସାହୁ ଏବଂ ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରାଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଦାୟିତ୍ୱ ପ୍ରଦାନ କରିଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦାୟିତ୍ୱ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଉମାଶଙ୍କର ୨୦୧୯ ନିର୍ବାଚନରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଥିବା ବେଳେ କିଛି ଦିନ ତଳେ ବିଜେଡିରେ ସାମିଲ ହୋଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗକୁ ଖଣ୍ଡନ କଲେ ଦେବଗଡ଼ ବିଧାୟକ

**ଦେବଗଡ଼, ୧୫।୫ (ଶଶାଙ୍କ ଶେଖର ଝାଙ୍କର)**




ମୁଖ୍ୟମନ୍ତ୍ରୀ ଦେବଗଡ଼ ଜିଲାଗସ୍ତରେ ଆସି ମିଛ କହିଥିବା କହି ବିଜେଡିକୁ ଟାର୍ଗେଟ କରିଛନ୍ତି ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ। ମୁଖ୍ୟମନ୍ତ୍ରୀ ଯେଉଁ ଢଙ୍ଗରେ ଭାଷଣ ଦେଉଥିଲେ ସିଏ କ'ଣ କହୁଥିଲେ ସିଏ ନିଜେ ଜାଣି ନ ଥିବେ। କାଗଜରେ ଯାହା ଲେଖା ହେଉଛି ତାକୁ ପଢି ଭାଷଣ ଦେଉଛନ୍ତି। ଆଜି ଓଡ଼ିଶାକୁ ଭି କେ ପାଣ୍ଡିଆନ କବଜାରେ ରଖିବାକୁ ଚେଷ୍ଟା କରୁଛନ୍ତି। ସିଏ ନିଜେ କିପରି ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ମିଛ କଥା କହି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏଲପିଜି ଗ୍ୟାସ ଦର ବଢ଼ିବା କ୍ଷେତ୍ରରେ ପିପିଏମ (ପେଟ୍ରୋଲିୟମ ପ୍ରାଇସ ମେକାନିଜିମ) ଦ୍ୱାରା ଦର ନିର୍ଦ୍ଧାରିତ ହେଇଥାଏ। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଦାୟୀ ନୁହନ୍ତି। ପେଟ୍ରୋଲ ଡିଜେଲ ଦର ବଢ଼ିବା ଓଡିଶା ସରକାର ହିଁ ଦାୟୀ। ଲିଟର ପିଛା ୧୫ ଟଙ୍କାରୁ ଅଧିକ ଆଦାୟ କରୁଛନ୍ତି। ସେମାନେ ସମ୍ବଲପୁର ଲୋକ ସଭା ଏବଂ ଦେବଗଡ଼ ବିଧାନସଭା ହାରିବା ଭୟରେ ପାଣ୍ଡିଆନ ଏଭଳି ମନ୍ତବ୍ୟ ଦେଉଛନ୍ତି। ୨୦୧୯ରେ ଭାଜପା ଉଭୟ ଲୋକ ସଭା ବିଧାନସଭା ସିଟ ହାତେଇଥିଲା। ଏଥର ମଧ ଭାଜପା ଦଖଲ କରିବା ସହିତ ଓଡ଼ିଶାରେ ସରକାର କରିବ ବୋଲି ଖବରଦାତା ସମିଳନୀରେ କହିଛନ୍ତି ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଅରୁଣ ସାହୁ ସମେତ ବହୁ କର୍ମୀ ସାମିଲ ଥିଲେ।

# ସରବାହାଲ ଅଞ୍ଚଳରେ ଡ୍ରେନ୍ ନିର୍ମାଣ ଦାବି

**ଝାରସୁଗୁଡ଼ା, ୧୫।୫ (ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହର ସ୍ଥିତ ମୁଖ୍ୟ ମାର୍ଗ ସରାହାଲ ପର୍ଶୁରାମ ଛକରୁ ସୁନାରି ମୁଣ୍ଡା ଛକ ରାସ୍ତା ଗୋଟିଏ ପାର୍ଶ୍ୱରେ ଦୀର୍ଘ ଦିନରୁ ଡ୍ରେନ ନିର୍ମାଣ ପାଇଁ ଦାବି ହୋଇଆସୁଛି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି କରିବା ସତ୍ତ୍ୱେ ଏ ଯାଏ ଦାବି ପୂରଣ ହୋଇନାହିଁ। ରାସ୍ତା ଗୋଟିଏ ପାର୍ଶ୍ୱରେ ଶତାଧିକ ଘର ଥିବା ବେଳେ ଡ୍ରେନ ଅଭାବରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ବାଚନ ସମୟରେ ଜନ ପ୍ରତିନିଧି ଡ୍ରେନ ନିର୍ମାଣ ପାଇଁ ଦୀର୍ଘ ୧୫ ବର୍ଷ ହେଲାଣି ପ୍ରତିଶ୍ରୁତି ଦେଇ ଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ଡ୍ରେନ ନ ହେବା ବହୁ ଦୁଃଖର ବିଷୟ। ରାଜ୍ୟ ସରକାର ବିଭିନ୍ନ ଯୋଜନାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ କାହିଁକି ଡ୍ରେନ ନିର୍ମାଣ ହେଉନାହିଁ ତାହା ତଦନ୍ତ ସାପେକ୍ଷ। ଡ୍ରେନ ନ ଥିବା ତଥା ପୌର ପରିଷଦ ଅଇଳା ଆବର୍ଜନା ଗାଡ଼ି ପ୍ରତିଦିନ ଆସୁ ନ ଥିବାରୁ ଲୋକେ ଅଇଳା ଆବର୍ଜନା ରାସ୍ତା କଡ଼ରେ ପକାଉଛନ୍ତି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହିତ ଲୋକେ ଏହି ରାସ୍ତା ଦେଇ ଯିବାଆସିବା ସମୟରେ ବ୍ୟାପକ ଦୁର୍ଗନ୍ଧ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ପଦକ୍ଷେପ ନେଇ ଡ୍ରେନ ନିର୍ମାଣ କରିବା ତଥା ଆବର୍ଜନା ଗାଡ଼ି ପ୍ରତିଦିନ ଏହି ଅଞ୍ଚଳକୁ ଆସିବା ପାଇଁ ସରାହାଲବାସୀ ଦୀର୍ଘ ଦିନରୁ ଦାବି କରୁଛନ୍ତି।

# ଅଖିଳ ଭାରତୀୟ ଗୋଁଣ୍ଡ ସମାଜର ସମୀକ୍ଷା ସଭା

**ଝାରସୁଗୁଡ଼ା, ୧୫।୫ (ସଞ୍ଜୟ ମାଲି)**



ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ଝାରସୁଗୁଡା ଜିଲା ସଂଯୋଜନାରେ ଏକ ରାଜନୈତିକ ସମୀକ୍ଷା ସଭା ରେଙ୍ଗାଲି ବ୍ଲକ ବାସୁପାଲି ଗ୍ରାମଠାରେ ଜିଲା ସଭାପତି ଯୋଗେଶର ପଟ୍ଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସାଧାରଣ ନିର୍ବାଚନରେ ଭାଗ ନେଇଥିବା ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡ଼ି, ଭାଜପାର ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସଭାରେ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲା ସଭାପତି ଯୋଗେଶର ପଟ୍ଟା, ଜିଲା ମହାସଚିବ ମନୋଜ ନାଏକ, ସହିତ ରେଙ୍ଗାଲି, ମାନେଶର, ଧନକୌଡା, ସମ୍ବଲପୁର ଟାଉନ ଆଦି ଅଞ୍ଚଳର ସମସ୍ତ ବ୍ଲକ କମିଟି ତଥା ୨୫ଟି କମିଟି ପ୍ରମୁଖ ଯୋଗଦେଇଥିଲେ।

# ଆମ୍ ଆଦ୍‌ମୀ ପାର୍ଟିର ନିର୍ବାଚନୀ ଶୋଭାଯାତ୍ରା

**ବ୍ରଜରାଜନଗର, ୧୫।୫ (ବିଜୟ ବରାଡ଼)**

ବ୍ରଜରାଜନଗର ବିଧାନସଭା କ୍ଷେତ୍ରରେ ଆମ ଆଦମୀ ପାର୍ଟିର ଯୁବ ପ୍ରାର୍ଥୀ କୁମୁଦ ରଞ୍ଜନ ବୁଧବାର ସନ୍ଧ୍ୟାରେ ସହରରେ ଏକ ଶୋଭାଯାତ୍ରା କରି ଭୋଟ ଭିକ୍ଷା କରିଥିଲେ। ଶତାଧିକ ସମର୍ଥକମାନଙ୍କ ଗହଣରେ ସ୍ଥାନୀୟ ଜଗରନାଥ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଥାନା ରୋଡ଼ ଗୁରୁନାନକ ଛକ ରେଳ ଷ୍ଟେଶନ ମୁଖ୍ୟ ବଜାର ଚାନ୍ଦିନୀ ଛକ ଦେଇ ଫେରିଥିଲେ। ବ୍ରଜରାଜନଗର ବିଧାନସଭା କ୍ଷେତ୍ରରେ ଝାଡୁ ଛାପ ଜିତିଲେ ସହରରେ ବସବାସ କରୁଥିବା ସାଧାରଣ ଲୋକଙ୍କୁ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେଇ କାମ କରିବେ। ଶିକ୍ଷା, ସ୍ୱାସ୍ଥ୍ୟ, ମାଗଣା ବିଜୁଳି, କ୍ରୀଡା କ୍ଷେତ୍ରରେ ଉର୍ନତି କରିବେ ବୋଲି ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ବିକାଶ କେବଳ କାଗଜ କଲମରେ ସୀମିତ ରହିଛି। ଲୋକଙ୍କ ପାଇଁ ବିକାଶ ଆମ ଆଦମୀ ପାର୍ଟି କରିବ ବୋଲି ସେ ପ୍ରକାଶ କରିଥିଲେ।

# ଆମକୁ ଥରେ ସୁଯୋଗ ଦିଅ: ଶାହା

## ସୋରଡ଼ା ଜନ ସମାବେଶରେ ନବୀନଙ୍କୁ ସମାଲୋଚନା

ଭଞ୍ଜନଗର,୧୫।୫(ବାବୁଲା ପ୍ରଧାନ)

ଓଡ଼ିଶାରେ ଭାଜପାକୁ ଶାସନ କରିବାର ଥରେ ସୁଯୋଗ ଦେବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆହ୍ୱାନ ଦେଇଛନ୍ତି। ବୁଧବାର ଗଞ୍ଜାମ ଜିଲା ସୋରଡ଼ାରେ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ସେ ବିଜେଡି ଓ ନବୀନ ସରକାରଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଗତ ୧୦ ବର୍ଷ ଶାସନରେ ଦେଶର ସମ୍ମାନ ପାଇଁ ଅନେକ କାମ କରିଛନ୍ତି। ଆଗାମୀ ୨୫ ବର୍ଷ ପାଇଁ ରୋଡ଼ ମ୍ୟାପ୍ ହୋଇଛି। ଆଦିବାସୀ ଓଡ଼ିଆ ଭଉଣୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି କରି ଓଡ଼ିଶାର ସମ୍ମାନ ବଢ଼ାଇଛନ୍ତି। ଓଡ଼ିଆଙ୍କ ସମ୍ମାନ ପାଇଁ ଅନେକ କାମ କରାଯାଇଛି ବୋଲି ସେ କହିଛନ୍ତି। ହେଲେ ଓଡ଼ିଶାରେ ପିଇବା ପାଣି, ବିଜୁଳି, ରାସ୍ତାଘାଟ ସମସ୍ୟା ଓ ବେରୋଜଗାରୀ ବଢ଼ିଥିବା ଯୋଗୁ ନବୀନ ବାବୁଙ୍କୁ ବିରୋଧ ହେଉଛି। ତେଣୁ ଭାଜପାକୁ ଥରେ ସୁଯୋଗ ଦେଲେ ଏସବୁ ସମସ୍ୟା ଦୂର ହେବ ବୋଲି ଶାହା କହିଛନ୍ତି।



ସୋରଡ଼ାରେ ବିଜୟ ସଙ୍କଳ୍ପ ସମାବେଶରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଦଳୀୟ ପ୍ରାର୍ଥୀ ଓ ନେତାମାନେ ସ୍ୱାଗତ କରୁଛନ୍ତି।

ଏଠାରେ ଭାଜପା ସରକାର ଆସିଲେ ଜମିକୁ ଜଳସେଚନ ବ୍ୟବସ୍ଥା କରାଯିବ। ଆଖୁ କାରଖାନା ବସାଯାଇ କୃଷକଙ୍କ ଉନ୍ନତି କରାଯିବ। ଗଞ୍ଜାମ ନବୀନ ବାବୁଙ୍କ ଜିଲା ହୋଇ କାରଖାନାଟିଏ ମଧ ବସାଇନାହାନ୍ତି। ଭାଜପା କ୍ଷମତାକୁ ଆସିଲେ ଗଞ୍ଜାମକୁ ଦେଶର ୧ ନମ୍ବର ଜିଲା କରାଯିବ ବୋଲି ଶାହା କହିଛନ୍ତି।

ଶାହା କହିଛନ୍ତି, ଅଯୋଧାରେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାମିଲ ହେବାକୁ ନବୀନ ବାବୁ ଓଡ଼ିଶା ଲୋକଙ୍କୁ ସୁଯୋଗ ଦେଲେନାହିଁ। ଯିଏ ରାମ ମନ୍ଦିର ଉତ୍ସବ ମନାଇବାକୁ ରୋକିଛନ୍ତି ତାଙ୍କୁ ଓଡ଼ିଶାବାସୀ କେବେ କ୍ଷମା ଦେବେନାହିଁ। ମୋଦିଙ୍କ ଶାସନ ପୂର୍ବରୁ ଦେଶରେ ମାଓବାଦ, ଆତଙ୍କବାଦ ସମସ୍ୟା ରହିଥିଲା। ଏସବୁ ସମସ୍ୟାକୁ ମୋଦି ସମାପ୍ତ କରି ଦେଶକୁ ସୁରକ୍ଷିତ ରଖିବା କାମ କରିଛନ୍ତି। ପୁଲୱାମା, ଉରି ହାମଲାର ୧୦ ଦିନ ମଧରେ ମୋଦି ସରକାର ସର୍ଜିକାଲ, ଏୟାରଷ୍ଟ୍ରାଇକ୍ କରି ତାହାର ଉଚିତ ଜବାବ ଦେଇଛି। ଝାଡ଼ଖଣ୍ଡ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଭଳି ଅନେକ ରାଜ୍ୟରେ ମାଓବାଦୀ ସମସ୍ୟା ଥିଲା। ତାହା ଆଉ ନାହିଁ। ଗରିବ ଲୋକଙ୍କୁ କେନ୍ଦ୍ରର ମୋଦି ସରକାର ୫ କେଜି ଚାଉଳ ଦେଉଥିବା ବେଳେ ନବୀନ ବାବୁ ବ୍ୟାଗ୍ ଦେଇ ତାହାକୁ ନିଜ ଚାଉଳ ବୋଲି କହୁଛନ୍ତି। ଯଦି ଦେବାର ଅଛି ଅଢ଼େଇ କେଜି ଅଧିକ ଚାଉଳ ଦିଅନ୍ତୁ, ଆପଣଙ୍କ ଭଲ ହେବ। ଏଥର ନବୀନ ବାବୁ ଆଉ ଆସିବେ ନାହିଁ। ଓଡ଼ିଶାରେ ଭାଜପାର ମୁଖ୍ୟମନ୍ତ୍ରୀ ହେବ। ଜୁନ୍ ୧ ତାରିଖରୁ ନବୀନ ବାବୁ ସରକାରରୁ ଯାଉଛନ୍ତି। ଭାଜପା ସରକାର ଆସିଲେ ଚିଟଫଣ୍ଡ ଟଙ୍କା ହିତାଧିକାରୀଙ୍କୁ ଫେରାଇବା ବ୍ୟବସ୍ଥା କରାଯିବ। ବିଭିନ୍ନ ଲୋକଙ୍କୁ ସହାୟତା ଦିଆଯିବ, ଆସିକାରେ ଟେକ୍ସଟାଇଲ ପାର୍କ କରାଯିବ। ଦେଢ଼ ଲକ୍ଷ ଓଡ଼ିଆଙ୍କୁ ନିଯୁକ୍ତି ଦିଆଯିବ। ଏଥିସହିତ ରାଉରକେଲା, ସମ୍ବଲପୁର, ପାରାଦୀପ, ଭୁବନେଶ୍ୱର, ବ୍ରହ୍ମପୁର ଭଳି ସହରଗୁଡ଼ିକର ବିକାଶ କରାଯିବ ବୋଲି ଶାହା କହଛନ୍ତି। ସମାବେଶରେ ଆସିକା ଭାଜପା ଏମ୍‌ପି ପ୍ରାର୍ଥୀ ଅନିତା ଶୁଭଦର୍ଶିନୀ, ସୋରଡ଼ା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ, ସାନଖେମୁଣ୍ଡି ବିଧାୟକ ପ୍ରାର୍ଥୀ ଉତ୍ତମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାର ଲୋକେ ପରିବର୍ତ୍ତନ ଚାହୁଁଛନ୍ତି: ଓମ୍ ବିର୍ଲା

ବାଲେଶ୍ୱର, ୧୫।୫(ମାନସ ବିଶ୍ୱାଳ)

ଭାଜପା ନେତା ତଥା ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ବୁଧବାର ବାଲେଶ୍ୱରରେ ପହଞ୍ଚି ନିର୍ବାଚନ ପ୍ରଚାର କରିଛନ୍ତି। ରେମୁଣା ବ୍ଲକ ଅଧୀନ ବାମପଦାସ୍ଥିତ ନୋସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ 'ବିକଶିତ ଭାରତ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ବିକଶିତ ଭାରତ ବିକଶିତ ଓଡ଼ିଶା ପାଇଁ ନୂଆ ଯୋଜନା, ନୂଆ ଉଦ୍ୟୋଗୀ ସୃଷ୍ଟି କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିପୁଳ ସମ୍ଭାବନା ସୃଷ୍ଟି ହୋଇଛି। ଓଡ଼ିଶାର ଲୋକ ନବୀନ ସରକାରକୁ ହଟାଇ ପରିବର୍ତ୍ତନ ଚାହୁଁଛନ୍ତି। ଡବଲ୍ ଇଞ୍ଜିନ ସରକାର ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜସ୍ଥାନୀ ସମାଜ, ମାରୱାଡ଼ି ସମାଜ, ଶିଳ୍ପୋଦ୍ୟୋଗୀ, ବ୍ୟବସାୟୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

ମମତା ମହାପାତ୍ର ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଯୋଜକ ମୋହିତ ପୋଦ୍ଦାର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଓମ୍ ବିର୍ଲା ସଭାକୁ ସମ୍ବୋଧିତ କରି ବିଗତ ୧୦ବର୍ଷରେ ଭାରତର ବିକାଶର ଗାଥା ଗୋଟିଏ ପରେ ଗୋଟିଏ କହିଥିଲେ। ଅନ୍ୟତମ ଅତିଥି ଭାବେ ଅଜୟ ଅଗ୍ରୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ପ୍ରାଧାନ୍ୟ ଦେଉଥିବା ବିଷୟରେ ଆଲୋକପାତ କରିଥିଲେ। ବାଲେଶ୍ୱର ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ୨୫ ବର୍ଷର ବିଜେଡି ଶାସନକୁ ସମାଲୋଚନା କରି ଓଡ଼ିଆ ଅସ୍ମିତା ଆଜି ବିପଦରେ। ମହାପ୍ରଭୁଙ୍କ ରତ୍ନଭଣ୍ଡାରର ସ୍ଥିତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ମୋଦୀଙ୍କ ପାଇଁ କେବଳ ଭାରତୀୟ ଅର୍ଥନୀତି ୧୧ ସ୍ଥାନରୁ ୫ ନମ୍ବରକୁ ଆସିବା ସହ ସାମରିକ, ସାମାଜିକ, ବୈଦେଶିକ ସାଂସ୍କୃତିକ କ୍ଷେତ୍ରରେ ଆମ ଦେଶର ସମ୍ମାନ ଆଜି ଶୀର୍ଷରେ ପହଞ୍ଚିଛି। ଆଗାମୀ ସାଧାରଣ ନିର୍ବାଚନରେ ମୋଦୀଙ୍କ ଆହ୍ୱାନ 'ଅବ୍ କି ବାର ୪୦୦ ପାର ଓ ଓଡ଼ିଶାରେ ଭାଜପା ସରକାର'କୁ ସାକାର କରିବା ପାଇଁ ସେ ଅନୁରୋଧ କରିଥିଲେ। ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ବାଲେଶ୍ୱର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ ଯୋଗଦେଇ ରାଜ୍ୟ ପାଇଁ ଓ ନିଜ ନିଜ ବିଧାନସଭା କ୍ଷେତ୍ର ଲାଗି କେନ୍ଦ୍ରୀୟ ଯୋଜନା ବିଷୟରେ ବିସ୍ତାରିତ ଭାବେ ବକ୍ତବ୍ୟ ରଖିଥିଲେ। ଏଥିସହିତ ଆଗାମୀ ଦିନରେ ତାଙ୍କର ସଂକଳ୍ପ ବିଷୟରେ କହିଥିଲେ।



ବାଲେଶ୍ୱର ରେମୁଣା ବ୍ଲକ ଅଧିନ ବାମପଦାସ୍ଥିତ ନୋସି ସମ୍ମିଳନୀ କକ୍ଷରେ ଭାଜପା ନେତା ତଥା ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ବକ୍ତବ୍ୟ ରଖୁଛନ୍ତି।

## ଆଜି ଭୁବନେଶ୍ୱରରେ ନଡ୍ଡା, ଫୁଲବାଣୀରେ ଖାର୍ଗେ

- ମାଉସୀମା' ମନ୍ଦିରରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ନଡ୍ଡାଙ୍କ ରୋଡ୍ ଶୋ
- ଆଜି ଓମ୍ ବିର୍ଲା, ହିମନ୍ତ ବିଶ୍ୱଶର୍ମା, ଭୁପେନ୍ଦ୍ର ଯାଦବ ମଧ ପ୍ରଚାର କରିବେ
- ୧୭ରେ ଆସୁଛନ୍ତି ହେମାମାଳିନୀ, କରିବେ ରୋଡ୍ ଶୋ
- ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ୧୭ରେ ଜନସଭାକୁ ସମ୍ବୋଧନ କରିବେ
- ୧୮ରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କରିବେ ପ୍ରଚାର
- ୫ ଦିନ ଭିତରେ ଓଡ଼ିଶା ଆସିବେ ପୱନ ଖେରା, ସଚିନ ପାଇଲଟ

ଭୁବନେଶ୍ୱର,୧୫।୫
(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ ଭାଜପା ପ୍ରଚାରକୁ ଶାଣିତ କରିବା ପାଇଁ କେନ୍ଦ୍ରୀୟ ନେତାମାନେ ଘନ ଘନ ଓଡ଼ିଶା ଗସ୍ତ କରୁଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡା ବୁଧବାର ସନ୍ଧ୍ୟା ସମୟରେ ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି। ଏହାପରେ ସେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ କର୍ମଶାଳାରେ ଯୋଗଦେଇଛନ୍ତି। ଗୁରୁବାର ସେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ରୋଡ୍ ଶୋ କାର୍ଯ୍ୟକ୍ରମରେ ଯୋଗଦେବା ସହ ଲିଙ୍ଗରାଜଙ୍କ ଦର୍ଶନ କରିବେ। ନଡ୍ଡା ମାଉସୀମା' ମନ୍ଦିରରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ରୋଡ୍ ଶୋ କରିବେ। ଏହାପରେ ନଡ୍ଡା ବରଗଡ଼ର ପଦ୍ମପୁର ଏବଂ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶ କାର୍ଯ୍ୟକ୍ରମରେ ଯୋଗଦେବେ। ଅନ୍ୟପଟେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧକ୍ଷ ମଲିକାର୍ଜୁନ ଖାର୍ଗେ ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଆସୁଛନ୍ତି। ସେ ଫୁଲବାଣୀଠାରେ ଏକ ରୋଡ୍ ଶୋ ରେ ଯୋଗ ଦେବାକୁ ଥିବାବେଳେ ଅପରାହ୍ନରେ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରିବେ। ଏହାପରେ ସେ ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି। ସେହିପରି ଏହାର ୨ଦିନ ପରେ କଂଗ୍ରେସ ନେତା ପୱନ ଖେରା ଏବଂ ଆସନ୍ତା ୪ ଦିନ ପରେ ସଚିନ ପାଇଲଟଙ୍କ ବାଲେଶ୍ୱର ଓ ଭଦ୍ରକ ଗସ୍ତ କାର୍ଯ୍ୟକ୍ରମ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଇତିମଧରେ ଓଡ଼ିଶା ଗସ୍ତରେ ଥିବା ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଗୁରୁବାର ଝାରସୁଗୁଡ଼ା ଏବଂ ସମ୍ବଲପୁରଠାରେ ଅନୁଷ୍ଠିତ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯୋଗଦେବେ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବ୍ରଜରାଜନଗର, ବଣାଇ ଏବଂ ବରଗଡ଼ର ଅତାବିରାଠାରେ ଏବଂ ସନ୍ଧ୍ୟାରେ ଜଟଣୀଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ୧୭ ତାରିଖରେ କଟକ ସଦର ନିର୍ବାଚନମଣ୍ଡଳୀର କିଶୋରନଗର, କଣ୍ଟାବାଞ୍ଜି, ଲୋଇସିଂହା ଏବଂ ସନ୍ଧ୍ୟାରେ ଡେଲାଙ୍ଗ–କଣାସଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଗୁରୁବାର ବିଜେପୁର, ବୀରମହାରାଜପୁର ଏବଂ ୧୭ରେ ତଳସରା, ସୁନ୍ଦରଗଡ଼ ଓ ରାଜଗାଙ୍ଗପୁରଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଗୁରୁବାର ହିଞ୍ଜିଳିଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି ଅଭିନେତ୍ରୀ ତଥା ଏମ୍‌ପି ହେମାମାଳିନୀ ୧୭ରେ ଭୁବନେଶ୍ୱରର ସାଲିଆସାହି, କଟକ ସଦର ନିର୍ବାଚନମଣ୍ଡଳୀର କିଶୋରନଗର ଏବଂ ପିପିଲିଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ଏହାସହ ଏମ୍‌ପି ନବନୀତ ରାଣା ୧୭ରେ ରଘୁନାଥପଲୀ, କଣ୍ଟାମାଳଠାରେ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ସେହିଦିନ ସାନଖେମୁଣ୍ଡି, ଦଶପଲ୍ଲା ଏବଂ ଜି.ଉଦୟଗିରିଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତା ୧୭ରେ କଟକର ନରସିଂହପୁର, ଆଠଗଡ଼ ଏବଂ ୧୮ରେ ବଣାଇ ଓ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ଜନସଭାରେ ଯୋଗଦେବେ ବୋଲି ଦଳର ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ବୁଧବାର ଗଣମାଧମକୁ ସୂଚନା ଦେଇଛନ୍ତି ।

# ଭାଜପା ନେଲାବେଳେ ଚତୁର୍ଭୁଜ, ଦେଲାବେଳେ ଖାଲି ହାତ: ପାଣ୍ଡିଆନ

## ଭାଜପା ସରକାର ଯାହା କହନ୍ତି ତାହା କରନ୍ତି ନାହିଁ: ପ୍ରଣବ

ଭୁବନେଶ୍ୱର,୧୫।୫(ଅନିଲ ଦାସ)

କେନ୍ଦ୍ର ସରକାର ଓଡ଼ିଶାରୁ ଯେଉଁ ପରିମାଣର ଅର୍ଥ ବିଭିନ୍ନ କର ଆକାରରେ ନେଉଛି ସେହି ଅନୁଯାୟୀ ଓଡ଼ିଶାକୁ କିଛି ଦେଉନାହିଁ। 'ଭାଜପା ନେଲାବେଳେ ଚତୁର୍ଭୁଜ, ଦେଲାବେଳେ ଖାଲି ହାତ'। ସମ୍ବଲପୁର ଲୋକ ସଭା କ୍ଷେତ୍ରର ଦେବଗଡ଼, ଛେଣ୍ଡିପଦା ଓ ଆଠମଲ୍ଲିକରେ ବିଜେଡିର ନିର୍ବାଚନ ପ୍ରଚାର ବେଳେ ନିଜର ବକ୍ତବ୍ୟ ରଖି ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି। ସେ କହିଛନ୍ତି,ଏମ୍‌ସିଏଲ୍ ପ୍ରତିବର୍ଷ ଓଡ଼ିଶାରୁ କୋଇଲା ବାବଦକୁ ୨୫ରୁ ୨୭ ହଜାର କୋଟି ଟଙ୍କା ପାଉଛି, କିନ୍ତୁ ଓଡ଼ିଶାକୁ ଦେଉଛି ମାତ୍ର ୪ ହଜାର କୋଟି। ଭାଜପା କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି।

କେନ୍ଦ୍ରମନ୍ତ୍ରୀଙ୍କୁ ସମାଲୋଚନା କରି ସେ କହିଛନ୍ତି, କେନ୍ଦ୍ରରେ ତୈଳମନ୍ତ୍ରୀ ଥିବାବେଳେ ପ୍ରତି ୩ ମାସକୁ ଥରେ ତାଙ୍କ ଦସ୍ତଖତରେ ତେଲ ଏବଂ ୨ ମାସରେ ଥରେ ଏଲ୍‌ପିଜି ଦର ବୃଦ୍ଧି କରାଗଲା। ତାଙ୍କ ଦସ୍ତଖତ ମା'ମାନଙ୍କ ଆଖିରେ ଲୁହ ଦେଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଚାହିଁଥିଲେ ଛେଣ୍ଡିପଦା ଓ ଦେବଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲି ପାରିଥାନ୍ତେ। କେନ୍ଦ୍ରମନ୍ତ୍ରୀ ଆପଣଙ୍କ ସ୍ୱାର୍ଥରକ୍ଷା ପାଇଁ କେବେ ବି ଲଢ଼ିନାହାନ୍ତି କି ଲଢ଼ିପାରିବେ ନାହିଁ। କ୍ଷମତା ପାଇଲେ ମିଶନ ଶକ୍ତି ବନ୍ଦ କରିଦେବେ, ଏଲ୍‌ପିଜି ଦର ପୁଣି ବଢାଇବେ। ଶିକ୍ଷାମନ୍ତ୍ରୀ ଭାବେ କାହାକୁ ସେ ସ୍କଲାରଶିପ୍ ଦେଇଛନ୍ତି କି? ଏହା ହେଉଛି ଲୋକ ବିରୋଧୀ ଶାସନର ପରିଚୟ। ଜୁନ୍ ୯ ତାରିଖ ପୂର୍ବାହ୍ନ ୧୧ଟା ୩୦ରୁ ମଧ୍ୟାହ୍ନ୧ଟା ମଧରେ ନବୀନ ପଟ୍ଟନାୟକ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କର ପ୍ରଥମ ତିନୋଟି ଦସ୍ତଖତ ହେବ। ଓଡ଼ିଶାର ୯୦ ପ୍ରତିଶତ ପରିବାର ପାଇଁ ବିଜୁଳି ବିଲ୍ ଛାଡ଼, ବିଏସ୍‌କେୱାଇରେ ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ମିଶନ ଶକ୍ତି ଓ ଆଶାକର୍ମୀ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେବେ ଏବଂ ମିଶନ ଶକ୍ତି ମା' ଓ କର୍ମଚାରୀଙ୍କ ପାଇଁ ୬୦ ବର୍ଷ ପରେ ଭତ୍ତା ବ୍ୟବସ୍ଥା।

ଏବେ ମୁଖ୍ୟମନ୍ତ୍ରୀ ମାଗଣା ବିଜୁଳି ଦେବେ ବୋଲି କହିଲା ପରେ ଭାଜପାର ନିଦ ଭାଙ୍ଗିଯାଇଛି। ସେମାନେ କହୁଛନ୍ତି ସୋଲାର ପ୍ୟାନେଲ ମାଧମରେ ମାଗଣା ବିଜୁଳି ଦେବେ, ଏଥିପାଇଁ ଆପଣଙ୍କୁ ୪୦ରୁ ୫୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଭାଜପା ଦିନରେ ଲଣ୍ଠନ ଦେଖାଉଛି ବୋଲି ପାଣ୍ଡିଆନ କହିଛନ୍ତି। ମା' ସମଲେଇଙ୍କ ପ୍ରକଳ୍ପକୁ ଭାଜପା ନେତା ବିରୋଧ କରୁଥିଲେ। ବନ୍ଦ କରିଦେବା ପାଇଁ ହାଇକୋର୍ଟ, ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲେ, ମା' ସମଲେଇଙ୍କ ଆଶୀର୍ବାଦ, ନବୀନ ପଟ୍ଟନାୟକଙ୍କ ଆନ୍ତରିକତା ଓ ସାଂସଦ ପ୍ରାର୍ଥୀ ବବି ବାବୁଙ୍କ କଠିନ ପରିଶ୍ରମ ଯୋଗୁ ଆମେ ଲକ୍ଷ୍ୟ ହାସଲ କଲୁ, ପ୍ରକଳ୍ପ ସମ୍ପୂର୍ଣ୍ଣ କଲୁ। ଦେବଗଡ଼ର ପ୍ରଧାନପାଟକୁ ୧ କୋଟି, ଜିଲା ସଦର ମହକୁମା ଡାକ୍ତରଖାନାକୁ ୧୫୦ କୋଟିରେ ରୂପାନ୍ତର, ଦେବଗଡ଼ର ୪ ହଜାର ପିଲାଙ୍କୁ ନୂଆ-ଓ ସ୍କଲାରଶିପ୍ ଦିଆଯାଇଛି ବୋଲି ସେ କହିଛନ୍ତି। ଦଳୀୟ ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ପାଣ୍ଡିଆନ ମତଦାତାଙ୍କୁ ନିବେଦନ କରିଛନ୍ତି।

ଏହି ଅବସରରେ ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଭାଜପା ସରକାର ଯାହା କହନ୍ତି ତାହା କରନ୍ତି ନାହିଁ। କିନ୍ତୁ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଯାହା କହିଥାନ୍ତି ତାଠୁ ଅଧିକ କାମରେ କରିକି ଦେଖାନ୍ତି। ଜଣେ ମିଛ ପ୍ରଚାର କରୁଛି, ଅପରପକ୍ଷରେ ଅନ୍ୟ ଜଣେ କାମ କରି ଚାଲିଛନ୍ତି ବୋଲି ସେ କହିଛନ୍ତି।

ଅପରପକ୍ଷରେ ଦେବଗଡ଼ ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଏବଂ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀ କାନ୍ତ ପ୍ରଧାନ ନିଜର ଅଭିଭାଷଣରେ ବିଜୁ ଜନତା ଦଳକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଛନ୍ତି।



ଆଠମଲ୍ଲିକ ସହରସ୍ଥିତ ଷ୍ଟାଡିୟମରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ, ସମ୍ବଲପୁର ଲୋକ ସଭା ଆସନ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାଶ ଓ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଉପସ୍ଥିତ ଅଛନ୍ତି।




ବଲାଙ୍ଗୀରିର କୋଶଳ କଳାମଣ୍ଡଳ ପଡ଼ିଆଠାରେ ଆୟୋଜିତ ଜନ ଆଶୀର୍ବାଦ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଓଡ଼ିଶା ପ୍ରଭାରୀ ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ବଲାଙ୍ଗୀର ଲୋକ ସଭା ଆସନ ପ୍ରାର୍ଥୀ ମନୋଜ ମିଶ୍ର, କଣ୍ଟାବାଞ୍ଜି ବିଧାନସଭା ଆସନ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଅନ୍ୟ ଦଳୀୟ ନେତାମାନେ।

## ମାଗଣା ବିଜୁଳି ଗ୍ୟାରେଣ୍ଟିର କରେଣ୍ଟ ଭାଜପାକୁ ଜୋରରେ ଲାଗିଛି: ବିଜେଡି

ଭୁବନେଶ୍ୱର,୧୫।୫(ଅନିଲ ଦାସ)

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ଓଡିଶା ଭାଜପା ଭଲ ଭାବେ ଜାଣିସାରିଲାଣି ଯେ ସେମାନେ ଶୋଚନୀୟ ପରାଜୟକୁ ସାମ୍ନା କରୁଛନ୍ତି, ଆଉ ବିଜେଡି ୯୦% ଆସନରେ ବାଜିମାତ୍ କରିବାକୁ ଯାଉଛି। ଏହା ସେମାନଙ୍କ ମନୋବଳକୁ ଭାଙ୍ଗି ଦେଇଛି। ଏଥିପାଇଁ ସେମାନେ ଅଭ୍ୟାସଗତ ଭାବେ ମିଛ କହିବା ଆରମ୍ଭ କରିଛନ୍ତି ବୋଲି କହିଛନ୍ତି ବିଜେଡି ନେତା ଭୃଗୁ ବକ୍ସିପାତ୍ର ।

ବୁଧବାର ଶଙ୍ଖଭବନଠାରେ ଗଣମାଧମକୁ କହିଛନ୍ତି ଯେ ମାଗଣା ବିଜୁଳି ସଂକ୍ରାନ୍ତରେ ଆମ ନିର୍ବାଚନୀ ଇସ୍ତାହାରରେ ସ୍ପଷ୍ଟ ଭାବେ କୁହାଯାଇଛି, ୯୦% ଓଡିଶାବାସୀ ଏହି ମାଗଣା ବିଜୁଳି ପାଇବେ। ସାଢେ ୪ କୋଟି ଓଡିଶାବାସୀ ଜାଣିଛନ୍ତି, ନବୀନବାବୁଙ୍କ ଗ୍ୟାରେଣ୍ଟି ସବୁ ଶତ ପ୍ରତିଶତ ପାଳନ ହେବ । ଏହି ମାଗଣା ବିଜୁଳି ଘୋଷଣା ଶୁଣିବା ପରେ ସେମାନଙ୍କ ଶରୀରରେ ଏତେ ଜୋରରେ କରେଣ୍ଟ ଲାଗିଛି ଯେ ସେମାନେ ସମ୍ପୂର୍ଣ୍ଣ ବିଚଳିତ ହୋଇଯାଇଛନ୍ତି ଓ ମନଇଚ୍ଛା କଥା କହିବା ଆରମ୍ଭ କରିଛନ୍ତି। ବିଜୁଳି ଯୋଗାଣ ସଂକ୍ରାନ୍ତରେ ମଧ୍ୟ ସେମାନଙ୍କର ମିଛ ଧରାପଡିଛି ବୋଲି ସେ କହିଛନ୍ତି। ଭାଜପା ନେତା ସମୀର ମହାନ୍ତିଙ୍କ ପ୍ରତିକ୍ରିୟା ଶୁଣି ଲାଗିଲା, କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କାର ଦୁର୍ନୀତି କରୁଛନ୍ତି ବୋଲି ସେ କହିବାକୁ ଚାହୁଁଛନ୍ତି। ଆମେ ଶୁଣୁଥିଲୁ, ଚଳିତ ନିର୍ବାଚନରେ ଟିକେଟ ମିଳିଲା ନାହିଁ ବୋଲି ସେ ରାଗରେ ଥିଲେ। ଲାଗୁଛି ସେ ଏତେ ରାଗରେ ଅଛନ୍ତି ଯେ, ନିଜ ଦଳର ସରକାର ବିରୋଧରେ ତଦନ୍ତ କରିବାକୁ ଦାବି କରୁଛନ୍ତି। ତଦନ୍ତ ହେଉ, ସବୁ ସତ ପଦାକୁ ଆସିଯିବ । ମାଗଣା ବିଜୁଳି ପ୍ରତିଶ୍ରୁତି କରେଣ୍ଟ ଏମିତି ଲାଗିଛି ଯେ, ସେ ନିଜେ କଣ କହୁଛନ୍ତି ଜାଣିପାରୁନାହାନ୍ତି। ସେଥିପାଇଁ ନିଜ ସରକାର ବିରୋଧରେ ତଦନ୍ତ ଦାବି କରୁଥିବା ଭୃଗୁ କହିଛନ୍ତି।

**ବିଅର ଜବତ ଘଟଣାରେ ଅଭିଯୁକ୍ତ ଗିରଫ**

ବାଉଁଶୁଣୀ,(ଦେବାଶିଷ ନେପାକ): ବେଆଇନ ବିଅର ବିକ୍ରି ଅଭିଯୋଗରେ ବୌଦ୍ଧ ଅବକାରୀ ଥାନା ପୋଲିସ ଅଭିଯୁକ୍ତଙ୍କୁ ବୁଧବାର ଅପରାହ୍ଣରେ କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, ସକାଳେ ବୌଦ୍ଧ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅନିତା ସାହୁଙ୍କ ନେତୃତ୍ୱରେ ବାଉଁଶୁଣୀ ଥାନା ଅଁଳାପାଲି ଗ୍ରାମ ନିକଟରେ ଚଢ଼ାଉ କରା ଯାଇଥିଲା । ବେଆଇନ ବିଅର ବିକ୍ରି କରୁଥିବା ଅଭିଯୋଗରେ ଜୟରାମ ରଣାଙ୍କୁ ଗିରଫ କରାଯାଇଥିଲା । ତାଙ୍କ ଠାରୁ ୨୧ ଲିଟର ୪୫୦ ମିଲିଲିଟର ବିଅର ଜବତ ହୋଇଥିଲା ।

# ସାମାଜିକ ଗଣମାଧ୍ୟମରେ ଜମୁଛି ପ୍ରଚାର

ଅମରପାଲି,୧୫।୫(ପୀତାମ୍ବର ସାହୁ): ନିର୍ବାଚନକୁ ରହିଲା ଆଉ ଦିନ କେଇଟା। ଓଡ଼ିଶାରେ ଏକା ସମୟଷର ହେଉଛି ବିଧାନସଭା ଓ ଲୋକ ସଭା ନିର୍ବାଚନ। ବଲାଙ୍ଗୀର ଲୋକ ସଭା ସମେତ ବୀରମହାରାଜପୁର ବିଧାନ ସଭା ପାଇଁ ମେ ୨୦ରେ ହେବ ମତଦାନ। ଏଥିପାଇଁ ଚାଲିଛି ପ୍ରଚାର। ପ୍ରାର୍ଥୀମାନେ ବ୍ୟାନର, ପୋଷ୍ଟର ସହିତ ଶୋଭାଯାତ୍ରା, ଡୋର ଟୁ ଡୋର କ୍ୟାମ୍ପେନିଂ, ସଭା ସମିତି, ସଙ୍ଗଠନର ବୈଠକ ଆଦି ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ଚଳିତ ନିର୍ବାଚନରେ ସବୁ ଦଳ ପାଇଁ ସାମାଜିକ ଗଣମାଧ୍ୟମରେ ପ୍ରଚାର ସବୁଠୁ ଗୁରୁତ୍ୱ ରହିଛି। ନିଜ ଦଳ ଓ ନିଜ ସପକ୍ଷରେ ମତଦାତାଙ୍କୁ ଆକୃଷ୍ଟ କରିବା ପାଇଁ ଆକର୍ଷଣୀୟ କ୍ୟାପସନ, ଫଟୋ, ପ୍ରାର୍ଥୀଙ୍କ ବିଭିନ୍ନ ସମୟର ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହେଉଛି। ନିର୍ବାଚନୀ ପ୍ରଚାର ପାଇଁ ସାମାଜିକ ଗଣମାଧ୍ୟମରେ ପ୍ରଚାର କେତେ ଗୁରୁତ୍ୱ ରହିଛି ତାହାକୁ ନେଇ ଏକ ଉପସ୍ଥାପନ...।

## ଯୁବ ଭୋଟ ହାତେଇବା ପାଇଁ ପ୍ରୟାସ ହେଉଛି



ଯୁବତୀ ଯୁବକମାନେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥାଆନ୍ତି। ପ୍ରାର୍ଥୀ ଓ ଦଳ ସେମାନଙ୍କ ବିଷୟରେ ପ୍ରଚାର ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର କରି ଯୁବ ମତଦାତାଙ୍କ ନିକଟରେ ପହଞ୍ଚି ପାରୁଛନ୍ତି। ଯୁବକଙ୍କ ଭୋଟ ହାତେଇବା ପାଇଁ ଏହା ବେଶ ସହାୟକ ହେଉଛି। ତେଣୁ ସାମାଜିକ ଗଣମାଧ୍ୟମ ନିର୍ବାଚନରେ ପ୍ରଚାର ପାଇଁ ବେଶ ଗୁରୁତ୍ୱ ବହନ କରୁଛି।

**ରାଧେଶ୍ୟାମ ମିଶ୍ର, ଖଣ୍ଡହତା**

## ସାମାଜିକ ଗଣମାଧ୍ୟମ ପ୍ରଚାରକୁ ପସନ୍ଦ କରୁଛନ୍ତି ମତଦାତା



ସାମାଜିକ ଗଣମାଧ୍ୟମରେ ପ୍ରଚାର ମତଦାତାଙ୍କୁ ବେଶ ଆକୃଷ୍ଟ କରୁଛି। ଏହାଦ୍ୱାରା ସହଜରେ ପ୍ରାର୍ଥୀ ଓ ଦଳର ଖବର ମତଦାତାଙ୍କ ନିକଟରେ ପହଞ୍ଚି ଯାଉଛି। ତେଣୁ ସବୁ ଦଳର ପ୍ରାର୍ଥୀ ଏବେ ସାମାଜିକ ଗଣମାଧ୍ୟମର ପ୍ରଚାର ଉପରେ ବେଶ ନିର୍ଭର କରୁଛନ୍ତି।

**ବିଶ୍ୱନାଥ ମହାକୁର, ଚମ୍ପାମାଳ**

## ସବୁବର୍ଗର ଲୋକଙ୍କ ପାଖରେ ପହଞ୍ଚୁଛି

ଖରା ଯୋଗୁ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ପ୍ରଚାର ପାଇଁ ଘରୁ ବାହାରିବା ମୁସ୍କିଲ ହେଉଛି। ତେଣୁ ସାମାଜିକ ଗଣମାଧ୍ୟମରେ ପ୍ରଚାର ବେଶ ଜମୁଛି। ଦିନରାତି ବିଭିନ୍ନ ନେତାଙ୍କ ଭାଷଣ ଠୁ ଆରମ୍ଭ କରି ଦଳର ଚିହ୍ନ, ସ୍ଲୋଗାନ ଆଦି ସହଜରେ ପ୍ରଚାର ପ୍ରସାର ହୋଇ ପାରୁଛି।



**ଶୁଭେନ୍ଦୁ ଶେଖର ସାହୁ, ଅମରପାଲି**

## ସହଜ ହେଉଛି ପ୍ରଚାର

ସବୁ ବର୍ଗର ଲୋକଙ୍କ ପାଖରେ ମୋବାଇଲ ଫୋନ ଥିବାରୁ ସେମାନେ ସହଜରେ ନିର୍ବାଚନୀ ସମ୍ବନ୍ଧୀୟ ତଥ୍ୟ ଜାଣି ପାରୁଛନ୍ତି। ତେଣୁ ଏହି ମାଧ୍ୟମରେ ପ୍ରଚାର ବେଶ ସହଜ ହେଉଛି ଓ ଏହା ବେଶ ଲୋକପ୍ରିୟ ହୋଇପାରିଛି।



**ଦେବରାଜ ମହାକୁର, ଲୁଡୁରପଙ୍କ**

# ସମ୍ବେଦନଶୀଳ ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ

ବାଉଁଶୁଣୀ,୧୫।୫(ଦେବାଶିଷ ନେପାକ)

ବୁଧବାର ଅପରାହ୍ଣ ଗୋଟାଏ ସମୟରେ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ପୋଲିସ ପକ୍ଷରୁ ମୁଣ୍ଡିପଦର ଗ୍ରାମ ପଞ୍ଚାୟତର ବିଭିନ୍ନ ସମ୍ବେଦନଶୀଳ ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବାଉଁଶୁଣୀ ଥାନା ଆଇଆଇସି ଅଞ୍ଜଳୀ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଫ୍ଲାଗମାର୍ଚ୍ଚରେ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ଆଇଆରବି ଯବାନମାନେ ସାମିଲ ହୋଇଥିଲେ। ଆସନ୍ତା ୨୦ ତାରିଖରେ ନିର୍ବାଚନ ହେବାକୁ ଥିବା ବେଳେ ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ଭୟମୁକ୍ତ କରିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା।

# ଜିଲାର ଗରିମାମୟ ଐତିହ୍ୟ ପୁନରୁଦ୍ଧାର ପାଇଁ ଉଦ୍ୟମ ଆରମ୍ଭ




ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ବିଭିନ୍ନ ଜିଲାର କର୍ମକର୍ତ୍ତା ।

## ବୌଦ୍ଧ ଇନଟାକ ଚାପ୍ଟର ଗଠିତ

ବୌଦ୍ଧ,୧୫।୫(ଅଜିତ କୁମାର ବାରିକ)

ହଜାର ହଜାର ବର୍ଷର ପୁରାତନ ଗଡଜାତ ବୌଦ୍ଧ ମାଟିର ପରିଚୟ ଇତିହାସର ଅନ୍ଧକାର ମଧ୍ୟରେ ହଜିଯାଇଛି। ଭଗବାନ ବୁଦ୍ଧଙ୍କ ଅନେକ କୀର୍ତ୍ତିରାଜିକୁ ନିଜ ଗର୍ଭରେ ସାଇତି ରଖିଥିବା ଏହି ଅଞ୍ଚଳ ପାଇଁ ଯଦି ନିଷ୍ଠାର ସହିତ ଉଦ୍ୟମ କରାଯାଏ ଏହା ଯେ କୌଣସି ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀଠାରୁ କୌଣସି ଗୁଣରେ କମ ହେବ ନାହିଁ ବୋଲି ବୌଦ୍ଧରେ ଇନଟାକ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଇନଟାକ୍ ଓଡ଼ିଶା ଚାପ୍ଟରର ରାଜ୍ୟ ସହସଂଯୋଜକ ଅନୀଲ ଧୀର ପ୍ରକାଶ କରିଛନ୍ତି। ବୌଦ୍ଧରେ ଐତିହ୍ୟ କୀର୍ତ୍ତିରାଜିର ସଂରକ୍ଷଣ ପାଇଁ ଏକ ସଂଗ୍ରହାଳୟ ନିର୍ମାଣ କରାଯିବାକୁ ୨୦୨୦ ମସିହାରେ ଇନଟାକ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ପୂର୍ବତନ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଉଦ୍ୟମକ୍ରମେ ରାଜାଙ୍କ ଶହେବର୍ଷର କଚେରୀ କୋଠାକୁ ଜିଲା ସଂଗ୍ରହାଳୟର ରୂପ ଦିଆଯାଇଛି। ଏହି ସଂଗ୍ରହାଳୟ ମଧ୍ୟରେ ଅନେକ ପୁରାତନ ସାମଗ୍ରୀ ସଂଗୃହୀତ ହୋଇ ସଂରକ୍ଷିତ କରାଯାଇଛି। ଏହି ଉଦ୍ୟମକୁ ଧୀର ପ୍ରଶଂସା କରିବା ସହିତ ବୁଦ୍ଧଙ୍କ ନାମରେ ବୌଦ୍ଧ ଜିଲାର ପରିଚୟ ସୃଷ୍ଟି ହୋଇଥିବାରୁ ଏଠାରେ ବୁଦ୍ଧଙ୍କ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ସ୍ଥାପନ କରାଯିବାକୁ ମତପ୍ରକାଶ କରିଛନ୍ତି । ଇନଟାକ ଓଡ଼ିଶା ଚାପ୍ଟରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୌଦ୍ଧର ଜଣାଶୁଣା ଗବେଷକ ବିଶେଶ୍ୱର ପୃଷ୍ଟି ଓ ସହଯୋଗୀଙ୍କ ଦ୍ୱାରା ବୌଦ୍ଧ ଜିଲା ଦେଇ ପ୍ରବାହିତ ମହାନଦୀର ଉଭୟ ପାର୍ଶ୍ୱରେ ଅବସ୍ଥିତ ଲୁପ୍ତପ୍ରାୟ କୀର୍ତ୍ତିରାଜି, ସଭ୍ୟତା, ଭାଷା, ସଂସ୍କୃତି ଓ ପରମ୍ପରା ଆଦି ସଂପର୍କରେ ତଥ୍ୟ ସଂଗ୍ରହ କରାଯାଇ ସଂକଳିତ କରାଯାଇପାରିଥିବା ଏହି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଖୁବଶୀଘ୍ର ଏ ସଂପର୍କିତ ତଥ୍ୟ ୱେବସାଇଟରେ ଉପଲବ୍ଧ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ଇନଟାକର ବୌଦ୍ଧ ଚାପ୍ଟର ଗଠନ କରାଯିବା ସହିତ ଏହାକୁ ଆନୁଷ୍ଠାନିକ ଭାବରେ ଓଡ଼ିଶା ଇନଟାକ ପକ୍ଷରୁ ମାନ୍ୟତା ପ୍ରଦାନ କରାଯାଇଥିଲା। ବୌଦ୍ଧକୁ ମିଶାଇ ରାଜ୍ୟରେ ଇନଟାକର ୧୪ ଗୋଟି ଶାଖା ବର୍ତ୍ତମାନ ଗଠନ କରାଯାଇଥିବା ବେଳେ ରାଜ୍ୟର ପ୍ରତି ଜିଲାରେ ଏହା ଗଠନ କରାଯିବ ବୋଲି ସହସଂଯୋଜକ ଧୀର ପ୍ରକାଶ କରିଥିଲେ। ଇନଟାକ ବୌଦ୍ଧ ଚାପ୍ଟରର ଆବାହକ ଭାବରେ ଗବେଷକ ବିଶ୍ୱେଶ୍ୱର ପୃଷ୍ଟିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସମୁଦାୟ ୧୫ ଜଣ ଏହାର ସଦସ୍ୟ ରହିଛନ୍ତି। ବୌଦ୍ଧର ଏକ ହୋଟେଲ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଖବରଦାତା ସମ୍ମିଳନୀ ଅବସରରେ ବୌଦ୍ଧ ଇନଟାକ୍‌ର ସମସ୍ତ ସଦସ୍ୟଙ୍କୁ ସଦସ୍ୟତା ପ୍ରମାଣପତ୍ର ରାଜ୍ୟ ସହସଂଯୋଜକ ଧୀର ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଇତିହାସ ଅଧ୍ୟାପିକା ସୁବର୍ଣ୍ଣାସୁନ୍ଦରୀ ମିଶ୍ର ଯୋଗଦେଇ ବୌଦ୍ଧ ଇନଟାକ ଚାପ୍ଟର ଗଠନକୁ ସ୍ୱାଗତ କରିବା ସହିତ ଏହାଦ୍ୱାରା ବୌଦ୍ଧର ଲୁକ୍କାୟିତ ଓ ହଜି ଯାଉଥିବା ଐତିହ୍ୟର ପୁନରୁଦ୍ଧାର ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ବଲାଙ୍ଗୀର ଚାପ୍ଟରର ଆବାହାକ ଶିବ ନନ୍ଦ, ସୋନପୁରର ପ୍ରଦ୍ୟୁମ୍ନ ସାହୁ, ସମ୍ବଲପୁରର ଦିପକ ପଣ୍ଡା, ପରିବେଶବିତ ବିଶ୍ୱଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ସିବିଏସଇ ପରୀକ୍ଷା: ଓଏଭିର ମୁକ୍ତେଶର ବ୍ଲକ ଟପ୍ପର

ଅମରପାଲି,୧୫।୫(ପୀତାମ୍ବର ସାହୁ)



ମୁକ୍ତେଶର ନନ୍ଦ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ର ମୁକ୍ତେଶର ନନ୍ଦ ସିବିଏସଇ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଏହା ସହିତ ସେ ଜିଲାରେ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ଓ ବ୍ଲକ ପାଇଁ ଗୌରବ ଅର୍ଜନ କରିଛନ୍ତି। ବୀରମହାରାଜପୁର ସୌରନଗର ବାସିନ୍ଦା ମହେଶ୍ୱର ଓ ରିତାରାଣି ନନ୍ଦଙ୍କ ବଡ ପୁଅ ମୁକ୍ତେଶର ନନ୍ଦ ବୀରମହାରାଜପୁର ନିକଟସ୍ଥ ରଥପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଦଶମ ଶ୍ରେଣୀ ସିବିଏସସି ପାଠ୍ୟକ୍ରମରେ ୯୭ ପ୍ରତିଶତ ମାର୍କ ରଖି ପାସ୍ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ମାତା ଓ ବିଦ୍ୟାଳୟ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କ ବାପା ଜଣେ ସାଧାରଣ ଚାଷୀ ହୋଇଥିବା ବେଳେ ମା' ଜଣେ ସାଧାରଣ ଗୃହିଣୀ। ମୁକ୍ତେଶରଙ୍କ ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲ ରୁ ଶୁଭେଚ୍ଛା ର ସୁଅ ଛୁଟିଛି ।

## ଘରେ ପଶି ପୂର୍ବତନ ଶିକ୍ଷକଙ୍କୁ ମାଡ଼ ମାରିଲେ ସ୍କୁଲ ପରିଚାଳକ

**ଥାନାରେ ମାମଲା ରୁଜୁ**

ତରଭା, ୧୫।୫ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ନୂଆପଡ଼ାସ୍ଥିତ ଏକ ପବ୍ଲିକ ସ୍କୁଲର ପରିଚାଳକ ତାଙ୍କ ସ୍କୁଲର ପୂର୍ବତନ ଶିକ୍ଷକ ହେମନ୍ତ ସାହୁଙ୍କୁ ଅଶ୍ଳୀଳ ଭାଷାରେ ଗାଲିଗୁଲଜ କରିବା ସହିତ ମାଡ଼ ମାରିଥିବା ନେଇ ତରଭା ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ ଶିକ୍ଷକ ହେମନ୍ତ ସାହୁ କିଛି ମାସ ପୂର୍ବରୁ ଉକ୍ତ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ସେ ଗତ ଏପ୍ରିଲରୁ ଚାକିରି ଛାଡ଼ି ସ୍ଥାନୀୟ ପିଲାଙ୍କୁ ଟିଉସନ କରୁଥଲେ। ଗତ ଶନିବାର ରାତି ପ୍ରାୟ ୮ ଟା୩୦ରେ ତାଙ୍କ ସ୍କୁଲର ଜଣେ ପିଲାଙ୍କ ଘରେ ହେମନ୍ତ ଟିଉସନ କରୁଥିଲେ। ଏହି ସମୟରେ ସେଠାକୁ ଆସି ସମ୍ପୃକ୍ତ ସ୍କୁଲ ପରିଚାଳକ ହେମନ୍ତଙ୍କୁ କୁଆଡେ ମାଡ଼ ମାରିଥିଲେ । ମୋ ସ୍କୁଲ ପିଲାଙ୍କୁ କାହିଁକି ଟିଉସନ କରୁଛ କହି ଗାଲିଗୁଲୁଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ହେମନ୍ତ ସାହୁଙ୍କ ତରଭା ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(୧୬୮/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିବ ଆଇଆଇସି ଅନିତା କୀଡୋ ସୂଚନା ଦେଇଛନ୍ତି । ଉଭୟ ପକ୍ଷର ଏତଲା ଆଧାରରେ ତଦନ୍ତ ଚାଲିଛି। ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତରଭା ଥାନା ପୋଲିସ କହିଛି।

# ବିଜେଡି ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

ଡୁଙ୍ଗୁରିପାଲି,୧୫।୫(ଦୀନବନ୍ଧୁ ସୁନା)



ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ରସିଂ ଭୋଇ, ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ବିଜେଡି କର୍ମୀଙ୍କ ସହ ଜନସାଧାରଣଙ୍କୁ ଭୋଟଭିକ୍ଷା କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ୩ଟି ଯାକ ଜିଲା ପରିଷଦ ଜୋନରେ ବିଜେଡିର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଓ ସୋନପୁର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ନିର୍ବାଚନୀ ପ୍ରାର କରିଛନ୍ତି। ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳଙ୍କ ଆବାହକତ୍ୱରେ ଉଭୟ ପ୍ରାର୍ଥୀ ଶହଶହ କର୍ମୀ ଗହଣରେ ବିଭିନ୍ନ ଗାଁକୁ ଯାଇ ଦଳ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ। ଚେରୁପାଲି ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ମନ୍ଦିରରୁ ଆଶୀର୍ବାଦ ନେଇ ଚେରୁପାଲି ପଞ୍ଚାୟତରୁ ଏକ ଶୋଭାଯାତ୍ରାରେ ବାହାରି ପହଣ୍ଡି, ଦିଗଶିରା, କପାସିରା, ଗଜବନ୍ଧ, ଭୀମଟିକିରା, ଅନ୍ଧାରିବାଞ୍ଜି, ବଡ଼କର୍ଲେ, ଟାଙ୍ଗରକର୍ଲେ, ରାମପୁର, ମାୟାବରହା, ପଣ୍ଡିକଟାଲ ନାଇକେନପାଲି, ବାଙ୍କିପାଲି, ବେହେରାମାଲ, ସମଲେଇବୁଆ, ଲିଙ୍ଗମାର୍ନିଂ, ଚିନାଭୁରୀ, ଡୁଙ୍ଗୁରିପାଲି, ବନ୍ଧପାଲି, ସରଗୁଲ, ଇଛାପୁର, କର୍ଲାପୁରୀ, ଶୁଖା, ବୈଦୁପାଲି, ସୁନାପାଲି, ସହଲା, ତମାମୁରା ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଯୋଡି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ । ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରିବା ସହ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ବିକାଶ ଧାରା ଦ୍ୱିଗୁଣିତ ହୋଇ ପାରିବ ବୋଲି ନେତୃବର୍ଗ କହିଥିଲେ। ପରେ ଆରଏମସି ଛକ ନିକଟ ଶ୍ରୀରାମ ମନ୍ଦିର ନିକଟରୁ ବାହାରି ଡୁଙ୍ଗୁରିପାଲି ସହରରେ ପଦଯାତ୍ରା କରି ଗମ୍ଭାରୀପାଲିରେ ପହଞ୍ଚି ଥିଲେ। ପ୍ରଚାରରେ ବ୍ଲକ ଉପାଧ୍ୟକ୍ଷା ମକରଧ୍ୱଜ ସାହୁ, ଚେଡୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ, ଧର୍ମେନ୍ଦ୍ର ବିଶ୍ୱାଳ, ବଦ୍ରୀନାରାୟଣ ପାଣ୍ଡିଆ, ଲବ ମେହେର, ଗୁଣନିଧି ଦୀପ, ମନରଞ୍ଜନ ପଧାନ, ପ୍ରଦୀପ ମହାନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

# ଏବିଭିପିର ସରବତ୍ ବଣ୍ଟନ କାର୍ଯ୍ୟକ୍ରମ



ବରଗଡ଼,୧୫।୫(ପ୍ରେମାନନ୍ଦ ଖମାରୀ): ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ (ଏବିଭିପି) ପକ୍ଷରୁ ବୁଧବାର ସରବତ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଏସପି ଅଫିସ ଛକରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅନେକ ଲୋକଙ୍କୁ ସରବତ ବଣ୍ଟନ କରାଯାଇଥିଲା। ଏବିଭିପିର ଜିଲା ପ୍ରମୁଖ ଏମ. ପି ଜ୍ୟୋତିପ୍ରକାଶ, ଜିଲା ସଂଯୋଜକ ସଙ୍କେତ କୁମାର ସାହୁ, ବରଗଡ଼ ନଗର ସମ୍ପାଦକ ରଜତ ସେଠ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟ ସା, ବରଗଡ଼ ନଗର ଛାତ୍ରୀ ପ୍ରମୁଖ ପ୍ରତ୍ୟାଶା ବହିଦାର, ଅତାବିରା ନଗର ସମ୍ପାଦକ ସ୍ୱସ୍ତିକ ପୂଜାରୀ, ଓମ କୁଅଁର, ପିଣ୍ଟୁ ବରର୍ତ୍ତି, ସିନା ସୋନାଲି ଦାଶ, ପ୍ରାଞ୍ଜଳ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମପୁର ଜ୍ୟୋତିନଗର ପେଭର ବ୍ଲକ ରାସ୍ତା ଦବିଲା

ପଦ୍ମପୁର,୧୫।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ଏନଏସି ୨ ନମ୍ବର ୱାର୍ଡର ଜ୍ୟୋତିନଗର ନୂତନ ଭାବରେ ନିର୍ମିତ ହୋଇଛି ପେଭର ବ୍ଲକ ରାସ୍ତା । ମୁକ୍ତା ଯୋଜନାରେ ନିର୍ମିତ ଏହି ରାସ୍ତାରେ ପେଭର ବ୍ଲକ ଗୁଡିକ ଦବି ଗଲାଣି। ଏହାର ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।



# ବାଲିଶଯ୍ୟା, ପଥର ବିକିରଣ ପାଇଁ ପରିବେଶ ଉତ୍ତପ୍ତ

ସୋନପୁର,୧୫।୫(ମୃତ୍ୟୁଞ୍ଜୟ ଶତପଥୀ)



ସୋନପୁର ନିକଟରେ ମହାନଦୀରେ ବାଲି ଓ ପଥର ଶଯ୍ୟା ।

**ସୁବର୍ଣ୍ଣପୁର ଜିଲାରେ ଅସମ୍ଭାଳ ତାତି**

ସୁବର୍ଣ୍ଣପୁର ସହରର ପାରଦ ଗତ କିଛିବର୍ଷ ହେବ ସର୍ବୋଚ୍ଚସ୍ତରରେ ରହୁଛି। ଏହି ସହର ଉତ୍ତପ୍ତ ବୋଲି ପାଣିପାଗ ରିପୋର୍ଟ କହୁଛି। ମହାନଦୀ ଓ ତେଲନଦୀ ଘେରି ରହିଥିବା ନଦୀକୂଳିଆ ସହର ସୁବର୍ଣ୍ଣପୁର ତଥା ସମଗ୍ର ଜିଲାରେ ଏଭଳି ପରିସ୍ଥିତି ସୃଷ୍ଟି ହେବା ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି। ନିର୍ବାଚନ ତାତିଠାରୁ ଜିଲାରେ ଗ୍ରୀଷ୍ମପ୍ରବାହ ତାତି ଅସମ୍ଭାଳ ହେଉଛି। ଏପ୍ରିଲ ମାସ ଆରମ୍ଭରୁ ଆକାଶରୁ ସତେ ଯେମିତି ଅଗ୍ନି ବର୍ଷୁଛି। ତେବେ ଶିଳ୍ପ ବିହୀନ ଏହି ଜିଲାରେ ଗତ କିଛି ବର୍ଷ ହେବ ତାତି ବଢ଼ିବା ନେଇ ଆଲୋଚନା ଜୋର ଧରିଛି। ଜିଲାରେ ଜଙ୍ଗଲ କ୍ଷୟ, ନଦୀକୂଳରେ ସବୁଜ ପରିବେଶ ନଷ୍ଟ ହେବା, ମହାନଦୀ ଓ ତେଲନଦୀ ସମେତ ଅନ୍ୟ ଶାଖା ନଦୀ ଗୁଡିକରେ ଶଯ୍ୟା ପୋତି ହେବା, କଂକ୍ରିଟ୍ ଘର ଓ ରାସ୍ତା ନିର୍ମାଣ, ବେଆଇନ ଭାବେ ଅସହ୍ୟ ତାତିରେ ମାଟି ଇଟା ପୋଡିବା ଏହାର କାରଣ ବୋଲି କୁହାଯାଉଛି। ମହାନଦୀ, ତେଲନଦୀ ଓ ଅଙ୍ଗନଦୀ ଶଯ୍ୟା ପୋତି ହେବାରୁ ନଦୀଗର୍ଭରେ ଥିବା ବାଲି ଶଯ୍ୟା ଓ ପଥର ର ବିକିରଣ ପାଇଁ ପରିବେଶ ଅଧିକ ଉତ୍ତପ୍ତ ହେଉଥିବା ପରିବେଶବିତ୍ ମତ ରଖୁଛନ୍ତି। ଜିଲାର ଆୟତନ ଅନୁପାତରେ ସର୍ବନିମ୍ନ ୩୩ ଭାଗ ଜଙ୍ଗଲ ରହିବ କଥା। କିନ୍ତୁ ସୁବର୍ଣ୍ଣପୁର ଜିଲାରେ ଏବେ ମାତ୍ର ୧୮ ଭାଗ ଜଙ୍ଗଲ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବର୍ଷ ବନୀକରଣ ଏବଂ ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ ଯୋଜନାର ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବନୀକରଣ ଠିକ୍ ଭାବେ କରାଯାଉନି। ପଥପାର୍ଶ୍ୱ ବନୀକରଣ ଯୋଜନାରେ ଗଛର ଯତ୍ନ ନିଆଯାଉନି। ପାଣି ଅଭାବରୁ ଲଗା ଯାଇଥିବା ଚାରାଗୁଡିକ ଖରାଦିନେ ମରିଯାଉଛି। କାଗଜପତ୍ରରେ ହିଁ ବନୀକରଣ ଚାଲିଥିବା ଅଭିଯୋଗ ହେଉଛି। ଜଙ୍ଗଲ ବୃଦ୍ଧି ହେବା ବଦଳରେ ଦିନକୁ ଦିନ କ୍ଷୟ ହୋଇ ଚାଲିଛି। ଜନସଂଖ୍ୟା ବୃଦ୍ଧି ପାଇବା ସହିତ ନୂତନ ଜନବସତି ସୃଷ୍ଟି ହେଉଛି। ସେଥିପାଇଁ ପୁରୁଣା ଜଙ୍ଗଲ ଗୁଡିକୁ କଟାଯାଉଛି। ବନ ବିଭାଗ ସୁରକ୍ଷା ଦେଇପାରୁନି। ସେହିଭଳି ଜଳାଶୟ ଓ ଚାଷ ଜମିଗୁଡିକୁ ପୋତି ଲୋକେ ଘର କରୁଛନ୍ତି। ଜିଲା ଗଠନ ହେଲା ପରେ ଜିଲା ସଦର ମହକୁମାରେ ଜନସଂଖ୍ୟା ବଢ଼ିବା ସହ ଅନେକ କୋଠା ଘର, କଂକ୍ରିଟ୍ ରାସ୍ତାଘାଟ ନିର୍ମାଣ ହୋଇଛି। ଏ ନେଇ ପ୍ରତିଯୋଗିତା ଚାଲିଛି। ଏସବୁ ଉତ୍ତାପ ସୃଷ୍ଟିର କାରଣ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଜିଲାରେ ପଞ୍ଚାୟତ ପୋଖରୀ, ରାଜସ୍ୱ ପୋଖରୀ ଓ ବେସରକାରୀ ପୋଖରୀ ମିଶି ୪ ହଜାର ୭୦୦ଟି ରହିଛି। ହରିହରଯୋର ଡ୍ୟାମ୍ ଭଳି ବଡ ଜଳାଶୟ ରହିଛି। ତେବେ ଏହି ଜଳ ଉତ୍ସଗୁଡିକରେ ବିଭିନ୍ନ କାରଣରୁ ମାଟି ପୋତି ହୋଇଥିବାରୁ ଜଳଧାରଣ କ୍ଷମତା କମୁଛି। ଅଧିକାଂଶ ପଞ୍ଚାୟତର ଜଳଉତ୍ସ ପୁରା ଶୁଖିଲା ପଡୁଛି। ଏମ୍‌ଜିଏନଆରଇଜିଏସ୍ ଓ ଅମୃତ ସରୋବର ଯୋଜନାରେ ସରକାରୀ ଜଳାଶୟଗୁଡିକର ପୁନରୁଦ୍ଧାର ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଫାର୍ମ ପଣ୍ଡ ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନାରେ ନୂତନ ପୋଖରୀ ଖୋଳାଯାଉଛି। ମାତ୍ର ଏହାର କାର୍ଯ୍ୟକରିତା ଠିକ୍ ଭାବେ ହେଉନି। ଜଳଉତ୍ସରେ ଜଳସ୍ତର ହ୍ରାସ ପାଉଛି। ବୋରୱେଲ ଯୋଗେ ରବିଋତୁରେ ଜିଲାରେ ବହୁଳ ପରିମାଣରେ ଧାନ ଚାଷ ହେଉଛି। ଏହାଦ୍ୱାରା ଭୂତଳ ଜଳସ୍ତର ଯଥେଷ୍ଟ ହ୍ରାସ ପାଉଛି। ଉତ୍ତାପ ବୃଦ୍ଧିର ଏହା ଅନ୍ୟତମ କାରଣ ପାଲଟିଛି । ସେହିପରି ଜଙ୍ଗଲରେ ନିଆଁ ଲାଗିବା କାରଣରୁ ତାତି ବଢୁଛି। ଏହା ଜିଲାର ମଣିଷଙ୍କ ଠାରୁ ଆରମ୍ଭ କରି ପଶୁପକ୍ଷୀ ଓ ଜୀବଜନ୍ତୁଙ୍କୁ କଲବଲ କରୁଛି। ଗ୍ରୀଷ୍ମର ପ୍ରକୋପ ସାଙ୍ଗକୁ ତତଲା ହାୱା ପରିବେଶକୁ ଅଧିକ ଉତ୍ତପ୍ତ କରି ଦେଇଛି। ସକାଳ ୮ଟାରୁ ମାଡି ଆସୁଛି ଭୟଙ୍କର ତାତି। ଖରାର ପ୍ରକୋପ ସାଙ୍ଗକୁ ଝାଞ୍ଜି ପବନ ସ୍ଥିତିକୁ ଅଧିକ ସଙ୍ଗୀନ କରିଛି। ଲୋକେ ଉହଳ ବିକଳ ହେଉଛନ୍ତି । ଦିନ ବେଳା ରାସ୍ତାଘାଟ ଶୂନଶାନ ରହୁଛି। ନିହାତି କାମ ନ ଥିଲେ ଲୋକେ ଘରୁ ବାହାରୁ ନାହାନ୍ତି। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳରେ ଲୋଭୋଲଟେଜ୍, ଅଘୋଷିତ ବିଦ୍ୟୁତ୍ କାଟ୍, ପାନୀୟ ଜଳ ସମସ୍ୟା ଜନସାଧାରଣଙ୍କ ଦୁଃଖକୁ ଦ୍ୱିଗୁଣିତ କରୁଛି। ତେବେ ମହାନଦୀରେ ପ୍ରସ୍ତାବିତ ଖଇରମାଳ ଓ ଗୋଧନେଶ୍ୱର ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ନିର୍ମାଣ ହେଲେ ନଦୀଗର୍ଭରେ ଜଳ ରହିବା ସହ ସୁବର୍ଣ୍ଣପୁର ଜିଲାବାସୀଙ୍କୁ ତାତିରୁ ନିସ୍ତାର ମିଳିବ ବୋଲି ବୁଦ୍ଧିଜୀବୀ ଓ ପରିବେଶବିତ୍ ମତପ୍ରକାଶ କରିଛନ୍ତି।

## ଚୋରି ସାମଗ୍ରୀ ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ

ବୌଦ୍ଧ,୧୫।୫(ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ପକ୍ଷରୁ ବିପୁଳ ପରିମାଣର ଚୋରି ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପ୍ରକାଶ ଯେ, ବୌଦ୍ଧ ଥାନା ଦାମୋଦରପୁର ଗ୍ରାମର ସୁଧୀର କୁମାର ସାହୁ ଓରଫ ଟିଙ୍କୁ ରେଲୱେ କାମରୁ ଓ ବିଭିନ୍ନ ସ୍ଥାନରୁ ଚୋରି କରି ଆଣିଥିବା କେତେକ ସାମଗ୍ରୀ ବିକ୍ରୟ କରିବା ଉଦ୍ଦେଶ୍ୟରେ ନିଜ ଘରେ ଗଚ୍ଛିତ ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ପୋଲିସ ମଙ୍ଗଳବାର ଦିନ ସୁଧୀରଙ୍କ ଘରେ ଚଢାଉ କରିଥିଲା। ଚଢାଉ ସମୟରେ ୧୭ ଗୋଟି ଇଲେକ୍ଟ୍ରି ଲାଇନ ବକ୍ସ, ସେଟିରିଙ୍ଗ ପ୍ଲେଟ, ୮ ଗୋଟି ଭି କ୍ରସ ଏଙ୍ଗେଲ, ୧୬ ଗୋଟି ଲୁହା ଚାନେଲ, ୫୮ ଗୋଟି ଆଲୁମିନିୟମ ବଣ୍ଡଲ ସହ ୩ ଗୋଟି ବସ୍ତାରେ ଥିବା ନଟ ଓ ବୋଲଟ ଆଦି ଜବତ କରାଯାଇଛି। ଏନେଇ ବୌଦ୍ଧ ଥାନାରେ ନଂ ୨୧୧/୨୪ରେ ଏକ ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ନୂଆପଡ଼ା ଜିଲାରେ ୧,୧୬, ୩୯୫ଜଣ ଭୋଟ ଦେଇନାହାନ୍ତି

**ଖଡ଼ିଆଳ,୧୫।୫ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲାର ୨ଟି ବିଧାନସଭା ନିର୍ବାଚନମଣ୍ଡଳୀ ହେଉଛି ନୂଆପଡ଼ା ଓ ଖଡିଆଳ। ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ପୁରୁଷ ଭୋଟର ସଂଖ୍ୟା ୧୨୦୧୩୮ ଓ ମହିଳା ଭୋଟର ୧୨୩୧୨୫ ଜଣ। ମୋଟ ୨୪୩୨୬୩ ଭୋଟର ମଧ୍ୟରୁ ମତଦାନ କରିଛନ୍ତି ୧୮୧୮୯୦ ଜଣ। ଏହି ନିର୍ବାଚନ ମଣ୍ଡଳୀରେ ପୁରୁଷ ୩୧୫୪୪ ଓ ମହିଳା ଭୋଟର ୨୯୮୩୨ଙ୍କୁ ମିଶାଇ ୬୧୩୭୬ ଜଣ ଭୋଟ ଦେଇନାହାନ୍ତି। ଅପରପକ୍ଷରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ପୁରୁଷ ୧୨୬୯୩୫ ଓ ମହିଳା ଭୋଟର ସଂଖ୍ୟା ୧୨୬୦୭୨ ଜଣ। ସମୁଦାୟ ଭୋଟର ୨୫୩୦୦୭ ଜଣଙ୍କ ମଧ୍ୟରୁ ମତଦାନ କରିଛନ୍ତି ୧୯୭୯୯୦ ଜଣ। ଏହି ନିର୍ବାଚନ ମଣ୍ଡଳୀରେ ପୁରୁଷ ୨୯୭୬୩ ଓ ମହିଳା ଭୋଟର ୨୫୨୫୬ଙ୍କୁ ମିଶାଇ ମୋଟ ୫୫୦୧୯ ଜଣ ଭୋଟ ଦେଇନାହାନ୍ତି। ଅର୍ଥାତ୍ ଦୁଇଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୧୧୬୩୯୫ ଜଣ ଭୋଟର ଭୋଟ ଦେଇନାହାନ୍ତି।

### ସିବିଏସ୍‌ଇ ପରୀକ୍ଷାରେ ରେଗଡ଼ା ଆଦର୍ଶ ବିଦ୍ୟାଳୟର ସଫଳତା

**କର୍ଲାମୁଣ୍ଡା,୧୫।୫(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ନେହରାଣୀ ଦେହୁରି ଦଶମ ପରୀକ୍ଷାରେ ୯୫.୨% ମାର୍କ ରଖି ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଦ୍ୟାଳୟର ସୁଜିତ ସାହୁ ୯୩.୦୪% ଓ ଟଙ୍କଧର ସାହୁ ୮୭.୦୮% ମାର୍କ ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଏହି ବିଦ୍ୟାଳୟର ସ୍ନିଗ୍ଧାରାଣୀ ଗହୀର ୮୦.୨୯%, ବିକାଶ ସାହୁ ୭୫.୬୦% ଓ ଯଶୋଦା ଭୋଇ ୭୪.୮୦% ମାର୍କ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଚବିଶପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

**କୋମନା,୧୫।୫(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତର ଜେଠୁପାଲି ହରେକୃଷ୍ଣ ପଡ଼ାଠାରେ ବୁଧବାର ଚବିଶପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ସଂକୀର୍ତ୍ତନ ଦଳ ସହ ନିକଟସ୍ଥ ପୋଖରୀରୁ କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ପାନଲାଲ ତାଣ୍ଡି ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇବେ। ଏଥିରେ ନୂଆପଡ଼ା, କଳାହାଣ୍ଡି ଓ ବରଗଡ଼ ଜିଲାରୁ ୮ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିବେ। ଗୁରୁବାର ସକାଳ ୯ଟାରେ ନାମ ଆରମ୍ଭ ହୋଇ ରବିବାର ସକାଳ ୯ଟା ୩୦ରେ ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

### ବୀର ବିକ୍ରମାଦିତ୍ୟଙ୍କ ଜୟନ୍ତୀ ପାଳିତ

**ପଦ୍ମପୁର,୧୫।୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ଥିବା ଦିବଂଗତ ଯୁବରାଜ ବୀର ବିକ୍ରମାଦିତ୍ୟ ସିଂ ବରିହାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ୧୦୪ତମ ଜୟନ୍ତୀ ପାଳନ କରାଯାଇଛି। ପ୍ରତିମୂର୍ତ୍ତିରେ ତାଙ୍କ ବଡ଼ପୁଅ ପ୍ରତାପ କେଶରୀ ସିଂ ବରିହା ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଡା. ଆଶୁତୋଷ ହୋତା, ଡା. ରଜତ ସାହୁ, ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଭୁଶୁଡ଼ିଲା କାନ୍ଥ, ଉଡ଼ିଗଲା ଟିଣଛପର

**ଥୁଆମୂଳ ରାମପୁର,୧୫।୫(ଦୁର୍ଗା କୀର୍ତ୍ତି)**


ସ୍କୁଲଗୃହ ଟିଣଛପର ଉଡ଼ିଯାଇଛି।

ମରାମତିର ୬ମାସ ନ ପୂରୁଣୁ ସାମାନ୍ୟ ପବନରେ ସ୍କୁଲଗୃହ କାନ୍ଥ ଭୁଶୁଡ଼ିବା ସହ ଟିଣଛପର ଉଡ଼ିଯାଇଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣୁପୁର ପଞ୍ଚାୟତର ହାଡ଼ଖୁର୍ସି ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୬ ଜଣ ପିଲା ପାଠ ପଢୁଛନ୍ତି। ସ୍କୁଲ ଛାତରୁ ପାଣି ଝରୁଥିବା ନେଇ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦାସ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ପରେ ପଞ୍ଚାୟତ ସମିତି ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଅଟକଳ ମୂଲ୍ୟ ୩,୫୦,୦୦୦ରେ ଶ୍ରେଣୀ ଗୃହ ମରାମତି ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇ ନିର୍ମାଣ କାମ ଆରମ୍ଭ ହୋଇଥିଲା। ସେ ସମୟରେ ନିମ୍ନମାନର କାମ ନେଇ ସ୍କୁଲ ପକ୍ଷରୁ ଅଭିଯୋଗ କରାଯାଇଥିଲା।

### ସ୍କୁଲଗୃହ ମରାମତି କାମ ନିମ୍ନମାନର

ହେଲେ ସୁଫଳ ମିଳି ନ ଥିଲା। ଶେଷରେ ୬ ମାସ ନ ପୂରୁଣୁ ଅଳ୍ପ ପବନରେ କାନ୍ଥ ଭାଙ୍ଗିବା ସହ ଛାତ ଉପରେ ପଡ଼ିଥିବା ଟିଣ ଛପର ଉଡ଼ିଯାଇଛି। ଠିକାଦାର ଅତି ନିମ୍ନମାନର କାମ କରିଥିବାରୁ ଏଭଳି ସ୍ଥିତି ଉପୁଜିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବେନ୍ଦ୍ର ମହାନନ୍ଦଙ୍କୁ ପଚାରିବାରୁ ତୁରନ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନେବାସହ ଶୀଘ୍ର ଭୁଶୁଡ଼ିଥିବା କାନ୍ଥ ଏବଂ ଉଡ଼ିଥିବା ଟିଣ ଚାଦର ମରାମତି କରାଯିବ ବୋଲି ସେ କହିଥିଲେ।

# ଶ୍ରେଷ୍ଠ କାମ୍ପୋରି ପୁରସ୍କାରରେ କଳାହାଣ୍ଡି ଜିଲାର ହାଟ୍ରିକ


ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଅଧିକାରୀ।

**ଭବାନୀପାଟଣା,୧୫।୫(ଉତ୍ତମ କୁମାର ଦାଶ)**

ସ୍କାଉଟ୍ସ ଓ ଗାଇଡ୍ସର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କ୍ରମାଗତ ତୃତୀୟବର୍ଷ ପାଇଁ କଳାହାଣ୍ଡି ଜିଲା ଶ୍ରେଷ୍ଠ କାମ୍ପୋରି ପୁରସ୍କାର ହାସଲ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ରାଜଭବନର ଅଭିଷେକ ହଲଠାରେ ଏ ନେଇ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଜ୍ୟପାଳ ରଘୁବର ଦାସ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହାକୁ କଳାହାଣ୍ଡି ଭାରତ ସ୍କାଉଟ୍ସ ଓ ଗାଇଡ୍ସ ମୁଖ୍ୟ କମିଶନର୍ ତଥା ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଓ ଜିଲା ସମ୍ପାଦକ ତଥା ଶାରୀରିକ ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ମିଶ୍ର ଉପସ୍ଥିତ ରହି ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କଳାହାଣ୍ଡି ସ୍କାଉଟ୍ସ ଓ ଗାଇଡ୍ସ ମୁଖ୍ୟ କମିଶନର ଚୋପଦାରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କ ଚାରିତ୍ରିକ ବିକାଶ, ବ୍ୟକ୍ତିତ୍ୱ ନିର୍ମାଣ ତଥା ସେବା ମନୋଭାବ ଜାଗ୍ରତ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜିଲାରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଛି। ଏହା ଭାରତ ସ୍କାଉଟ୍ସ ଓ ଗାଇଡ୍ସ କ୍ଷେତ୍ରରେ ଜାଗରଣ ଆଣିବା ସହ ରାଜ୍ୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି। ଚୋପଦାର ମଧ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ଜିଲା ଶିକ୍ଷା ଅଧିକାରୀ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି।

### ସିବିଏସ୍‌ଇ ପରୀକ୍ଷାରେ ଖଡ଼ିଆଳ ପବ୍ଲିକ ସ୍କୁଲର ସଫଳତା

**ଖଡ଼ିଆଳ,୧୫।୫(ସୁଜିତ କୁମାର ପ୍ରଧାନ):** ଦଶମ ଶ୍ରେଣୀ ପରୀକ୍ଷାରେ ଖଡ଼ିଆଳ ପବ୍ଲିକ ସ୍କୁଲ ଛାତ୍ର ସଗୁନ ଅଗ୍ରୱାଲ ଓ ଅଂଶୁଳ ସିଂଘଲ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ସମାନ ୯୦.୨ ପ୍ରତିଶତ ମାର୍କ ରଖବ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସିବେଶ ପ୍ରଧାନ ୯୫.୮ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଏହି ସ୍କୁଲର ଶତ ପ୍ରତିଶତ ଛାତ୍ରୀଛାତ୍ର ପାସ କରିଛନ୍ତି । ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ପବ୍ଲିକ ସ୍କୁଲର କମିଟି ସଭାପତି ପନିନ୍ଦମ ସିଂଦେଓ, କମିଟି ସମ୍ପାଦକ ସୁନୀଲ ପ୍ରଧାନ, ସ୍କୁଲ ଅଧ୍ୟକ୍ଷ ଏଲ୍ ଶ୍ରୀନିବାସ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### କୃଷକ ସଙ୍ଗଠନର ଗାଁକୁ ଚାଲ ଅଭିଯାନ

**ପଦ୍ମପୁର/ପାଇକମାଳ,୧୫।୫ (ପ୍ରଦୀପ୍ତ ଦାଶ/ବଡ ଶତପଥୀ)**

ବରଗଡ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନର ଗାଁକୁ ଚାଲ କାର୍ଯ୍ୟକ୍ରମରେ ସଙ୍ଗଠନ କର୍ମୀମାନେ ଗାଁଗାଁ ବୁଲି ଭୋଟରମାନଙ୍କୁ ନିର୍ବାଚନୀ ସଚେତନତା ବାର୍ତ୍ତା ଦେଉଛନ୍ତି। ୫୫୫ ଦିନ ଆନ୍ଦୋଳନ ଧାରଣା ପରେ ଅସମାହିତ ସମସ୍ୟା ସମାଧାନ ପାଇଁ ସଙ୍ଗଠନ ଭୋଟରମାନଙ୍କ ଉପରେ ବିଚାର କରିବାକୁ ଛାଡିଦେଇଛି। ଗତ ୭୫ବର୍ଷ ଭିତରେ ପ୍ରାୟ ସମସ୍ତ ଦଳ କେନ୍ଦ୍ର ବା ରାଜ୍ୟରେ ସରକାର କରିଥିବା ସୁଯୋଗ ପାଇଛନ୍ତି। ହେଲେ କୌଣସି ଦଳ ନିର୍ବାଚନୀ ଇସ୍ତାହାର ଠିକ୍ ଭାବେ କାର୍ଯ୍ୟକାରୀ କରୁନାହାନ୍ତି କିମ୍ବା ଲୋକଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ସେଥିପାଇଁ ସଙ୍ଗଠନ ପକ୍ଷରୁ ଫସଲର ମୂଲ୍ୟ, ମଣ୍ଡି ବ୍ୟବସ୍ଥା, ଜଳସେଚନ, ଋଣ ଛାଡ଼, ବିଦ୍ୟୁତ ବିଲ୍ ଓ ସମସ୍ୟା, ବେକାରୀ ସମସ୍ୟା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସମସ୍ୟାକୁ ପ୍ରସଙ୍ଗ କରି ପାଇକମାଳ ବ୍ଲକର ମିଠାପାଲି, ଜାମସେଠ, ଛିନ୍ଦେକେଲା, ମାଣ୍ଡୋସିଲି, କାଂଶଡା, ନୂଆପଡା, ଭୁବନେଶ୍ୱରପୁର, ଲାଖମରା, ମହୁଲପାଲି, ସମ୍ବଲପୁରୀ, ଦେୱାନପାଲି, କୁର୍ଲୁପାଲି, ଭଣ୍ଡାରପୁରୀ, ଝାରବନ୍ଧ ଗ୍ରାମରେ ଲୋକଙ୍କ ସହିତ ବୈଠକ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନ ପକ୍ଷରୁ ଲିଙ୍ଗରାଜ ପଧାନ, ନିରାକାର ସାହୁ, ପ୍ରକାଶ ଦାସ, ସୁବାସ ସାମନ୍ତରାୟ, ରୋହିତ ପଧାନ, ନବୀନ ବେହେରା, ମନବୋଧ ପଧାନ, କୈଳାସ ବାରିକ, ଧରମେନ୍ଦ୍ର ସାହା ଏବଂ ରମେଶ ମହାପାତ୍ର ମଦ ମାଂସ, ପାଞ୍ଚ ଶହ ଟଙ୍କା ବହୁମୂଲ୍ୟ ଭୋଟ ବିକ୍ରି ନ କରିବା ପାଇଁ ନିବେଦନ କରିଛନ୍ତି।

# ବସ୍‌ଷ୍ଟପ୍‌ରେ ନାହିଁ ଯାତ୍ରୀ ବିଶ୍ରାମାଗାର

**ନୂଆପଡ଼ା,୧୫।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ଛୋଟ ବଡ଼ ଅନେକ ବସ୍‌ଷ୍ଟପ୍ ରହିଥିଲେ ମଧ୍ୟ ଯାତ୍ରୀ ବିଶ୍ରାମାଗାର କିମ୍ବା ପରିସ୍ରାଗାର ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରା, ବର୍ଷା ଓ ଶୀତରେ ଯାତ୍ରୀ ଗଛମୂଳେ କିମ୍ବା ଦୋକାନ ଛାତ ତଳେ ଆଶ୍ରୟ ନେଉଛନ୍ତି। ଏ ବିଷୟରେ ଲୋକେ ଜିଲା ପ୍ରଶାସନଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ନୂଆପଡ଼ା ଜିଲା ସଦର ମହକୁମା ମଡେଲ ବସ୍‌ଷ୍ଟାଣ୍ଡକୁ ଛାଡ଼ିଦେଲେ ଜିଲାର କୌଣସି ବ୍ଲକ, ପଞ୍ଚାୟତ କିମ୍ବା ଗାଁରେ ବସ୍‌ଷ୍ଟାଣ୍ଡ ବୋଲି ସ୍ୱତନ୍ତ୍ର ସ୍ଥାନ ନାହିଁ। ଯାତ୍ରୀ ଯେଉଁଠି ଛିଡ଼ା ହୋଇ ରହିଥିଲେ କିମ୍ବା ହାତ ଠାରିଲେ ବସ୍ ରହୁଛି । ଖରିଆର ରୋଡ୍‌ଠାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ହେଲେ ସେଠାକୁ ବସ୍ ଯିବା ଦୂର କଥା, ସାଧାରଣ ଲୋକେ ମଧ୍ୟ ଯାଉନାହାନ୍ତି। ଫଳରେ ଉକ୍ତ ବସ୍‌ଷ୍ଟାଣ୍ଡ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଜିଲା ଭିତରେ ୩୫୩ ନମ୍ବର ଜାତୀୟ ରାଜପଥ ଗୋପାଳପୁରଠାରୁ ରାୟପୁରକୁ ସଂଯୋଗ କରିଛି। ସେହିପରି ଖଡ଼ିଆଳଠାରୁ ଭବାନୀପାଟଣା ରାଜ୍ୟ ରାଜପଥ ସଂଯୋଗ କରୁଥିଲେ ମଧ୍ୟ କୌଣସି ସ୍ଥାନରେ ଯାତ୍ରୀ ବିଶ୍ରାମାଗାର କିମ୍ବା ପରିସ୍ରାଗାର ନାହିଁ । ଖରିଆର ରୋଡ୍‌ଠାରୁ ତୁକଳା ପର୍ଯ୍ୟନ୍ତ ୩୫ରୁ ଊର୍ଦ୍ଧ୍ୱ ସ୍ଥାନରେ ବସ୍ ରହଣି କରୁଛି । ଖଡିଆଳରୁ ବୋଡେନ, ଖଡିଆଳରୁ ସିନାପାଲି, ବୋଡେନରୁ ସିନାପାଲି, ସିନାପାଲିଠାରୁ ଦେଭୋଗ ଛତିଶଗଡକୁ ରାସ୍ତା ସଂଯୋଗ କରୁଛି । ଲକ୍ଷ୍ମୀ ବସ୍ ଚାଲିବା ଦିନଠାରୁ ସବୁ ଗାଁରେ ବସ୍ ରହଣି କରୁଛି। ହେଲେ କୌଣସି ସ୍ଥାନରେ ବିଶ୍ରାମାଗାର ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ବିଶେଷକରି ମହିଳା ଯାତ୍ରୀମାନେ ଅଧିକ ଅସୁବିଧା ଭୋଗୁଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହେଉଛି।

# ସାମାଜିକ ସେବାରେ ବ୍ରତୀ ପର୍ଶୁରାମ ସେନା


ଜଣେ ଗର୍ଭବତୀ ମହିଳାଙ୍କ ପାଇଁ ରକ୍ତଦାନ କରୁଥିବା ପର୍ଶୁରାମ ସେନାର ସଦସ୍ୟ।

**ବେହେରା,୧୫।୫(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକର ପର୍ଶୁରାମ ସେନା ସାମାଜିକ ସେବା ଭଳି କାର୍ଯ୍ୟରେ ନିୟୋଜିତ ରହି ଚର୍ଚ୍ଚାର ପରିସରକୁ ଆସିଛି। ଧର୍ମଗଡ଼ ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ସମାଜର ଯୁବ କାର୍ଯ୍ୟକର୍ତ୍ତା ଭଗବାନ ପର୍ଶୁରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗରିବ, ଅସହାୟ ଲୋକଙ୍କ ସେବାରେ ଲାଗିପଡ଼ିଛନ୍ତି। ରକ୍ତହୀନତା ରୋଗରେ ପୀଡ଼ିତ ଶିଶୁଠାରୁ ବୟୋଜ୍ୟେଷ୍ଠ, ଦୁର୍ଘଟଣାଗ୍ରସ୍ତ ଲୋକ ତଥା ଗର୍ଭବତୀ ମହିଳାମାନଙ୍କୁ ବିନା ମୂଲ୍ୟରେ ରକ୍ତଦାନକରି ଜୀବନ ବଞ୍ଚାଉଥିବା ନଜରକୁ ଆସୁଛି। ପର୍ଶୁରାମ ସେନାର ସଂଯୋଜକ ବିଶ୍ୱରଞ୍ଜନ ପାତ୍ର ଖବର ପାଇବା ମାତ୍ରେ ରୋଗୀଙ୍କ ପାଖରେ ପହଞ୍ଚି ଠିକ୍ ସମୟରେ ରକ୍ତ ଯୋଗାଡ଼ କରୁଛନ୍ତି। ଏହି ସଙ୍ଗଠନର ଶୁଭ୍ରାଂଶୁ ପାଢ଼ୀ, ଶୁଭ୍ରାଂଶୁ ପାତ୍ର, ଶାଶ୍ୱତ ପାତ୍ର, ଶାଶ୍ୱତ ପଣ୍ଡା, ଦୀପକ ପଣ୍ଡା, ମାନସ ଆଚାର୍ଯ୍ୟ, ଚନ୍ଦନ ପାତ୍ର, ଜୀବନଜ୍ୟୋତି ପଣ୍ଡା, ଶାନ୍ତନୁ ମୁଣ୍ଡ, ଚିନ୍ମୟ ମହାପାତ୍ର, ମନୀନ୍ଦ୍ର ପାତ୍ର, ବିଷ୍ଣୁ ବେହେରା, ରଞ୍ଜନ ପାଢ଼ୀ, ଅଙ୍କିତ ପଣ୍ଡା, ବାପି ପଣ୍ଡା ପ୍ରମୁଖ ଶତାଧିକ ଲୋକଙ୍କୁ ରକ୍ତଦାନ କରି ପ୍ରଶଂସା ପାଇଛନ୍ତି। ରକ୍ତଦାନ ବ୍ୟତୀତ ଏହି ସଙ୍ଗଠନ ଅସହାୟ, ଅନାଥ ବ୍ୟକ୍ତି ବିଶେଷଙ୍କୁ ଉଦ୍ଧାରକରି ଥଇଥାନ କରିବା, ଅସହାୟ ବିଧବା ମହିଳାଙ୍କୁ ଆର୍ଥିକ ସହଯୋଗ କରିବା, ଶୀତଦିନରେ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବାଣ୍ଟିବା, ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହଯୋଗର ହାତ ବଢ଼ାଇବା ଭଳି ସାମାଜିକ କାର୍ଯ୍ୟରେ ନିୟୋଜିତ ରହି ପ୍ରଶଂସା ସାଉଁଟିଛି। ସମାଜ ପାଇଁ କାମ କରୁଥିବା ଏହି ଅନୁଷ୍ଠାନ ଯୁବବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ।

# ରାଷ୍ଟ୍ରୀୟ କବି ସଙ୍ଗମର ସମ୍ମାନ ପର୍ବ

**ବରଗଡ଼,୧୫।୫(ପ୍ରେମାନନ୍ଦ ଖମାରୀ)**


କବୟିତ୍ରୀ ଉଷାଦେବୀ ଶର୍ମାଙ୍କୁ ରାଷ୍ଟ୍ରୀୟ କବି ସଙ୍ଗମ ସମ୍ମାନ ପ୍ରଦାନ କରାଯାଉଛି ।

ରାଷ୍ଟ୍ରୀୟ କବି ସଙ୍ଗମ, ବରଗଡ଼ ଶାଖାର ସମ୍ମାନ ପର୍ବ ଏବଂ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର (ହିନ୍ଦୀ ବିଭାଗ) ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନବନିର୍ବାଚିତ ସଭାପତି ଅଭିଜିତ ପ୍ରତିହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କବି ସଙ୍ଗମର ସଂସ୍ଥାପକ ଅଧ୍ୟକ୍ଷ ଜଗଦିଶ ମିତ୍ତଲଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ଶିଶୁକବି ଦେବଜ୍ୟୋତି ମହାପାତ୍ର, କୃଷ୍ଣ ଅଗ୍ରୱାଲ, ଅଦ୍ୟାଶା ପାଣିଗ୍ରାହୀ, ସୁପ୍ରୀତି ଭୋଇ, ସ୍ୱରିତ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ, ବରପାଲିର ସରସ୍ୱତୀ ବରିଷ୍ଠ ମହିଳା ସଂଘ, ବରଗଡ଼ ମହିଳା ସମିତି, ମାରୱାଡ଼ି ଯୁବାମଞ୍ଚ, ସଂକଳ୍ପ ପରିବାରକୁ ସେବା ପାଇଁ ସମ୍ମାନିତ କରାଯାଇଥିଲା। ବରିଷ୍ଠ କବୟିତ୍ରୀ ଉଷାଦେବୀ ଶର୍ମାଙ୍କୁ ରାଷ୍ଟ୍ରୀୟ କବି ସଙ୍ଗମ ସମ୍ମାନ ପ୍ରଦାନ କରାଯାଇଥିଲା। ସର୍ଦ୍ଦାର ପ୍ରୀତମ ସିଂ, ମହାମନ୍ତ୍ରୀ ଖୁସବୁ ଶର୍ମା, ସଂରକ୍ଷକ ଜୟପ୍ରକାଶ ଅଗ୍ରୱାଲ, କୋଷାଧ୍ୟକ୍ଷ ପ୍ରଶାନ୍ତ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଅରବିନ୍ଦ ବିଶ୍ୱାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଦାଶିବ କର ମଞ୍ଚ ସଂଯୋଜନା କରିଥିଲେ। ଅମରେନ୍ଦ୍ର ନାରାୟଣ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ଆବୃତ୍ତି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବରପାଲିର ରେଣୁ ଅଗ୍ରୱାଲ ମଞ୍ଚ ସଞ୍ଚାଳନ କରିଥିଲେ। ୨୫ରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଦୀପ କୁମାର ମିଶ୍ର, ଅବିନାଶ ଗୁପ୍ତା, ତରଣୀସେନ ଗୁରୁ, ଜଗଦିଶ ସେନ, ସନ୍ତୋଷିନୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଗୌରିଶଙ୍କର ପଣ୍ଡା, ପ୍ରମୋଦ ଝାଙ୍କର, ଗୋବିନ୍ଦ ଦାଶ, ନିର୍ମଳ କର, କେଦାର ମିଶ୍ର, ତୁଳସୀ ଦାଶ, ଦେବୀ ପଟ୍ଟନାୟକ, ରାଧାରାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମା'ଙ୍କୁ ହତ୍ୟା କରି ଫେରାର ପୁଅ ଗିରଫ

**ବଲାଙ୍ଗୀର,୧୫।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ମା'ଙ୍କୁ ହତ୍ୟା କରି ଫେରାର ଥିବା ଅଭିଯୁକ୍ତ ପୁଅ ମନୋଜ ଅଗ୍ରୱାଲ(୫୦)ଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବଲାଙ୍ଗୀର ସହର ରାଧାରାଣୀପଡାରୁ ଗତ ୧୧ ତାରିଖ ଦିନ ଗୀତାଦେବୀ ଅଗ୍ରୱାଲ (୭୦) ନାମ୍ନୀ ଜଣେ ମହିଳାଙ୍କ ମୃତଦେହ ଟାଉନ ଥାନା ପୋଲିସ ଜବତ କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ମହିଳାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଥିଲା। ପରେ ପୋଲିସ ତଦନ୍ତ କରିବାରୁ ଗୀତାଦେବୀଙ୍କୁ ତାଙ୍କ ପୁଅ ମନୋଜ ହତ୍ୟା କରିଥିବା ଜଣାପଡିଥିଲା। ହତ୍ୟା କରି ସେ ଫେରାର ହୋଇଯାଇଥିଲେ। ଗୀତାଦେବୀଙ୍କ ମୃତ୍ୟୁକୁ ନେଇ ତାଙ୍କ ନାତି ଶଙ୍କର ଅଗ୍ରୱାଲ ଥାନାରେ ଅଭିଯୋଗ କରିଥିଲେ।

# କୀଚକ ବଧ, ଗୋଧନ ହରଣ ମଞ୍ଚସ୍ଥ

### ରିଷିଡ଼ା ବିରାଟପର୍ବ

**ରିଷିଡା,୧୫।୫(ସୁଶାନ୍ତ ମଲ୍ଲିକ)**


କୀଚକ ଓ ଭୀମଙ୍କ ମଧ୍ୟରେ ଲଢ଼େଇ ଦୃଶ୍ୟ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା କନ୍ଧପଡ଼ା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ବିରାଟପର୍ବ ନାଟକ ମହୋତ୍ସବ ଚାଲୁରହିଛି। ବୁଧବାର ଉତ୍ସବର ପଞ୍ଚମ ରଜନୀରେ କିଚକ ବଧ ଓ ଗୋଧନ ହରଣ ନାଟକ ମଞ୍ଚସ୍ଥ ହୋଇଥିଲା। ଏଠାରେ ଅକ୍ଷୟ ତୃତୀୟାଠାରୁ ୭ଦିନ ବ୍ୟାପୀ ମହାଭାରତ ପୁରାଣରୁ ସଂଗୃହୀତ ବିରାଟ ପର୍ବ ନାଟକ ମଞ୍ଚସ୍ଥ ହୋଇଥାଏ। ଏଥିରେ ବିରାଟ ରାଜା ଭୋଳାରାମ ଭୋଇ, ଯୁଧିଷ୍ଠିର ସଞ୍ଜୟ ଧରୁଆ, ଭୀମ ହେମାଦ୍ରୀ ଭୋଇ, କିଚକ ହିମାନ ଭୋଇ, ଅର୍ଜୁନ କୈଳାସ କୁମୁରା, ଡଗର ନେପାଳ ମାଝି, ମନ୍ତ୍ରୀ ତେଜରାଜ ଦଣ୍ଡସେନା ପ୍ରମୁଖ ଅଭିନୟ କରୁଛନ୍ତି। କର୍ତ୍ତାଭାବରେ ଊର୍ମିଳା ଦଣ୍ଡସେନା ଓ ଦିଲୀପ ଦଣ୍ଡସେନା ଏବଂ ପୁରାଣ ପଣ୍ଡା ଭାବେ ପଙ୍କଜ ଭୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଗ୍ରୀଷ୍ମତାତିରେ ବଢୁଛି ଆଖୁରସ ଚାହିଦା

**ନୂଆପଡ଼ା,୧୫।୫ (ମକାରୁ ବେମାଲ)**


ଏକ ଆଖୁରସ ଦୋକାନରେ ଲୋକଙ୍କ ଭିଡ ଲାଗିଛି।

ନୂଆପଡ଼ା ଜିଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପଡ଼ିଛି। ଅସହ୍ୟ ଝାଞ୍ଜି ପବନ ଓ ଗୁଳୁଗୁଳି ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏଥିରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଗୃହପାଳିତ ପ୍ରାଣୀଙ୍କ ପର୍ଯ୍ୟନ୍ତ ଆଉଟପାଉଟ ହେଉଛନ୍ତି। ପ୍ରବଳ ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଲୋକେ ଲସି, ସରବତ ଦୋକାନରେ ଭିଡ଼ ଜମାଉଛନ୍ତି। ଥଣ୍ଡା ପାନୀୟ ମଧ୍ୟରେ ଆଖୁରସର ଚାହିଦା ଅଧିକ ରହିଥିବା ଦେଖାଯାଉଛି। ରାସ୍ତାକଡ଼ ଠେଲା କିମ୍ବା ଦୋକାନରେ ବିକ୍ରି ହେଉଥିବା ଆଖୁରସ ପିଇବାକୁ ଲୋକଙ୍କ ଭିଡ଼ ଜମୁଛି। ପୂର୍ବାହ୍ନ ୧୦ଟାରୁ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଥିବାବେଳେ ଦୋକାନବଜାର ବନ୍ଦ ହୋଇଯାଉଛି । ପୁଣି ଅପରାହ୍ନ ୪ଟା ପରେ ଦୋକାନ ବଜାର ଖୋଲା ରହୁଛି। ଘର ଭିତରେ କୁଲର, ପଙ୍ଖା ଚାଲୁଥିଲେ ମଧ୍ୟ ସେଥିରୁ ଗରମ ପବନ ବାହାରୁଛି । ଏଭଳି ସ୍ଥିତିରେ ଅଘୋଷିତ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ବିଦ୍ୟୁତ୍ କାଟ ସମୟରେ ଗ୍ରାମାଞ୍ଚଳ ଲୋକେ ବାହାରକୁ ଆସି ଗଛମୂଳେ ସମୟ ବିତାଉଥିବାବେଳେ ସହରାଞ୍ଚଳ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ମୁଡା, ବନ୍ଧ ଆଦି ଶୁଖିଗଲାଣି। କେତେକ ସ୍ଥାନରେ ପାନୀୟଜଳ ସମସ୍ୟା ଲୋକଙ୍କୁ ଅତିଷ୍ଠ କରିଦେଉଛି। ଜଙ୍ଗଲରେ ପାଣି ନ ପାଇ ବନ୍ୟଜନ୍ତୁ ଗାଁ ମୁହାଁ ହେବାରେ ଲାଗିଛନ୍ତି। ଏଭଳି ସମୟରେ ଶିକାରୀଙ୍କ ହାବୁଡରେ ପଡି କେତେକ ନିରୀହ ଜନ୍ତୁଙ୍କ ଜୀବନ ଚାଲିଯାଉଛି। ଏଥିପ୍ରତି ବନ ବିଭାଗର ଯେପରି କୌଣସି ନିଘା ନାହିଁ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତା ଓ ପଶୁପକ୍ଷୀଙ୍କ ପାଇଁ ଆବଶ୍ୟକ ପାଣି ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

## ସଂକ୍ଷେପରେ

### କାରରୁ ଧରାପଡ଼ିଲା ଅଢ଼େଇ ଲକ୍ଷ ଟଙ୍କା

ରାଉରକେଲା,୧୫।୫(ସଙ୍ଗୀତା ଜେନା) ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ କଡ଼ା ତନଖି କରାଯାଉଛି। ସହରର ମୁଖ୍ୟଛକ ବ୍ୟତୀତ, ସୀମା, ବ୍ରିଜ ଓ ଜନବସତ ଅଞ୍ଚଳରେ ଯାଞ୍ଚ ଜାରି ରହିଛି। ମଙ୍ଗଳବାର ରାତିରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ କୋଏଲାଗେଟ୍‌ରେ ଏକ କାରରୁ ଅଢ଼େଇ ଲକ୍ଷ ଟଙ୍କା ଫ୍ଲାଇଙ୍ଗ ସ୍କ୍ୱାଡ୍ ଜବତ କରିଛି। ଉକ୍ତ କାର ଝାରସୁଗୁଡ଼ାରୁ ଝାଡଖଣ୍ଡକୁ ଯାଉଥିବା ପ୍ରାଥମିକ ସୂଚନାରେ ଜଣାପଡ଼ିଛି।

### ୧୦ଜଣ ସମ୍ଭାଳୁଛନ୍ତି ବୈଧମାପ ବିଜ୍ଞାନର ୬ଟି ୟୁନିଟ୍ କାର୍ଯ୍ୟ

**ରାଉରକେଲା.୧୫।୫(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ବୈଧମାପ ବିଜ୍ଞାନ ବିଭାଗରେ ଘୋର କର୍ମଚାରୀ ଅଭାବ ସହରର ଓଜନ ମାପଚୁକ ଜନିତ ନ୍ୟାୟିକ ବ୍ୟବସ୍ଥାକୁ ବିଗାଡିବାରେ ଲାଗିଛି। ଅନ୍ୟପଟେ ଏହାଦ୍ୱାରା ବିଭାଗର ଆନୁସାଙ୍ଗିକ କାର୍ଯ୍ୟ ସାଧନ ପ୍ରକ୍ରିୟା ମଧ୍ୟ ବାଧାପ୍ରାପ୍ତ ହେଉଛି। ସମଗ୍ର ଜିଲାରେ ଏଯାଏଁ ବୈଧମାପ ବିଜ୍ଞାନ ବିଭାଗରେ ଅତି ଆବଶ୍ୟକ ଥିବା ୨୨ଟି ପଦବୀରୁ କେବଳ ମାତ୍ର ୧୦ଟି ପଦବୀ ପୁରଣ ହୋଇଥିବା ବେଳେ,୧୨ପଦବୀ ଖାଲି ପଡିଛି। ଜିଲା ୬ୟୁନିଟ ମଧ୍ୟରୁ ମାତ୍ର ୨ଟି ୟୁନିଟ୍‌ରେ ବୈଧମାପ ବିଭାଗ ଇନସ୍ପେକ୍ଟର ଅଛନ୍ତି। ସେଥିମଧ୍ୟରୁ ପୁଣି ଜଣେ ଇନସ୍ପେକ୍ଟର ଲହୁଣୀପଡା ଓ ରାଉରକେଲା-୨ ୟୁନିଟ୍‌ର ଦାୟିତ୍ୱ ତୁଲାଉଛନ୍ତି। ୬ଜଣ ଆସିଷ୍ଟାଣ୍ଟ କ୍ଲାର୍କ ବଦଳରେ ୪ଜଣ କ୍ଲାର୍କ ସମଗ୍ର ଜିଲାର ବୈଧମାପ ସଂକ୍ରାନ୍ତୀୟ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏଥି ସହିତ କୌଣସି ୟୁନିଟରେ ସ୍ଥାୟୀ ଚତୁର୍ଥ କର୍ମୀ କିମ୍ବା ଚୌକିଦାର ବି ନାହାଁନ୍ତି। ଜିଲାରେ ୩୦ଟି ଲାଇସେନ୍ସ ପ୍ରାପ୍ତ ବୈଧମାପ ଯନ୍ତ୍ରାଦି ବିକ୍ରୟ ସଂସ୍ଥା ଅଛି। ଏମାନଙ୍କୁ ତାଲିମ୍ ଦେବା ଓ ସଚେତନତା କରାଇବା କାର୍ଯ୍ୟ ମଧ୍ୟ ବିଭାଗ ହାତରେ ନ୍ୟସ୍ତ ରହିଛି।

### ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବତ
**ମହିଳାଙ୍କ ସମେତ ୨ଗିରଫ**



**ସୁନ୍ଦରଗଡ଼,୧୫।୫(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ସହରରେ ଏବେ ବ୍ରାଉନ ସୁଗାର କାରବାର ବୃଦ୍ଧି ପାଇଛି। ବିଶେଷ କରି ଯୁବଗୋଷ୍ଠୀଙ୍କୁ ଟାର୍ଗେଟ କରି ନିଶା ବ୍ୟବସାୟୀମାନେ ତାଙ୍କର ଏହି ବେଆଇନ ସାମ୍ରାଜ୍ୟ ଚଳାଇଛନ୍ତି। ସୁନ୍ଦରଗଡ ଟାଉନଥାନା ପୋଲିସ ବୁଧବାର ସ୍ଥାନୀୟ ଆଦର୍ଶ ନଗର ଛକରୁ ଲକ୍ଷାଧିକ ଟଙ୍କାର ମୂଲ୍ୟର ବ୍ରାଉନ ସୁଗାର ଜବତ କରିଛି। ବୁଧବାର ଟାଉନଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସଡିପି ଓ ହିମାନୁଶୁ ବେହେରା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ସହରକୁ ବିକ୍ରୟ ପାଇଁ ଏହି ବ୍ରାଉନ ସୁଗାର ଆସୁଥିବା ନେଇ ଟାଉନଥାନା ଆଇଆଇସି ଆଦିତ୍ୟ ମହାକୁଲ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସୂଚନା ମିଳିବାପରେ ଏସ ଆଇ ଡି ନକ, ଏ ଟୁଡୁ ଙ୍କୁ ନେଇ ଟିମ ରାଣୀ ବଗିଚା ଆଦର୍ଶ ନଗର ଛକରୁ ଜଣେ ମହିଳାଓ ଜଣେ ଯୁବକଙ୍କୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ରେ ତଲାସୀ ନେବା ପରେ ସେମାନଙ୍କ ନିକଟରୁ ୫୦ ପ୍ୟାକେଟ ବ୍ରାଉନ ସୁଗାର। ମିଳିଥିଲା।ଯାହା ର ଓଜନ୧୦.୬୯୦ଗ୍ରାମ ହେବ ଓ ଏହା ର ଆନୁମାନିକ ମୂଲ୍ୟ।ପ୍ରାୟ ୧ଲକ୍ଷ ଟ ଙ୍କା ହେବ ବୋଲି ଏସଡିପି ଓ ପ୍ରକାଶ କରିଛନ୍ତି।ଗିରଫ ଦୁଇଜଣ ହେଉଛନ୍ତି।ରାଣୀ ବଗିଚା ର ହରୀଶ।ଧରେଇ୨୮) ଏବି ଇସା ଧରେଇ(୨୩,)। ଏମାନଙ୍କ ବିରୁଦ୍ଧରେ ଟାଉନଥାନାରେ ମାମଲା ରୁଜୁ କରି ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଛି। ଦୁଇ ଜଣଙ୍କ ଠାରୁ ବ୍ରାଉନ ସୁଗାର ସହିତ ନଗଦ୧୦ହଜାର୫୦୦ଟଙ୍କା,ଗୋଟିଏ ସୁନି ରିଙ୍ଗ ଜବତ ହୋଇଛି।ଏହି ମାମଲାର ଅନ୍ୟ ଜଣେ ମହିଳାଫେରାର ଥିବା ପୋଲିସ କହିଛି।



ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେକ୍ଟର-୧୩ ମେଲଣ ପଡ଼ିଆରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଜନସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ।

# ସମସ୍ତଙ୍କୁ ମିଳିବ ବିଜୁ ସ୍ୱାସ୍ଥ୍ୟବୀମା କାର୍ଡ: ନବୀନ

**ରାଉରକେଲା,୧୫।୫(ଦିନେଶ ମିଶ୍ର)**

**ରାଉରକେଲା, ରଘୁନାଥପାଲ୍ଲୀର ହେବ ସ୍ୱତନ୍ତ୍ର ବିକାଶ**

ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେକ୍ଟର-୧୩ ମେଲଣ ପଡ଼ିଆରେ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ବୁଧବାର ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟବୀମା କାର୍ଡ ମିଳିବ ବୋଲି କହିଥିଲେ। ସ୍ୱାସ୍ଥ୍ୟକ୍ଷେତ୍ରରେ ବିଏସ୍‌କେୱାଇ, ମିଶନ ଶକ୍ତି, ମମତା ଯୋଜନା, ଲକ୍ଷ୍ମୀ ବସ୍, କୃଷକ ପାଇଁ କାଳିଆ ଯୋଜନା, ଶିକ୍ଷା ପାଇଁ ୫-ଟି ଯୋଜନା, ମଧୁବାବୁ ପେନ୍‌ସନ ଯୋଜନା ଭଲ କି ବୋଲି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସମାବେଶରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ରଶ୍ନ କରିଥିଲେ। ଶଙ୍ଖ ଚିହ୍ନ ଭଲ କି ନବୀନ ପଟ୍ଟନାୟକ ଭଲ କି କହି ସମାବେଶରେ ଉପସ୍ଥିତ ଭୋଟରଙ୍କୁ ଆକୃଷ୍ଟ କରିଥିଲେ। ଜୁଲାଇ ମାସରୁ ବିଜୁଳି ବିଲ ମାଗଣା ସାଙ୍ଗକୁ ସମସ୍ତଙ୍କ ପାଇଁ ବିଏସ୍‌କେୱାଇ କାର୍ଡ ଫ୍ରି ମିଳିବ କହିଥିଲେ ନବୀନ। ବିରୋଧୀ ଦଳ ମିଛ କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ତେଣୁ ଚଳିତ ନିର୍ବାଚନରେ ଶଙ୍ଖଚିହ୍ନକୁ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୋଟରଙ୍କୁ ଆହ୍ୱାନ ଦେଇଥିଲେ। ସେହିଭଳି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଉରକେଲା ଓ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ହେବ ସ୍ୱତନ୍ତ୍ର ବିକାଶ। ଏହି ଉଭୟ ନିର୍ବାଚନ ମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶର ବ୍ଲୁପ୍ରିଣ୍ଟ ତିଆରି କରି ସାରିଛନ୍ତି। ସୁନ୍ଦରଗଡକୁ ମୁଖ୍ୟମନ୍ତ୍ରୀ ହୃଦୟରୁ ଭଲ ପାଆନ୍ତି । ତେଣୁ ବିଶ୍ୱ ଦରବାରରେ ସୁନ୍ଦରଗଡ ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ବିଶ୍ୱକପ କରାଇ ସ୍ୱତନ୍ତ୍ର ପରିଚୟ ଦେଇସାରିଛନ୍ତି। ତେଣୁ ଚଳିତ ନିର୍ବାଚନରେ ସୁନ୍ଦରଗଡ଼ ଜିଲାରେ ୭ଟି ନିର୍ବାଚନ ମଣ୍ଡଳୀରେ ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ପରିମାଣରେ ଭୋଟଦେଇ ଜୟଯୁକ୍ତ କରାଇବାକୁ ପାଣ୍ଡିଆନ ସଭାରେ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପ୍ରାର୍ଥିନୀ ଅର୍ଚ୍ଚନାରେଖା ବେହେରା, ରାଉରକେଲା ପ୍ରାର୍ଥୀ ସାରଦା ପ୍ରସାଦ ନାୟକ, ବୀରମିତ୍ରପୁର ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ରାଜଗାଙ୍ଗପୁର ପ୍ରାର୍ଥୀ ଅନୀଲ ବାରୁଆ, ବଣାଇ ପ୍ରାର୍ଥୀ ଭୀମସେନ୍ ଚୌଧୁରୀ, ତଳସରା ପ୍ରାର୍ଥୀ ବିନୟ ଟପ୍ପୋ, ସୁନ୍ଦରଗଡ଼ ପ୍ରାର୍ଥୀ ଯୋଗେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ଜିଲା ସଭାପତି ହାଲୁ ମୁଣ୍ଡାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଦଳର ବରିଷ୍ଠ ନାରୀନେତ୍ରୀ ଛବି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ପାଦକତା ଉତ୍କର୍ଷତା ପୁରସ୍କାର

**ରାଉରକେଲା,୧୫।୫(ବିପ୍ଳବରଞ୍ଜନ ଦାଶ)**



ପଦକ ହାସଲକାରୀ ଅଂଶଗ୍ରହଣକାରୀଙ୍କ ସହିତ ଅତିଥି।

**୨୦୨୪ରେ ଆର୍‌ଏସ୍‌ପି କର୍ମଚାରୀଙ୍କ ଉଚ୍ଚକୋଟୀର ପ୍ରଦର୍ଶନ**

ଜାତୀୟ ଉତ୍ପାଦକତା ପରିଷଦ ସହଯୋଗ କ୍ରମେ ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦ (ଓଏସପିସି) ଦ୍ୱାରା ପରିଚାଳିତ ଉତ୍ପାଦକତା ଉତ୍କର୍ଷତା ପୁରସ୍କାର ୨୦୨୪ରେ ଆରଏସପିର ୨ଟି କାର୍ମିକ ଦଳ ପୁରସ୍କାର ଲାଭଅର୍ଜନ କରିଛନ୍ତି। ସିଏଣ୍ଡ ଆଇଟି ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ଆକାଶ କୁମାର ସିଂହ, ଏବଂ ଡିପିଓ ଶୁଭଶ୍ରୀ ଶତପଥିଙ୍କୁ ନେଇ ଗଠିତ ଦଳ ସର୍ବୋଚ୍ଚ ପ୍ଲାଟିନମ ପୁରସ୍କାର,ନୂତନ ପ୍ଲେଟ ମିଲ ବିଭାଗର ସିନିୟର ମ୍ୟାନେଜର ଜ୍ୟୋତିର୍ମୟ ଜେନା ଓ ମ୍ୟାନେଜର ଅରୁଣ କୁମାର ବେନୋଥଙ୍କୁ ନେଇ ଗଠିତ ହୋଇଥିବା ଦଳ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଥିଲେ। ଆୟୋଜିତ ପ୍ରତିଯୋଗିତାର ଶୀର୍ଷକ ଥିଲା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉତ୍ପାଦକତା ଇନ ପୁରସ୍କାର ପ୍ରଦାନ। ସମାରୋହ ଭୁବନେଶ୍ୱରରେ ହୋଇଥିବା ବେଳେ ଏ ଅବସରରେ ଖଡଗପୁର ପୂର୍ବତନ ନିର୍ଦ୍ଦେଶକ ତଥା ଏଆଇସିଟିଇର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ସେଲବୋର୍ଡ ନିର୍ଦ୍ଦେଶକ ତଥା ରାଜ୍ୟ ଉତ୍ପାଦକତା ପରିଷଦର ସଭାପତି ଅଶୋକ କୁମାର ତ୍ରିପାଠୀ,ଆରଏସପି ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ନାଲକୋର ପ୍ରକଳ୍ପ ଓ ବୈଷୟିକ ନିର୍ଦ୍ଦେଶକ ଜଗଦୀଶ ଅରୋରା,ଏନପିସିର ଆଞ୍ଚଳିକ ନିର୍ଦ୍ଦେଶକ ଅଭିଜିତ ନାୟକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ। ପୁରସ୍କାର ଆଭାସୀ ଉପସ୍ଥାପନା ଉପରେ ପ୍ରଦାନ ହୋଇଥିଲା। ପ୍ରତିଯୋଗିତାରେ ଶିଳ୍ପଗୁଡିକର ଉତ୍ପାଦନ ବୃଦ୍ଧିରେ ଏଆଇର ଅଭିନବ ପ୍ରୟୋଗ ପ୍ରଦର୍ଶନ କରାଯାଇଥିଲା। ପ୍ରତିଯୋଗିତାରେ ୧୭ଟି ବିଭିନ୍ନ ସଙ୍ଗଠନର ୩୦ରୁ ଅଧିକ ଦଳ ଅଂଶଗ୍ରହଣ କରିଥିଲେ।

# ଝାଡଖଣ୍ଡରୁ ଅପହୃତା ନାବାଳିକା ରାଉରକେଲାରୁ ଉଦ୍ଧାର

**ରାଉରକେଲା, ୧୫।୫(ସଙ୍ଗୀତା ଜେନା)**

ବୁଧବାର ଝାଡଖଣ୍ଡରୁ ଅପହୃତା ଜଣେ ନାବାଳିକା(୧୫) ରାଉରକେଲା ରେଲଷ୍ଟେସନର ଏକ୍ ଟ୍ରେନରୁ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଅପରାହ୍ନରେ ରାଉରକେଲା ରେଳବାଇ ସୁରକ୍ଷା ବଳ ଉକ୍ତ ନାବାଳିକା ଓ ତାଙ୍କୁ ଅପହରଣ କରିଥିବା ଅଭିଯୁକ୍ତଙ୍କୁ ଝାଡଖଣ୍ଡ ପୋଲିସକୁ ହସ୍ତାନ୍ତର କରିଛି। ରାଉରକେଲା ଆର୍‌ପିଏଫ୍ ଅଧିକାରୀ ଧନଞ୍ଜୟ କରଙ୍କ ସୂଚନା ଅନୁଯାୟୀ, ଝାଡଖଣ୍ଡ ଲାତେହାର ଜିଲା ବାଲୁମାତ୍ ଥାନାର ଯାଞ୍ଚ ଅଧିକାରୀ ଏଚ୍ ଡାଙ୍ଗଙ୍କ ପକ୍ଷରୁ ରାଉରକେଲା ଆରପିଏଫ୍‌ଙ୍କୁ ଏକ ନିବେଦନପତ୍ର ଆସିଥିଲା। ମେ ୧୧ ତାରିଖରେ ଉକ୍ତ ଅଞ୍ଚଳର ଜଣେ ନାବାଳିକା(୧୫)ଙ୍କୁ ଜଣେ ଭିନ୍ନ ସମ୍ପ୍ରଦାୟର ଯୁବକ (୨୬) ନେଇ ଫେରାର ହୋଇଯାଇଛନ୍ତି। ଉଭୟ ଟ୍ରେନ ସଂଖ୍ୟା ୧୮୦୨୯ ଡାଉନ୍ ଜେନେରାଲ ବଗିରେ ଯାତ୍ରା କରୁଛନ୍ତି। ଏହି ମାମଲାରେ ବାଲୁମାତ୍ ପୋଲିସ (ନଂ ୫୩/୨୪) ରୁଜୁ କରିଛି ବୋଲି ଚିଠିରେ ଉକ୍ତ ପୋଲିସ ଅଧିକାରୀ ଉଲ୍ଲେଖ କରିଥିଲେ। ଏହାର ସୂଚନା ପାଇ ଆର୍‌ପିଏଫ୍ ଟିମ୍ ଯାଞ୍ଚ ଆରମ୍ଭ କରିଦେଇଥିଲା। ବୁଧବାର ପ୍ଲାଟଫର୍ମ ନମ୍ବର-୪ରେ ଟ୍ରେନର ଜେନେରାଲ ବଗିରୁ ନାବାଳିକା ଓ ଯୁବକଙ୍କୁ ଧରାଯାଇଥିଲା। ଉଭୟଙ୍କୁ ବାଲୁମାତ୍ ଥାନା ଯାଞ୍ଚ ଅଧିକାରୀ ଟିମ୍‌ଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଦିଲ୍ଲୀପଙ୍କ ନିର୍ବାଚନ ପ୍ରଚାର



ସମର୍ଥକଙ୍କ ସହ ଭାଜପା ପ୍ରାର୍ଥୀ ଦିଲ୍ଲୀପ ରାୟ ନିର୍ବାଚନୀ ପ୍ରଚାର କରୁଛନ୍ତି।

**ରାଉରକେଲା,୧୫।୫(ବିପ୍ଳବ ରଞ୍ଜନ ଦାଶ)**

୨୦୨୪ ସାଧାରଣ ନିର୍ବାଚନ ମତଦାନକୁ ଆଉ କେବଳ ମାତ୍ର ଚାରିଦିନ ବାକି ରହିଥିବାବେଳେ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥି ଦିଲ୍ଲୀପ ରାୟ ବୁଧବାର ପ୍ରଚାର କରିଛନ୍ତି। ସକାଳୁ କଳିଙ୍ଗ ବିହାରର ବିଜୁ ପଟ୍ଟନାୟକ ଛକରେ ଥିବା ଦଳୀୟ କାର୍ଯ୍ୟାଳୟରୁ ପ୍ରଚାର ଆରମ୍ଭ କରିଥିଲେ। ଏହା ପରେ ବନପୋଷ, ପ୍ରଧାନପାଲି ଅଞ୍ଚଳକୁ ଗସ୍ତ କରି ସ୍ଥାନୀୟ ବୃଦ୍ଧାବୃଦ୍ଧଠାରୁ ଆଶୀର୍ବାଦ ଲାଭ କରିଥିଲେ। ସ୍ଥାନୀୟ ଅଞ୍ଚଳର ମତଦାତାଙ୍କ ସହିତ ରାଉରକେଲାର ବିକାଶ ମୂଳକ ପ୍ରସଙ୍ଗ ଉପସ୍ଥାପନ କରି ଜନଆସ୍ଥା ଲାଭ କରିଥିଲେ। ଏହାପରେ ଏଫସିଆଇ ବସ୍ତି ଅଭିମୁଖେ ନିର୍ବାଚନ ଯାତ୍ରା କରି ସ୍ଥାନୀୟ ବସ୍ତିବାସୀଙ୍କ ସୁବିଧା ଏବଂ ଅସୁବିଧା ବିଷୟରେ ଲୋକଙ୍କ ପାଖରୁ ମତାମତ ନେଇଥିଲେ। ପରେ ଗଜପତିପାଲି ଅଞ୍ଚଳରେ ପହଞ୍ଚି ସ୍ଥାନୀୟ ମତଦାତାମାନଙ୍କର ମୁଖ୍ୟ ସମସ୍ୟା ଉପରେ ଅବଗତ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଗଳିକନ୍ଦିରେ କୁନି ପିଲାଙ୍କ ସହିତ କ୍ରିକେଟ ଖେଳିଥିଲେ। ପରେ ଅଞ୍ଚଳବାସୀଙ୍କ ସହ ମିଶି ଦୀର୍ଘ ଦିନରୁ ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଥିବା ଏକ କୂଅ ଯୋଗୁଁ ଭୋଗୁଥିବା ଦୁର୍ଦ୍ଦଶା ନେଇ ଅବଗତ ହୋଇ ଏହାର ପ୍ରତିକାର କରିବା ପ୍ରତିଶ୍ରୁତି ଦେଇଥିଲେ। ପରେ ଦିଲ୍ଲୀପ ରୁଡିଟୋଲା, ଛେଣ୍ଡ କଲୋନୀ, କଣ୍ଟାଝାର, ଜଗଦା, ଝିରପାଣି, ମୁଣ୍ଡା ବସ୍ତି, ବିଦ୍ୟୁତ୍ କଲୋନୀ, ବାଲୁଘାଟ, ଉଦିତ ନଗର, ଗଙ୍ଗାଧରପାଲ୍ଲୀ,ସତସଙ୍ଗ ବିହାର, ନୟାବଜାର ପ୍ରମୁଖ ଅଞ୍ଚଳରେ ହଜାର ହଜାର ସମର୍ଥକଙ୍କ ସହ ମିଶି ଲୋକଙ୍କର ସହିତ ଭାବ ବିନିମୟ କରିଥିଲେ।

# ମହିଳାଙ୍କ ଆତ୍ମହତ୍ୟା: ହତ୍ୟା ଅଭିଯୋଗ

**ରାଉରକେଲା/ନୂଆଗାଁ, ୧୫।୫(ବିପ୍ଳବରଞ୍ଜନ ଦାଶ/ବିଜୟ ତ୍ରିପାଠୀ)**

ନୂଆଗାଁ ବ୍ଲକ ବିଶ୍ରା ଥାନା ଚିତାପେଢ଼ି ପଞ୍ଚାୟତ ଅନ୍ତର୍ଗତ ଗାଇଞ୍ଜର ଗ୍ରାମ ରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର କଲୀନନ୍ଦର ଲାଖୁଆ ୨୭ବର୍ଷଙ୍କ ଦ୍ୱିତୀୟ ପତ୍ନୀ ପାର୍ବତୀ ମୁଣ୍ଡା ୨୨ ବର୍ଷ ବିଳମ୍ବିତ ରାତିରେ ନିଜଶୋଇବା ଘରଭିତରେ ଏକ ସିଲିଂ ଫ୍ୟାନରେ ନିଜ ଓଢଣୀ ସାହାଯ୍ୟରେ ଝୁଲିପଡି ମୃତ୍ୟୁବରଣ କରିଥିବା ଜଣାପଡିଛି। ଖବର ପାଇ ବିଶ୍ରା ଥାନା ଅଧିକାରୀ ପ୍ରଦୀପ କୁମାର ନାୟକ, ସବଇନ୍ସପେକ୍ଟର କିରଣ ସାହୁ, ପ୍ରଦୀପ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇ ଶବକୁ ଉଭୟ ପରିବାରଙ୍କ ଉପସ୍ଥିତିରେ ଫ୍ୟାନରୁ ଓହ୍ଲାଇ ବ୍ୟବଚ୍ଛେଦ ପାଇଁ ପଠେଇଥିବା ଜଣାପଡିଛି। ଅନ୍ୟପଟେ ପାର୍ବତୀଙ୍କ ମାଆ ଶୁକ ମୁଣ୍ଡା ଏହା ଏହି ଘଟଣା କୌଣସି ଆତ୍ମହତ୍ୟା ନୁହେଁ ଏବଂ ଏହା ଏକ ସୁପରିକଳ୍ପିତ ହତ୍ୟା କାଣ୍ଡ ବୋଲି ଲିଖିତ ଅଭିଯୋଗ କରିଛନ୍ତି।

# ରାଜଗାଙ୍ଗପୁରରେ ବିଜେଡିର ରୋଡ୍ ଶୋ

**ରାଜଗାଙ୍ଗପୁର ୧୫।୫(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ବୁଧବାର ସନ୍ଧ୍ୟାରେ ବିଜେଡିର ରୋଡ ସୋ ଅନୁଷ୍ଠିତ ହୋଇଯାଇଛି। ଏହି ରୋଡ ସୋ ସହରର ବିଜୁ ପଟ୍ଟନାୟକ ଛକଠାରୁ ସନ୍ଧ୍ୟା ୭ ଟା ରୁ ଆରମ୍ଭ ହୋଇ ଲିପଲୋଇ ଜଗନ୍ନାଥ ମନ୍ଦିରରେ ଶେଷ ହୋଇଥିଲା। ଏହି ରୋଡ ସୋରେ ଏକ ଖୋଲା ଜିପରେ ସୁନ୍ଦରଗଡ ଲୋକସଭା ପ୍ରାର୍ଥୀ ଡ.ଦିଲ୍ଲୀପ ତିର୍କୀ, ରାଜଗାଙ୍ଗପୁର ବିଧାନସଭାର ପ୍ରାର୍ଥୀ ଅନିଲ ବରୁଆ, ପର୍ଯ୍ୟବେକ୍ଷକ ଧରମେଶ ନାଏକ, ପୌରାଧକ୍ଷା ମାଧୁରୀ ଲୁଗୁନ ସମର୍ଥକଙ୍କ ସହ ସହରରେ ବସବାସ କରୁଥିବା ଜନତାଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଜେଡିର ଅମରେଶ ପଣ୍ଡା, ସଂଜୀବ ବେହୁରା, ରାକେଶ ନନ୍ଦା, ଅବୁ ସଲାମ, ବିରେନ୍ଦ୍ର ରଥ ପ୍ରମୁଖ ସହଯୋଗ କରିଥିଲେ।



ବିଜେଡିର ରୋଡ୍ ଶୋ'ରେ ଦଳୀୟ ପ୍ରାର୍ଥୀ।

# ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ ଆର୍‌ଏସ୍‌ପି ଅର୍ଥ ବିଭାଗ ପକ୍ଷରୁ ବାହମ୍-ସମ୍ମିଳିତ କାର୍ଯ୍ୟ ଅଭିଯାନ ଆରମ୍ଭ

**ରାଉରକେଲା,୧୫।୫(ବିପ୍ଳବ ରଞ୍ଜନ ଦାଶ)**




ଅଭିଯାନ ଶୁଭାରମ୍ଭ ଉପଲକ୍ଷେ ଚାଲିଥିବା ଆଲୋଚନା।

ଆରଏସ୍‌ପିର ବିତ ଓ ଲେଖା ବିଭାଗ ଦ୍ୱାରା ବାହମ୍-ସମ୍ମିଳିତ କାର୍ଯ୍ୟ ଅଭିଯାନ ଆର୍ଥିକ ବର୍ଷ ୨୦୨୪-୨୫ ନିମନ୍ତେ ଆରମ୍ଭ ହୋଇଯାଇଛି। ଅଭିଯାନ ବ୍ୟବସାୟ ଯୋଜନା(ଏବିପି) ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ବିତ ଓ ଲେଖା ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରିଆ ଅଧ୍ୟକ୍ଷତା କରିଥିଲେ। ଏ ଅବସରରେ ବିତ ଓ ଲେଖା ବିଭାଗର ସିଜିଏମ ଏସ,କେ ନାୟକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସୂଚନା ମୁତାବକ ଆର୍‌ଏସପି ଚଳିତ ଆର୍ଥିକ ବର୍ଷରେ ବ୍ଲାଷ୍ଟ ଫର୍ଣ୍ଣେସ-୧ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ-୫ ଦ୍ୱାରା ୪.୩୭ ନିୟୁତ ଟନ୍ ହଟ ମେଟାଲ ଉତ୍ପାଦନ କରିବା ଲକ୍ଷ୍ୟ ରଖିଛି। ତେବେ ଏ ନେଇ ବେହୁରୀଆ ବାହମ୍ ପଦକ୍ଷେପ ଦ୍ୱାରା ବିଭାଗଗୁଡିକ ମଧ୍ୟେ ସମନ୍ୱୟ ରକ୍ଷା କରିବା ସହିତ ଆର୍‌ଏସ୍‌ପିର ସଫଳତା ଶିଖର ଛୁଇଁବାର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପଦକ୍ଷେପ ସହିତ ସକ୍ରିୟ ଭାବରେ ଜଡିତ ହୋଇ ଦକ୍ଷତା ଏବଂ ଅଭିନବ ପ୍ରୟାସ ଦ୍ୱାରା ଉପଲବ୍ଧ ସମ୍ବଳ ଗୁଡିକ ଶ୍ରେଷ୍ଠ ଉପଯୋଗ କରିବାକୁ ସମସ୍ତ ବିଭାଗକୁ ପରାମର୍ଶ ଦେଇଥିଲେ। ଆରଏସପିର ଫାଇନାନ୍ସ ଟିମ ଏହି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ସୁନିଶ୍ଚିତ କରିବା ଦିଗରେ ସକ୍ରିୟ ପଦକ୍ଷେପ ନେବ ଓ ବାହାମ ଅଧିନରେ ବିତ ବିଭାଗ ଏକ ସୁବିଧାକାରୀ ବିଭାଗ ରୂପେ କାର୍ଯ୍ୟ କରିବ ଓ ସମସ୍ତ ସହାୟତା ପ୍ରଦାନ କରିବା ନେଇ ୧୦ଜଣ ଅଧିକାରୀଙ୍କୁ ମଧ୍ୟ ଚୟନ କରାଯାଇଛି। ଏମାନେ ବିଭିନ୍ନ ବିଭାଗ ସହିତ ନିପୁଣ ଯୋଗାଯୋଗ ସମ୍ପାଦନ କରିବା ଦାୟିତ୍ୱ ମଧ୍ୟ ନିର୍ବାହ କରିବେ। ଏହାର ସରଳୀକରଣ ସହକାରେ କାର୍ଯ୍ୟଧାରାଗୁଡିକର ତ୍ୱରିତ ସମାଧାନ ପାଇଁ ବାହମ.ଆରଏସପି ଫାଇନାନ୍ସ ଜିମେଲ ଆକାଉଣ୍ଟ ଆଇଡି ମଧ୍ୟ ରହିଛି। ତେବେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିତ ଓ ଲେଖା ବିଭାଗର ଡିଜିଏମ ସୁଧାଂଶୁ ବେହେରା ସଂଯୋଜନା କରିଥିଲେ।

# ବିକଶିତ ଓଡ଼ିଶା ପାଇଁ ଡବଲ ଇଞ୍ଜିନ ଜରୁରୀ

ସମ୍ବଲପୁର,୧୫।୫(ଭବାନୀ ଶଙ୍କର ଭୋଇ)



ମିଶନ୍ ଫର୍ ନେଶନ୍ କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ ବିର୍ଲା ଓ ଅନ୍ୟ ଅତିଥି।

**ସମ୍ବଲପୁରରେ ମିଶନ୍ ଫର୍ ନେଶନ୍ କାର୍ଯ୍ୟକ୍ରମରେ ଓମ୍ ବିର୍ଲାଙ୍କ ବକ୍ତବ୍ୟ**

ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାରେ ବିକାଶର ଯଥେଷ୍ଟ ସମ୍ଭାବନା ରହିଛି। ହେଲେ ନିରବଚ୍ଛିନ୍ନ ଶାସନ କ୍ଷମତାରେ ଥିବା ବିଜେଡି ଏଠାକାର ଲୋକଙ୍କ ପାଇଁ କିଛି ଆଖିଦୃଶିଆ କାମ କରି ପାରିନାହିଁ। ସମ୍ବଲପୁର କ୍ଷେତରାଜପୁର ଦୁର୍ଗାମାଙ୍ଗଲମ ମଣ୍ଡପରେ ବୁଧବାର ବିକଶିତ ଭାରତ ଅଭିଯାନ ପକ୍ଷରୁ ମିଶନ୍ ଫର୍ ନେସନ୍ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ବରିଷ୍ଠ ଭାଜପା ନେତା ତଥା ଲୋକ ସଭା ବାଚସ୍ପତି ଓମ ବିର୍ଲା।

ବିର୍ଲା କହିଥିଲେ ଯେ, ଭାଜପା ବିକଶିତ ଓଡ଼ିଶା ତିଆରି ସଙ୍କଳ୍ପ ନେଇଛି। କାରଣ ବିକଶିତ ଭାରତର ପରିକଳ୍ପନାକୁ ସଫଳ କରିବା ପାଇଁ ଓଡ଼ିଶା ବିକଶିତ ହେବାର ଆବଶ୍ୟକତା ରହିଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୧୦ ବର୍ଷରେ ଦେଶ ତୀବ୍ରଗତିରେ ଆଗକୁ ବଢିଛି। ଆଗରୁ ବିକଶିତ ଦେଶ ଉପରେ ଆମେ ନିର୍ଭର କରୁଥିଲୁ। କିନ୍ତୁ, ଏବେ ବିଦେଶକୁ ଟେକ୍ନୋଲୋଜି ରପ୍ତାନୀ କରୁଛି। ସାରା ବିଶ୍ୱରେ ଭାରତୀୟ ଲୋକେ ନିଜର କାର୍ଯ୍ୟକୁଶଳୀ ପ୍ରତିଭାକୁ ପ୍ରଦର୍ଶିତ କରୁଛନ୍ତି। ଜି-୨୦ରେ ବିଶ୍ୱକୁ ଭାରତର ଭାଷା, ସାହିତ୍ୟ, କଳା ସଂସ୍କୃତି ପରମ୍ପରା ଐତିହକୁ ଆଗକୁ ଅଣାଯାଇଥିଲା। କେନ୍ଦ୍ରରେ ଭାଜପା ସରକାର ପାଇଁ ଦେଶର ସୁରକ୍ଷା ସର୍ବ ପ୍ରଥମ ରହିଛି। ଶହ ଶହ ବର୍ଷ ଧରି ଦେଶ ମୋଗଲ ଓ ଇଂରେଜ ଶାସନ ଅଧୀନରେ ରହିଥିଲା। ଦେଶର ସମସ୍ତ କ୍ଷେତ୍ରରେ ତାଙ୍କର ସଂସ୍କୃତିର ପ୍ରଭାବ ବିସ୍ତାର ହୋଇଥିଲା। ହେଲେ ଆମେ ବିଦେଶୀ ସଂସ୍କୃତିକୁ ଦୂରକରି ରାମମନ୍ଦିର ନିର୍ମାଣ କରିଛୁ। ଆମ ସରକାରରେ ସମ୍ବିଧାନ ଦିବସ ପାଳନ କରାଯାଉଛି, ସାଧାରଣ ଲୋକ ସମ୍ବିଧାନକୁ ଜାଣିବାକୁ ପାଇଛନ୍ତି । ଆଗରୁ ଖେଳଣା, ମୋବାଇଲ ବି ବିଦେଶରୁ ଆସୁଥିଲା। ଏବେ ଦେଶରେ ତିଆରି ହେଉଛି ଓ ବିଦେଶକୁ ରପ୍ତାନି ହେଉଛି। ଓଡ଼ିଶାରେ ରାଜ୍ୟ ସରକାର ଲୋକଙ୍କ ପାଇଁ କିଛି କରିନାହିଁ, ସେଥିପାଇଁ ଯୁବକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ଜଣେ ଦକ୍ଷ ଓ ପ୍ରତିଭାଶାଳୀ ବ୍ୟକ୍ତି ସମ୍ବଲପୁରରୁ ଏମ୍‌ପି ପ୍ରାର୍ଥୀ ଭାବେ ଛିଡା ହୋଇଛନ୍ତି। ନୂତନ ଶିକ୍ଷାନୀତି ଭଳି ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ପରିଯୋଜନାର ଗୁରୁଦାୟିତ୍ୱ ପ୍ରଧାନମନ୍ତ୍ରୀ ତାଙ୍କ ଉପରେ ନ୍ୟସ୍ତ କରିଛନ୍ତି। ଧର୍ମେନ୍ଦ୍ର ନିଜର ପରିଶ୍ରମ, ଦୂରଦୃଷ୍ଟି, କାର୍ଯ୍ୟଦକ୍ଷତା ଓ ବୁଦ୍ଧିମତ୍ତା ଯୋଗୁ ଏହାକୁ ସଫଳ କରି ପାରିଛନ୍ତି ବୋଲି ବିର୍ଲା କହିଥିଲେ।

ବିଜୟ କେଡିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୃଦଳା ଠାକୁର ପ୍ରଧାନ ସମ୍ବଲପୁରକୁ ଦେଶର ଏକ ପ୍ରମୁଖ ସହର ଭାବେ ବିକଶିତ କରିବା ପାଇଁ ସମର୍ଥନ ଦେବାକୁ ଅନୁରୋଧ କରିଥିଲେ। ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେଲେ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର ସମ୍ବଲପୁରରେ ହନୁମାନ ଶୋଭାଯାତ୍ରା କାହିଁକି କରିବାକୁ ଅନୁମତି ଦିଆଗଲା ନାହିଁ ବୋଲି ପ୍ରଶାସନକୁ ପ୍ରଶ୍ନ କରିଥିଲେ। ବିନା ଦୋଷରେ ହନୁମାନ ଭକ୍ତମାନଙ୍କୁ ଜେଲରେ ଭରି ଦିଆଗଲା। ମୁଁ ଥିଲେ ଏହାର ଉଚିତ ଜବାବ ଦେଇଥାନ୍ତି ବୋଲି କହିଥିଲେ। ସମ୍ବଲପୁରକୁ ଦେଶର ଏକ ପ୍ରମୁଖ ସହର ଭାବେ ବିକଶିତ କରିବା ପାଇଁ ଜନସାଧାରଣଙ୍କୁ ସମର୍ଥନ ଦେବାକୁ ଅନୁରୋଧ କରିଥିଲେ। ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେଲେ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନ ହେବ ବୋଲି କହିଥିଲେ। ଏହି ଅବସରରେ ସମ୍ବଲପୁରର ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁପ୍ରିତି ମିଶ୍ର ପରିଚାଳନା କରିଥିବା ବେଳେ ଅଶୋକ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ବିର୍ଲା ମା' ସମଲେଶ୍ୱରୀଙ୍କ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ।

# ମହିଳାଙ୍କ ସହ ୩ ଗିରଫ

ସମ୍ବଲପୁର,୧୫।୫(ପ୍ରମୋଦ ବହିଦାର)



**ବୁର୍ଲା ବିଷ୍ଣୁ ମନ୍ଦିର ପଡ଼ା ହତ୍ୟା ଘଟଣା**

■ହତ୍ୟାକାଣ୍ଡରେ ସଂଶ୍ଳିଷ୍ଟ ୨ ନାବାଳକ ଧରାପଡ଼ିଲେ

ସମ୍ବଲପୁର ଜିଲା ବୁର୍ଲା ବିଷ୍ଣୁ ମନ୍ଦିର ପଡ଼ାରେ ସୋମବାର ବିଳମ୍ବିତ ରାତିରେ ଘଟିଥିବା ବିଜୟ ଜାଲ(୪୧) ହତ୍ୟା ଘଟଣାରେ ପୋଲିସ ଜଣେ ମହିଳାଙ୍କ ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁର୍ଲା ବିଷ୍ଣୁମନ୍ଦିରପଡ଼ାର କାଜଲ କୁମାରୀ ଓରଫ କଜଲି(୨୨), ଚନ୍ଦନ କୁମ୍ଭାର(୨୦), ମହମ୍ମଦ ସକିବ ଏର୍ସାଦ(୧୯)। ଏମାନଙ୍କ ସହ ହତ୍ୟା ଘଟଣାରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ପୋଲିସ ୨ଜଣ ନାବାଳକଙ୍କୁ ଧରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ପୋଲିସ ଜବତ କରିଛି।

ବୁର୍ଲା ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସୋମବାର ବିଷ୍ଣୁମନ୍ଦିରପଡ଼ାର ବିଜୟ ଜାଲଙ୍କ କିଛି ଟଙ୍କା ଚୋରି ହୋଇଯାଇଥିଲା। ସନ୍ଦେହରେ ନିକଟରେ ଥିବା କେତେଜଣ ଯୁବକଙ୍କୁ ସେ ଟଙ୍କା ଚୋରି ନେଇ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉକ୍ତ ଯୁବକମାନଙ୍କ ସହ ତାଙ୍କର ବଚସା ହୋଇଥିଲା। ବିଳମ୍ବିତ ରାତିରେ ଉକ୍ତ ଯୁବକମାନଙ୍କ ସହ ଅନ୍ୟତମ ଅଭିଯୁକ୍ତ କାଜଲ କୁମାରୀ ବିଜୟଙ୍କ ଘର ସମ୍ମୁଖକୁ ଆସି ପାଟିତୁଣ୍ଡ କରିଥିଲେ। ବିଜୟ ବାହାରକୁ ବାହାରିବା ପରେ ସେମାନେ ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତମାନେ ସେଠାରୁ ପଳାଇଯାଇଥିଲେ। ଚିତ୍କାର ଓ ପାଟିତୁଣ୍ଡ ଶୁଣି ମୃତ ବିଜୟଙ୍କ ଘର ପାଖରେ ରହୁଥିବା ସାହି ପଡ଼ୋଶୀମାନେ ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବୁର୍ଲା ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା (୨୩୪/୨୪)ରୁଜୁକରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବୁଧବାର ଅଭିଯୁକ୍ତମାନଙ୍କୁ ଗିରଫକରି ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଗିରଫ ୨ ନାବାଳକଙ୍କୁ ଜୁଭେନାଇଲ ବୋର୍ଡରେ ହାଜର ପରେ ବାଳ ସୁଧାରଗୃହକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ ମହିଳା ଅଭିଯୁକ୍ତ କାଜଲଙ୍କ ନାମରେ ବୁର୍ଲା ଥାନାରେ ୪ଟି ଆପରାଧିକ ମାମଲା ରହିଥିବା ବେଳେ ଚନ୍ଦନ କୁମ୍ଭାର ନାମରେ ହତ୍ୟା ଉଦ୍ୟମ, ଲୁଟ୍, ଡକାୟତି ଭଳି ଏକାଧିକ ମାମଲା ରହିଛି।

# ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲଦଣ୍ଡ

ସମ୍ବଲପୁର,୧୫।୫(ପ୍ରମୋଦ ବହିଦାର)

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ସମ୍ବଲପୁର ପୋକ୍‌ସୋ ଅଦାଲତ ବୁଧବାର ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜାରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି ପୋକ୍‌ସୋ ଅଦାଲତ ସ୍ୱତନ୍ତ ବିଚାରପତି ଅଭିଳାଷ ସେନାପତି।

ମିଳିଥିବା ସୂଚନା ଅନୁସରେ ୨୦୧୭ ନଭେମ୍ବର ୧୮ରେ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ନୁରିମୁଣ୍ଡା ଅଞ୍ଚଳର ଜଣେ ନାବାଳିକା ଶୌଚ ପାଇଁ ଏକାକୀ ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ଏହାର ସୁଯୋଗରେ ଅଭିଯୁକ୍ତ ସେହି ଗ୍ରାମର ଯୋଗେନ୍ଦ୍ର ପିଙ୍ଗ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ଟେକିନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ସେ ଚାଲିଯାଇଥିଲା। ପୀଡ଼ିତା ନାବାଳିକା ଘରକୁ ଫେରି ନିଜ ମା'ଙ୍କୁ ସବୁ କଥା କହିଥିଲେ। ତାଙ୍କଠାରୁ ସବୁବିଷୟ ଶୁଣି ପରିବାର ଲୋକେ ଯାଇ ଏ ସମ୍ପର୍କରେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ଥାନାରେ ଦଫା ୩୭୬(୨) (ଆଇ), ୬ ପୋକ୍‌ସୋ ଆଇନରେ ଏକ ମାମଲା (୫୩/୨୦୧୭)ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୧୮ ଜଣ ସାକ୍ଷୀଙ୍କ ବୟାନ ସହ ଅନ୍ୟାନ୍ୟ ତଥ୍ୟ ପ୍ରମାଣକୁ ଆଧାରକରି ଅଦାତଲ ଏହି ରାୟ ଶୁଣାଇଛନ୍ତି।


**ଖରା ମାସର ସୁସ୍ୱାଦୁ ଫଳ:** ବୁଧବାର ସମ୍ବଲପୁର ରାଜରାସ୍ତାରେ ଯାଜପୁର ଜିଲାରୁ ଆସିଥିବା ତାଳ ସଜର ପସରା।

# ରିଲାଏନ୍ସ ରିଟେଲ୍ସ ଖାଉଟି ଅଦାଲତରେ ଦଣ୍ଡିତ

ସମ୍ବଲପୁର,୧୫।୫(ପ୍ରମୋଦ ବହିଦାର)

ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବାରେ ବିଫଳ ରିଲାଏନ୍ସ ରିଟେଲ୍ସ ଜିଲା ଖାଉଟି ଅଦାଲତ ଦ୍ୱାରା ଦଣ୍ଡିତ ହୋଇଛି। ସମ୍ବଲପୁର ଗୋବିନ୍ଦତୋଲା ଦୁର୍ଗାପୂଜା କମିଟି ସଭାପତି ପ୍ରଦୀପ କୁମାର ପାଢ଼ୀ ଗତ ୨୦୨୩ ଅଗଷ୍ଟ ୧୫ରେ କମିଟି ପାଇଁ ବୁଢ଼ାରଜାରେ ଥିବା ରିଲାଏନ୍ସ ଡିଜିଟାଲ ଶାଖାରୁ ଏକ ୩୨ ଇଞ୍ଚର ନୂତନ ସ୍ମାର୍ଟ ଏଲ୍‌ଇଡି ଟିଭି କ୍ରୟ ପାଇଁ ବୁକ୍ କରିଥିଲେ। ୧୭ ତାରିଖରେ ଟିଭିକୁ ରିଲାଏନ୍ସ ରିଟେଲ୍ସ ପକ୍ଷରୁ ଗୋବିନ୍ଦତୋଲା ଦୁର୍ଗାପୂଜା କମିଟି ଅଫିସରେ ଇନ୍‌ଷ୍ଟଲ କରାଯାଇଥିଲା। ଟିଭିର ମୂଲ୍ୟ ବାବଦକୁ ରିଲାଇଏନ୍ କମ୍ପାନୀର ଧନୁପାଲି ଶାଖାରେ ଗ୍ରାହକ ପାଢ଼ୀ ୮୯୯୦ ଟଙ୍କା ଦାଖଲ କରିଥିଲେ। କିଛିଦିନ ପରେ ଟିଭି ପରଦାରେ ଏକ ଲାଇନ ଦେଖାଦେଇ ପରିବର୍ତ୍ତିକାଳରେ ପରଦାର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ କଳା ହୋଇଯାଇଥିଲା। ଏନେଇ କମିଟି ସଭାପତି ରିଲାଏନ୍ସ ରିଟେଲ୍ସଙ୍କ ଜରିଆରେ ରିଲାଏନ୍ସ କଷ୍ଟମର କେୟାରକୁ ଜଣାଇବା ପରେ ୨୦୨୩ ଅଗଷ୍ଟ ୨୫ ରେ ଜଣେ ଟେକ୍ନିସିଆନ ଆସି ପରୀକ୍ଷା କରି ଟିଭିରେ ବୈଷୟିକ ତ୍ରୁଟି ରହିଛି ବୋଲି କହିଥିଲେ। ବର୍ତ୍ତମାନ ୱାରେଣ୍ଟି ସମୟ ଥିବାରୁ ସମ୍ଭବତଃ ରିଲାଏନ୍ସ ଡିଜିଟାଲ୍ ଟିଭିକୁ ବଦଳ କରି ଦେଇ ପାରନ୍ତି ବୋଲି ଟେକ୍ନିସିଆନ ଜଣକ ଗ୍ରାହକ ପାଢ଼ୀଙ୍କୁ କହିଥିଲେ। ଏନେଇ ରିଲାଏନ୍ସ ଡିଜିଟାଲକୁ ଜଣାଇଲା ପରେ ମଧ୍ୟ ଏହାର ମରାମତି ପାଇଁ ଦୀର୍ଘ ଦିନ ପର୍ଯ୍ୟନ୍ତ କେହି ଆସି ନ ଥିଲେ। ତେଣୁ ଗ୍ରାହକ ପାଢ଼ୀ ବାଧ୍ୟ ହୋଇ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ଜିଲା ଖାଉଟି ଅଦାଲରେ ଗତ ୨୦୨୩ ଅକ୍ଟୋବର ୧୭ରେ ସଦସ୍ୟ ସଦାନନ୍ଦ ତ୍ରିପାଠୀଙ୍କ ଜରିଆରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ଉକ୍ତ ଟିଭିରେ ଉତ୍ପାଦନଗତ ତ୍ରୁଟି ଥିଲା ଓ ରିଲାଏନ୍ସ ଡିଜିଟାଲ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନରେ ବିଫଳ ହୋଇଥିବା ପ୍ରମାଣିତ ହୋଇଥିଲା। ଏହାର ରାୟ ପ୍ରକାଶ କରି ଗତ ସୋମବାର ଜିଲା ଖାଉଟି ଅଦାଲତ ଟିଭି ବିକ୍ରୟ ବାବଦକୁ ନେଇଥିବା ୮୯୯୦ ଟଙ୍କା ଗ୍ରାହକଙ୍କୁ ଫେରସ୍ତ କରିବା ସହିତ ଗ୍ରାହକ ସେବାରେ ଅବହେଳା ପାଇଁ କ୍ଷତିପୂରଣ ବାବଦକୁ ୫୦ହଜାର ଟଙ୍କା ଓ ମାମଲା ପରିଚାଳନା ଖର୍ଚ୍ଚ ବାବଦକୁ ଅତିରିକ୍ତ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ରିଲାଏନ୍ସ ରିଟେଲରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଅର୍ଥ ୩୦ ଦିନ ମଧ୍ୟରେ ପ୍ରଦାନ କରି ନପରିଲେ ୯ ପ୍ରତିଶତ ସୁଧର ହାରରେ ଟଙ୍କା ପଇଠ କରିବାକୁ ଅଦାଲତ ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାକୁ ଗ୍ରାହକଙ୍କ ପକ୍ଷରୁ ଅନୁପମା ଘୁସି ଏଣ୍ଡ ଆସୋସିଏଟ୍ ପରିଚାଳନା କରିଥିଲେ।

# ବିଜେଡିକୁ ସମର୍ଥନ ଜଣାଇଲା ଗୋଣ୍ଡ ମହାସଭା

ରେଙ୍ଗାଲି,୧୫।୫(ଦେବବ୍ରତ ପଣ୍ଡା)

ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ସମ୍ବଲପୁର ସଂଯୋଜନାରେ ବୁଧବାର ଏକ ବୈଠକ ରେଙ୍ଗାଲି ବ୍ଲକ ବାସୁପାଲିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ଯୋଗେଶ୍ୱର ପଟ୍ଟା ସଭାପତିତ୍ୱ କରିଥିଲେ। ବର୍ତ୍ତମାନ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡ଼ି, ଭାଜପାର ଆଭିମୁଖ୍ୟ ଉପରେ ଆଲୋଚନା ହୋଇଥିଲା। ମହାସଭାର କର୍ମକର୍ତ୍ତା ଦର୍ଶାଇଥିଲେ, ଆଦିବାସୀଙ୍କ ଉନ୍ନତି କ୍ଷେତ୍ର ବିଜେଡି ସରକାର ରାଜଧାନୀରେ ୧୦୦ କୋଟି ଟଙ୍କାର ଆଦିବାସୀ ଭବନ, ଗୋଁଣ୍ଡମାନଙ୍କ ପାଇଁ ୫ କୋଟି ଟଙ୍କାର ଜମି ଦେଇଛନ୍ତି। ୩ କୋଟି ଟଙ୍କାର ଗୋଁଣ୍ଡ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏହାସହ ସାରା ରାଜ୍ୟରେ ଗୋଁଣ୍ଡମାନଙ୍କ ଆରାଧ ଦେବତା ଜଙ୍ଘା ବଡଦେଓଙ୍କ ମନ୍ଦିର ଓ ଆବାସ ସୁବିଧା ଯୋଗାଇଛନ୍ତି। ସୁନ୍ଦରଗଡ଼ ଜିଲାର ବଡ଼ଗାଁଠାରେ ତତ୍କାଳୀନ ସୁନ୍ଦରଗଡ଼ ରାଜା ଗୋଁଣ୍ଡ ଶ୍ରୀକ୍ଷେତ୍ର ପାଇଁ ଦେଇଥିବା ଜମି ବେଦଖଲ କରି ପୁନଃ ସ୍ଥାପିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜାରି ରଖିଥିବା ପ୍ରୟାସକୁ ଗୋଁଣ୍ଡ ସମାଜ ପ୍ରଶଂସା କରିଛି। ଏଥିପାଇଁ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦଳ ବିଜେଡିକୁ ପୂର୍ଣ୍ଣ ସମର୍ଥନ ଜଣାଉଥିବା ଘୋଷଣା କରିଛି। ଏହାସହିତ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ଏହି ଲୋକ ସଭା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଗୋଁଣ୍ଡ ଭଉଣୀ ଭାଇଙ୍କୁ ନିବେଦନ କରାଯାଉଥିବା ମହାସଭା ପକ୍ଷରୁ କୁହାଯାଇଛି। ଏହି ସଭାରେ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲା ସଭାପତି ଯୋଗେଶ୍ୱର ପଟ୍ଟା, ଜିଲା ମହାସଚିବ ମନୋଜ ନାଏକଙ୍କ ସମେତ ରେଙ୍ଗାଲି, ମାନେଶ୍ୱର, ଧନକୌଡା, ସମ୍ବଲପୁର ଟାଉନ ଅଞ୍ଚଳର ସମସ୍ତ ବ୍ଲକ କମିଟି ଓ ୨୫ ଗୁଡ଼ି କମିଟି କର୍ମକର୍ତ୍ତା ଯୋଗଦେଇଥିଲେ।


ବୈଠକରେ ଯୋଗଦେଇଥିବା ଗୋଁଣ୍ଡ ମହାସଭାର କାର୍ଯ୍ୟକର୍ତ୍ତା।

# ପୁରୁଷ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ

କୁଚିଣ୍ଡା,୧୫।୫(ବିରଞ୍ଚି ଦର୍ବା)

**କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ**

ସମ୍ବଲପୁର ଜିଲା ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ। କୁଚିଣ୍ଡା, ବାମରା, ଜମନକିରା ବ୍ଲକ ଓ କୁଚିଣ୍ଡା ଏନ୍‌ଏସିକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ପ୍ରଶାସନିକ ପରିସଂଖ୍ୟାନ ଅନୁଯାୟୀ ମୋଟ ୨୭୨ ବୁଥ୍‌ରେ ଭୋଟ ଗ୍ରହଣ ହେବ। ମୋଟ ୨ ଲକ୍ଷ ୨୨ ହଜାର ୨୨୧ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୩ ହଜାର ୪୯୨ମହିଳା (୫୧.୦୭%) ଭୋଟର ରହିଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ହେଉଛି ୧ଲକ୍ଷ ୮ ହଜାର ୭୨୭ ଜଣ(୪୮.୯୩%)। ସେହିପରି ୭,୫୭୨ ଜଣ ଯୁବ ଭୋଟର ରହିଥିବା ବେଳେ ୧,୬୬୩ ଜଣ ବରିଷ୍ଠ ନାଗରିକ ଭୋଟର ଓ ୪ ହଜାର ୭ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି। ୨ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। କହିବାକୁ ଗଲେ ପୁରୁଷ ଭୋଟର ତୁଳନାରେ ମହିଳା ଭୋଟର ସଂଖ୍ୟା ଅଧିକ ରହିଛି।କୁଚିଣ୍ଡା ବ୍ଲକ୍‌ରେ ୬୯ଟି ବୁଥ୍ ରହିଥିବା ବେଳେ ବାମରା ବ୍ଲକ୍‌ରେ ୯୪, ଜମନକିରା ବ୍ଲକ୍‌ରେ ୯୬ ଏବଂ କୁଚିଣ୍ଡା ଏନ୍‌ଏସିରେ ୧୩ଗୋଟି ବୁଥ୍ ରହିଛି। ୨୦୧୯ ନିର୍ବାଚନରେ ୨୬୪ଟି ବୁଥ ରହିଥିବା ବେଳେ ଚଳିତ ନିର୍ବାଚନରେ ୮ଟି ବୁଥ୍ ବୃଦ୍ଧି ପାଇ ୨୭୨ରେ ପହଞ୍ଚିଛି। ସମସ୍ତ ବୁଥ୍‌ରେ ଯେଭଳି ସୁରୁଖୁରୁରେ ମତଦାନ ହେବ ସେ ନେଇ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ବନ୍ଦୋବସ୍ତ କରାଯାଇଥିବା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ହେମସାଗର ଭୋଇ କହିଛନ୍ତି। ଚଳିତ ନିର୍ବାଚନରେ ଏଠାରେ ୪ଜଣ ପ୍ରାର୍ଥୀ ରହିଛନ୍ତି। ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ବିଜେଡିରୁ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, କଂଗ୍ରେସରୁ ପୂର୍ବତନ ବ୍ଲକ ଅଧକ୍ଷ କେଦାରନାଥ ବରିହା ଓ ପୂର୍ବତନ ସରପଞ୍ଚ ମୀନାକ୍ଷୀ ମାଝି ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି।

# ଯୋଜନା ହୁଏ, କାର୍ଯ୍ୟକାରୀ କରେନି ବିଜେଡି ସରକାର

ସମ୍ବଲପୁର,୧୫।୫(ଭବାନୀ ଶଙ୍କର ଭୋଇ)


ଖବରଦାତା ସମ୍ମିଳନୀରେ ଡ ପ୍ରମୋଦ ରଥ, ମାନସ ରଞ୍ଜନ ବକ୍ସୀ ପ୍ରମୁଖ।

**ଖବରଦାତା ସମ୍ମିଳନୀରେ ଅଭିଯୋଗ କଲା ଭାଜପା**

ବିଜେଡ଼ି ସରକାରରେ ଯୋଜନାର ମଞ୍ଜି ବୁଣାଯାଏ। ହେଲେ ଅଙ୍କୁରୋଦଗମ ହୁଏ ନାହିଁ। ବୁଧବାର ସମ୍ବଲପୁରରେ ଏକ ଖବରଦାତା ସମ୍ମିଳନୀ କରି ଏ ନେଇ ସରକାରଙ୍କୁ ଘେରିଛନ୍ତି ଭାଜପାର ବରିଷ୍ଠ ନେତା ଡ଼.ପ୍ରମୋଦ ରଥ। ମିଛ ବିଜ୍ଞାପନ ସର୍ବସ୍ୱ ବିଜେଡି ସରକାର କେବଳ ନିର୍ବାଚନ ଆସିଲେ ମାଳମାଳ ଯୋଜନାମାନ ଘୋଷଣା କରି ସରକାରୀ ବ୍ୟବସ୍ଥାରେ ରାଜ୍ୟ ରାଜକୋଷର ଟଙ୍କାକୁ ଦଳୀୟ ପ୍ରଚାରରେ ଖର୍ଚ୍ଚ କରିଥାଏ। ନିର୍ବାଚନ ପରେ ଯୋଜନାଗୁଡିକ ଆଉ କାର୍ଯ୍ୟକାରୀ ହୁଏ ନାହିଁ ବୋଲି ଡ଼.ରଥ କହିଛନ୍ତି।

ବିଜେଡି ସରକାର ବିଗତ ୨୪ ବର୍ଷରେ ଯେତିକି ଯୋଜନା କରିଛନ୍ତି ତାହା କେବଳ ନିର୍ବାଚନ ପ୍ରହେଳିକା କିମ୍ବା କେନ୍ଦ୍ର ଯୋଜନାର ଷ୍ଟିକର ପରିବର୍ତ୍ତନ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାରଙ୍କ କୌଣସି ଯୋଜନା ଚିରସ୍ଥାୟୀ ନୁହେଁ କିମ୍ବା ନିୟମିତ ପ୍ରକ୍ରିୟାରେ କ୍ରିୟାନ୍ୱୟନ ହୁଏନାହିଁ। ୨୦୧୯ସାଧାରଣ ନିର୍ବାଚନ ପୂର୍ବରୁ ଘୋଷଣା ହୋଇଥିବା କାଳିଆ ଯୋଜନା, ପିଠା ଯୋଜନା, ବିଜୁ ଯୁବ ବାହିନୀ, ବଳରାମ ଯୋଜନାଗୁଡିକ କେବଳ ନିର୍ବାଚନକୁ ଦୃଷ୍ଟିରେ ରଖି ଆରମ୍ଭ କରାଯାଇ ପରେ ବନ୍ଦ ହୋଇଯାଇଛି। କାଳିଆ ଯୋଜନାରେ ରାଜ୍ୟର ଚାଷୀଙ୍କୁ ବାର୍ଷିକ ଦଶ ହଜାର ଟଙ୍କା ଦେବା କଥା। କିନ୍ତୁ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ନିୟମିତ ବ୍ୟବଧାନରେ ଟଙ୍କା ଆସୁନାହିଁ। କେବଳ ନିର୍ବାଚନ ଆସିଲେ ହିଁ କିଛି ଟଙ୍କା ଆସୁଛି ତାପରେ ପୁଣି ନିର୍ବାଚନକୁ ଅପେକ୍ଷା। ଏହା ସହିତ ରାଜ୍ୟର ଲକ୍ଷ ଲକ୍ଷ ଚାଷୀ କାଳିଆ ଯୋଜନାରୁ ବଞ୍ଚିତ ରହିଛନ୍ତି। ବିଜେଡି କର୍ମୀ, ସମର୍ଥକ ନେତାଙ୍କ ପରିବାର ତାର ଲାଭ ପାଉଛନ୍ତି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ତାଲିକା ଯୋଗୁ ପ୍ରକୃତ ହିତାଧିକାରୀ ପ୍ରଧାନମନ୍ତ୍ରୀ କୃଷକ ସମୃଦ୍ଧି ଯୋଜନାର ଲାଭ ମଧ୍ୟ ପାଇ ପାରୁନାହାନ୍ତି ବୋଲି ଭାଜପା ଅଭିଯୋଗ କରିଛି। ୨୦୧୯ ନିର୍ବାଚନ ପୂର୍ବରୁ ୪୫୦କୋଟି ଖର୍ଚ୍ଚ କରି ଗଠିତ ବିଜୁ ଯୁବ ବାହିନୀ କୁଆଡେ ଗଲା ବୋଲି ଖବରଦାତା ସମ୍ମିଳନୀରେ ଭାଜପା ପ୍ରଶ୍ନ କରିଛି। ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ ପାଇଁ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମକୁ ନଷ୍ଟ କରାଯାଇଥିଲା। ହେଲେ ଷ୍ଟାଡ଼ିୟମର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୩କୋଟି ଟଙ୍କା କୁହାଡେ ଗଲା ବୋଲି ଭାଜପା ପ୍ରଶ୍ନ ଉଠାଇଛି। ପିଠା ଯୋଜନାରେ ରାଜ୍ୟ ସାରା ଭୋଜି କରି ଲୋକଙ୍କୁ ଖାଇବାକୁ ଦେଇ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ଏହି ଯୋଜନାରେ କି ଲାଭ ହେଲା ତାହା ସରକାର ସ୍ପଷ୍ଟ କରିବା ଦରକାର ବୋଲି ଦାବି କରିଛି ଭାଜପା। ୪ଜଣ ଚାଷୀଙ୍କୁ ନେଇ ବିନା ସୁଧରେ ଲକ୍ଷେ ଟଙ୍କା ଋଣ ଦେବା ପାଇଁ ହୋଇଥିବା ବଳରାମ ଯୋଜନା କାର୍ଯ୍ୟକାରୀ ହେଉନାହିଁ। ୨୦୧୬ମସିହାରେ ବରଗଡ଼ରେ କୁଇଣ୍ଟାଲ ପ୍ରତି ୧୦୦ ଟଙ୍କା ବୋନସ ଦେବା ପାଇଁ ନିଜେ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣାର ୮ ବର୍ଷ ପରେ ବି ଟଙ୍କାଟିଏ ମିଳିପାରିନାହିଁ। ୨୦୧୪ ନିର୍ବାଚନ ପୂର୍ବରୁ ନିଳଡୁଙ୍ଗରିଠାରେ ବୃହତ ମାର୍କେଟ ଟର୍ମିନାଲ ଶୁଭ ଦିଆଯାଇଥିଲା। ହେଲେ ସେହି ସ୍ଥାନରେ ଆଉ ସେ ଶିଳାନ୍ୟାସ ଫଳକ ମଧ୍ୟ ନାହିଁ। ଚଳିତ ନିର୍ବାଚନ ପୂର୍ବରୁ ଓ ଛାତ୍ର ବୃତ୍ତି ଏବଂ ନୂଆ-ଓ ନାଁରେ ରାଜ୍ୟ ରାଜକୋଷରୁ ହଜାର ହଜାର କୋଟି ଟଙ୍କା ବାଣ୍ଟି ଦେଲେ। ଛାତ୍ରୀଛାତ୍ରଙ୍କୁ ଛାତ୍ର ବୃତ୍ତି ଦେବାରେ କିଛି ଅସୁବିଧା ନାହିଁ, କିନ୍ତୁ ବିନା କୌଣସି ଯୋଜନା କରି ଅଧା ଛାତ୍ରୀଛାତ୍ରଙ୍କୁ ଦେଇ ଅଧାଙ୍କୁ ନ ଦେଇ ଖାଲି ନିର୍ବାଚନ କୁ ଆଖି ଆଗରେ ରଖି ଭୋଟ ହାତେଇବା ପାଇଁ ଏକ ମିଛ ପ୍ରହସନ ଦୁର୍ଭାଗ୍ୟର ବିଷୟ ବୋଲି ଭାଜପା ଅଭିଯୋଗ କରିଛି। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ସକ୍ରିୟ କାର୍ଯ୍ୟକର୍ତ୍ତା ମୁକେଶ ଜରିୱାଲ ଓ ରଞ୍ଜିତ ରଥ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବର୍ଣ୍ଣବୈଷମ୍ୟବାଦ, ଡୋପିଂ ଦୂରୀକରଣ ମୁଖ୍ୟ ଲକ୍ଷ୍ୟ

## ଫିଫାର ବାର୍ଷିକ ବୈଠକ
■ ମହିଳା କ୍ଲବ ବିଶ୍ୱକପ୍ ୨୦୨୬ରେ

**ବ୍ୟାଙ୍କକ,୧୫।୫(ପି.ଟି)**

ଫିଫା ପକ୍ଷରୁ ଏହାର ବାର୍ଷିକ ବୈଠକ ବୁଧବାର ଥାଇଲାଣ୍ଡରେ ଆରମ୍ଭ ହୋଇଛି। ୩ ଦିନବ୍ୟାପୀ ହେବାକୁ ଥିବା ଏହି ବୈଠକରେ ଫିଫାର ୨୧୧ ସଦସ୍ୟ ରାଷ୍ଟ୍ର ଯୋଗ ଦେଇଥିଲେ। ଶେଷ ଥର ପାଇଁ ୨୦୧୫ରେ ଫିଫାର ବୈଠକ ସମୟରେ ପୋଲିସ୍ ରେଡ୍ ହୋଇଥିଲା। ବିଗତ ୯ ବର୍ଷ ଧରି ଏହା ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ବୈଠକରେ ବର୍ଣ୍ଣବୈଷମ୍ୟବାଦ, ଡୋପିଂ ଓ ଦୁର୍ନୀତି ଦୂରୀକରଣ ଉପରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ୨୦୨୬ରେ ପ୍ରଥମ ମହିଳା କ୍ଲବ୍ ବିଶ୍ୱକପ୍ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଆଗାମୀ ଦିନରେ ବିଶ୍ୱକପ୍ ପାଇଁ ଭେନ୍ୟୁ ଚୂଡାନ୍ତ କରାଯିବା ସହ ଅନ୍ୟାନ୍ୟ ପରିଚାଳନାଗତ ନିଷ୍ପତ୍ତି ନିଆଯିବ। ଶୁକ୍ରବାର ଏହି ବୈଠକର ଅନ୍ତିମ ଦିନରେ ଫିଫା ମୁଖ୍ୟ ଜିଆନି ଇନ୍‌ଫାଣ୍ଟିନୋ ଏକ ଖବରଦାତା ସମ୍ମିଳନୀରେ ୨୦୩୪ ପୁରୁଷ ବିଶ୍ୱକପ ଆୟୋଜନ ସମ୍ପର୍କରେ ଘୋଷଣା କରିବେ। ପୂର୍ବରୁ ଅକ୍ଟୋବର ମାସରେ ସାଉଦି ଆରବକୁ ଭେନ୍ୟୁ ଭାବରେ ଘୋଷଣା କରାଯାଇଥିଲା। ସେହିପରି ଗୁରୁବାର ଏସିଆନ୍ ଫୁଟବଲ୍ କନ୍‌ଫେଡେରେଶନ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କ ପାଇଁ ରହିଥିବା ଟର୍ମ ଲିମିଟ ହଟାଇବାକୁ ପ୍ରସ୍ତାବ ଦିଆଯିବ। ବାହାରିନ୍‌ର ଶେଖ୍ ସଲମାନଙ୍କୁ ନିଜ ପଦରେ ପୁନର୍ବାର ରଖିବା ପାଇଁ ଏଭଳି ପ୍ରୟାସ ହେଉଛି। ବର୍ତ୍ତମାନର ନିୟମ ଅନୁସାରେ ଜଣେ ବ୍ୟକ୍ତି ୧୪ ବର୍ଷରୁ ଅଧିକ ସମୟ ନିଜ ପଦରେ ରହିପାରିବେ ନାହିଁ। ଆସନ୍ତା ୨୦୨୭ରେ ସଲ୍‌ମାନଙ୍କ ୧୪ ବର୍ଷ ପୂରଣ ହେଉଥିବାରୁ ସେ ଏହି ନିୟମ ପରିବର୍ତ୍ତନ କରିବାକୁ ଆଗ୍ରହୀ ଅଛନ୍ତି।

ଆଗାମୀ ୨୦୩୦ ଓ ୨୦୩୪ ପୁରୁଷ ବିଶ୍ୱକପ୍‌ର ଆୟୋଜକଙ୍କୁ ନେଇ ଘୋଷଣା କରାଯିବ। ସ୍ପେନ୍-ପର୍ତ୍ତୁଗାଲ-ମରକ୍କୋ ୨୦୩୦ ବିଶ୍ୱକପ୍ ମିଳିତ ଭାବରେ ଆୟୋଜନ କରିବାର ସମ୍ଭାବନା ଅଧିକ। ସେହିପରି ୨୦୩୪ରେ ସାଉଦି ଆରବକୁ ଏହି ଅଧିକାର ମିଳିବ। ୨୦୨୬ରେ ଫୁଟବଲ ବିଶ୍ୱକପ୍‌ରେ ଦଳ ସଂଖ୍ୟା ୪୮କୁ ବୃଦ୍ଧି ପାଇଥିବା ବେଳେ ମ୍ୟାଚ୍ ସଂଖ୍ୟା ୧୦୪କୁ ବଢାଇ ଦିଆଯାଇଛି। ସେହିପରି ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା ମିଳିତ ଭାବରେ ଏହାର ଆୟୋଜନ କରିବେ।

ମହିଳା ଫୁଟବଲରେ କ୍ଲବ୍ ବିଶ୍ୱକପ୍ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ବେଳେ ଶେଷରେ ଫିଫା ପକ୍ଷରୁ ଏହା ଉପରେ ମୋହର ଲାଗିଛି। ୨୦୨୬ରେ ପ୍ରଥମ ସଂସ୍କରଣର ମହିଳା କ୍ଲବ ବିଶ୍ୱକପ୍ ଆୟୋଜନ ହେବ। ବିଭିନ୍ନ କନ୍‌ଫେଡେରେଶନର ଶ୍ରେଷ୍ଠ କ୍ଲବଗୁଡିକୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏହା ସହ ଇସ୍ରାଏଲ ଫୁଟବଲ ଫେଡେରେଶନ ବିପକ୍ଷରେ ପାଲେଷ୍ଟାଇନ୍ ଫୁଟବଲ ଫେଡେରେଶନ କରିଥିବା ଅଭିଯୋଗର ଶୁଣାଣି ଶୁକ୍ରବାର କରାଯିବ।

# ନିର୍ଦ୍ଦୋଷରେ ଖଲାସ ହେଲେ ଲାମିଚାନେ

**କାଠମାଣ୍ଡୁ, ୧୫।୫ (ପି.ଟି.):** ନେପାଳ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସନ୍ଦୀପ ଲାମିଚାନେ ବଳାତ୍କାର ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପଟନ ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିବା ବେଳେ ଲାମିଚାନେଙ୍କୁ ସମସ୍ତ ମାମଲାରେ କ୍ଲିନ୍‌ଚିଟ୍ ପ୍ରଦାନ କରିଛନ୍ତି। ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୂର୍ବରୁ ଜାନୁଆରୀରେ କାଠମାଣ୍ଡୁ ଡିଷ୍ଟ୍ରିକ୍ଟ କୋର୍ଟ ଲାମିଚାନେଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୮ ବର୍ଷର ଦଣ୍ଡାଦେଶ ଶୁଣାଇଥିଲେ। ବୁଧବାର ଦୁଇଜଣିଆ ଖଣ୍ଡପୀଠ ଲାମିଚାନେଙ୍କୁ ୩ ଲକ୍ଷ ଟଙ୍କାର ଫାଇନ୍ ସହ ପୀଡିତାଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


**Classified Everyday**
**0674-2580101, 2549949**


REAL ESTATE
SALE

Plots Nayapalli, Jaydevihar, Patia, Pahala, Jagamara, Uttara, Andharua, Raghunathpur. 7853907668. D-268

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋଜନ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-272

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH-16 ଏବଂ Sum-2 Hospital ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 8249422604. D-75955

G+3 sale at Balianta, Bhubaneswar @ 1.4 Crores negotiable. Contact: 9937460565. D-249

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call-9437631769.** D-307

TO LET

Shoproom (10'x10') 2Nos. opposite Bijupatnaik College mainroad Jayadev Vihar, Bhubaneswar. Contact-7008296802. D-300




Monalisa massage Club:All types Body massage with hiprofile smart lady rooms service available. 9708545108. D-295

Newly open full body massage all types massage available. 7749034655. D-76121

Newly open health benefits Spa special offer @999, Bapujinagar. 8018429809. D-76120

**Relax, Refresh your body, Mind at Saikrupa Spa with best therapies. 8984068077.** D-306


## LEGAL NOTICE

Letter No. 588/dt. 14.05.2024

ମାନ୍ୟବର ଆଡିଶନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍., (ଏସ୍.ଏସ୍.) ଆଡିଶନାଲ, ରିଭିଜନ କୋର୍ଟ, ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୧୧୨/୨୦୨୨

ନୋଟିସ

ରୁପକ ପଣ୍ଡା, ବୟସ ୪୭ବର୍ଷ, ପିତା: ପିତବାସ ପଣ୍ଡା, ସା: ପ୍ଲଟ୍ ନଂ.-୪୯୧/୨, ଆର୍ଯ୍ୟ ସମାଜ, ଶହୀଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। .....ବାଦୀ

ବନାମ

୧. ସୁର ନାୟକ, ବୟସ ୭୨ ବର୍ଷ, ପିତା: ୰ସୁବଳ ନାୟକ, ସା: ଓଗାଳପଡ଼ା, ପୋଷ୍ଟ: ଯାଆଁଳା, ଥାନା- ଜଟଣୀ, ଜିଲ୍ଲା: ଖୋର୍ଦ୍ଧା,
୨. ସୁଜାତା କାନୁନଗୋ, ୭୧ ବର୍ଷ, ସ୍ୱାମୀ: ଅସୀମ କାନୁନଗୋ, ସା/ପୋ: ତୁଳସୀପୁର, ଥାନା: ଲାଲବାଗ, ଜିଲ୍ଲା: କଟକ

.....ପ୍ରତିବାଦୀ ନଂ.-୧

ଏତଦ୍ଦ୍ୱାରା ପ୍ରତିବାଦୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୩୧।୦୫।୨୦୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା: ଜଟଣୀ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।
ସାବକ ଖାତା ନଂ.- ୩୫୯, ସାବକ ମିଉଟେସନ ଖାତା ନଂ.- ୨୫୫/୨୩, ସାବକ ପ୍ଲଟ୍ ନଂ.- ୫୦୨, ସାବକ ମିଉଟେସନ ପ୍ଲଟ୍ ନଂ.-୫୦୨/୧୧୬୩, ସାବକ ମିଉଟେସନ ରକବା: ଏ ୧.୦୦୦ଡି., ସାବକ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ କିସମ- ଶାରଦ-୩
ହାଲ୍ ଖାତା ନଂ.-୫୯୨, ପ୍ଲଟ୍ ନଂ.- ୧୧୧୨, ରକବା: ଏ୦.୨୧୩ଡି., ସ୍ୱତ୍ୱ: ପତିତ, କିସମ: ଶାରଦ ଅଣଜଳସେଚିତ- ଦୁଇ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:
ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ୍ ଅଦାଲତ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ
ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୧୦

Letter No. 589/dt. 14.05.2024

ମାନ୍ୟବର ଆଡିଶନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍., (ଏସ୍.ଏସ୍.) ଆଡିଶନାଲ, ରିଭିଜନ କୋର୍ଟ ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୧୧୩/୨୦୨୨

ନୋଟିସ

ଆଲୋକ ପଣ୍ଡା, ବୟସ ୪୭ବର୍ଷ, ପିତା: ପିତବାସ ପଣ୍ଡା, ସା: ପ୍ଲଟ୍ ନଂ.-୪୯୧/୨, ଆର୍ଯ୍ୟ ସମାଜ, ଶହୀଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। .....ବାଦିନୀ

ବନାମ

୧. ସୁର ନାୟକ, ବୟସ ୭୨ ବର୍ଷ, ପିତା: ୰ସୁବଳ ନାୟକ, ସା: ଓଗାଳପଡ଼ା, ପୋଷ୍ଟ: ଯାଆଁଳା, ଥାନା- ଜଟଣୀ, ଜିଲ୍ଲା: ଖୋର୍ଦ୍ଧା,
୨. ଦୀନବନ୍ଧୁ ପଣ୍ଡା, ୭୫ବର୍ଷ, ପିତା: ୰ଦୋଳଗୋବିନ୍ଦ ପଣ୍ଡା, ସା: ଅରେହିକଣା, ଭାୟା: ନଅମୌଜା, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା

.....ପ୍ରତିବାଦୀ ନଂ.-୧

ଏତଦ୍ଦ୍ୱାରା ପ୍ରତିବାଦୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ, ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୩୧।୦୫।୨୦୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା: ଜଟଣୀ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।
ସାବକ ଖାତା ନଂ.- ୩୫୯, ସାବକ ମିଉଟେସନ ଖାତା ନଂ.- ୨୫୫/୨୩, ସାବକ ପ୍ଲଟ୍ ନଂ.- ୫୦୨, ସାବକ ମିଉଟେସନ ପ୍ଲଟ୍ ନଂ.-୫୦୨/୧୧୬୩, ସାବକ ମିଉଟେସନ ରକବା: ଏ ୧.୦୦୦ଡି., ସାବକ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ କିସମ- ଶାରଦ-୩
ହାଲ୍ ଖାତା ନଂ.-୫୯୨, ପ୍ଲଟ୍ ନଂ.- ୧୧୧୦, ରକବା: ଏ୦.୧୦୦ଡି., ସ୍ୱତ୍ୱ: ପତିତ, କିସମ: ଶାରଦ ଅଣଜଳସେଚିତ- ଦୁଇ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:
ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ୍ ଅଦାଲତ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ
ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୧୧

Letter No. 590/dt. 14.05.2024

ମାନ୍ୟବର ଆଡିଶନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍., (ଏସ୍.ଏସ୍.) ଆଡିଶନାଲ, ରିଭିଜନ କୋର୍ଟ, ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୧୧୪/୨୦୨୨

ନୋଟିସ

ପଙ୍କଜବାସିନୀ ପଣ୍ଡା, ବୟସ ୭୨ବର୍ଷ, ସ୍ୱାମୀ: ପିତବାସ ପଣ୍ଡା: ସା: ଅରେହିକଣା, ପୋଷ୍ଟ: ନଅମୌଜା, ଜିଲ୍ଲା: କଟକ, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.-୪୯୧/୨, ଆର୍ଯ୍ୟ ସମାଜ, ଶହୀଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। .....ବାଦିନୀ

ବନାମ

ସୁର ନାୟକ, ବୟସ ୭୨ ବର୍ଷ, ପିତା: ୰ସୁବଳ ନାୟକ, ସା: ଓଗାଳପଡ଼ା, ପୋଷ୍ଟ: ଯାଆଁଳା, ଥାନା- ଜଟଣୀ, ଜିଲ୍ଲା: ଖୋର୍ଦ୍ଧା

.....ପ୍ରତିବାଦୀ ନଂ.-୧

ଏତଦ୍ଦ୍ୱାରା ପ୍ରତିବାଦୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୩୧।୦୫।୨୦୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା: ଜଟଣୀ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।
ସାବକ ଖାତା ନଂ.- ୩୫୯, ସାବକ ମିଉଟେସନ ଖାତା ନଂ.- ୨୫୫/୨୩, ସାବକ ପ୍ଲଟ୍ ନଂ.- ୫୦୨, ସାବକ ମିଉଟେସନ ପ୍ଲଟ୍ ନଂ.-୫୦୨/୧୧୬୩, ସାବକ ମିଉଟେସନ ରକବା: ଏ ୧.୦୦୦ଡି., ସାବକ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ କିସମ- ଶାରଦ-୩
ହାଲ୍ ଖାତା ନଂ.-୫୯୨, ପ୍ଲଟ୍ ନଂ.- ୧୧୧୩, ରକବା: ଏ୦.୨୧୩ଡି., ସ୍ୱତ୍ୱ: ପତିତ, କିସମ: ଶାରଦ ଅଣଜଳସେଚିତ- ଦୁଇ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:
ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ୍ ଅଦାଲତ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ
ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୧୨

Letter No. 591/dt. 14.05.2024

ମାନ୍ୟବର ଆଡିଶନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍., (ଏସ୍.ଏସ୍.) ଆଡିଶନାଲ, ରିଭିଜନ କୋର୍ଟ, ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୧୧୫/୨୦୨୨

ନୋଟିସ

ଚିନ୍ମୟୀ ସାହୁ, ବୟସ ୭୧ବର୍ଷ, ସ୍ୱାମୀ: ବିନୋଦ ବିହାରୀ ସାହୁ, ସା/ପୋଷ୍ଟ: ଗଞ୍ଜା ଯୋଡ଼ି, ଥାନା: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ, ବର୍ତ୍ତମାନ ଠିକଣା ହାଉସ୍ ନଂ.- ଏଚ୍.ଆଇ.ଜି-୧/୩୯, କପିଳପ୍ରସାଦ, ବିଡିଏ କଲୋନୀ, ପୋଷ୍ଟ/ଥାନା: ଏୟାରଫିଲ୍ଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା .....ବାଦିନୀ

ବନାମ

ସୁର ନାୟକ, ବୟସ ୭୨ ବର୍ଷ, ପିତା: ୰ସୁବଳ ନାୟକ, ସା: ଓଗାଳପଡ଼ା, ପୋଷ୍ଟ: ଯାଆଁଳା, ଥାନା- ଜଟଣୀ, ଜିଲ୍ଲା: ଖୋର୍ଦ୍ଧା

.....ପ୍ରତିବାଦୀ ନଂ.-୧

ଏତଦ୍ଦ୍ୱାରା ପ୍ରତିବାଦୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ, ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୩୧।୦୫।୨୦୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା: ଜଟଣୀ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।
ସାବକ ଖାତା ନଂ.- ୩୫୯, ସାବକ ମିଉଟେସନ ଖାତା ନଂ.- ୨୫୫/୨୩, ସାବକ ପ୍ଲଟ୍ ନଂ.- ୫୦୨, ସାବକ ମିଉଟେସନ ପ୍ଲଟ୍ ନଂ.-୫୦୨/୧୧୬୩, ସାବକ ମିଉଟେସନ ରକବା: ଏ ୧.୦୦୦ଡି., ସାବକ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ ସ୍ୱତ୍ୱ: ସ୍ଥିତିବାନ୍, ସାବକ ମିଉଟେସନ କିସମ- ଶାରଦ-୩
ହାଲ୍ ଖାତା ନଂ.-୫୯୨, ପ୍ଲଟ୍ ନଂ.- ୧୧୦୯, ରକବା: ଏ୦.୨୧୩ଡି., ସ୍ୱତ୍ୱ: ପତିତ, କିସମ: ଶାରଦ ଅଣଜଳସେଚିତ- ଦୁଇ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:
ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ୍ ଅଦାଲତ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ
ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୧୩

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସେମିରେ ପାରାମାଉଣ୍ଟ 'ଏ'

**ଭୁବନେଶ୍ୱର, ୧୫।୫**
(ତପନ ସ୍ୱାଇଁ)


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସାତ୍ତ୍ୱିକ।

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହିଦ ସ୍ପୋର୍ଟିଂକୁ ୮ ଉଇକେଟରେ ପରାସ୍ତ କରି ପାରାମାଉଣ୍ଟ 'ଏ' ଦଳ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ୪୦ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୩୮.୩ ଓଭରରେ ୧୦୨ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ରିତିକ ମିଶ୍ର ସର୍ବାଧିକ ୨୮ ରନ କରିଥିଲେ। ବିପକ୍ଷ ଦଳର ସାତ୍ତ୍ୱିକ ରାଜ ସୁବୁଦ୍ଧି ଓ ବିଜୟ ସିଂ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୦୩ ରନର ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୧୧.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ସିଦ୍ଧାର୍ଥ ଶଙ୍କର ବେହେରା ୨୪ ରନକରି ଆଉଟ ହୋଇଥିବାବେଳେ ଆୟୁଷ ପଣ୍ଡା ଓ ସ୍ୱାଗତ ସୌରଭ ୩୦ ରନ ଲେଖାଏ କରି ଅପରାଜିତ ରହିଥିଲେ। ପରାଜିତ ଦଳର ଆଦିତ୍ୟ କୁମାର ପ୍ରଧାନ ୨ଟି ଉଇକେଟ ନେଇଥିଲେ। ପୂର୍ବତନ ରଣଜୀ ଖେଳାଳି ଗୁରଜିତ ସିଂ ଅତିଥିଭାବେ ଯୋଗଦେଇ ପାରାମାଉଣ୍ଟର ସାତ୍ତ୍ୱିକ ରାଜ ସୁବୁଦ୍ଧିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ପ୍ରଗତି ସ୍ପୋର୍ଟିଂ ଓ ପାରାମାଉଣ୍ଟ 'ବି' ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

# ରୋରି ମ୍ୟାକ୍‌ଲୋରୟଙ୍କ ଡିଭୋର୍ସ



**ଲୁଇସଭିଲ୍ଲେ,୧୫।୫(ପି.ଟି)**

ଆମେରିକୀୟ ଗଲ୍ଫର ରୋରି ମ୍ୟାକ୍‌ଲୋରୟ ବିବାହର ୭ ବର୍ଷ ପରେ ଛାଡପତ୍ର ପାଇଁ ଆବେଦନ କରିଛନ୍ତି। ଫ୍ଲୋରିଡାର ପାମ୍ ବିଚ୍ କାଉଣ୍ଟି କୋର୍ଟରେ ରୋରି ମ୍ୟାକ୍‌ଲୋରୟ ଓ ପତ୍ନୀ ଏରିକା ଷ୍ଟୋଲ ବିଚ୍ଛେଦ ପାଇଁ ଆବେଦନ କରିଛନ୍ତି। ରୋରି ଓ ଏରିକା ପରସ୍ପରକୁ ୨୦୧୨ରେ ରାଇଡର କପ୍ ସମୟରେ ଭେଟିଥିଲେ। ଦୁଇ ବର୍ଷ ପରେ ଉଭୟ ଡେଟ୍ କରିବା ସହ ୨୦୧୭ରେ ବିବାହ କରିଥିଲେ। ୨୦୨୦ରେ ଝିଅ ପପି ଜନ୍ମ ନେଇଥିବା ବେଳେ ଉଭୟ ବର୍ତ୍ତମାନ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାର ଏହି ଦମ୍ପତି ବିବାହ ବିଚ୍ଛେଦ ପାଇଁ ଆବେଦନ କରିଥିବା ଜଣାପଡିଛି। ରୋରି ମ୍ୟାକ୍‌ଲୋରୟ ଏହି ମାମଲା ପାଇଁ ଥୋମାସ୍ ସାସରଙ୍କୁ ନିଜର ଆର୍ଟର୍ନି ନିଯୁକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଟାଇଗର ଉଡ୍ସଙ୍କ ଡିଭୋର୍ସ ସମୟରେ ଥୋମାସ ଆର୍ଟର୍ନି ରହିଥିଲେ। ୨୦୧୨ରେ ଏରିକା ପିଜିଏ ପାଇଁ କାମ କରୁଥିବା ବେଳେ ରୋରି ମ୍ୟାକ୍‌ଲୋରୟଙ୍କ ସହ ତାଙ୍କର ଭେଟ ହୋଇଥିଲା। ରୋରି ଏକ ମ୍ୟାଚ୍ ମିସ୍ କରିବାକୁ ଯାଉଥିବା ବେଳେ ସୁରକ୍ଷା ବ୍ୟବସ୍ଥା ବଢାଇବା ସହ ତାଙ୍କ ଆସିବାର ବ୍ୟବସ୍ଥା କରିଥିଲେ ଏରିକା। ପରବର୍ତ୍ତୀ ସମୟରେ ରୋରି ଏହି ଟୁର୍ନାମେଣ୍ଟ ଜିତିବାରେ ସମର୍ଥ ହୋଇଥିଲେ।


CLASSIFIED DISPLAY
MORE SPACE ' SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଫେଡ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୭୧ ଶିବପୁରୀ
ୟୁପି-ଏ୭୭, ସେକ୍ଟର ୫, ନୋଏଡ଼ା
9810432170
7606841840


# ପଞ୍ଜାବ, ମିନର୍ଭାର ବୃହତ୍ ବିଜୟ

**ଭୁବନେଶ୍ୱର,୧୫।୫ (ସରୋଜ ଜେନା):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସବ୍‌ଜୁନିୟର ଲିଗ୍ ଫୁଟ୍‌ବଲରେ ବୁଧବାର ବୃହତ୍ ବିଜୟ ହାସଲ କରିଛନ୍ତି ପଞ୍ଜାବ ଏଫ୍‌ସି ଓ ମିନର୍ଭା ଏକାଡେମୀ ଏଫ୍‌ସି। ପଞ୍ଜାବ ଏଫ୍‌ସି ପକ୍ଷରୁ ଅଧିନାୟକ ଆରମ୍ଭମ ଦୀପକ ସିଂ, ମିନର୍ଭା ଏକାଡେମୀ ଏଫ୍‌ସି ପକ୍ଷରୁ ଚେତନ ସିଂ, କୋଣ୍ଟୁଜାମ ଦେନାମୋନି ଓ ଏମ୍‌ଡି ଆଜମ ଖାନ୍ ହାଟ୍ରିକ୍ ଅର୍ଜନ କରିଥିଲେ। ବୁଧବାର ୪ ମ୍ୟାଚ୍ ଖେଳାଯାଇଥିବା ବେଳେ ପଞ୍ଜାବ ଏଫ୍‌ସି, ଏଫ୍‌ସି ଗୋଆ, ଫୁଟବଲ ଫର ଚେଞ୍ଜ ଓ ମିନର୍ଭା ଏକାଡେମୀ ଏଫ୍‌ସି ବିଜୟୀ ହୋଇଛନ୍ତି।



ସୋନାକ୍ଷୀ

# ସୋନାକ୍ଷୀଙ୍କ ସଜବାଜ

'ଦବଙ୍ଗ' ଗର୍ଲ ସୋନାକ୍ଷୀ ସିହ୍ନା ଏବେ ସ୍ୱତନ୍ତ୍ର ଭାବେ ସଜବାଜ ହେଉଛନ୍ତି। କ'ଣ ପାଇଁ ସେ ଏମିତି ସଜ ହେଉଛନ୍ତି ? ପୁଣି ଏଥିପାଇଁ ସେ ସବୁ କାମକୁ ସାମୟିକ କ୍ୟାନ୍‌ସେଲ୍ କରି ଏହି କାମରେ ଲାଗିପଡିଛନ୍ତି। ତେବେ ପାଠିକା-ପାଠକ ଏହି କାରଣଟି କ'ଣ ତାହା ଜାଣିବାକୁ ନିଶ୍ଚୟ ଆଗ୍ରହୀ ହେବେଣି। ତେଣୁ ତା' ଉପରେ ଆଉ ପରଦା ନ ଢାଙ୍କି ସେମାନଙ୍କୁ ଜଣାଇ ଦେବା ହିଁ ଠିକ୍ ହେବ। କଥା କ'ଣ କି, ସେ ଏକ ସିନେମାରେ ନିଜ ନୂଆ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ପୂରାଦମ୍‌ରେ ଲାଗିପଡିଛନ୍ତି। ନିକଟରେ ସୋନାକ୍ଷୀ ସାଇନ୍ କରିଥିବା ନୂଆ ସିନେମାରେ ତାଙ୍କୁ ଲଭ୍, ଇମୋଶନ, ଆକ୍ସନ, କମେଡି ମିଶ୍ରିତ ଭୂମିକା ମିଳିଛି। ତେଣୁ ଏଭଳି ଏକ ରୋଲ୍‌କୁ କିପରି ଠିକ୍ ଭାବରେ ନେଇ ଆଣି ଥୋଇ ପାରିବେ ସେଥିପାଇଁ ତ ପୁଣି ସ୍ୱତନ୍ତ୍ର ପ୍ରସ୍ତୁତି ଦରକାର। ତେଣୁ ଏବେଠାରୁ ଏଥିପ୍ରତି ସମୟ ଦେଉଛନ୍ତି ସେ। କାରଣ ଏହାର ଶୁଟିଂ ଆସନ୍ତା ମାସ ତୃତୀୟ ସପ୍ତାହକୁ ଆରମ୍ଭ ହେବ। ଏ ନେଇ ସୋନାକ୍ଷୀ କହନ୍ତି, 'ଏହି ନୂଆ ସିନେମାରେ ମୋ ଭୂମିକା ବିଷୟରେ ଭଲ ଭାବରେ ଅବଗତ ହେବା ପରେ ତାହାକୁ କିପରି ପରଫେକ୍ଟ ଭାବରେ ତୁଲାଇବି ସେଥିପାଇଁ ସ୍ପେଶାଲ ପ୍ଲାନିଂ କରିଛି। ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିବା ପରେ ଅଭ୍ୟାସ ମଧ୍ୟ ଆରମ୍ଭ କରିଦେଇଛି। ଏଥିରେ ଥିବା କେତୋଟି ଆକ୍ସନ ଶଟ୍ ପାଇଁ ମୁଁ ସ୍ୱତନ୍ତ୍ର ଭାବରେ ଫୋକସ୍ କରୁଛି। ଏ ନେଇ ଆକ୍ସନ ମାଷ୍ଟରଙ୍କ ସହ ନିୟମିତ ଯୋଗାଯୋଗରେ ରହୁଛି।' ବର୍ତ୍ତମାନ ଏହି ଫିଲ୍ମଟିର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଥିରେ ସୋନାକ୍ଷୀଙ୍କର ନାୟକ କିଏ ସାଜିବ ତାହା ଆଉ ସପ୍ତାହେ ଭିତରେ ଜଣାଇ ଦିଆଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଫିଲ୍ମଟିକୁ ନେଇ ସୋନାକ୍ଷୀ ଯେଉଁ ଆଶା ରଖିଛନ୍ତି ତାହା କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଟେନ୍‌ସନ୍‌ରେ ତାରା

ତାରା ସୂତାରିଆ ଏବେ ଦୋଛକିରେ ପଡିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ପ୍ରଥମେ ହଁ ଭରିଥିଲେ। ପୁଣି ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ସେ ନିଜ ନିଷ୍ପତ୍ତି ବଦଳାଇ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। ଏବେ ପୁଣି ଥରେ ମନ ବଦଳାଇ ସେହି ଚିତ୍ରରେ ଅଭିନୟ କରିବାକୁ ଚାହିଁଥିଲେ। ହେଲେ ଏବେ ସେହି କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ଏଥିରେ ଏକ ଆଇଟମ୍ ଗୀତ ଯୋଡାଯାଇଛି। ପୁଣି ସେଥିରେ ନାଚିବାକୁ ତାରାଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ କି ନିଷ୍ପତ୍ତି ନେବେ ତାହା ଠିକ୍ କରିପାରୁନାହାନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ତାରା କହନ୍ତି, 'ଏହି ଫିଲ୍ମରେ ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି। ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ ସେଥିରେ ଏକ ଆଇଟମ ନମ୍ବର ଯୋଡା ସରିଥିଲା, ଯେଉଁଥିରେ ମୋତେ ନାଚିବାକୁ ପଡିବ। ଏ ନେଇ କିଛି ନିଷ୍ପତ୍ତି ନେଇନି। ପ୍ରଯୋଜକ ମଧ୍ୟ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଯେହେତୁ ମୋ ହାତରେ ଏବେ ସମୟ ଅଛି ତେଣୁ ଭାବି ଚିନ୍ତି ନିଷ୍ପତ୍ତି ନେବି।' ତେବେ ସେ ଏହି ଫିଲ୍ମରେ ଅଭିନୟ କରୁଛନ୍ତି କି ନାହିଁ ତାହା ଜାଣିବାକୁ ହେଲେ ଅପେକ୍ଷା କରିବାକୁ ପଡିବ।



ତାରା

# କେବଳ ଗୀତ

ଏବେ ବଲିଉଡ୍‌ରେ କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା। କଥା କ'ଣ କି ସେ କୁଆଡେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏହା ତ ନିଶ୍ଚୟ ଭଲ କଥା। ହେଲେ ତା'ପଛରେ ଚର୍ଚ୍ଚାର କାରଣ ଲୁଚି ରହିଛି। ଏହି ଚିତ୍ରଟି ପାଇଁ ସେ କୁଆଡେ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ଆଉ ଏଭଳି କଥା ଶୁଣିବା ପରେ ଜର୍ନେକ ପ୍ରଯୋଜକ କ'ଣ ନିଷ୍ପତ୍ତି ନେବେ ଜାଣିପାରୁନାହାନ୍ତି। ଯେତେବେଳେ ଏହି କଥା କ୍ୟାଟ୍ରିନାଙ୍କ କାନରେ ପଡିଲା, ସେ ବା କେମିତି ଚୁପ୍ ହୋଇ ବସିରହିବେ କହୁନାହାନ୍ତି ? ଶେଷକୁ ବାଧ୍ୟ ହୋଇ ଏ ବିଷୟରେ ସଫେଇ ଦେଇଛନ୍ତି। ଏଭଳି ଆଲୋଚନାକୁ ନେଇ ସେ କହନ୍ତି, 'ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ବୋଲି ଯାହା ଆଲୋଚନା ହେଉଛି ତା' ପଛରେ ଟିକିଏ ହେଲେ ସତ୍ୟତା ନାହିଁ। କାରଣ ଏବେ ମୋର ସେଭଳି କୌଣସି ଯୋଜନା ହିଁ ନାହିଁ। ନୂଆ ସିନେମାଟିଏ ସାଇନ୍ କରିଛି। ଏହାର କାହାଣୀ ଏବଂ ସେଥିରେ ମୋତେ ମିଳିଥିବା ଭୂମିକା ବେଶ୍ ଦମ୍‌ଦାର। ତେଣୁ ଏହା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। ହେଲେ ସେପଟେ କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର କରୁଛି। ତେଣୁ ସେକଥାକୁ ଆଦୌ ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି।' କ୍ୟାଟ୍ରିନାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ଟାଇଗର-୩'। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ମେରି କ୍ରିଷ୍ଟମାସ' ରିଲିଜ ଅପେକ୍ଷାରେ ରହିଛି। ଶ୍ରୀରାମ ରାଘବନଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ବିଜୟ ସେତୁପତି।



କ୍ୟାଟ୍ରିନା

# ସଲାମ୍ ଭୁବନେଶ୍ୱର

ସମୟ ଆଉ ପରିସ୍ଥିତିରେ ପଡି ସେ ସାଜିଛି ଅଣ୍ଡରୱାର୍ଲ୍ଡ ଡନ୍। ହେଲେ ତା'ର ବି ହୃଦୟ ଅଛି। ସମାଜ ପାଇଁ ସେ କିଛି ଭଲ କାମ କରିବାକୁ ନିଷ୍ପତ୍ତି ନେଇଛି। ହେଲେ ଏହାକୁ ସମାଜ କିପରି ଗ୍ରହଣ କରୁଛି, ଆଉ ଡନ୍ ନିଜ ଲକ୍ଷ୍ୟ ହାସଲ କରିପାରୁଛି କି ନାହିଁ, ତାହାକୁ ନେଇ ରଚିତ ହୋଇଛି ଏକ କାହାଣୀ। ଏଭଳି ସାମ୍ପ୍ରତିକ ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ସଲାମ୍ ଭୁବନେଶ୍ୱର'। 'ଲଭ୍ ଫିଭର', 'ବଧୂ ନୁହେଁ ବନ୍ଧୁ' ଏବଂ 'ଅରୁନ୍ଧତୀ' ପରେ ପୁଣି ଥରେ ଏକ ଆକ୍ସନ ଭୂମିକାରେ ଆସୁଛନ୍ତି ରାଜବୀର ଦେଓ। ବାଣୀ ପଟ୍ଟନାୟକ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ବାଣୀ ପଟ୍ଟନାୟକ। ଚିତ୍ରଟିର ଏକ୍‌ଜିକ୍ୟୁଟିଭ ପ୍ରଯୋଜକ ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏଥିରେ ରାଜବୀରଙ୍କ ବ୍ୟତୀତ ନବାଗତା ଅନୀଶା ପଟେଲ, ବବି ମିଶ୍ର, ପିଣ୍ଟୁ ନନ୍ଦ, କେକେ, ରବି ମିଶ୍ର, ରାଜୀବ ମହାନ୍ତି, ମିଟୁ ମିଥୁନ, ପ୍ରଜ୍ଞା ଏବଂ ଶଙ୍କର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଆସନ୍ତା ମାସରେ ରିଲିଜ ହେବାର ଯୋଜନା ରହିଛି।



ବବି–ରାଜବୀର

# ଆଠ ବର୍ଷ ପରେ...

ଓଲିଉଡ୍‌ରେ ଦୀର୍ଘ ଆଠ ବର୍ଷ ପରେ ପୁଣି ଥରେ ଏହି ଯୋଡି ଏକାଠି ହୋଇଛନ୍ତି। ପୁଣି ଏଥର ରଜରେ ବଡ ପରଦାରେ ଦୁହିଁଙ୍କୁ ଦେଖିବାକୁ ମିଳିବ। ଉକ୍ତ ଯୋଡିକୁ ନେଇ ଶେଷ ଫିଲ୍ମ 'ଲଭ୍ ଷ୍ଟେଶନ' ୨୦୧୬ରେ ମୁକ୍ତିଲାଭ କରିଥିଲା, ଆଉ ତାହାର ନିର୍ଦ୍ଦେଶନା ଦେଇଥିଲେ ଅଶୋକ ପତି। ଏମିତି ଏକ ସଂଯୋଗ ଏହି ନିର୍ଦ୍ଦେଶକ ଦୁହିଁଙ୍କୁ ପୁଣି ଥରେ କ୍ୟାମେରା ସାମ୍‌ନାକୁ ଆଣିଛି। ହଁ, ବାବୁସାନ୍ ଫିଲ୍ମସ ବ୍ୟାନରରେ ନିର୍ମିତ ଉକ୍ତ ସିନେମାଟିର ଟାଇଟଲ ରହିଛି 'ପାବାର : କିଛି ସତ୍ୟ ଘଟଣାରୁ ଅନୁପ୍ରାଣିତ'। ଏକ ଭିନ୍ନ ଧରଣର ତଥା ସତ୍ୟ ଘଟଣା ଉପରେ ପର୍ଯ୍ୟବସିତ କାହାଣୀକୁ ନେଇ ଚିତ୍ରଟି ପ୍ରସ୍ତୁତ ହୋଇଛି। ଖାସ୍ କଥା ହେଲା, ବାବୁସାନ୍‌ଙ୍କ ଧର୍ମପତ୍ନୀ ତୃପ୍ତି ଶତପଥୀ ଏହାର ପ୍ରଯୋଜନା କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅଶୋକ ପତି। ଏବେ ଏହାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ବର୍ତ୍ତମାନ ଏହାର ଦୁଇଟି ଗୀତ-'ନୀଳ ଶାଢ଼ି' ଆଉ 'ଲାଲ୍ ଟହ ଟହ' ରିଲିଜ ହୋଇ ବେଶ୍ ଦର୍ଶକାଦୃତ ଲାଭ କରିଛି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଯୁବ ସ୍ୱର ସଂଯୋଜକ ଗୌରବ ଆନନ୍ଦ। ଫିଲ୍ମଟିର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ସମ୍ବିତ ଜେନା। ଏହାର ବିତରଣ ଦାୟିତ୍ୱ ନେଇଛି ରାଜଶ୍ରୀ ଫିଲ୍ମସ। ତେବେ ଏଥର ରଜରେ ଫିଲ୍ମଟି ଦର୍ଶକଙ୍କୁ କେତେ ମତୁଆଲା କରୁଛି ତାହା ଦେଖିବାକୁ ବାକି ରହିଲା।



'ପାବାର' ଫିଲ୍ମରେ ବାବୁସାନ୍–ଏଲିନା

# ଏବେ ବି ମନେପଡ଼େ...



କିଆରା

କିଆରା ଆଡଓ୍ୱାନୀଙ୍କର ଏବେ ଗୋଟିଏ କଥା ମନେ ପଡୁଛି। ତାହା କ'ଣ ଜାଣନ୍ତି ? ହଁ, ଏବେ ତାଙ୍କର ସ୍କୁଲ କଥା ମନେ ପଡୁଛି। ହେଲେ ପାଠ ପଢ଼ା ନୁହେଁ, ପାଠ ପଢ଼ାଇବା କଥା ତାଙ୍କର ମନେ ପଡୁଛି। ଅଭିନୟ ଦୁନିଆରେ ଏଣ୍ଟ୍ରି କରିବା ପୂର୍ବରୁ କିଆରା ଏକ ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ସେହି ସମୟରେ ମୁମ୍ବାଇସ୍ଥିତ ୟର୍ଲି ବାର୍ଡସ ପ୍ଲେ ସ୍କୁଲରେ ସେ ଜଣେ ଶିକ୍ଷୟିତ୍ରୀ ଭାବରେ କିଛି ମାସ କାମ କରିଥିଲେ। କେବଳ ସେତିକି ନୁହେଁ, ସେହି ସ୍କୁଲରେ ତାଙ୍କର ମା' ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ଥିଲେ। ଏ ନେଇ କିଆରା କହନ୍ତି, 'ସେହି ସମୟ କଥା ମନେ ପଡିଲେ ଭାରି ଦୁଃଖ ଲାଗୁଛି। ଛୋଟ ପିଲାଙ୍କୁ ପାଠ ପଢ଼ାଇବା ତ ଅଲଗା କଥା, ସେମାନଙ୍କ ସହ ହସଖୁସିର ମଜା ସତରେ ନିଆରା। ଯେତେବେଳେ ମୁଁ ଏକ ପ୍ଲେ ସ୍କୁଲରେ ଟିଚର ଥିଲି ସେତେବେଳେ ପାଠ ପଢ଼ାଇବା ସହ ଛୋଟ ପିଲାଙ୍କୁ ନେଇ ଢେର ମଜା କରିଛି। ସେହି ସ୍ମୃତିଗୁଡିକ ଏବେ ମଧ୍ୟ ମୋ ମନରେ ସତେଜ ହୋଇ ରହିଛି। ହେଲେ ଟିଚରଶିପ୍ ମୋ ପାଇଁ ସେତେବେଳେ ପାର୍ଟ ଟାଇମ ଥିଲା। ଅଭିନୟ ଦୁନିଆକୁ ଆସିବା ପରେ ମୁଁ ସେଠାରୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଯାଇଛି।' ମାସ୍ କମ୍ୟୁନିକେଶନରେ କିଆରା ଡିଗ୍ରୀ ହାସଲ କରିଛନ୍ତି। କଲେଜରେ ପଢ଼ିବା ସମୟରେ ସେ ଏକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। କିଆରାଙ୍କର ପ୍ରକୃତ ନାମ ଥିଲା ଆଲିୟା ଆଡଓ୍ୱାନୀ। ହେଲେ ସେ ଫିଲ୍ମରେ ଅଭିନୟ କରିବା ପରେ ନିଜ ନାମକୁ ପରିବର୍ତ୍ତନ କରି କିଆରା ରଖିଛନ୍ତି।

# ଅତୀତରୁ...

⏭କ୍ରିଏଟିଭ ମୁଭି ପ୍ରଡକ୍ସନ, କଟକ ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'ଅନୁରାଗ'। ଫିଲ୍ମଟିର ପ୍ରଯୋଜନା କରିଥିଲେ ନିତାଇ ପାଲିତ। ମାଳବିକା ରାଉତରାୟ, ବୀରେନ ରାଉତରାୟ, ଅରୁଣ ନନ୍ଦ, ବିନି ମିଶ୍ର, ନରି, ଜୟୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଭୁବନ-ହରିଙ୍କ ସ୍ୱର ସଂଯୋଜନାରେ ଏହି ଚିତ୍ରରେ ସଂଯୋଜିତ ଗୀତ- 'ମାଗେ ମେଲାଣି ଯେବେ ଲାଜରେ ଯାମିନୀ' ଏବଂ 'ପ୍ରିୟା ବିନା ଝୁରେ ପ୍ରେମ' ସେ ସମୟରେ ବେଶ୍ ଶ୍ରୋତାଦୃତ ହୋଇଥିଲା।

⏭ ପି.ଏଲ୍. ମୂର୍ତ୍ତି ଏବଂ ଅରୁଣ କୁମାର ପାଣିଙ୍କ ଦ୍ୱାରା ପ୍ରଯୋଜିତ 'ବାଟ ଅବାଟ'ର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ଅଜିତ ଦାସ, ମହାଶ୍ୱେତା ରାୟ, ଡଲି ଜେନା ଏବଂ ନାରାୟଣ ପତି ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

⏭ପ୍ରଶାନ୍ତି ପିକ୍ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ 'ତପସ୍ୟା'ର ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି, ଦୀପା ସାହୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା। ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ 'ପାଦରେ ପାଦ ଛନ୍ଦା, 'ଢାଳି ଦିଅ ସାରା ଧରଣୀରେ ଆଜି', 'ଝୁଲି ଝୁଲି ଖେଳେ ଦୋଳି' ଆଦି ଗୀତ ଏବେ ବି ଶ୍ରୋତାଙ୍କ ମନରେ ସତେଜ ହୋଇ ରହିଛି।

⏭ଓଡ଼ିଆ ସିନେମା 'ହୀରା ମୋତି ମାଣିକ'ର ନିର୍ଦ୍ଦେଶନା ଦେଇଥିଲେ ଜେ. ଆଦେନି। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ନଳିନୀ ଦାସ, ଶୁଭ୍ରା ପତି, ଦୀପା ସାହୁ, ମାଳା ବୋଷ ପ୍ରମୁଖ କଳାକାର।

# ଚନ୍ଦ୍ରବଂଶୀ

ଅନ୍‌ସମିସ୍ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେଉଛି ଚତୁର୍ଥ ଚଳଚ୍ଚିତ୍ର, ଯାହାର ଟାଇଟଲ ରହିଛି 'ଚନ୍ଦ୍ରବଂଶୀ'। ଯୁବ ପ୍ରଯୋଜକ ପ୍ରୀତମ ସାହୁ ଏହାର ପ୍ରଯୋଜନା କରିଛନ୍ତି। ଖାସ୍ କଥା ହେଲା, ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ନବାଗତ ଯୋଡି ଯଶ-ସୁନୀଲ। ଅନ୍ୟପକ୍ଷରେ ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ବିଶିଷ୍ଟ ଗୀତିକାର ନିଜାମଙ୍କ ପୁତ୍ର ତଥା ବର୍ତ୍ତମାନର ଅନ୍ୟତମ ବ୍ୟସ୍ତତମ ସଙ୍ଗୀତ ନିର୍ଦ୍ଦେଶକ ଆସାଦ ନିଜାମ। ସିନେମାଟୋଗ୍ରାଫିର ଗୁରୁଦାୟିତ୍ୱ ବହନ କରିଛନ୍ତି ପ୍ରତାପ ରାଉତ। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହେବାକୁ ଯାଉଛି। ଏହି ମଲ୍‌ଟି ଷ୍ଟାରର ସିନେମାରେ ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, ଆକାଶ ଦାସ ନାୟକ, ରାଜ ରାଜେଶ, ପୁନମ, ଲିପସା, ଉଷସୀ ମିଶ୍ର, ସ୍ମିତା ମହାନ୍ତି, ଦେବୁ ବ୍ରହ୍ମା, ଦୈତାରି ପଣ୍ଡା, ପୀୟୂଷ ତ୍ରିପାଠୀ, ସମରେଶ ରାଉତରାୟ, ତାପସ ସରଘରିଆ ଓ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଆଗାମୀ ରଜ ଅବସରରେ 'ଚନ୍ଦ୍ରବଂଶୀ' ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ରହିଛି। ଏହି ବ୍ୟାନରରେ ନିର୍ମିତ ହୋଇଥିବା ଓଡିଆ ସିନେମା 'ଶେଷ ରାତି', 'ଗୁଡୁ ଗ୍ୟାଙ୍ଗଷ୍ଟର' ଏବଂ 'କଟକ : ଶେଷରୁ ଆରମ୍ଭ' ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲା। ତେବେ 'ଚନ୍ଦ୍ରବଂଶୀ' ସେହି ଧାରାକୁ ବଜାୟ ରଖିବ ବୋଲି ଦୃଢ଼ ଆଶାବାଦୀ ଅଛନ୍ତି ପ୍ରୀତମ।



'ଚନ୍ଦ୍ରବଂଶୀ' ଫିଲ୍ମରେ ଆକାଶ–ପୁନମ

ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମେ ୧୬/୨୦୨୪ Bhubaneswar, Thursday, May 16/ 2024

# ଅନିମେଶଙ୍କୁ ରୌପ୍ୟ, ଶ୍ରାବଣୀଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୧୫।୫(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ର ବୁଧବାର ଶେଷ ହୋଇଛି। ଅନ୍ତିମ ଦିବସରେ ଓଡ଼ିଶାକୁ ଆଉ ୨ଟି ପଦକ ମିଳିଛି। ପୁରୁଷ ୧୦୦ ମିଟର ରେସ୍ରେ ଅନିମେଶ କୁଜୁର ରୌପ୍ୟ ଓ ମହିଳା ୧୦୦ ମିଟରରେ ଶ୍ରାବଣୀ ନନ୍ଦ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅନିମେଶ ୧୦.୫୦ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

**ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ**

ପଞ୍ଜାବର ଗୁରିନ୍ଦରବୀର ସିଂ ସ୍ୱର୍ଣ୍ଣ (୧୦.୩୫) ଓ ହରଜିତ ସିଂ (୧୦.୫୬) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଶା ଆଥଲେଟ୍ ଲାଲୁ ପ୍ରସାଦ ଭୋଇ ୧୦.୬୩ ସେକେଣ୍ଡ ସହ ୪ର୍ଥ ସ୍ଥାନ ପାଇଛନ୍ତି। ମହିଳା ୧୦୦ ମିଟରରେ ଶ୍ରାବଣୀ ୧୧.୭୬ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। କର୍ନାଟକର ସ୍ନେହା ଏସ୍.ଏସ୍. ୧୧.୬୩ ସେକେଣ୍ଡ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାମିଲନାଡୁର ଗିରିଧାରିଣୀ ରବିକୁମାର ୧୧.୬୭ ସେକେଣ୍ଡ ସହ ରୌପ୍ୟ ପଦକ ପାଇଛନ୍ତି।



ବ୍ରୋଞ୍ଜ ପଦକ ସହ ଶ୍ରାବଣୀ ନନ୍ଦ। (ଫଟୋ: ବିକାଶ ନାୟକ)

ଏହାକୁ ମିଶାଇ ଫେଡେରେଶନ କପ୍ରେ ଓଡ଼ିଶାର ପଦକ ସଂଖ୍ୟା ୬ରେ ପହଞ୍ଚିଛି।

ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ମିଳିଥିଲା। ପୁରୁଷ ୨୦୦ ମିଟର ରେସ୍ରେ ଅନିମେଶ କୁଜୁର ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଚ୍ପିସିରେ ଟ୍ରେନିଂ ନେଉଥିବାରୁ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଛତିଶଗଡ଼ର ଅନିମେଶ ୨୦.୬୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଏଥିସହ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ଅଭିଯାନ ଶେଷ କରିଛନ୍ତି। ମହିଳା ୨୦୦ ମିଟର ରେସ୍ରେ ଶ୍ରାବଣୀ ନନ୍ଦ ୨୩.୮୯ ସେକେଣ୍ଡ, ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୩.୪୦ ସେକେଣ୍ଡ ଓ ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝି ୨.୦୯ ମିଟର କ୍ଲିୟର କରି ରୌପ୍ୟ ପଦକ ପାଇଥିଲେ। ଫଳରେ ଶ୍ରାବଣୀଙ୍କୁ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ମିଳିଛି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶାର ମୋଟ ୧୮ ଆଥ୍ଲେଟ ଏହି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ଲକ୍ଷ୍ମୀପ୍ରିୟା କିଷାନ, ଶ୍ରାବଣୀ ନନ୍ଦ, ପ୍ରଜ୍ଞା ପ୍ରଶାନ୍ତି ସାହୁ, ସୁଖି ବାସ୍କେ, ସୁସ୍ମିତା ଟିଗା, ଅଶୋକ ଦଣ୍ଡସେନା, ନିଖିଲ ଦାସ, ଅନିମେଶ କୁଜୁର, କିଶୋର କୁମାର ଜେନା, ସ୍ୱାଧୀନ କୁମାର ମାଝି, ଆଶିଷ କୁମାର ପାତ୍ର, ଦଣ୍ଡପତି ମୃତ୍ୟମ ଜୟରାମ, ଦୟାନିଧି ମୁଣ୍ଡା, ଦେବାଶିଷ ପଟ୍ଟନାୟକ, ସରୁନ ପାୟାସିଂ, ପ୍ରିୟବ୍ରତ ପ୍ରଧାନ, ଲାଲୁ ପ୍ରସାଦ ଭୋଇ ଓ ଅବିନାଶ ସାହୁ।

## ମହିଳା ୧୦,୦୦୦ ମିଟରରେ ସୋନିଆଙ୍କୁ ସ୍ୱର୍ଣ୍ଣ

ଅନ୍ତିମ ଦିବସ ପୂର୍ବାହ୍ନରେ ଅନୁଷ୍ଠିତ ମହିଳା ୧୦,୦୦୦ ମିଟର ରେସ୍ ଜିତିଛନ୍ତି ଉତ୍ତରାଖଣ୍ଡର ସୋନିଆ। ସେ ୩୭:୧୫.୨୯ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୩୭:୧୭.୪୪ ସେକେଣ୍ଡ ସହ ରୌପ୍ୟ ପଦକଜିତିପୂଜା ଯାଦବ ଉତ୍ତରାଖଣ୍ଡ ପାଇଁ ୱାନ୍-ଟୁ ଫିନିଶ୍ କରିଛନ୍ତି। ମହାରାଷ୍ଟ୍ରର ପ୍ରଜକ୍ତା ଗୋଡବୋଲେ ୩୭:୨୭.୩୪ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୪ ପ୍ରତିଯୋଗୀ ରେସ୍ କରିଥିଲେ। ଅନ୍ୟ ୩ ଜଣ ଷ୍ଟାର୍ଟ ପୂର୍ବରୁ ଓହରି ଯାଇଥିବାବେଳେ ଜଣେ ଫିନିଶ୍ କରିପାରି ନ ଥିଲେ।

ମହିଳା ହାମର ଥ୍ରୋ ଟାଇଟଲ ଜିତିଛନ୍ତି ଦିଲ୍ଲୀର ହର୍ଷିତ ଶେରାୱତ। ସେ ୫୯.୧୦ ମିଟର ଦୂରକୁ ହାମର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଉତ୍ତର ପ୍ରଦେଶର ତାନ୍ୟା ଚୌଧାରୀ ୫୬.୫୧ ଓ ପଞ୍ଜାବର ମନପ୍ରୀତ କୌର ୫୬.୪୦ ମିଟର ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।



କଳିଙ୍ଗ ଷ୍ଟାଡିୟମ୍ରେ ବୁଧବାର ମହିଳା ୮୦୦ ମିଟର ରେସ୍ ଅବସରରେ ପ୍ରତିଯୋଗୀମାନେ।


ଜାଭେଲିନ ଥ୍ରୋ କରୁଛନ୍ତି ଓଡ଼ିଶାର କିଶୋର ଜେନା।

# ପଞ୍ଜାବ ବୋଲର ପ୍ରଭାବୀ

ଗୁଆହାଟୀ,୧୫।୫

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ବୁଧବାର ରାଜସ୍ଥାନ ରୟାଲ୍ସ ବିପକ୍ଷରେ ପ୍ରଭାବୀ ବୋଲିଂ କରିଛନ୍ତି ପଞ୍ଜାବ କିଙ୍ଗ୍ସର ବୋଲର। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୪୪ ରନ୍ କରିଛି। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ପଞ୍ଜାବ ୭ ଓଭରରେ ୩ ଉଇକେଟ ହରାଇ ୪୪ ରନ୍ କରିଛି। ଆସାମର ବର୍ଷାପାରା କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ଟି ଖେଳା ଯାଇଥିଲା।

ରାଜସ୍ଥାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଜୋଶ ବଟଲରଙ୍କ ସ୍ଥାନରେ ଟମ୍ କୋହଲର କାଡମର ଏହି ମ୍ୟାଚ୍ରେ ଖେଳିଥିଲେ। ଯଶସ୍ୱୀ ଜୟସ୍ୱାଲ ପ୍ରଥମ ବଲ୍ରେ ସାମ୍ କୁରାନଙ୍କୁ ଚୌକା ମାରି ଇନିଂସ ଆରମ୍ଭ କରିଥିଲେ। ତେବେ ଚତୁର୍ଥ ବଲ୍ରେ ସେ ପ୍ଲେଡ୍ ଅନ୍ ହୋଇଥିଲେ। ୪ ରନ୍ରେ ଜୟସ୍ୱାଲ ଆଉଟ ହେବା ପରେ ସଞ୍ଜୁ ସାମ୍ସନ(୧୮) ଓ ଟମ୍ କୋହଲର କାଡମର(୧୮) ଦ୍ୱିତୀୟ ଉଇକେଟରେ ୩୬ ରନ୍ ଯୋଡିଥିଲେ। ସାମସନ୍ ୧୫ ବଲ୍ରୁ ୩ ଚୌକା ସହ ୧୮ ରନ୍ କରି ଆଇପିଏଲ୍ରେ ୫୦୦ ରନ୍ ପୂରଣ କରିଥିଲେ। ତେବେ ଟମ୍ ଧୀମା ବ୍ୟାଟିଂ କରି ୨୩ ବଲ୍ରୁ ୧୮ ରନ୍ କରିଥିଲେ। ଉଭୟ ଖେଳାଳି ମାତ୍ର ୪ ବଲ୍ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରିବାରୁ ରାଜସ୍ଥାନ ଚାପରେ ରହିଥିଲା। ୪୦ ରନ୍ରେ ତୃତୀୟ ଉଇକେଟର ପତନ ପରେ ରାଜସ୍ଥାନ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଉପରେ ବ୍ୟାଟିଂ ପାଇଁ ପଠାଯାଇଥିଲା। ଅଶ୍ୱିନ ୧୯ ବଲ୍ରୁ ୨୮ ରନ୍ କରିଥିଲେ। ଟପ୍ ସ୍କୋରର ରିୟାନ୍ ପରାଗ(୪୮)ଙ୍କ ସହ ସେ ଚତୁର୍ଥ ଉଇକେଟରେ ୫୦ ରନ୍ ଯୋଡିଥିଲେ। ଅଶ୍ୱିନ ୧୯ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ଅଶ୍ୱିନ ଆଉଟ ହେବା ପରେ ଧ୍ରୁବ୍ ଜୁରେଲ୍(୦), ରୋଭମାନ ପାୱେଲ(୪) ଓ ଡୋନାଭନ ଫେରେରିଆ(୭) ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ଲୋକାଲ ବୟ ରିୟାନ ପରାଗ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୪୮ ରନ୍ କରିଥିଲେ। ଅନ୍ତିମ ଓଭରରେ ଆଉଟ ହେବା ଆଗରୁ ସେ ୩୪ ବଲ୍ ଖେଳି ୬ ଚୌକା ମାରିଥିଲେ। ଏହା ସହିତ ପ୍ରଥମ ଥର ପାଇଁ ପରାଗ ଆଇପିଏଲରେ ୫୦୦ ରନ୍ ପୂରଣ କରିଥିଲେ। ପୂର୍ବରୁ ୫୪ ମ୍ୟାଚ୍ ଖେଳି ୬୦୦ ରନ୍ କରିଥିବା ବେଳେ ଚଳିତ ସିଜନରେ ୫୦୦ ରନ୍ ଅତିକ୍ରମ କରିଛନ୍ତି ପରାଗ। ରାଜସ୍ଥାନ ପକ୍ଷରୁ ସମସ୍ତ ବୋଲର ମିତବ୍ୟୟୀ ବୋଲିଂ କରିଥିବା ବେଳେ ସାମ୍ କୁରାନ, ରାହୁଲ ଚହର ଓ ହର୍ଷଲ ପଟେଲ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅର୍ଶଦୀପ ସିଂ ଓ ନାଥାନ ଏଲିସ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୪୪/୯(ରିୟାନ ପରାଗ-୪୮, ରବିଚନ୍ଦ୍ରନ ଅଶ୍ୱିନ-୨୮, ସଞ୍ଜୁ ସାମସନ୍-୧୮, ସାମ୍ କୁରାନ-୨/୨୪, ରାହୁଲ ଚହର-୨/୨୬, ହର୍ଷଲ ପଟେଲ-୨/୨୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ହାଇଦ୍ରାବାଦ ବନାମ ଗୁଜରାଟ

ସ୍ଥାନ: ହାଇଦ୍ରାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୩ | ୯ | ୩ | ୧ | ୧୯ | +୧.୪୨୮ |
| ରାଜସ୍ଥାନ ରୟାଲ୍ସ | ୧୨ | ୮ | ୪ | ୦ | ୧୬ | +୦.୩୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୬ | ୦ | ୧୪ | +୦.୫୨୮ |
| ସନ୍ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୦ | ୧୪ | +୦.୪୦୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୭ | ୦ | ୧୪ | -୦.୩୭୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୬ | ୭ | ୦ | ୧୨ | +୦.୩୮୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୭୮୭ |
| ଗୁଜରାଟ ଟାଇଟନ୍ସ | ୧୩ | ୫ | ୭ | ୧ | ୧୧ | -୧.୦୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୪ | ୯ | ୦ | ୮ | -୦.୨୭୧ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୦ | ୮ | -୦.୪୨୩ |

# ସ୍ନେହା, ଗୁରିନ୍ଦରବୀର ଦ୍ରୁତତମ ଧାବିକା ଧାବକ

ଭୁବନେଶ୍ୱର, ୧୫।୫(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍ଯାପିତ ହୋଇଛି। ଏଥିରେ କର୍ନାଟକର ସ୍ନେହା ଏସ.ଏସ. ଓ ପଞ୍ଜାବର ଗୁରିନ୍ଦରବୀର ସିଂ ଦ୍ରୁତତମ ଧାବିକା ଧାବକ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାର ଗ୍ଲାମର ୧୦୦ ମିଟର ରେସ୍ର ମହିଳା ଓ ପୁରୁଷ ବିଭାଗରେ ଏହି ଦୁଇ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୫୦୦ ମିଟର ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଆସାମର ମେହଦି ହାସନ। ସେ ୩:୪୨.୮୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମଧ୍ୟ ପ୍ରଦେଶର ଅଭିଷେକ ସିଂ ଠାକୁର ୩:୪୩.୪୯ ଓ ଉତ୍ତର ପ୍ରଦେଶର ୟୁନୁସ ଶାହା ୩:୪୪.୨୫ ସେକେଣ୍ଡ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଅଶୋକ ଦଣ୍ଡସେନା ୩:୪୭.୩୮ ସେକେଣ୍ଡ ସହ ୫ମ ସ୍ଥାନରେ ରହିଛନ୍ତି। ମହିଳା ୧୫୦୦ ମିଟରରେ ମଧ୍ୟପ୍ରଦେଶର ଅଙ୍କିତା (୪:୨୩.୬୫), ହିମାଚଳ ପ୍ରଦେଶର ନିକିତା ଶର୍ମା (୪:୨୫.୦୫) ଓ ପଞ୍ଜାବର ଅମନଦୀପ କୌର (୪:୨୮.୧୦) ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି।

୭ ଇଭେଣ୍ଟ ବିଶିଷ୍ଟ ମହିଳା ହେପ୍ଟାଥଲନରେ ୫୪୬୦ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି ତେଲେଙ୍ଗାନାର ଅଗସରା ନନ୍ଦିନୀ। କେରଳର ଅନାମିକା କେ.ଏ. ୪୯୯୭ ଓ ତାମିଲନାଡୁର ଦୀପିକା ଏସ. ୪୮୧୭ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନ ପାଇଛନ୍ତି। ମହିଳା ହାଇଜମ୍ପରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି କର୍ନାଟକର ଅଭିନୟା ଏସ. ଶେଟ୍ଟୀ (୧.୭୭ମିଟର)। କେରଳର ଆଞ୍ଜେଲ ପି. ଦେବସିଆ ୧.୭୪ ଓ ବାଂଲାଦେଶର ମସ୍ତ ରିତୁ ଅଖତାର ୧.୭୧ ମିଟର ସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ଟ୍ରିପଲ ଜମ୍ପରେ ତାମିଲନାଡୁର ପ୍ରବୀଣ ଚିତ୍ରାଭେଲ (୧୬.୭୯ମି.) ସ୍ୱର୍ଣ୍ଣ, କେରଳର ଏଲଡୋସେ ପଲ୍ (୧୬.୫୯) ରୌପ୍ୟ ଓ ତାମିଲନାଡୁର ମହମ୍ମଦ ସାଲାହୁଦ୍ଦିନ (୧୬.୨୫) ବ୍ରୋଞ୍ଜ ପଦକ ଜିତିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ